


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-59 ♦SUNDAY ♦23 AUGUST 2026 ♦PAGE-12+4 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୫୯ ♦ରବିବାର ♦୨୩ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨+୪(ସିନ୍ଦୂରା) ♦ଟ.୭.୦୦


# ଅନ୍ଧାରରେ ଦେଶର ଶିକ୍ଷା ଓ ଶିକ୍ଷିତଙ୍କ ଭବିଷ୍ୟତ

## 'ନିଟ୍' ଯୁବପିଢ଼ିଙ୍କୁ ଚାକିରି ନାହିଁ କି ତାଲିମ ନାହିଁ

### 'ନିତି' ଆୟୋଗର ରିପୋର୍ଟ

### ଶିକ୍ଷା-ନିଯୁକ୍ତିଠାରୁ ଦୂରରେ ଦେଶର ୮.୭ କୋଟି ଯୁବକ

### ଚାକିରି ପାଇଁ ଯୋଗ୍ୟ ନୁହନ୍ତି ଭାରତୀୟ ଗ୍ରାଜୁଏଟ୍



■ ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ଭାରତ ଏବେ ପୂର୍ବାପେକ୍ଷା ଅଧିକ ସ୍ନାତକ ସୃଷ୍ଟି କରୁଛି। ଏହା ସଫଳତା ବଦଳରେ ସଙ୍କଟର ଉତ୍ସ ପାଲଟିଛି। ସ୍ନାତକ ଡିଗ୍ରୀ ଛାତ୍ରଛାତ୍ରୀମାନଙ୍କୁ ଚାକିରି ବଜାର ପାଇଁ ପ୍ରସ୍ତୁତ କରିବାରେ ବିଫଳ ହେଉଛି। ଅର୍ଥାତ୍, ସେମାନେ ଚାକିରି ପାଇବାରେ ଅସମର୍ଥ। ଏହି ଯୁବବର୍ଗ ହାସଲ କରିଥିବା ଡିଗ୍ରୀ ବେକାର। ନୀତି ଆୟୋଗର ଏକ ସଦ୍ୟତମ ନୂତନ ଗବେଷଣାତ୍ମକ ରିପୋର୍ଟରେ ଏହା କୁହାଯାଇଛି। ରିପୋର୍ଟରେ ଡିଗ୍ରୀ ମାଧ୍ୟମରେ ଅର୍ଜନ କରାଯାଇଥିବା ଦକ୍ଷତା ଏବଂ ଚାକିରି ବଜାରର ଆବଶ୍ୟକତା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଅସନ୍ତୁଳନ ପ୍ରକାଶ ପାଇଛି। ଏହାର ଅର୍ଥ ହେଉଛି ଦେଶରେ ଯୁବବର୍ଗଙ୍କୁ ପ୍ରଦାନ କରାଯାଉଥିବା ସ୍ନାତକ ଡିଗ୍ରୀ ସେମାନଙ୍କୁ ଚାକିରିଟିଏ ପ୍ରଦାନ କରିବାରେ ଅସମର୍ଥ। ରିପୋର୍ଟ ଅନୁଯାୟୀ, ଦେଶର ୮.୭ କୋଟି ଯୁବକ ନା ପାଠପଢୁଛନ୍ତି, କି ଚାକିରି କରୁଛନ୍ତି। ଏମାନେ ଶିକ୍ଷା କିମ୍ବା ନିଯୁକ୍ତିଠାରୁ ବାହାରେ ରହିଥିବା ▶ପୃଷ୍ଠା-୭

### ପୁଣି ବିବାଦରେ ଏନ୍‌ଟିଏ

## କପି ପାଇଁ ବିଜୁଳି କାଟ୍!

### ସେପ୍ଟେମ୍ବର ୧ରେ ସାନି ଆୟୁଷ ପରୀକ୍ଷା

■ ଜୟପୁର, ୨୨।୮ (ଏଜେନ୍ସି): ପ୍ରଥମେ ନିଟ୍ ଏବଂ ପରେ ନେଟ୍ ପରୀକ୍ଷାରେ ବିଭ୍ରାଟ ଯୋଗୁଁ ବିବାଦରେ ଥିବା ଏନ୍‌ଟିଏ (ନେସନାଲ ଟେଷ୍ଟିଂ ଏଜେନ୍ସି) ଆଜି ପୁଣି ଫେଲ୍ ମାରିଛି। ଏହି ସଂସ୍ଥା ଦ୍ୱାରା ପରିଚାଳିତ ଆୟୁଷ ପରୀକ୍ଷାରେ ପୁଣି ବିଭ୍ରାଟ ସୃଷ୍ଟି ହୋଇଛି। ଫଳରେ ପରୀକ୍ଷା ବାତିଲ କରାଯାଇ ପୁନଃପରୀକ୍ଷା ପାଇଁ ନୂଆ ତାରିଖ ଘୋଷଣା କରାଯାଇଛି। ଆଜି ସାରାଦେଶରେ ଅଲ୍ ଇଣ୍ଡିଆ ଆୟୁଷ ପୋଷ୍ଟ ଗ୍ରାଜୁଏଟ୍ ପ୍ରବେଶିକା ପରୀକ୍ଷା (ଏଆଇଏପିଜିଇଟି) ଅନୁଷ୍ଠିତ ହୋଇଥିଲା। ▶ପୃଷ୍ଠା-୭

### ସଫାସଫା ମନା କରିଦେଲେ ଗଣଶିକ୍ଷା ମନ୍ତ୍ରୀ

## ଏବେ କୌଣସି ନିଯୁକ୍ତି ନାହିଁ

### ମନ୍ତ୍ରୀଙ୍କ ନାସ୍ତିବାଣୀ ବଦଳାଇଲା ଆନ୍ଦୋଳନ ମୋଡ଼

### ଅନଶନ ଆରମ୍ଭ କଲେ ଶିକ୍ଷକ ନିଯୁକ୍ତି ଆଶାୟୀ


■ ଭୁବନେଶ୍ୱର, ୨୨।୮ (ସମିସ): ଏବେ କୌଣସି ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ ନାହିଁ। ପ୍ରକ୍ରିୟା ଜାରି ରହିଛି; ଠିକଣା ସମୟରେ ନିଯୁକ୍ତି ବାହାରିବ। କେବେ ନିଯୁକ୍ତି ହେବ ସେନେଇ ସରକାର କିଛି କହିପାରିବେ ନାହିଁ। ଗତକାଲି ଅର୍ଥାତ୍ ଶୁକ୍ରବାର ଦିନ ଧାରଣାରତ ଶିକ୍ଷକ ଆଶାୟୀ ସଂଘର ଏକ ପ୍ରତିନିଧି ଦଳ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସାକ୍ଷାତ କରି ଆଲୋଚନା କରିବା ସମୟରେ ମନ୍ତ୍ରୀ ଏପରି ନାସ୍ତିବାଣୀ ଶୁଣାଇଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି। ଏପରିକି ଅଲଗା ଚାକିରି କରୁ ନାହାନ୍ତି; କେବଳ ଶିକ୍ଷକ ଚାକିରି ପାଇଁ କାହିଁକି ଅପେକ୍ଷା କରିଛନ୍ତି ବୋଲି ମନ୍ତ୍ରୀ ପ୍ରଶ୍ନ କରିଥିବା ଅଭିଯୋଗ ହୋଇଛି।

ଆଶାୟୀଙ୍କ ୫ ଜଣିଆ ପ୍ରତିନିଧି ମଣ୍ଡଳୀରେ ସ୍ୱାଗତ ଦାସ, ରିତେଶ ବେହେରା, ବାଦଲ ବିଶ୍ୱାଳ, ଉତ୍ତମ ମେହେର୍ ପ୍ରମୁଖ ଲୋକସେବା ଭବନରେ ଗଣଶିକ୍ଷା ▶ପୃଷ୍ଠା-୭




# ଅରୁଣାଚଳରେ ୫୦ କିମି ଭିତରକୁ ପଶିଆସିଛି ଚୀନ!

ଇଟାନଗର, ୨୨।୮ (ଏଜେନ୍ସି): ଅରୁଣାଚଳ ପ୍ରଦେଶରେ ଏବେ ପରିସ୍ଥିତି ଗୁରୁତର ହେବାରେ ଲାଗିଛି । ରାଜ୍ୟକୁ ନିଜର ଅଞ୍ଚଳ ବୋଲି ଦାବି କରୁଥିବା ଚୀନ ଭାରତୀୟ କାର୍ଯ୍ୟକ୍ରମକୁ ବିରୋଧ କରିଆସୁଛି । କେବଳ ଏତିକି ନୁହେଁ, ଭାରତୀୟ ଅଞ୍ଚଳକୁ ମଧ୍ୟ ମାଡ଼ି ଆସିଛି । ଗତ କିଛି ମାସ ମଧ୍ୟ ଚୀନ ଅରୁଣାଚଳ ପ୍ରଦେଶରେ ୫୦ରୁ ୬୦ କିଲୋମିଟର ପର୍ଯ୍ୟନ୍ତ ପଶି ଆସିଲାଣି । ଏଭଳି ସୂଚନା ଦେଇଛନ୍ତି ଅରୁଣାଚଳର ବିଜେପି ସାଂସଦ ତାପିର ଗାଓ । ସେ ଏହି ପ୍ରସଙ୍ଗ ସଂସଦରେ ମଧ୍ୟ ଉଠାଇଛନ୍ତି । ଚୀନ କାର୍ଯ୍ୟକଳାପ ନେଇ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଭାରତ ସରକାର ଏବେ ଠାରୁ କୌଣସି ପଦକ୍ଷେପ ନନେଲେ ଏଠାରେ ଡୋକଲାମ ଭଳି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି ବୋଲି ସେ ସତର୍କ କରାଇଛନ୍ତି ।



- ଉଦ୍‌ବେଗ ଜଣାଇଲେ ବିଜେପି ସାଂସଦ
- ଆତଙ୍କିତ ଅବସ୍ଥାରେ ସ୍ଥାନୀୟ ଲୋକେ
- ଆଉ ଏକ ଡୋକଲାମ ଅସମ୍ଭବ ନୁହେଁ

ବିଜେପିସାଂସଦକହିଛନ୍ତିଯେବାସ୍ତବନିୟନ୍ତ୍ରଣରେଖା(ଏଲ୍ଏସି) ନିକଟରେ ଚୀନ୍ ସେନା (ପିଏଲ୍ଏ) ର କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ଚିନ୍ତାକୁ କେବେ ମଧ୍ୟ ଅଣଦେଖା କରାଯିବା ଉଚିତ୍ ନୁହେଁ । ଉପର ସୁବନଶିରି ଜିଲ୍ଲାର ତାକ୍‌ସିଂ ଅଞ୍ଚଳରେ ଚୀନ୍ ସେନାର କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି । ।ସେ କହିଛନ୍ତି ଯେ ସେ ୨୦୧୯ ମସିହାରେ ମଧ୍ୟ ସଂସଦରେ ଏହି ପ୍ରସଙ୍ଗ ଉଠାଇଥିଲେ, କିନ୍ତୁ ସେତେବେଳେ ଏହାକୁ ଗୁରୁତ୍ୱ ଦିଆଯାଇନଥିଲା । ସଂସଦର ଗତ ମୌସୁମୀ ଅଧିବେଶନ ବେଳେ ମଧ୍ୟ ସେ ଏହି ପ୍ରସଙ୍ଗ ଉଠାଇଛନ୍ତି । ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ସେ ଲେଖିଛନ୍ତି, 'ଅରୁଣାଚଳ ପ୍ରଦେଶ ଭାରତର ଏକ ଅଭିନ୍ନ ଅଙ୍ଗ । ଏହାର ସାର୍ବଭୌମତ୍ୱ ଆଲୋଚନାଯୋଗ୍ୟ ନୁହେଁ।' ଭାରତ ସର୍ବଦା ଶାନ୍ତି ଓ ବନ୍ଧୁତା ଚାହେଁ, କିନ୍ତୁ ଦେଶର ଅଖଣ୍ଡତା ଏବଂ ସୁରକ୍ଷା ସହ କୌଣସି ପ୍ରକାର ସାଲିସ କରାଯିବ ନାହିଁ ।



ତେବେ ଭାରତୀୟ ସେନା ପକ୍ଷରୁ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଅସତ୍ୟ ବୋଲି କୁହାଯାଇଛି । ଚୀନ୍ ସେନା ଭାରତୀୟ ଅଞ୍ଚଳ ଦଖଲ କରିଥିବା କିମ୍ବା ଶିବିର ସ୍ଥାପନ କରିଥିବା ଖବରର କୌଣସି ସତ୍ୟତା ନାହିଁ ବୋଲି ସ୍ପଷ୍ଟ କରାଯାଇଛି । ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ କହିଛନ୍ତି ଯେ ସେ ଏହି ପ୍ରସଙ୍ଗରେ ସ୍ଥାନୀୟ ଲୋକ ଏବଂ ପ୍ରତିରକ୍ଷା ବାହିନୀର ଅଧିକାରୀମାନଙ୍କ ସହିତ ଆଲୋଚନା କରିବେ । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଭାରତ ସୀମାସମ୍ବନ୍ଧୀୟ ସମସ୍ତ ବିଷୟକୁ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରେ ଏବଂ ଏଲ୍ଏସିରେ ଶାନ୍ତି ବଜାୟ ରଖିବା ଅତ୍ୟନ୍ତ ଜରୁରୀ । ଅନ୍ୟପକ୍ଷରେ, ଚୀନ୍ କହିଛି ଯେ ବର୍ତ୍ତମାନ ସୀମା ପରିସ୍ଥିତି ସାଧାରଣତଃ ସ୍ଥିର ରହିଛି ।

## ଜାତିସଂଘର ପ୍ରଥମ ମହିଳା ମୁଖ୍ୟ ହେବା ସମ୍ଭାବନା

ନ୍ୟୁୟର୍କ, ୨୨।୮ (ଏଜେନ୍ସି): ଜାତିସଂଘର ପରବର୍ତ୍ତୀ ମହାସଚିବ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଚାଲିଥିବା ଅନୌପଚାରିକ ଭୋଟ୍ ଡ୍ରେରେ ଗୁଏନାର କାରୋଲିନ୍ ରୋଡ୍ରିଗେଜ୍-ବର୍କେଟ୍ ପ୍ରଥମ ସ୍ଥାନରେ ଥିବାବେଳେ କୋଷ୍ଟାରିକାର ରେବେକା ଗ୍ରାଇନ୍ସପାନ୍ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଜାତିସଂଘର ୮୦ ବର୍ଷର ଇତିହାସରେ ପ୍ରଥମଥର ପାଇଁ ଜଣେ ମହିଳା ମହାସଚିବ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ବର୍ତ୍ତମାନର ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କ କାର୍ଯ୍ୟକାଳର ୨୦୨୬ ମସିହା ଡିସେମ୍ବର ୩୧ ତାରିଖରେ ଶେଷ ହେଉଛି । ବର୍ତ୍ତମାନ ମୋଟ ୮ ଜଣ ପ୍ରାର୍ଥୀ ଡ୍ରେରେ ଥିବାବେଳେ ସେଥିମଧ୍ୟରୁ ୫ ଜଣ ମହିଳା ଅଛନ୍ତି । ନିରାପତ୍ତା ପରିଷଦର ୧୫ ଜଣ ସଦସ୍ୟ ଏବଂ ପାଞ୍ଚଟି ସ୍ଥାୟୀ ରାଷ୍ଟ୍ରଙ୍କ ସମର୍ଥନ ଏହି ପଦବୀ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଟେ । ଜାତିସଂଘ ମହାସଚିବ ସିଧାସଳଖ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି ନାହିଁ । ପ୍ରଥମେ ନିରାପତ୍ତା ପରିଷଦରେ ଗୁପ୍ତ ମତଦାନ କରାଯାଇ ପ୍ରାର୍ଥୀମାନଙ୍କୁ ସମର୍ଥନ ଅଣାଯାଏ ଏବଂ ଶେଷରେ ସାଧାରଣ ସଭା ଏହାକୁ ଅନୁମୋଦନ କରେ । ଆମେରିକା, ରୁଷ, ଚୀନ୍, ବ୍ରିଟେନ୍ ଏବଂ ଫ୍ରାନ୍ସ ଭଳି ସ୍ଥାୟୀ ରାଷ୍ଟ୍ରମାନଙ୍କର ଭିଟୋ କ୍ଷମତା ଥିବାରୁ ସେମାନଙ୍କର ବିରୋଧ ନକରିବା ନିହାତି ଆବଶ୍ୟକ । ୨୦୦୬ ମସିହାରେ ଭାରତୀୟ ସାଂସଦ ଶଶୀ ଥରୁର ମଧ୍ୟ ଏହି ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ଦ୍ୱିତୀୟ ସ୍ଥାନରେ ରହିଥିଲେ । ବିକାଶଶୀଳ ଦେଶଗୁଡ଼ିକର ପ୍ରଭାବ ଏବଂ ଆଞ୍ଚଳିକ ଭାରସାମ୍ୟ ରକ୍ଷା କରିବା ପାଇଁ ଏଥର ଜାତିସଂଘକୁ ଜଣେ ମହିଳା ମୁଖ୍ୟ ମିଳିବାର ପ୍ରବଳ ସମ୍ଭାବନା ରହିଛି ।


## ପାକିସ୍ତାନର ଆତଙ୍କବାଦୀ ତାଲିକାରେ ସାମ୍ବାଦିକ

ଇସ୍‌ଲାମାବାଦ, ୨୨।୮ (ଏଜେନ୍ସି): ପିଓକେରେ ଚାଲିଥିବା ଆନ୍ଦୋଳନ ଏବଂ ସେନା ଦମନଲୀଳାକୁ କଭର୍ କରିଥିବା ଜଣାଶୁଣା ସାମ୍ବାଦିକ ଦାନିଶ ଇର୍ଶାଦଙ୍କୁ ପାକିସ୍ତାନ ସରକାର ଆତଙ୍କବାଦୀ ତାଲିକାରେ ସାମିଲ କରିଛନ୍ତି । ବିନା କୌଣସି କୋର୍ଟ ନିର୍ଦ୍ଦେଶ କିମ୍ବା ଆଇନଗତ ମାମଲାରେ ତାଙ୍କୁ 'ଚତୁର୍ଥ କ୍ରମସୂଚୀ' ଆତଙ୍କବାଦୀ ତାଲିକାରେ ରଖାଯାଇଥିବା ବେଳେ ଏହାଦ୍ୱାରା ତାଙ୍କର



ବ୍ୟାଙ୍କଖାତା ଏବଂ ଗସ୍ତ ଉପରେ କଟକଣା ଲାଗିଛି । ଦାନିଶ ଇର୍ଶାଦ ଗତ ୧୦ ବର୍ଷ ହେବ ଅଧିକୃତ କାଶ୍ମୀର ଏବଂ ଗିଲଗିଟ୍-ବାଲ୍‌ଟିସ୍ତାନର ରାଜନୈତିକ ସ୍ଥିତି ଓ ଆନ୍ଦୋଳନ ସମ୍ପର୍କରେ ରିପୋର୍ଟ ପ୍ରକାଶ କରିଆସୁଛନ୍ତି । ସରକାରୀ ଆଦେଶରେ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ କିମ୍ବା ଆତଙ୍କବାଦ ସହ ସମ୍ପୃକ୍ତିର ପ୍ରମାଣ ଦିଆଯାଇ ନାହିଁ । ସୋସିଆଲ ମିଡିଆ ମାଧ୍ୟମରେ ସେ ନିଜ ନାମ ଏହି କଳା ତାଲିକାରେ ଥିବା ଜାଣିବାକୁ ପାଇଥିଲେ । ପାକିସ୍ତାନର ଏପରି ପଦକ୍ଷେପକୁ ସାମ୍ବାଦିକ ସଂଘ ଏବଂ ମାନବିକତାବାଦୀ କର୍ମକର୍ତ୍ତାମାନେ ଗଣମାଧ୍ୟମର ସ୍ୱାଧୀନତା ଉପରେ ସିଧାସଳଖ ଆକ୍ରମଣ ବୋଲି କହିଛନ୍ତି । ଏହି ଆତଙ୍କବାଦୀ ତାଲିକାରେ ସାମିଲ ହେବା କାରଣରୁ ଦାନିଶ ଇର୍ଶାଦଙ୍କୁ ବିଦେଶ ଗସ୍ତ, ପାସପୋର୍ଟ ଏବଂ ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧୀୟ କଟକଣାର ସମ୍ମୁଖୀନ ହେବାକୁ ପଡ଼ିବ । ଜଣେ ନିରପେକ୍ଷ ସାମ୍ବାଦିକଙ୍କ ବିନା ବିଚାରରେ ଆତଙ୍କବାଦୀ ତାଲିକାରେ ନାମ ଯୋଡ଼ିବା ପାକିସ୍ତାନରେ ସାମ୍ବାଦିକତା ଏବଂ ମୁକ୍ତ ଚିନ୍ତାଧାରା କେତେ ଅସୁରକ୍ଷିତ ତାହା ସ୍ପଷ୍ଟ କରୁଛି ।

## ପରିବାର ବିବାଦ: ଶ୍ୱଶୁରଘର ଲୋକଙ୍କ ଆକ୍ରମଣରେ ଇଞ୍ଜିନିୟର ନିହତ



ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ଦିଲ୍ଲୀର ନିହାଲ ବିହାର ଅଞ୍ଚଳରେ ଏକ ପାରିବାରିକ ବିବାଦକୁ କେନ୍ଦ୍ର କରି ଜଣେ ୩୧ ବର୍ଷୀୟ ସଫ୍ଟୱେର୍ ଇଞ୍ଜିନିୟରଙ୍କୁ ତାଙ୍କ ଶ୍ୱଶୁରଘର ଲୋକେ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି । ମୃତକ ଜଣଙ୍କ ଆଡୋବ କମ୍ପାନୀରେ କାର୍ଯ୍ୟ କରୁଥିବା ବିନୟ ଗୁପ୍ତା ବୋଲି ଜଣାପଡ଼ିଛି । ପିଲାକୁ ଔଷଧ ଦେବାକୁ ନେଇ ବିନୟ ଏବଂ ତାଙ୍କ ପତ୍ନୀ ରେଖାଙ୍କ ମଧ୍ୟରେ ପ୍ରଥମେ ବଚସା ହୋଇଥିଲା । ରେଖା ଫୋନ୍ କରି ନିଜ ପରିବାର ଲୋକଙ୍କୁ ଡକାଇବା ପରେ ତାଙ୍କ ଭାଇ, ପିତା ଏବଂ ଅନ୍ୟ ସମ୍ପର୍କୀୟମାନେ ଆସି ବିନୟଙ୍କୁ ନିର୍ମମ ଭାବେ ମାଡ଼ ମାରିଥିଲେ । ଆକ୍ରମଣ ପୂର୍ବରୁ ଘରର ସମସ୍ତ ସିସିଟିଭି କ୍ୟାମେରା ବନ୍ଦ କରାଯାଇଥିବା ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି । ପୁଲିସ ଏହି ମାମଲାରେ ପତ୍ନୀ ରେଖା, ତାଙ୍କର ଦୁଇ ଭାଇ ଏବଂ ଜଣେ ସମ୍ପର୍କୀୟଙ୍କୁ ଗିରଫ କରିଛି । ବିନୟଙ୍କ ମାଆଙ୍କ କହିବାନୁଯାୟୀ, ଯେତେବେଳେ ସେ ପାଣି ଆଣିବାକୁ ଯାଇଥିଲେ, ସେହି ସମୟରେ ଏହି ଆକ୍ରମଣ ଘଟିଥିଲା । ଗୁରୁତର ଅବସ୍ଥାରେ ବିନୟଙ୍କୁ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ପାରିବାରିକ କଳହ କିପରି ଏକ ବଡ଼ ଦୁର୍ଘଟଣାର ରୂପ ନେଇପାରେ, ଏହି ଘଟଣା ତାହା ପୁଣିଥରେ ପ୍ରମାଣିତ କରିଛି ।

## ୧୫ ବର୍ଷ ପରେ ଧରାପଡ଼ିଲେ ୭୨ ବର୍ଷୀୟ ଫେରାର ଅଭିଯୁକ୍ତ

ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ପ୍ରାୟ ୧୫ ବର୍ଷ ଧରି ପୁଲିସକୁ ଚକମା ଦେଇ ଫେରାର ଥିବା ୭୨ ବର୍ଷୀୟ ହରି ସିଂହ ଶେଖାୱତଙ୍କୁ ଦିଲ୍ଲୀ ପୁଲିସର ବିଶେଷ ଶାଖା ଜୟପୁରରୁ ଗିରଫ କରିଛି । ୨୦୦୮ ମସିହାରେ ଏକ ପ୍ରମୁଖ ପୋଷାକ ନିର୍ମାଣ କମ୍ପାନୀରୁ ଟଙ୍କା ଆଦାୟ ପାଇଁ ଧମକ ଦେବା ଅଭିଯୋଗରେ ଶେଖାୱତଙ୍କ ବିରୋଧରେ ମାମଲା ହୋଇଥିଲା । ବାରମ୍ବାର ଅଦାଲତରେ ହାଜର ନହେବାରୁ ୨୦୧୬ରେ ତାଙ୍କୁ ଘୋଷିତ ଅପରାଧୀ ଘୋଷଣା କରାଯାଇଥିଲା । ଗିରଫରୁ ବର୍ତ୍ତିବା ପାଇଁ ସେ ପ୍ରଥମେ ଗୁଜରାଟ ଓ ପରେ ରାଜସ୍ଥାନରେ ରହୁଥିଲେ । ଦୀର୍ଘବର୍ଷ ଧରି ନଜର ରଖିବା ପରେ ପୁଲିସ ଜୟପୁରର ଏକ ଆବାସିକ ଅଞ୍ଚଳରୁ ତାଙ୍କୁ ଧରିଥିଲା । ଶେଖାୱତ ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀରେ ଉଚ୍ଚ ପଦରେ କାମ କରିଥିବା ପୁଲିସ କହିଛି । ପ୍ରାୟ ଦେଢ଼ ଦଶନ୍ଧିର ଖୋଜାଖୋଜି ପରେ ଶେଖାୱତଙ୍କ ଗିରଫ ସହ ଦୀର୍ଘଦିନର ଫେରାରୀର ଅନ୍ତ ଘଟିଛି ।

# ଦିଲ୍ଲୀରେ ଉଗ୍ର ହେଉଛି ସ୍ୱାଇନ୍ ଫ୍ଲୁ

## ୧୭୭୭ଟି ସଂକ୍ରମଣ ମାମଲା ଚିହ୍ନଟ



ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ଏବେ ସ୍ୱାଇନ୍ ଫ୍ଲୁ ବା ଏଚ୍୧ଏନ୍୧ ଜ୍ୱରର ପ୍ରକୋପ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ପରିବର୍ତ୍ତନଶୀଳ ପାଣିପାଗ ଓ ଆର୍ଦ୍ରତା କାରଣରୁ ଏହି ଭୂତାଣୁ ସଂକ୍ରମଣ ଅଧିକ ହେବାରେ ଲାଗିଛି । ସବୁଠାରୁ ଚିନ୍ତାର ବିଷୟ ଏହିକି ଯେ, ଆକ୍ରାନ୍ତଙ୍କ ଅମ୍ଳଜାନ ସ୍ତର ହ୍ରାସ ପାଉଥିବା ଓ ଶ୍ୱାସକ୍ରିୟାରେ ଗୁରୁତର ସମସ୍ୟା ଦେଖାଦେଉଥିବା ଖବର ମିଳିଛି । ସୂଚନା ଅନୁଯାୟୀ, ଚଳିତ ବର୍ଷ ଦିଲ୍ଲୀରେ ଏଚ୍୧ଏନ୍୧ ସଂକ୍ରମଣ ମାମଲା ଗତ ବର୍ଷ ତୁଳନାରେ ପ୍ରାୟ ଆଠ ଗୁଣ ବୃଦ୍ଧି ପାଇଛି । ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୧୭୭୭ଟି ସଂକ୍ରମଣ ମାମଲା ଚିହ୍ନଟ ହୋଇସାରିଲାଣି, ଯେଉଁଠାରେ ଗତ ବର୍ଷ ଏହି ସମୟ ମଧ୍ୟରେ ମାତ୍ର ୨୨୯ଟି ମାମଲା ରେକର୍ଡ ହୋଇଥିଲା । ଅନେକ ଡାକ୍ତର ଓ ଏକ ସରକାରୀ ହସ୍ପିଟାଲର ମୁଖ୍ୟ ମଧ୍ୟ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଦିଲ୍ଲୀ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥିତି ଉପରେ ନଜର ରଖିବା ପାଇଁ ସର୍ଭିଲାନ୍ସ ବା ତଦାରଖ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମଧ୍ୟ ଏହି ବିଷୟରେ ଏକ ସମୀକ୍ଷା ବୈଠକ କରିବାର କାର୍ଯ୍ୟକ୍ରମ ରହିଛି ।

- ଶ୍ୱାସକ୍ରିୟାରେ ସମସ୍ୟା
- ହ୍ରାସପାଉଛି ଅମ୍ଳଜାନ ସ୍ତର

ସ୍ୱାଇନ୍ ଫ୍ଲୁର ଲକ୍ଷଣଗୁଡ଼ିକ ମଧ୍ୟରେ ଅଚାନକ ଜ୍ୱର, ଶୁଖିଲା କାଶ, ଗଳାରେ ଯନ୍ତ୍ରଣା, ଶରୀର ପୀଡ଼ା, ମୁଣ୍ଡବିନ୍ଧା ଓ ଅତ୍ୟଧିକ କ୍ଳାନ୍ତି ଅନ୍ତର୍ଭୁକ୍ତ । ବିଶେଷଜ୍ଞମାନେ ସତର୍କ କରାଇଛନ୍ତି ଯେ, ଯଦି କାହାକୁ ନିଃଶ୍ୱାସ ନେବାରେ କଷ୍ଟ, ଛାତିରେ ଯନ୍ତ୍ରଣା କିମ୍ବା ଓଠ ନୀଳ ପଡ଼ିଯିବା ଭଳି ଲକ୍ଷଣ ଦେଖାଯାଏ, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ । ବିଶେଷକରି ବୃଦ୍ଧ, ଶିଶୁ, ଗର୍ଭବତୀ ମହିଳା ଓ ଅନ୍ୟ ରୋଗରେ ପୀଡ଼ିତ ବ୍ୟକ୍ତିମାନେ ଅଧିକ ସତର୍କ ରହିବା ଜରୁରୀ । ପରିଶେଷରେ, ସରକାରୀ ସ୍ତରରେ ପରିସ୍ଥିତିକୁ ନେଇ ଆତଙ୍କିତ ନ ହେବାକୁ ପରାମର୍ଶ ଦିଆଯାଇଛି । ହାତ ସଫା ରଖିବା, କାଶିବା ବେଳେ ସତର୍କତା ଅବଲମ୍ବନ କରିବା ଓ ସଂକ୍ରମିତ ଥିଲେ ଘରେ ରହିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି । ସମୟୋଚିତ ଚିକିତ୍ସା ଓ ସତର୍କତା ହିଁ ଏହି ସଂକ୍ରମଣକୁ ରୋକିବାରେ ସହାୟକ ହେବ ।

# କଂଗ୍ରେସ ବିରୋଧରେ ବିଜେପିର 'ବନ୍ଦେ ମାତରମ୍' ପ୍ରସ୍ତାବ

ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ଜାତୀୟ ଗାନ 'ବନ୍ଦେ ମାତରମ୍'କୁ ନେଇ ବିଜେପି ଆଜି କଂଗ୍ରେସ ବିରୋଧରେ ଏକ ପ୍ରସ୍ତାବ ପାରିତ କରିଛି । ଜାତୀୟ ଗାନର ସମ୍ମାନ ଓ ସୁରକ୍ଷା କ୍ଷେତ୍ରରେ କୌଣସି ସାଲିସ କରାଯିବ ନାହିଁ ବୋଲି ଏଥିରେ କୁହାଯାଇଛି । ନୂଆ ଦାୟିତ୍ୱ ଗ୍ରହଣ କରିଥିବା ଦଳୀୟ ପଦାଧିକାରୀଙ୍କ ବୈଠକରେ ଏହି ପ୍ରସ୍ତାବ ପାରିତ ହୋଇଛି । ବିଜେପି ଅଧ୍ୟକ୍ଷ ନିତିନ ନବୀନ ବୈଠକରେ ଅଧ୍ୟକ୍ଷତା କରିଥିଲେ । ଅଗଷ୍ଟ ୧୯ ରେ କଂଗ୍ରେସ କାର୍ଯ୍ୟକାରିଣୀ କମିଟି 'ବନ୍ଦେ ମାତରମ୍'ର କେବଳ ପ୍ରଥମ ଦୁଇଟି ପଦ ଗାନ କରିବା ନେଇ ୧୯୩୭ର ନିଷ୍ପତ୍ତିକୁ ପୁନଃ ସମର୍ଥନ କରିଥିଲା । ବିଜେପି ଏହାକୁ ଦୃଢ଼ ଭାବେ ବିରୋଧ କରିଛି । ବିଜେପି ଅଧ୍ୟକ୍ଷ ନିତିନ ନବୀନ କହିଛନ୍ତି ଯେ, ରାଜନୈତିକ ସ୍ୱାର୍ଥ, ତୁଷ୍ଟୀକରଣ କିମ୍ବା ସାମ୍ପ୍ରଦାୟିକ ଚାପ ଯୋଗୁଁ ଜାତୀୟ ଗାନର ମର୍ଯ୍ୟାଦାକୁ କ୍ଷୁଣ୍ଣ କରିବାର କୌଣସି ପ୍ରୟାସକୁ ଦଳ ଗ୍ରହଣ କରିବ ନାହିଁ । 'ବନ୍ଦେ ମାତରମ୍'ର ଇତିହାସ, ଅର୍ଥ, ଜାତୀୟ ଗୁରୁତ୍ୱ ଓ ଐତିହ୍ୟକୁ ଦେଶର ପ୍ରତ୍ୟେକ କୋଣରେ ପହଞ୍ଚାଇବା ପାଇଁ ବିଜେପି ଏକ ସଚେତନତା ଅଭିଯାନ ଆରମ୍ଭ କରିବ ବୋଲି ପ୍ରସ୍ତାବରେ କୁହାଯାଇଛି । ବିଶେଷକରି ଯୁବପିଢ଼ି ମଧ୍ୟରେ 'ବନ୍ଦେ ମାତରମ୍'ର ଐତିହାସିକ ମହତ୍ତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବ । 'ବନ୍ଦେ ମାତରମ୍' ସମ୍ପର୍କରେ ମହାତ୍ମା ଗାନ୍ଧୀଙ୍କ ମତାମତକୁ ମଧ୍ୟ ଦେଶବ୍ୟାପୀ ଅଭିଯାନରେ ସାମିଲ କରାଯିବ ବୋଲି ବିଜେପି କହିଛି । ଗାନ୍ଧୀ 'ବନ୍ଦେ ମାତରମ୍'କୁ ସାମ୍ରାଜ୍ୟବାଦ ବିରୋଧୀ ।ସ୍ଲୋଗାନ ଏବଂ ଶୁଦ୍ଧ ଜାତୀୟ ଭାବନା ସହ ଜଡ଼ିତ ବୋଲି ବର୍ଣ୍ଣନା କରିଥିବା ଦଳ ପକ୍ଷରୁ କୁହାଯାଇଛି । ନିତିନ ନବୀନ କହିଛନ୍ତି ଯେ, ବିଜେପି 'ପୂର୍ଣ୍ଣ ବନ୍ଦେ ମାତରମ୍'ର ସମ୍ମାନ, ମର୍ଯ୍ୟାଦା, ଐତିହ୍ୟ ଓ ଜାତୀୟ ଚରିତ୍ରର ସୁରକ୍ଷା କରିବ । ବିଜେପି ଦେଶବ୍ୟାପୀ ସଚେତନତା ଅଭିଯାନ କରିବା ସହ ଯୁବପିଢ଼ିଙ୍କୁ ଏହାର ଇତିହାସ ଓ ସ୍ୱାଧୀନତା ଆନ୍ଦୋଳନ ସମ୍ପର୍କରେ ଅବଗତ କରାଇବାକୁ ନିଷ୍ପତ୍ତି ନେଇଛି ।




# ବାର୍ କାଉନସିଲ ଅଧ୍ୟକ୍ଷଙ୍କ ଅଡୁଆ ବଢ଼ିଲା: ଇସ୍ତଫା ଦାବିକଲେ ସହ-ଅଧ୍ୟକ୍ଷ



ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ (ବିସିଆଇ) ର ଅଧ୍ୟକ୍ଷ ମନନ କୁମାର ମିଶ୍ରଙ୍କୁ ୧୫ ଦିନ ମଧ୍ୟରେ ଇସ୍ତଫା ଦେବାକୁ ଦାବି କରିଛନ୍ତି ବିସିଆଇର ସହ-ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ୱାଇ.ଆର୍. ସଦାଶିବ ରେଡ୍ଡୀ । ଆର୍ଥିକ ଅନିୟମିତତା ସମେତ ୮ଟି ଗୁରୁତର ଅଭିଯୋଗ ଆଣି ସେ ମିଶ୍ରଙ୍କୁ ଏକ ଚିଠି ଲେଖିଛନ୍ତି । ରେଡ୍ଡୀ କହିଛନ୍ତି ଯେ, ଦେଶର ଆଇନଜୀବୀମାନେ ତାଙ୍କ ଉପରେ ଯେଉଁ ବିଶ୍ୱାସ ରଖିଛନ୍ତି, ସେହି ବିଶ୍ୱାସ ପ୍ରତି ଦାୟିତ୍ୱବୋଧରୁ ସେ ଏହି ଚିଠି ଲେଖିଛନ୍ତି । ମିଶ୍ର ବିସିଆଇକୁ ଏକ ସାର୍ବଜନୀନ ସଂସ୍ଥା ପରିବର୍ତ୍ତେ ବ୍ୟକ୍ତିଗତ ସମ୍ପତ୍ତି ଭଳି ପରିଚାଳନା କରୁଥିବା ସେ ଅଭିଯୋଗ କରିଛନ୍ତି । ରେଡ୍ଡୀଙ୍କ ଅଭିଯୋଗ ଅନୁସାରେ, ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ ଟ୍ରଷ୍ଟକୁ ନିଷ୍କ୍ରିୟ ହେବାକୁ ଦିଆଯାଇ ନୂଆ ଏକ ଟ୍ରଷ୍ଟ- 'ବିସିଆଇ ଟ୍ରଷ୍ଟ ପିଆର୍ଏଲ୍ ଫର୍ଷ୍ଟ'-୨୦୨୦ ସେପ୍‌ଟେମ୍ବରରେ ପଞ୍ଜୀକୃତ କରାଯାଇଥିଲା । ଏହି ଟ୍ରଷ୍ଟର ଟ୍ରଷ୍ଟିମାନଙ୍କୁ ମିଶ୍ର ଚୟନ କରିଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି । ଏହାପରେ ବିସିଆଇର ପ୍ରାୟ ୧୫୦ କୋଟି ଟଙ୍କା ନୂଆ ଟ୍ରଷ୍ଟକୁ ହସ୍ତାନ୍ତର ପାଇଁ ପରିଷଦରେ ପ୍ରସ୍ତାବ ଅଣାଯାଇଥିବା ରେଡ୍ଡୀ ଚିଠିରେ ଦର୍ଶାଇଛନ୍ତି । ଏହାକୁ ନେଇ ନିଜ ସମେତ ଅନ୍ୟ ସଦସ୍ୟମାନଙ୍କ ଆପତ୍ତିକୁ ଅଣଦେଖା କରାଯାଇଥିବା ମଧ୍ୟ ସେ କହିଛନ୍ତି । ଆଇନ ମହାବିଦ୍ୟାଳୟଗୁଡ଼ିକୁ ବିସିଆଇର ଅନୁମୋଦନ କିମ୍ବା ଅନୁମୋଦନ ନବୀକରଣ ପାଇଁ ବହୁ ପରିମାଣର ଟଙ୍କା ଦେବାକୁ ବାଧ୍ୟ କରାଯାଉଥିବା ରେଡ୍ଡୀ ଅଭିଯୋଗ କରିଛନ୍ତି । ବିସିଆଇ ଓ ଏହା ସହ ଜଡ଼ିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ନିଯୁକ୍ତି ସମୟରେ ବ୍ୟାପକ ପରିବାରବାଦ ଓ ପକ୍ଷପାତ ହେଉଥିବା ମଧ୍ୟ ରେଡ୍ଡୀ ଅଭିଯୋଗ କରିଛନ୍ତି । ତାଙ୍କ ଦାବି ଅନୁସାରେ, କାର୍ଯ୍ୟରତ କର୍ମଚାରୀଙ୍କ ଏକ ବଡ଼ ଅଂଶ ମିଶ୍ରଙ୍କ ବ୍ୟକ୍ତିଗତ ପରିଚିତ କିମ୍ବା ପରିବାର ସହ ସମ୍ପର୍କିତ । ଏହି ନିଯୁକ୍ତିଗୁଡ଼ିକୁ ଯଥାର୍ଥ ପ୍ରମାଣିତ କରିବା ପାଇଁ ପରିଷଦ ସମ୍ମୁଖରେ କୌଣସି ବିଜ୍ଞପ୍ତି କିମ୍ବା ମେଧା ତାଲିକା ରଖାଯାଇନଥିବା ସେ କହିଛନ୍ତି ।

# 'ଅନ୍ନପୂର୍ଣ୍ଣା ଭଣ୍ଡାର' ଟଙ୍କା ପାଇଁ ପଶ୍ଚିମବଙ୍ଗରେ ମହିଳାଙ୍କ ରେଳପଥ ଓ ରାଜପଥ ଅବରୋଧ

କୋଲକାତା, ୨୨।୮ (ଏଜେନ୍ସି): ପଶ୍ଚିମବଙ୍ଗ ସରକାରଙ୍କ 'ଅନ୍ନପୂର୍ଣ୍ଣା ଭଣ୍ଡାର' ଯୋଜନାର ଟଙ୍କା ପ୍ରଦାନରେ ବିଳମ୍ବ ଓ ଅନିୟମିତତା ଅଭିଯୋଗକୁ ନେଇ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମହିଳାଙ୍କ ବିକ୍ଷୋଭ ତୀବ୍ର ହୋଇଛି । ଶୁକ୍ରବାର ଦକ୍ଷିଣରୁ ଉତ୍ତର ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ମହିଳାମାନେ ରାସ୍ତା, ରେଳପଥ ଓ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଛନ୍ତି । ତାରକେଶ୍ୱର, ବିରାଟି, ଧୂପଗୁଡ଼ି, ମାଥାଭଙ୍ଗା, ବିଷ୍ଣୁପୁର, ବରଜୋରା, ପୁରୁଲିଆ, ହରିଶ୍ଚନ୍ଦ୍ରପୁର ଓ କୋଲକାତାର ବିଭିନ୍ନ ଅଞ୍ଚଳରେ ଏହି ବିକ୍ଷୋଭ ଦେଖିବାକୁ ମିଳିଛି । ତାରକେଶ୍ୱରରେ ଶତାଧିକ ମହିଳା ପୌର କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇ ଯୋଜନାର ଟଙ୍କା ନ ମିଳିବା ନେଇ ଅଭିଯୋଗ କରିଥିଲେ । ଜୁଲାଇ ୧୦ ତାରିଖ ସୁଦ୍ଧା ଆବେଦନ କରିଥିବା ହିତାଧିକାରୀଙ୍କୁ ଅଗଷ୍ଟ ୧୭ରୁ ୨୦ ମଧ୍ୟରେ ଟଙ୍କା ମିଳିବାର ଥିଲା ବୋଲି ସେମାନେ କହିଛନ୍ତି । ତେବେ ଧାର୍ଯ୍ୟ ସମୟ ଶେଷ ହୋଇଥିଲେ ମଧ୍ୟ ତାଙ୍କ ଖାତାକୁ ଟଙ୍କା ଆସିନଥିବା ଅଭିଯୋଗ କରିଥିଲେ । ପୁଲିସ ଓ ପୌର କର୍ତ୍ତୃପକ୍ଷଙ୍କ ଆଶ୍ୱାସନ ପରେ ପ୍ରାୟ ଏକ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିବା ବିକ୍ଷୋଭ ହଟିଥିଲା । ଉତ୍ତର ୨୪ ପରଗଣାର ବିରାଟି ଷ୍ଟେସନରେ ମଧ୍ୟ ମହିଳାମାନେ ରେଳପଥ ଅବରୋଧ କରିଥିଲେ । ଶତାଧିକ ମହିଳା ରେଳଧାରଣା ଉପରେ ବସି ପଡ଼ିବାରୁ ଟ୍ରେନ୍ ଚଳାଚଳ ଏକ ଘଣ୍ଟାରୁ ଅଧିକ ସମୟ ପ୍ରଭାବିତ ହୋଇଥିଲା । ଧୂପଗୁଡ଼ିରେ ମହିଳାମାନେ ବିଡିଓ କାର୍ଯ୍ୟାଳୟରେ ବିକ୍ଷୋଭ କରିଥିଲେ । ଅଧିକାରୀଙ୍କ ସହ ଆଲୋଚନା ହୋଇନଥିବା ଅଭିଯୋଗ କରି ସେମାନେ ପରେ ମସଜିଦ ମୋଡ଼ ନିକଟରେ ଧୂପଗୁଡ଼ି-ଫାଲାକାଟା ଜାତୀୟ ରାଜପଥ-୩୧ ଅବରୋଧ କରିଥିଲେ ।



# ଯୁଦ୍ଧକୁ ନେଇ ଇରାନରେ ମତଭେଦ

# ଆମେ ଶାନ୍ତି ଚାହୁଁ: ରାଷ୍ଟ୍ରପତି; ଆକ୍ରମଣ ପାଇଁ ପ୍ରସ୍ତୁତ: ସେନାମୁଖ୍ୟ

ତେହରାନ/ୱାସିଂଟନ, ୨୨।୮ (ଏଜେନ୍ସି): ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଦୀର୍ଘମିଆଦୀ ସଂଘର୍ଷ ପ୍ରାୟ ୬ ମାସରେ ପହଞ୍ଚିଥିବା ବେଳେ ଇରାନର ରାଷ୍ଟ୍ରପତି ମସୌଦ ପେଜେସ୍କିଆନ୍ ଯୁଦ୍ଧର ଅନ୍ତ ଘଟାଇବାକୁ ଆହ୍ୱାନ ଦେଇଛନ୍ତି । ତେହରାନ ଏବେ ମଧ୍ୟ 'ଶକ୍ତି ଓ ସମ୍ମାନର ସ୍ଥିତିରେ' ଥିବାରୁ ଏହି ସମୟରେ ଯୁଦ୍ଧ ଶେଷ କରିବା ଉଚିତ ବୋଲି ସେ କହିଛନ୍ତି । ଶୁକ୍ରବାର ଡାକ୍ତରମାନଙ୍କ ସହ ଏକ ବୈଠକରେ ପେଜେସ୍କିଆନ୍ କହିଛନ୍ତି, ତେହରାନ ଓ ୱାସିଂଟନ ମଧ୍ୟରେ କୂଟନୈତିକ ଆଲୋଚନା ବିଫଳ ହୋଇଥିଲେ ମଧ୍ୟ ଏବେ ସଂଘର୍ଷର ଅନ୍ତ ଘଟାଇବାର ସମୟ ଆସିଛି । ଅନ୍ତର୍ଜାତୀୟ ସମୁଦାୟ ଇରାନର ସ୍ଥିତିକୁ ବୁଝିପାରୁଥିବା ଦାବି କରି ସେ ଆମେରିକା ଇରାନର ସ୍କୁଲ, ହସ୍ପିଟାଲ ଓ ଭିତ୍ତିଭୂମି ଉପରେ ଆକ୍ରମଣ କରିଥିବା ଅଭିଯୋଗ ମଧ୍ୟ ଆଣିଛନ୍ତି । ଜୁନ୍‌ରେ ତେହରାନ ଓ ୱାସିଂଟନ ମଧ୍ୟରେ ହୋଇଥିବା ବୁଝାମଣା ସମ୍ପର୍କରେ ମଧ୍ୟ ପେଜେସ୍କିଆନ୍ ନିଜ ସରକାରର ପକ୍ଷ ରକ୍ଷା କରିଛନ୍ତି । ଇରାନର କଠୋରପନ୍ଥୀ ସାଂସଦମାନେ ଆମେରିକାକୁ ଅତ୍ୟଧିକ ରିହାତି ଦିଆଯାଇଥିବା ଅଭିଯୋଗ କରିଥିଲେ । ତେବେ ଏହି ବୁଝାମଣାରେ ଇରାନର ଆତ୍ମସମର୍ପଣ କିମ୍ବା ପରାଜୟ ସୂଚାଉଥିବା କୌଣସି ବ୍ୟବସ୍ଥା ନଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି ।

ଅନ୍ୟପଟେ ରାଷ୍ଟ୍ରପତି ଶାନ୍ତିର ଆହ୍ୱାନ ଦେଇଥିବା ବେଳେ ଇରାନୀ ସେନା ନିଜର ପ୍ରତିରକ୍ଷା ପ୍ରସ୍ତୁତି ଜାରି ରଖିଛି । ଇରାନୀ ସଶସ୍ତ୍ର ବାହିନୀର ମୁଖ୍ୟ ଅଲି ଅବଦୋଲ୍ଲାହି କହିଛନ୍ତି, ଭୂମି, ସମୁଦ୍ର, ଆକାଶ, ବାୟୁ ପ୍ରତିରକ୍ଷା ଓ ସାଇବର କ୍ଷେତ୍ରରେ ଇରାନ ପ୍ରସ୍ତୁତ ଅଛି । ଇରାନ ଉପରେ ପୁଣି ଆକ୍ରମଣ ହେଲେ ତାହାର 'ଭୟଙ୍କର ଓ ବିନାଶକାରୀ' ପ୍ରତିଜବାବ ଦିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି । ଏହି ତିକ୍ତ ପରିସ୍ଥିତି ମଧ୍ୟରେ ଓମାନ ଓ ଇରାନର ବିଦେଶମନ୍ତ୍ରୀଙ୍କ ମଧ୍ୟରେ ଶୁକ୍ରବାର ଫୋନ୍‌ରେ ଆଲୋଚନା ହୋଇଛି । ଦୁଇ ଦେଶ ମଧ୍ୟରେ ପୁନର୍ବାର ସଂଳାପ ଓ ଆଲୋଚନା ଆରମ୍ଭ ପାଇଁ ପରିବେଶ ସୃଷ୍ଟି ଉପରେ ଆଲୋଚନା ହୋଇଥିଲା । ଏଥିସହ ହର୍ମୁଜ୍ ପ୍ରଣାଳୀରେ ଜାହାଜ ଚଳାଚଳ ସମ୍ପର୍କିତ ପରିସ୍ଥିତି ନେଇ ମଧ୍ୟ ଆଲୋଚନା ହୋଇଛି । ଏହି ମଧ୍ୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହର୍ମୁଜ୍ ପ୍ରଣାଳୀକୁ ନେଇ ଆହୁରି କଠୋର ମନ୍ତବ୍ୟ ଦେଇଛନ୍ତି । ଦକ୍ଷିଣ କାରୋଲିନାରେ ଏକ ନିର୍ବାଚନୀ ସଭାରେ ସେ କହିଛନ୍ତି ଯେ ଏବେ ସେ ହର୍ମୁଜ୍ ପ୍ରଣାଳୀକୁ 'ଆମେରିକାର ଅଞ୍ଚଳ' ଭାବେ ଦେଖୁଛନ୍ତି । ଆମେରିକାର ନୌସେନା ଅବରୋଧ ଯୋଗୁଁ ଏହି ରଣନୈତିକ ଜଳପଥ ଉପରେ ଆମେରିକାର ପ୍ରଭାବ ରହିଛି ବୋଲି ସେ ଦାବି କରିଛନ୍ତି । ଇରାନକୁ ଯେକୌଣସି ପ୍ରକାରର ସହାୟତା ଯୋଗାଇଦେଉଥିବା ଦେଶ ଆମେରିକାର ଆର୍ଥିକ କଟକଣାର ସମ୍ମୁଖୀନ ହୋଇପାରନ୍ତି ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି । ଆମେରିକାର ଅର୍ଥମନ୍ତ୍ରୀ ସ୍କଟ୍ ବେସେଣ୍ଟ ମଧ୍ୟ ଇରାନ ସରକାର ଉପରେ ଭୟଙ୍କର ଆର୍ଥିକ ଚାପ ସୃଷ୍ଟି ପାଇଁ ନୂଆ କଟକଣା ଅଭିଯାନ ଚାଲାଇବାର ସଙ୍କେତ ଦେଇଛନ୍ତି । ଇରାନ ଏହି ପଦକ୍ଷେପକୁ 'ଆର୍ଥିକ ଆତଙ୍କବାଦ' ବୋଲି ଅଭିହିତ କରିଛି । ଅନ୍ୟପଟେ ଚୀନ୍ ସମେତ ବିଶ୍ୱର ଅନ୍ୟ ଦେଶଗୁଡ଼ିକ ଆମେରିକା ଓ ଇରାନକୁ ସାମରିକ ପଥ ଛାଡ଼ି ରାଜନୈତିକ ଓ କୂଟନୈତିକ ଉପାୟରେ ସଂଘର୍ଷର ସମାଧାନ କରିବାକୁ ଆହ୍ୱାନ ଦେଇଛି ।



## ଏମ୍ଏମ୍ଡିଆର୍ ସଂଶୋଧନ ଆଇନ: ରାଜ୍ୟରେ ତୀବ୍ର ହେଉଛି ବିରୋଧ

# ରାଜ୍ୟପାଳ, ବାଚସ୍ପତିଙ୍କୁ ଭେଟିଲେ କଂଗ୍ରେସ ବିଧାୟକ

ଭୁବନେଶ୍ୱର,୨୨।୮ (ସମିସ): ଗତ ୨୨ ତାରିଖରେ ସଂସଦରେ ନବପ୍ରଣୀତ ଏମଏମଡିଆର ସଂଶୋଧନ ଆଇନ-୨୦୨୬କୁ ନେଇ ରାଜ୍ୟରେ ବିରୋଧ ତୀବ୍ର ହେବାରେ ଲାଗିଛି। ଏହି ସଂଶୋଧନ ଓଡ଼ିଶାର ଖଣିଜ ସମ୍ପଦ, ରାଜ୍ୟର ଅଧିକାର, ଆଦିବାସୀଙ୍କ ସାମ୍ବିଧାନିକ ସୁରକ୍ଷା ଏବଂ ଡିଏମଏଫ ପାଣ୍ଠି ଉପରେ ଗୁରୁତର ପ୍ରଭାବ ପକାଇବାର ଆଶଙ୍କା ରହିଛି। ତେଣୁ ଏହି ଗୁରୁତର ପ୍ରସଙ୍ଗରେ ବିଧାନସଭାରେ ବିସ୍ତୃତ ଆଲୋଚନା ପାଇଁ ବିଧାନସଭାର ଦୁଇଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଦାବି କରିଛି କଂଗ୍ରେସ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ନେତୃତ୍ୱରେ ଦଳର ବିଧାୟକମାନେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ବାଚସ୍ପତି ସୁରମା ପାଢ଼ୀଙ୍କୁ ଭେଟି ଦାବି କରିଛନ୍ତି।

କଂଗ୍ରେସର ବିଧାୟକମାନେ ଦାବି ପତ୍ରରେ ଉଲ୍ଲେଖ କରି କହିଛନ୍ତି ଯେ ସଂସଦରେ ପ୍ରଣୀତ ନୂଆ ଆଇନ ରାଜ୍ୟର ସାମ୍ବିଧାନିକ ଅଧିକାର ଓ ଆର୍ଥିକ ସ୍ୱାୟତ୍ତତା ପ୍ରତି ଗୁରୁତର ଆଶଙ୍କା ସୃଷ୍ଟି କରିଛି। ଏହାକୁ ସେ ସହଯୋଗୀ ସଂଘୀୟ ବ୍ୟବସ୍ଥାର ମୂଳ ଭିତ୍ତିକୁ ପ୍ରଭାବିତ କରୁଥିବା ବେଳେ ରାଜ୍ୟର ଆର୍ଥିକ ସ୍ୱାୟତ୍ତତାକୁ ସଂକୁଚିତ କରୁଛି। ଖଣିଜ ବଣ୍ଟନ, ରାଜସ୍ୱ ନିୟନ୍ତ୍ରଣ ଏବଂ ରୟାଲ୍ଟି ଆଦାୟକୁ କେନ୍ଦ୍ରୀୟ ନିୟନ୍ତ୍ରଣକୁ ନେବା ଦ୍ୱାରା ଖଣିଜ ସମ୍ପଦରେ ଭରପୂର ଓଡ଼ିଶାର ଅଧିକାର କ୍ଷୁଣ୍ଣ ହେବ। ଏହା ରାଜ୍ୟ ସରକାରଙ୍କ ଭୂମିକାକୁ ମଧ୍ୟ ସୀମିତ କରିଦେବ। ବିଶେଷକରି ଓଡ଼ିଶାର ଅଧିକାଂଶ ଖଣି ଅଞ୍ଚଳ ସମ୍ବିଧାନର ପଞ୍ଚମ ଅନୁସୂଚୀ ଅଧୀନରେ ଆସୁଥିବାରୁ ଏହି ଆଇନକୁ ନେଇ ଆଦିବାସୀ ଅଧିକାର ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଥିବା ସେ କହିଛନ୍ତି। ଗ୍ରାମସଭା ଓ ଟ୍ରାଇବାଲ୍ ଆଡଭାଇଜରୀ କାଉନସିଲ୍‌ର ପୂର୍ବ ଅନୁମତି ଓ ସୂଚିତ ସମ୍ମତି ଭଳି ସାମ୍ବିଧାନିକ ବ୍ୟବସ୍ଥାକୁ ଏହି ଆଇନ ଏଡ଼ାଇ ଯାଉଥିବା ମଧ୍ୟ ପତ୍ରରେ ଉଲ୍ଲେଖ କରାଯାଇଛି। ଏପରି ପରିସ୍ଥିତିରେ ପ୍ରସଙ୍ଗଟି ଉପରେ ବିଧାନସଭାରେ ବିସ୍ତୃତ ଆଲୋଚନା ଓ ସର୍ବଦଳୀୟ ମତ ବିନିମୟ ପାଇଁ ତୁରନ୍ତ ଦୁଇଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଓଡ଼ିଶାର ଖଣିଜ ସମ୍ପଦ ଓ ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ଆମର ଲଢ଼େଇ ଜାରି ରହିବ ବୋଲି କଂଗ୍ରେସ ପକ୍ଷରରୁ ଦୃଢ଼ୋକ୍ତି ପ୍ରକାଶ କରାଯାଇଛି।




- ବିଧାନସଭାର ଦୁଇଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଦାବି
- ଓଡ଼ିଶାର ଖଣିଜ ସମ୍ପଦ ଓ ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ଆମର ଲଢ଼େଇ ଜାରି ରହିବ

# ପ୍ରତିବର୍ଷ ଅଗଷ୍ଟ ଚତୁର୍ଥ ଶନିବାର ଗରିମା ଦିବସ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୮ (ସମିସ): ସମୃଦ୍ଧ ଓଡ଼ିଶା ପାଇଁ ସ୍ୱଚ୍ଛ ସହର, ସୁରକ୍ଷିତ ପରିବେଶ ଏବଂ ଯେଉଁ ଲୋକମାନେ ଏହି ସ୍ୱଚ୍ଛତାକୁ ନିଶ୍ଚିତ କରୁଛନ୍ତି, ସେମାନଙ୍କ ସୁରକ୍ଷିତ ଜୀବନ ଏକାନ୍ତ ଅପରିହାର୍ଯ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗରିମା ଦିବସ ୨୦୨୬ ଅବସରରେ କହିଛନ୍ତି। ଶନିବାର ଲୋକସେବା ଭବନ କନଭେନସନ୍ ସେଣ୍ଟରଠାରେ ଗରିମା ଦିବସ ଅବସରରେ ଏକ ଜାତୀୟ କର୍ମଶାଳା ଆୟୋଜିତ ହୋଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରତିବର୍ଷ ଅଗଷ୍ଟ ମାସର ଚତୁର୍ଥ ଶନିବାରକୁ ଗରିମା ଦିବସ ଭାବେ ପାଳନ କରିବା ପାଇଁ ଘୋଷଣା କରିଛନ୍ତି । ଏହି ଦିବସଟି ସଫେଇ କର୍ମୀଙ୍କୁ ଜୀବନକୁ ସୁରକ୍ଷିତ କରିବା ସହ ସେମାନଙ୍କ ସାମାଜିକ ସୁରକ୍ଷା ଓ ସମାଜରେ ସେମାନଙ୍କ ମର୍ଯ୍ୟାଦା ବୃଦ୍ଧି ପାଇଁ ସମର୍ପିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କର୍ମଶାଳାର ବିଷୟବସ୍ତୁ ରହିଥିଲା ମିଶନ୍ ଜିରୋ ସଫେଇ କାର୍ଯ୍ୟରେ ମୃତାହତ ଘଟଣାର ଅବସାନ। କର୍ମଶାଳାରେ ୮ଟି ରାଜ୍ୟର ସଫେଇ କ୍ଷେତ୍ରରେ କାର୍ଯ୍ୟରତ ଥିବା ବିଶେଷଜ୍ଞ, ଅଧିକାରୀଙ୍କ ସମେତ ସଫେଇ କର୍ମଚାରୀମାନେ ମଧ୍ୟ ଯୋଗ ଦେଇଛନ୍ତି। ଉପସ୍ଥିତ ବିଶେଷଜ୍ଞ, ଅଧିକାରୀ ଓ ପରିମଳ କର୍ମୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୧୪ ଅଗଷ୍ଟ ୧୫ରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ସ୍ୱଚ୍ଛତା ଭାରତର ଜାତୀୟ ବିକାଶର ପରିସୀମାଭୁକ୍ତ ହୋଇଥିଲା । ମୋଦୀଜୀଙ୍କ ନେତୃତ୍ୱରେ ସ୍ୱଚ୍ଛତା ଆଜି ଏକ ଜନ ଆନ୍ଦୋଳନରେ ପରିଣତ ହୋଇ ଦେଶର ଅର୍ଥନୀତି, ପ୍ରତିରକ୍ଷା ଏବଂ ବିଦେଶ ନୀତି ସହିତ ସମାନ ଗୁରୁତ୍ୱ ପାଇଛି । ପ୍ରଧାନମନ୍ତ୍ରୀ ନିଜେ ହାତରେ ଝାଡୁ ଧରି ସଫେଇ କର୍ମୀଙ୍କ ସାମାଜିକ ଉତ୍ଥାନର ପ୍ରତୀକ ସାଜିଲେ ଏବଂ ଦେଶବାସୀଙ୍କୁ ସନ୍ଦେଶ ଦେଲେ 'ସ୍ୱଚ୍ଛତା କୌଣସି ଛୋଟ କାମ ନୁହେଁ, ସ୍ୱଚ୍ଛତା ହେଉଛି ରାଷ୍ଟ୍ର ନିର୍ମାଣର କାମ'। ଉପସ୍ଥିତ ବିଶେଷଜ୍ଞ ଓ ମେସିନ ନିର୍ମାତାଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଡ୍ରୋନ୍ ଜରିଆରେ ଆମେ ଆମର ସୀମାର ସୁରକ୍ଷା କରୁଛୁ । ରୋବୋଟିକ୍ସ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ନୂଆ ଟେକ୍ନୋଲୋଜି ଉଦ୍ଭାବନ କ୍ଷେତ୍ରରେ ଭାରତ ଆଗକୁ ବଢ଼ୁଛି । ତେବେ ଆମେ ଏହିଭଳି ଟେକ୍ନୋଲୋଜିକୁ ଆମ ସଫେଇ କର୍ମଚାରୀଙ୍କ ସୁରକ୍ଷା ପାଇଁ କାହିଁକି ବ୍ୟବହାର କରିପାରିବା ନାହିଁ । ଭାରତ ସରକାରଙ୍କ ନମସ୍ତେ ଯୋଜନା ଜରିଆରେ ସଫେଇ କ୍ଷେତ୍ରରେ ମେସିନ ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି । ସଫେଇ କର୍ମୀଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ବିପଦ୍‌ଜନକ ସଫେଇ କାର୍ଯ୍ୟରେ ମେସିନ ବ୍ୟବହାର କରିବା ପାଇଁ ଆଜି ସମୟ ଆସିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୂର୍ବତନ ସଫେଇ କର୍ମୀ ସ୍ୱର୍ଗତ ପ୍ରତାପ ଦଳେଇଙ୍କ ପତ୍ନୀଙ୍କୁ ୧୦ ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରିଥିଲେ ଏବଂ କହିଥିଲେ କ୍ଷତି ପୂରଣ ଆମର ଲକ୍ଷ୍ୟ ନୁହେଁ, ଆମର ଲକ୍ଷ୍ୟ ହେଉଛି, ମୃତ୍ୟୁ ପରେ ସହାୟତା ନୁହେଁ, ମୃତ୍ୟୁ ପୂର୍ବରୁ ସୁରକ୍ଷା । ଦୁର୍ଘଟଣା ପରେ କ୍ଷତିପୂରଣ ନୁହେଁ, ଦୁର୍ଘଟଣା ପୂର୍ବରୁ ପ୍ରତିରୋଧ। ଆମେ ଚାହୁଁଛୁ, ବିପଦପୂର୍ଣ୍ଣ କାର୍ଯ୍ୟରତ ଆମର ଏହି କର୍ମଯୋଗୀ ମାନଙ୍କ ଜୀବନ ସୁରକ୍ଷିତ ରହୁ । ଏହା ହିଁ ହେଉଛି, ମିଶନ ଜିରୋର ଆଭିମୁଖ୍ୟ ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଧୁନିକ ଟେକ୍ନୋଲୋଜିଯୁକ୍ତ ମେସିନ ବ୍ୟବହାର ଓ ସୁରକ୍ଷା ଉପକରଣ ଉପରେ ଆୟୋଜିତ ଏକ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରି ବୁଲି ଦେଖିଥିଲେ । ସଫେଇ କର୍ମୀଙ୍କୁ ବାସଗୃହ ପାଇଁ ୱାର୍କ ଅର୍ଡର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ସାମାଜିକ ନ୍ୟାୟ ବିଭାଗର ସଚିବ ସୁଧାଂଶ ପନ୍ତ, ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅର୍ବାନ ମ୍ୟାନେଜମେଣ୍ଟ ସେଣ୍ଟର'ର ନିର୍ଦ୍ଦେଶିକା ମନ୍ୱିତା ବରାଡି ପ୍ରମୁଖ ବକ୍ତବ୍ୟ ରଖିଥିଲେ।



# ଏନ୍‌ଟିପିସି ପ୍ଲାଣ୍ଟରେ ବିସ୍ଫୋରଣ; ୫ ଗୁରୁତର

ଅନୁଗୋଳ/ତାଳଚେର ସହର/କଣିହାଁ,୨୨।୮ (ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ଏନଟିପିସି ତାପଜ ବିଦ୍ୟୁତ କେନ୍ଦ୍ର ୟୁନିଟ୍ ୧ ବଙ୍କର-ବିରେ ଶୁକ୍ରବାର ବିଳମ୍ବିତ ରାତିରେ ଭୟଙ୍କର ବିସ୍ଫୋରଣ ଘଟି ୫ ଠିକା ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ରଙ୍ଗବେଡ଼ାର ଖଗେଶ୍ୱର ସାହୁ, ତେଣ୍ଟେଇବେରେଣିର ଶୁକଦେବ ଭୁତିଆ, ତେଲିସିଂହାର ସୁଶାନ୍ତ ସାହୁ, କମରେଇର କିଶୋରି ପ୍ରଧାନ ଓ ନାଳମ ଗ୍ରାମର ବଳରାମ ନାଏକ। ଖଗେଶ୍ୱର ଓ ଶୁକଦେବଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ଭୁବନେଶ୍ୱର ସମ୍ ଅଲ୍‌ଟିମେଟ୍ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ସୁଶାନ୍ତ, କିଶୋରି ଓ ବଳରାମ ଏନଟିପିସି ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ସମସ୍ତଙ୍କ ଚିକିତ୍ସା ଖର୍ଚ୍ଚ ଏନଟିପିସି ବହନ କରିବ ବୋଲି କୁହାଯାଇଛି। ବିସ୍ଫୋରଣ କାରଣ ଜଣାପଡ଼ି ନ ଥିବା ବେଳେ ଏ ନେଇ ଉଚ୍ଚସ୍ତରୀୟ ତଦନ୍ତ ଜାରି ରହିଛି। ଖବର ପାଇ ଅନୁଗୋଳ ଜିଲ୍ଲା ବିଜେଡି ସଭାପତି ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଏନଟିପିସି ମେଡିକାଲରେ ପହଞ୍ଚି ଆହତ ଶ୍ରମିକମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଖଗେଶ୍ୱର ଓ ଶୁକଦେବଙ୍କୁ ମଧ୍ୟ ଉଚ୍ଚମାନର ଚିକିତ୍ସା ଯୋଗାଇଦେବାକୁ ସେ ଦାବି କରିଛନ୍ତି।

ଏନଟିପିସିରେ ବାରମ୍ବାର (୫ରୁ ଉର୍ଦ୍ଧ୍ୱ) ଦୁର୍ଘଟଣା ଘଟୁଥିଲେ ବି କର୍ତ୍ତୃପକ୍ଷ ସଠିକ୍ ତଦନ୍ତ ନ କରିବା ଏବଂ ସୁରକ୍ଷା ବ୍ୟବସ୍ଥାରେ ଅବହେଳା କରିବା ଅତ୍ୟନ୍ତ ଚିନ୍ତାଜନକ ବିଷୟ ପାଲଟିଛି। ବିଧାୟକ ପ୍ରଧାନ ଏହାକୁ ଦୃଢ଼ ବିରୋଧ କରିବା ସହ ଏନଟିପିସିର ଏଚଆର ନବନୀତ କୁମାର ଓ ପଙ୍କଜ କୁମାରଙ୍କୁ ତାଗିଦ କରିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ କରି ବିସ୍ଫୋରଣର ପ୍ରକୃତ କାରଣ ସାମ୍ନାକୁ ଆଣିବା ସହ ଆଗାମୀ ଦିନରେ ଯେପରି ଏପରି ଦୁର୍ଘଟଣା ନ ଘଟେ, ସେଥିପ୍ରତି କଠୋର ପଦକ୍ଷେପ ନେବାକୁ ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ତେବେ ବାରମ୍ବାର ଏନଟିପିସି ପ୍ଲାଣ୍ଟରେ ଏଭଳି ଦୁର୍ଘଟଣା ଘଟୁଥିବା ବେଳେ ଜିଲ୍ଲା ପ୍ରଶାସନ କାହିଁକି ନିରବଦ୍ରଷ୍ଟା ପାଲଟିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କିଛିଦିନ ତଳେ ଗୋଟିଏ ମାସ ଭିତରେ ତିନି ଥର ପାଉଁଶ ପାଇପ୍ ଫାଟିବା, ପ୍ଲାଣ୍ଟରେ ବାରମ୍ବାର ଅଗ୍ନିକାଣ୍ଡ, ବିସ୍ଫୋରଣ ଘଟିବା ସ୍ପଷ୍ଟ କରୁଛି ଯେ ସୁରକ୍ଷା ବ୍ୟବସ୍ଥାରେ ବ୍ୟାପକ ତ୍ରୁଟି ରହିଛି। କର୍ତ୍ତୃପକ୍ଷ କେବଳ ବାହାରକୁ ଚାକଚକ୍ୟ ଦେଖାଇ ଭିତର ବ୍ୟବସ୍ଥା ଉପରେ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଛି।



- ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ, ଭୁବନେଶ୍ୱର ସ୍ଥାନାନ୍ତର
- ଅବହେଳା କାରଣରୁ ବାରମ୍ବାର ଘଟୁଛି ଦୁର୍ଘଟଣା
- ଏନଟିପିସି ପ୍ରତି ଜିଲ୍ଲା ପ୍ରଶାସନର ଅହେତୁକ ପ୍ରୀତି

## ବଲଧା-ଖାଡିମୁଣ୍ଡା ବ୍ରିଜ ଅସ୍ଥାୟୀ କ୍ୟାମ୍ପରେ ଅଘଟଣ

# ସାପ କାମୁଡ଼ାରେ କାକା-ପୁତୁରାଙ୍କ ମୃତ୍ୟୁ

କଣ୍ଟାବାଞ୍ଜି/ଖଡ଼ିଆଳ/ସିନାପାଲି, ୨୨।୮ (ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଅଧୀନ ବଲଧା-ଖାଡିମୁଣ୍ଡା ଗାଁ ମୁଖ୍ୟ ରାସ୍ତାର ବ୍ରିଜ କାର୍ଯ୍ୟର ଅସ୍ଥାୟୀ କ୍ୟାମ୍ପରେ ଅଘଟଣ ଘଟିଛି। ରାତିରେ ଶୋଇଥିବା ବେଳେ ୩ ଜଣ ଶ୍ରମିକଙ୍କୁ ସାପ କାମୁଡ଼ି ଦେଇଛି। ଏଥିରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ନୂଆପଡା ଜିଲ୍ଲା ସିନାପାଲି ଥାନା ଚଚରାଭଟା ଗାଁର ଦଇତାରି ତାଣ୍ଡି (୪୦) ଓ ତାଙ୍କ ପୁତୁରା ଭରତ ତାଣ୍ଡ (୩୦)। ତୁଳସୀ ବଗର୍ତ୍ତୀ (୪୫) ନାମକ ଅନ୍ୟ ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ବଙ୍ଗୋମୁଣ୍ଡା ବ୍ଲକ୍ ବଲଧା-ଖାଡିମୁଣ୍ଡା ମୁଖ୍ୟ ରାସ୍ତାରେ ଏକ ବ୍ରିଜ୍ ନିର୍ମାଣ କାମ ଚାଲିଛି। ସେଠାରେ ଶ୍ରମିକମାନେ କ୍ୟାମ୍ପ କରି ରହୁଛନ୍ତି। ଶୁକ୍ରବାର ରାତିରେ ଶ୍ରମିକମାନେ ସବୁଦିନ ପରି ଖାଇ ପିଇ ସାରି ଶୋଇଥିଲେ। ଦୁର୍ଭାଗ୍ୟକୁ ୩ ଜଣଙ୍କୁ ସାପ କାମୁଡ଼ିଥିଲା। ଅନ୍ୟ ଶ୍ରମିକମାନେ ଏହା ଜାଣିବା ପରେ ସମସ୍ତଙ୍କୁ ପ୍ରଥମେ ନୂଆପଡା ଜିଲ୍ଲା ଖଡ଼ିଆଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ହେବାରୁ ପରେ ସମସ୍ତଙ୍କୁ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ପରୀକ୍ଷା କରି ୨ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ତୁଳସୀ ରାୟପୁର ସ୍ଥାନନ୍ତର ହୋଇଛନ୍ତି। ନୂଆପଡ଼ା ପୁଲିସ ଏକ ମାମଲା ରୁଜୁ କରିଛି ବ୍ୟବଚ୍ଛେଦ ପରେ ମୃତଦେହ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି।

**ଅନ୍ୟ ଜଣେ ଶ୍ରମିକ ଗୁରୁତର**

## ଆୟ ବହିର୍ଭୂତ ଓ ଦୁର୍ନୀତି ମାମଲା

# ଦିନକରେ ୩ ସରକାରୀ କର୍ମଚାରୀ, ଠିକାଦାର ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର ୨୨।୮ (ସମିସ): ଆୟ ବହିର୍ଭୂତ ଓ ଦୁର୍ନୀତି ମାମଲାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ଅସୀମ କୁମାର ଦଳବେହେରା ଓ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ବଦ୍ରିନାରାୟଣ ନନ୍ଦ ଏହି ଦୁଇଟି ମାମଲାର ବିଚାରକରି ରାୟ ଶୁଣାଇଛନ୍ତି। ଦୁଇଟି ମାମଲାରେ ୩ ଜଣ ସରକାରୀ କର୍ମଚାରୀ ଓ ଜଣେ ଠିକାଦାରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ସୂଚନା ଅନୁସାରେ, ଆୟ ବହିର୍ଭୂତ ସମ୍ପତ୍ତି (ଡିଏ) ମାମଲାରେ ଭୁବନେଶ୍ୱର ସରକାରୀ ଡ୍ରାଇଭିଂ ଟ୍ରେନିଂ ସ୍କୁଲର ପୂର୍ବତନ ପ୍ରିନ୍ସିପାଲ ପ୍ରଭାକର ବେହେରାଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରିଥିଲା। ତାଙ୍କ ଠାରୁ ବିପୁଳ ପରିମାଣର ସମ୍ପତ୍ତି ଜବତ କରାଯାଇଥିଲା। ପ୍ରଭାକରଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ୍ ୧୯୮୮ର ଧାରା ୧୩(୨) ଓ ୧୩(୧)(ଇ) ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ଭିଜିଲାନ୍ସର ପୂର୍ବତନ ଇନ୍ସପେକ୍ଟର ବିଭୁଦେନ୍ଦୁ ସାହୁ ଘଟଣାର ତଦନ୍ତ କରି ଆୟ ଠାରୁ ଅଧିକ ସମ୍ପତ୍ତି ରଖିଥିବା ପ୍ରଭାକରଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ଭୁବନେଶ୍ୱର ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ଶ୍ରୀ ଦଳବେହେରା ମାମଲାର ବିଚାରକରି ପ୍ରଭାକରଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା ଶୁଣାଇଛନ୍ତି। ଦୋଷୀ ସାବ୍ୟସ୍ତ ହେବା ପରେ ପ୍ରଭାକରଙ୍କ ପେନ୍‌ସନ୍ ବନ୍ଦ କରିବା ପାଇଁ ଭିଜିଲାନ୍ସ ପକ୍ଷରୁ ପଦକ୍ଷେପ ନିଆଯିବ। ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ଗିରିଜା ପଟ୍ଟନାୟକ ଓ ପବ୍ଲିକ୍ ପ୍ରୋସିକ୍ୟୁଟର ଚନ୍ଦ୍ରକାନ୍ତ ଦାସ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

ସେହିପରି ନୂଆପଡ଼ା ଜିଲ୍ଲା ଖରିଆର ଏନ୍‌ଏସି ଅଞ୍ଚଳରେ ରାସ୍ତା ଉନ୍ନତୀକରଣ ଓ ସିସି କାର୍ଯ୍ୟରେ ଦୁର୍ନୀତିର ଗନ୍ଧ ବାରିଥିଲା ଭିଜିଲାନ୍ସ। ଭିଜିଲାନ୍ସର ପୂର୍ବତନ ଇନ୍ସପେକ୍ଟର ସୁରେନ୍ଦ୍ରନାଥ ରାଇଗୁରୁ ମାମଲାର ତଦନ୍ତ କରି ଖରିଆର ଏନ୍‌ଏସିର ପୂର୍ବତନ ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ତ୍ରିପାଠୀ, ପୂର୍ବତନ କନିଷ୍ଠ ଯନ୍ତ୍ରୀ ଜୟନ୍ତ ନାରାୟଣ ପଣ୍ଡା ଓ ଠିକାଦାର ପ୍ରସନ୍ନ କୁମାର ମହାଣାଙ୍କୁ ଗିରଫ କରିଥିଲା। ଶ୍ରୀ ରାଇଗୁରୁ ମାମଲାର ତଦନ୍ତ କରି ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ଭବାନୀପାଟଣା ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ଶ୍ରୀ ନନ୍ଦ ମାମଲାର ଏହି ଦୁର୍ନୀତି ମାମଲାର ବିଚାରକରି ୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଲେଖାଏଁ କାରାଦଣ୍ଡ ସହ ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ତ୍ରିପାଠୀ ଓ ପୂର୍ବତନ କନିଷ୍ଠ ଯନ୍ତ୍ରୀ ଜୟନ୍ତ ନାରାୟଣ ପଣ୍ଡାଙ୍କ ପେନ୍‌ସନ୍ ବନ୍ଦ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ପିପି ସୁଧୀର କୁମାର ପଣ୍ଡା ଓ ଇମ୍ରାନ ଖାନ ମିଳିତ ଭାବେ ଏହି ମାମଲାକୁ ପରିଚାଳନା କରୁଥିଲେ।

**ପେନ୍‌ସନ୍ ବନ୍ଦ ପାଇଁ ପଦକ୍ଷେପ ନେବ ଭିଜିଲାନ୍ସ**

# ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ଓଡ଼ିଶାରୁ ଦୁଇ ମନୋନୀତ

ଭୁବନେଶ୍ୱର, ୨୨।୮ (ସମିସ): ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ଚଳିତ ବର୍ଷ ୪୮ ଜଣ ଶିକ୍ଷକ ମନୋନୀତ ହୋଇଛନ୍ତି। ସରକାରୀ ବିଦ୍ୟାଳୟ ଶିକ୍ଷା ଏବଂ ସାକ୍ଷରତା କ୍ଷେତ୍ରରେ ଅବଦାନ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସେମାନଙ୍କ ନାମ ଘୋଷଣା କରିଛନ୍ତି। ତନ୍ମଧ୍ୟରେ ଓଡ଼ିଶାରୁ ଜଗତସିଂହପୁର ଜିଲ୍ଲା ଅଳିପିଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦରାଜ ଉମାକାନ୍ତ ନାୟକ ଏବଂ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ମହମ୍ମଦ ଜଫର୍ ଆଲାମ୍ ସ୍ଥାନ ପାଇଛନ୍ତି। ଆସନ୍ତା ସେପ୍ଟେମ୍ବର ୫ ତାରିଖ ଗୁରୁଦିବସ ଅବସରରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ରାଷ୍ଟ୍ରପତି ତାଙ୍କୁ ପୁରସ୍କୃତ କରିବେ। ସମ୍ମାନ ସ୍ୱରୂପ ସେମାନଙ୍କୁ ନଗଦ ୫୦ ହଜାର ଟଙ୍କାର ଅର୍ଥରାଶି ସହ ରୌପ୍ୟ ତାରକସୀର ସ୍ମାରକୀ ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ଦେଶର କିଛି ଉତ୍କୃଷ୍ଟ ଶିକ୍ଷକଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦେବା ଏବଂ ସମ୍ମାନିତ କରିବା ଉଦ୍ଦେଶ୍ୟରେ ବିଦ୍ୟାଳୟ ଶିକ୍ଷା ଏବଂ ସାକ୍ଷରତା ମନ୍ତ୍ରାଳୟ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଉଛି। ନିଜର ପ୍ରତିବଦ୍ଧତା ଏବଂ ସମର୍ପଣ ମାଧ୍ୟମରେ ବିଦ୍ୟାଳୟ ଶିକ୍ଷାର ଗୁଣବତ୍ତା ବଢ଼ାଇବା ସହ ଛାତ୍ରଛାତ୍ରୀଙ୍କ ଜୀବନକୁ ପରିବର୍ତ୍ତନ କରିପାରିଥିବା ଶିକ୍ଷକଙ୍କୁ ସମ୍ମାନିତ କରିବା ପାଇଁ ଚୟନ କରାଯାଇଛି। ଚୟନ ହୋଇଥିବା ଶିକ୍ଷକଙ୍କ ମଧ୍ୟରେ ୨୭ଟି ରାଜ୍ୟ, ୭ଟି କେନ୍ଦ୍ରଶାସିତ ଅଞ୍ଚଳ ଏବଂ ୬ଟି କେନ୍ଦ୍ର ସରକାରୀ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରି ରହିଛନ୍ତି। ତାଲିକାରେ ୨୬ ଜଣ ଶିକ୍ଷକ ଓ ୨୨ ଜଣ ଶିକ୍ଷୟିତ୍ରୀ ଅଛନ୍ତି।

# ଇନ୍ସପେକ୍ଟରଙ୍କୁ ଧମକ ଦେଇ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ଗିରଫ

ବ୍ରହ୍ମପୁର୨୨।୮ (ସମିସ): ଶିଶୁ ଶ୍ରମିକ ଉଦ୍ଧାର ପାଇଁ ପୁଲିସର ଚଢ଼ଉ ବେଳେ ପୁଲିସ ଟିମ୍‌କୁ ବିରୋଧ କରିବା ସହ ଉଦ୍ଧାର ଦୁଇ ନାବାଳକଙ୍କୁ ପୁଲିସ ନିକଟରୁ ଛଡ଼ାଇ ନେବାକୁ ଉଦ୍ୟମ। ଏପରିକି ଡ୍ୟୁଟିରେ ଥିବା ପୁଲିସ ଇନ୍ସପେକ୍ଟରଙ୍କୁ ମଧ୍ୟ ଗାଳିଗୁଲଜ ଓ ଧମକ ଦେବା ଅଭିଯୋଗରେ ଗୋପାଳପୁର ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଗଞ୍ଜାମ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ବି. ସୋମନାଥ ପାତ୍ର(୩୫)।

ପୁଲିସ ସୂତ୍ରରୁ ପ୍ରକାଶ, ଶିଶୁ ଶ୍ରମିକ, ଶିଶୁ ଚାଲାଣ ଓ ଏଥି ସମ୍ପର୍କିତ ଅପରାଧ ଚିହ୍ନଟ କରିବା ପାଇଁ ବ୍ରହ୍ମପୁର ଆଇଏଚ୍‌ଟିୟୁର ଇନ୍ସପେକ୍ଟର ସୌଭାଗ୍ୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଶୁକ୍ରବାର ଗୋପାଳପୁର ଥାନା ଅଞ୍ଚଳରେ ଚଢ଼ଉ କରିଥିଲା। ଦିନ ପ୍ରାୟ ୧ଟା ୧୦ମିନିଟରେ ଟିମ୍ ଗୋପାଳପୁର ଥାନା ଅଧୀନ ରଙ୍ଗେଇଲୁଣ୍ଡା ବଜାରସ୍ଥିତ "ପଣ୍ଡା ହୋଟେଲ'ରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ହୋଟେଲରେ ଦୁଇଜଣ ନାବାଳକ କାମ କରୁଥିବା ପୁଲିସ ଦେଖିବାକୁ ପାଇଥିଲା। ସେମାନେ ଗ୍ରାହକଙ୍କୁ ଖାଦ୍ୟ ପରିବେଷଣ କରିବା ସହ ହୋଟେଲର ଅନ୍ୟାନ୍ୟ କାମ କରୁଥିଲେ। ପୁଲିସ ଦୁଇ ନାବାଳକଙ୍କୁ ଉଦ୍ଧାର କରିଥିଲା। ଉଦ୍ଧାର ଦୁଇ ନାବାଳକଙ୍କ ମଧ୍ୟରୁ ଜଣଙ୍କ ବୟସ ପ୍ରାୟ୧୫ବର୍ଷ ଓ ଅନ୍ୟଜଣଙ୍କ ବୟସ ପ୍ରାୟ୧୭ବର୍ଷ ବୋଲି ଜଣାପଡିଛି।

**ଖଣିମନ୍ତ୍ରୀଙ୍କ ଛାୟା ମନ୍ତ୍ରୀମଣ୍ଡଳରେ କ୍ରୀଡ଼ା, ଯୁବ ବ୍ୟାପାର ଓ ସଂସ୍କୃତି ବିଭାଗ ଦାୟିତ୍ୱରେ ଥିଲେ ସୋମନାଥ**

## ଖାକିରେ କଳଙ୍କ

# ସ୍ତ୍ରୀକୁ ନିର୍ଯାତନା, ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ ଅଭିଯୋଗ

## ପୁଲିସ ସବ୍‌ଇନ୍ସପେକ୍ଟର କୋର୍ଟ ଚାଲାଣ, ନାରୀନେତ୍ରୀ, ଓକିଲ ସମେତ ୭ ଜଣଙ୍କ ନାମରେ ମାମଲା

ବାରିପଦା,୨୨।୮ (ସମିସ): ଫେସବୁକ୍‌ରୁ ପ୍ରେମ, ପରେ ବିବାହ ଓ ପ୍ରତାରଣା। କେବଳ ସେତିକି ନୁହେଁ; ପତ୍ନୀଙ୍କୁ ନିର୍ଯାତନା ସହିତ ହତ୍ୟା ଉଦ୍ୟମ ଅଭିଯୋଗରେ ଜଣେ ପୁଲିସ ସବଇନ୍ସପେକ୍ଟରଙ୍କୁ ଗିରଫ କରି ବାରିପଦା ଟାଉନ ପୁଲିସ ଶନିବାର କୋର୍ଟ ଚାଲାଣ କରିଛି। ସେ ବାରିପଦା ଟାଉନ ଥାନାର କାର୍ଯ୍ୟରତ ସବଇନ୍ସପେକ୍ଟର ତଥା କେନ୍ଦୁଝର ଜିଲ୍ଲା ବଣିଆପାଟ ଅଞ୍ଚଳର ପ୍ରଭାତ କୁମାର ନାୟକ। ଏଥିସହ ନାରୀନେତ୍ରୀ, ଓକିଲଙ୍କ ସମେତ ୭ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ପୁରୀ ଜିଲ୍ଲା ବ୍ରହ୍ମଗିରିର କାଳିକାବାଡି ଅଞ୍ଚଳର ସଜନୀ ବିଶ୍ୱାଳଙ୍କ ସହ ପ୍ରଭାତଙ୍କ ଫେସବୁକରୁ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଧୀରେ ଧୀରେ ଏହି ସମ୍ପର୍କ ନିବିଡ଼ ହେବା ପରେ ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ରହିଥିଲା। ପରେ ଯୁବତୀ ଜଣକ ବିବାହ କରିବାକୁ ଜିଦ ଧରିବାରୁ ପ୍ରଭାତ ଏଥିରେ ରାଜି ହୋଇ ନ ଥିଲେ। ଅର୍ଥାଭାବ ଯୋଗୁଁ ବିବାହ କରିବା ସମ୍ଭବ ହେଉ ନ ଥିବାରୁ ପ୍ରଭାତ ୧୦ ଲକ୍ଷ ଟଙ୍କା ଓ ୨୦ ଭରି ସୁନା ଗହଣା ଯୌତୁକ ଆକାରରେ ଦାବି କରିଥିଲେ। ଏହାକୁ ନେଇ ସଜନୀ ବିଭିନ୍ନ ସମୟରେ ୧ ଲକ୍ଷ ୭୯ ହଜାର ୮୫୭ ଟଙ୍କା ପ୍ରଭାତକୁ ଦେଇଥିଲେ ଓ ପରବର୍ତ୍ତୀ ସମୟରେ ୭ ଲକ୍ଷ ଟଙ୍କାର ସୁନାଗହଣା କିଣିଥିବା ରସିଦ ଦେଖାଇବା ପରେ ପ୍ରଭାତ ଯୋଗାଯୋଗ ବନ୍ଦ କରିଥିଲେ। ଯାହାକୁ ନେଇ ୨୦୨୬ ଏପ୍ରିଲ ୧ ତାରିଖରେ ସଜନୀ ବାରିପଦା ଟାଉନ ଥନାରେ ପହଞ୍ଚି ପ୍ରଭାତଙ୍କୁ ଦେଖା କରିବା ପରେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଆରକ୍ଷୀ ଅଧୀକ୍ଷକ, ଏସଡିପିଓ, ରିଜର୍ଭ ଇନ୍ସପେକ୍ଟର ଓ ଥାନା ଆଇଆଇସିଙ୍କ ନିକଟରେ ଜଣାଇବାକୁ କହିବାରୁ ପ୍ରଭାତ ୨୦୨୬ ଜୁନ୍ ୧୨ ତାରିଖରେ କୁଳିଅଣାସ୍ଥ ରାଧାକୃଷ୍ଣ ମନ୍ଦିରରେ ବୈଦିକ ରୀତିନୀତିରେ ବିବାହ କରିଥିଲେ। ବିବାହ ପରେ ପ୍ରଭାତ ନିଜ ଘରକୁ ନ ନେଇ ସ୍ତ୍ରୀକୁ ଏକାକୀ ଛାଡି ଦେଇଥିଲେ। ସ୍ତ୍ରୀ ସଜନୀ ଏକ ହୋଟେଲରେ ରହିବା ପରେ ଅର୍ଥାଭାବରୁ ରଣା ମେସରେ ରହିଥିଲେ। ତେବେ ସଜନୀ ସ୍ୱାମୀ ପ୍ରଭାତ ସହିତ ରହିବା ପାଇଁ ବାରମ୍ବାର ନିବେଦନ କରୁଥିଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ ତାଙ୍କୁ ଅବହେଳା କରୁଥିଲେ। ଏଥିରେ ସ୍ତ୍ରୀ ମାନସିକ ଭାରସାମ୍ୟ ହରାଇ ବାରିପଦାର ଜଣେ ନାରୀନେତ୍ରୀଙ୍କ କଥାରେ ପଡି ଆତ୍ମାହୁତି ଉଦ୍ୟମ କରିଥିଲେ । ଏଥିରେ ସେ ଗୁରୁତର ହୋଇ ଚିକିତ୍ସା ପରେ ସୁସ୍ଥ ହୋଇଥିଲେ। ପରବର୍ତ୍ତୀ ସମୟରେ ପ୍ରଭାତ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀକୁ ସର୍ଭିସ ବନ୍ଧୁକରେ ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଏପରିକି ବାପ ଘରୁ ୧୦ ଲକ୍ଷ ଟଙ୍କା ଆଣିବାକୁ ବାଧ୍ୟ କରିଥିଲେ। ଏଥିରେ ଅସମର୍ଥ ହୋଇ ସଜନୀ ଶଶୁର ଘରକୁ ଯିବାରୁ ପରିବାର ଲୋକେ ପାଗଳ କହି ମାରପିଟ କରିବା ସହ ଘରୁ ତଡ଼ି ଦେଇଥିଲେ। ଏହି ଘଟଣାକୁ ନେଇ କେନ୍ଦୁଝର ଟାଉନ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଉଭୟଙ୍କୁ ଡାକି ଘଟଣାର ସମାଧାନ କରିବା ସହିତ ସ୍ତ୍ରୀ ବୋଲି ଲିଖିତ ଭାବେ ପ୍ରଭାତ ସ୍ୱୀକାର କରିଥିଲେ। ଜୁଲାଇ ୨ ତାରିଖରେ ଉଭୟ ବାରିପଦା ଆସିବା ପରେ ସଜନୀ କୋର୍ଟ ବିବାହ କରିବାକୁ କହିଥିଲେ। ମାତ୍ର ପ୍ରଭାତ କୋର୍ଟ ବିବାହ କରିବାକୁ ରୋକଠୋକ ମନା କରିବା ସହ ଭଦ୍ରକର ଜଣେ ଯୁବତୀକୁ ବିବାହ କରିବେ ବୋଲି କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହେବା ପରେ ପ୍ରଭାତ ସ୍ତ୍ରୀ ସଜନୀର ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। କୌଶଳକ୍ରମେ ସଜନୀ ସେଠାରୁ ଜୀବନ ବଞ୍ଚାଇ ବାରିପଦା ଟାଉନ ଥାନାରେ ଉପରୋକ୍ତ ସମସ୍ତ ଘଟଣା ଲିଖିତ ଅଭିଯୋଗ କରିବା ସହିତ ଦୁଷ୍କର୍ମ ଅଭିଯୋଗ କରିଥିଲେ। ଉକ୍ତ ଘଟଣାକୁ ଚପାଇବା ପାଇଁ ବାରିପଦାର ଜଣେ ମହିଳା ପାୟଲ ରାୟ ଓ ତାଙ୍କ ସ୍ୱାମୀ ସିଦ୍ଧାର୍ଥ ରାୟ, ଆଇନଜୀବୀ ମୋତି ପ୍ରକାଶ ଦାସ, ଶଶୁର, ଶାଶୂ, ଦେଢ ଶଶୁର, ଯାଆ ୭ ଜଣ ମିଳିତ ଭାବେ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗରେ ଦର୍ଶାଯାଇଛି। ଯାହାକୁ ନେଇ ପୁଲିସ ତଦନ୍ତ ଜାରି ରଖିଛି। ଏ ସଂକ୍ରାନ୍ତରେ ପ୍ରଭାତ କହିଛନ୍ତି, ପ୍ରେମ, ବିବାହ, ପ୍ରତାରଣା, ନିର୍ଯ୍ୟାତନା ଓ ହତ୍ୟା ଉଦ୍ୟମ ଭଳି ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ସ୍ୱାମୀସ୍ତ୍ରୀ ମଧ୍ୟରେ ମତାନ୍ତର ଓ ମନାନ୍ତର ରହିଛି। ଅର୍ଥାଭାବ ଯୋଗୁଁ ମୁଁ ସ୍ତ୍ରୀକୁ ଭଡ଼ା ଘରେ ରଖିପାରୁ ନ ଥିଲି। ବାରମ୍ବାର ସ୍ତ୍ରୀ ସଜନୀ ଆତ୍ମହତ୍ୟା ଧମକ ଦେଉଥିଲେ। ତେବେ ଘଟଣାର ତଦନ୍ତ ସମୟରେ ସମ୍ପୂର୍ଣ୍ଣ ସହଯୋଗ କରିବି ବୋଲି କହିଛନ୍ତି। ଏସଡିପିଓ ପ୍ରଭାତ କୁମାର ମଲ୍ଲିକ କହିଛନ୍ତି, ଅଭିଯୋଗ ଅନୁଯାୟୀ ବିଭିନ୍ନ ଦଫାରେ ମାମଲା ରୁଜୁ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଘଟଣାର ତଦନ୍ତ ପରେ ସମସ୍ତ ଘଟଣା ଜଣାପଡିବ ବୋଲି କହିଛନ୍ତି।





# ଭାରତୀୟ ଯବାନ ପିନ୍ଧିବେ ଯାଜପୁର ରାକ୍ଷୀ

ଯାଜପୁର,୨୨।୮ (ସମିସ):



ଆସୁଛି ସ୍ନେହ ଓ ବନ୍ଧନର ପର୍ବ ରକ୍ଷାବନ୍ଧନ। ଭଉଣୀ ନିଜର ସୁରକ୍ଷା ପାଇଁ ଭାଇ ହାତରେ ବାନ୍ଧେ ରାକ୍ଷୀ। କିନ୍ତୁ ଯେଉଁମାନେ ଦେଶ ମାତୃକାର ଦିନରାତି ରକ୍ଷା କରୁଛନ୍ତି ସେମାନଙ୍କ ହାତରେ ରାକ୍ଷୀ ବାନ୍ଧିବା ପାଇଁ ଆଗେଇ ଆସିଛନ୍ତି କଲେଜ ଛାତ୍ରୀ। ସେହି ବୀର ଯବାନମାନଙ୍କୁ ବଡ଼ଭାଇର ସମ୍ମାନ ଜଣାଇ ଏଭଳି କିଛି ନିଆରା ପ୍ରୟାସ କରିଛନ୍ତି ଯାଜପୁର ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ବୈତରଣୀ ଛାତ୍ରୀ ନିବାସରେ ରହୁଥିବା ଛାତ୍ରୀମାନେ। ରାକ୍ଷୀ ଦୋକାନରୁ ନିଜ ମନ ପସନ୍ଦର ରାକ୍ଷୀ କିଣି ସୀମାରେ ରହୁଥିବା ଯବାନଙ୍କ ପାଖକୁ ଡାକ ଯୋଗେ ପଠାଇ ସୃଷ୍ଟି କରିଛନ୍ତି ନୂଆ ଉଦାହରଣ। ରାକ୍ଷୀପୂର୍ଣ୍ଣିମାକୁ ଅପେକ୍ଷା କରିରହିଥାନ୍ତି ପ୍ରତ୍ୟେକ ଭାଇ ଓ ଭଉଣୀ। ଭଉଣୀ ନିଜର ସୁରକ୍ଷା ପାଇଁ ଭାଇର ହାତରେ ରାକ୍ଷୀ ବାନ୍ଧେ। କିନ୍ତୁ ଯେଉଁ ମାନେ ଦେଶର ସୁରକ୍ଷା ପାଇଁ ଦିନ ରାତି କାମ କରି ଏହି ରାକ୍ଷୀ ବାନ୍ଧିବା ସୁଯୋଗରୁ ବଞ୍ଚିତ ହୋଇଥାନ୍ତି। ସେହି ମାନଙ୍କ ଅବଦାନକୁ ମନେ ପକେଇବା ପାଇଁ ଛାତ୍ରୀମାନେ ଯବାନମାନଙ୍କୁ ନିଜର ପ୍ରକୃତ ଭାଇ ଭାବେ ସ୍ୱୀକାର କରି ଏଭଳି ଏକ ଉଦ୍ୟମ କରିଛନ୍ତି। ଏହି ରାକ୍ଷୀ ପଠାଇ ଯବାନମାନଙ୍କୁ ସେମାନଙ୍କ ମନୋବଳ ବୃଦ୍ଧି କରିବାକୁ ଉଦ୍ୟମ କରିଛନ୍ତି। କେବଳ ଚଳିତ ବର୍ଷ ନୁହେଁ ପ୍ରତିବର୍ଷ ଯାଜପୁର ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ବୈତରଣୀ ଛାତ୍ରୀ ନିବାସରେ ରହୁଥିବା ଛାତ୍ରୀମାନେ ଏଭଳି ରାକ୍ଷୀ ପଠାଇବେ ବୋଲି କହିଛନ୍ତି। ଯାହାକୁ ଛାତ୍ରୀ ନିବାସର ତତ୍ତ୍ୱାବଧିକା ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ସାହୁ ମଧ୍ୟ ସହଯୋଗ କରିଛନ୍ତି।

**କବାଟବନ୍ଦ:** ସଚେତନ ନାଗରିକ ମଞ୍ଚ ଯାଜପୁରର ଆବାହକ ସରୋଜ ବେହେରାଙ୍କ ନେତୃତ୍ୱରେ ଅନୁପୂର୍ଣ୍ଣା ଶିଶୁ ସୁରକ୍ଷା କେନ୍ଦ୍ର ଓ ଶକ୍ତିସଦନ ଗୃହ ପକ୍ଷରୁ ସେନା କାର୍ଯ୍ୟାଳୟକୁ ରାକ୍ଷୀ ପଠାଯାଇଛି। ଦେଶର ସୁରକ୍ଷାରେ ନିୟୋଜିତ ସେନା କର୍ମଚାରୀ ମାନଙ୍କୁ ଓଡ଼ିଶାର ଏହି ଅନନ୍ୟ ପରମ୍ପରା ଏବଂ ସ୍ନେହର ବନ୍ଧନକୁ ବୃଦ୍ଧି କରିବା ସହିତ ବୀର ଯବାନଙ୍କ ମନୋବଳ ବୃଦ୍ଧି କରିବା ପାଇଁ ଅନୁଷ୍ଠାନର କୁନି କୁନି ପିଲା ମାନଙ୍କ ତରଫରୁ ନିଜ ହାତରେ ରାକ୍ଷୀ ତିଆରି କରି ବୀର ଯବାନମାନଙ୍କ ନିକଟକୁ ପଠାଉଛନ୍ତି। ଓଡ଼ିଶାର ଏହି ସ୍ୱତନ୍ତ୍ର ପର୍ବ ତଥା ଭାଇଭଉଣୀର ପବିତ୍ର ସମ୍ପର୍କକୁ ଘର ଏବଂ ନିଜ ପରିବାର ଓ ଭଉଣୀପାଖରୁ ଦୂରରେ ରହୁଥିବା ଯବାନଭାଇଙ୍କୁ ଏହା ବେଶ ଆନନ୍ଦ ଅନୁଭବ କରିବ ବୋଲି ସଚେତନ ନାଗରିକ ମଞ୍ଚର ଆବାହକ ସରୋଜ ବେହେରା କହିଛନ୍ତି।

## ବଲେରୋକୁ ପିଟି ରାସ୍ତା ତଳକୁ ଖସିଲା କାର୍

ପାଣିକୋଇଲି,୨୨।୮ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଅଡେଇବାଟିଆ ଛକ ନିକଟରେ ଆଜି ଅପରାହ୍ନରେ ଏକ କାର ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇ ବଲୋରୋ ସହ ଧକ୍କା ଖାଇ ରାସ୍ତା ତଳକୁ ଖସିପଡିଥିବା ଜଣାପଡିଛି। ପ୍ରକାଶଯେ ଏକ ବ୍ରିଜା କାର (ଓଡିଠ ୬ଯୁ ୬୮୫୫) ପାଣିକୋଇଲି ପଟୁ ଯାଜପୁରରୋଡ଼୍ ଯାଉଥିବା ବେଳେ ଅଡେଇବାଟିଆ ଛକ ନିକଟରେ ପ୍ରଥମେ ଡିଭାଇଡରେ ପିଟି ହୋଇଥିଲା। ଡିଭାଇଡରରେ ପିଟି ହେବା ପରେ ପାଣିକୋଇଲିରୁ ରୋଗୀ ନେଇ ଯାଉଥିବା ଏକ ବଲୋରୋ ରାସ୍ତା କଡରେ ଅଟକି ଥିବା ବେଳେ ତାକୁ ଧକ୍କା ଦେଇ ରାସ୍ତା କଡକୁ ଖସିଯାଇଥିଲା। ବଲୋରୋ ଥିବା ରୋଗୀ ଓ ସହଯାତ୍ରୀ ବର୍ତ୍ତିଯାଇଥିବା ବେଳେ କାରର ବେଲୁନ ବାହାରିବାରୁ ଚାଳକ ବର୍ତ୍ତି ଯାଇଥିଲା। ଖବରପାଇ ପାଣିକୋଇଲି ପୁଲିସ ପହଞ୍ଚି କାରକୁ ଜବତ କରିଥିବା ବେଳେ ଚାଳକ ଫେରାର ହୋଇଯାଇଛି।


## ଘରେପଶି ଲୁଟିନେଲେ ସୁନା ଗହଣା

ଧର୍ମଶାଳା,୨୨।୮ (ସମିସ): ଧର୍ମଶାଳା ଥାନା ଅଧୀନ ଅଭୟପୁର ଗ୍ରାମରେ ଗତ ଗୁରୁବାର ରାତିରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ରାତିରେ ଘରେ ସମସ୍ତେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ଘରେ ପଶି ସୁନା ଗହଣା ଓ ୩ ଗୋଟି ମୋବାଇଲ ଫୋନ ସମେତ ଅନ୍ୟାନ୍ୟ ସାମଗ୍ରୀ ଲୁଟିନେଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ଅଭୟପୁର ଗ୍ରାମର ଶରତ ଚନ୍ଦ୍ର ସ୍ୱାଇଁଙ୍କ ଘରେ ଗତକାଲି ରାତିରେ ପରିବାର ଲୋକେ ଶୋଇଥିଲେ। ଏହି ସମୟରେ କେଉଁଣେ ଦୁର୍ବୃତ୍ତ ଘରେ ପଶି ଆଲମିରା ଭାଙ୍ଗି ସୁନା ଗହଣା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଥିଲେ। ପରିବାର ଲୋକେ ସକାଳେ ଘଟଣା ସଂପର୍କରେ ଜାଣିବା ପରେ ଧର୍ମଶାଳା ଥାନାକୁ ଜଣାଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

## ପ୍ରାକ୍ତନ ଜଳସଂପଦ ଅଧିକାରୀଙ୍କ ସ୍ମୃତିସଭା

ଯାଜପୁର,୨୨।୮ (ସମିସ): ସ୍ଥାନୀୟ ଅକରପଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଆନ୍ଦୋଳା ଗ୍ରାମରେ ଯାଜପୁର ଜଳସଂପଦ ବିଭାଗର ଅବସରପ୍ରାପ୍ତ ଅଧିକାରୀ ନନ୍ଦକିଶୋର ନାୟକ ଓ ତାଙ୍କ ପତ୍ନୀ ହେମପ୍ରଭା ନାୟକଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ଘନ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ 'ଯଜ୍ଞପ୍ରଭା'ର ସଂପାଦକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ମୁଖ୍ୟଅତିଥି, 'ବିରଜାଜ୍ୟୋତି'ର ସଂପାଦକ ଡ. ଜ୍ଞାନରଞ୍ଜନ ପତି ମୁଖ୍ୟବକ୍ତା, ଭାରତୀୟ ବାୟୁସେନାର ପ୍ରାକ୍ତନ ଅଧିକାରୀ ସିତେଶ କୁମାର ପଣ୍ଡା ବିଶିଷ୍ଟ ଅତିଥି, ସମାଜସେବୀ ଦେବେନ୍ଦ୍ର କୁମାର ପଣ୍ଡା, ଶିକ୍ଷାବିତ ସୁରେନ୍ଦ୍ର ରାୟ, ଦେବ କୁମାର ରାଉତରାୟ, ସମ୍ମାନନୀୟ ଅତିଥିଭାବେ ଯୋଗଦେଇ ସ୍ୱର୍ଗୀୟ ନାୟକ ଦମ୍ପତିଙ୍କ ବହୁମୁଖୀ ପ୍ରତିଭାର ସ୍ମୃତି.ରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାଙ୍କ ଜ୍ୟେଷ୍ଠକନ୍ୟା କଲ୍ୟାଣୀ ପରିଡ଼ା, ସାହିତ୍ୟିକ ନାରାୟଣ ସାମଲ, ଓ ସମାଜସେବୀ ବିଜୟ କୁମାର ପରିଡ଼ା ପ୍ରମୁଖ ଆମ ଅଞ୍ଚଳ ପ୍ରତି ତାଙ୍କର ଅବଦାନ ସଂପର୍କରେ ଆଲୋଚନା କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ସ୍ମୃତି କମିଟିର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲାବେଳେ ସମାଜସେବୀ ସୁଧୀର କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ସୁମନ୍ତ ମହାରଣାଙ୍କ ଅକାଳ ବିୟୋଗ



ଧର୍ମଶାଳା,୨୨।୮ (ସମିସ): ଧର୍ମଶାଳା ବ୍ଲକ କୁମାରୀ ଗ୍ରାମର ସ୍ୱର୍ଗତ ନାରାୟଣ ମହାରଣାଙ୍କ ସାନପୁଅ ସୁମନ୍ତ ମହାରଣା (୬୦) ଙ୍କ ବିୟୋଗ ଘଟିଛି। ସେ କିଛି ଦିନ ହେଲା ମସ୍ତିଷ୍କ ଆଘାତରେ ଶିକାର ହୋଇ ପକ୍ଷଘାତରେ ପୀଡ଼ିତ ଥିଲେ। କଟକ ଏସ୍‌ସିବିରେ ଚିକିତ୍ସିତ ହୋଇ ଘରକୁ ଫେରି ଏଠାରେ ଥିଲେ। ପୁନର୍ବାର ଷ୍ଟ୍ରୋକ୍ ହେବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ପରଲୋକ ଖବର ଜଣାପଡିବା ପରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ତାଙ୍କ ବାସଭବନରେ ଶେଷ ଦର୍ଶନ କରି ଶୋକ ସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେଇଛନ୍ତି। ସେହିପରି ସମାଜସେବୀ କାହ୍ନୁ ବରଣ ଦାସ, ସାମ୍ବାଦିକ ଇନ୍ଦ୍ରମଣି ନାୟକ, କଂଗ୍ରେସ ନେତା କିଷାନ ପଣ୍ଡା, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଶତପଥୀ, ବାବୁରାମ ସାମଲ ଓ ମନୋଜ କୁମାର ଦାସ ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗ ଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ ଝିଅ ପ୍ରାଚୀ ମୁଖାଗ୍ନି ଦେଇଥିଲେ।

## ଜାରକାରେ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ




ଧର୍ମଶାଳା,୨୨।୮ (ସମିସ): ଧର୍ମଶାଳା ବ୍ଲକ୍ ଜାରକାସ୍ଥିତ ବିରଜା ମଣ୍ଡପରେ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଚାଣକ୍ୟ ଏକାଡେମୀ ଅଫ୍ ଚେସ୍ ଉଦ୍‌ଘାଟିତ ହୋଇଯାଇଛି। ନିଖିଳ ଓଡ଼ିଶା ଚେସ୍ ସଂଘର ପ୍ରସ୍ତାବକ୍ରମେ ଏବଂ ଯାଜପୁର ୟୁନାଇଟେଡ୍ ଚେସ୍ ସଂଘର ପରାମର୍ଶରେ ଏହି ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ନିଖିଳ ଓଡ଼ିଶା ଚେସ୍ ସଂଘର ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଚାଣକ୍ୟ ଏକାଡେମୀ ଅଫ୍ ଚେସ୍‌ର ମୁଖ୍ୟ ପ୍ରଶିକ୍ଷକ ତଥା ଯାଜପୁର ୟୁନାଇଟେଡ୍ ଚେସ୍ ସଂଘର ସହସମ୍ପାଦକ ରଶ୍ମିରଞ୍ଜନ ସାହାଣୀ ଉଦ୍‌ଘାଟନୀ ସଭାରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁପ୍ରସିଦ୍ଧ ଚେସ୍ ପ୍ରଶିକ୍ଷକ ଚୈତନ୍ୟ ଜେନା ଏବଂ ଅନ୍ୟତମ ଅତିଥି ଭାବେ ଯାଜପୁର ୟୁନାଇଟେଡ୍ ଚେସ୍ ସଂଘର ସଭାପତି ତପନ ଷଡ଼ଙ୍ଗୀ ଓ କୋଷାଧ୍ୟକ୍ଷ ଅଶୋକ ସ୍ୱାଇଁ ଯୋଗଦେଇଥିଲେ। ଏହି କେନ୍ଦ୍ରରେ ୫ ବର୍ଷରୁ ଉର୍ଦ୍ଧ୍ୱ ଏବଂ ୧୩ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ଚେସ୍ ପ୍ରଶିକ୍ଷଣ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ୧୬ ଜଣ ଛାତ୍ରୀଛାତ୍ର ପ୍ରଶିକ୍ଷଣ ପାଇଁ ଯୋଗଦେଇଛନ୍ତି। ଉଦ୍‌ଘାଟନ ପରେ ଛାତ୍ରଛାତ୍ରୀଙ୍କୁ ଏକ ଘଣ୍ଟା ଚେସ୍ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରତ୍ୟେକ ସପ୍ତାହର ଶନିବାର ଓ ରବିବାର ସନ୍ଧ୍ୟା ୫ଟାରୁ ୭ଟା ପର୍ଯ୍ୟନ୍ତ ଦୁଇ ଘଣ୍ଟା ଧରି ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲିବ।

## ସାପ କାମୁଡାରେ ମହିଳା ମୃତ

ବରୀ,୨୨।୮ (ସମିସ): ବରୀ ବ୍ଲକ ଭଅଁରା ପଞ୍ଚାୟତ ଅଧୀନସ୍ଥ ଭଅଁରା ଗ୍ରାମର ଜଣେ ମହିଳା ସାପ କାମୁଡା ଯୋଗୁ ମୃତ୍ୟୁବରଣ କରିଛନ୍ତି। ସୂଚନା ମୁତାବକ ଉକ୍ତ ଗ୍ରାମର ରେବତୀ କର (୬୨) ସୋଇଥିବା ବେଳେ ସାପ କାମୁଡି ଦେବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଇ ଦେଇଥିଲେ। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଶବ ବ୍ୟବଚ୍ଛେଦ ପରେ ମୃତଦେହ ଗାଁକୁ ଫେରିବ ବୋଲି ଭଅଁରା ପଞ୍ଚାୟତ ସରପଞ୍ଚ ପ୍ରଭାତି ପଲେଇ ବ୍ଲକ ପ୍ରଶାସନକୁ ସୂଚନା ଦେଇଥିବା ଜଣା ପଡିଛି।

## ଗ୍ରାମାଞ୍ଚଳରେ ବ୍ୟାପୁଛି ଧଳାଜହର

ଯାଜପୁରଟାଉନ,୨୨।୮ (ସମିସ): ଯାଜପୁର ସହରରୁ ଗ୍ରାମାଞ୍ଚଳ ମୁହାଁ ହୋଇଛନ୍ତି ନିଶା ମାଫିଆ। ବିଚିତ୍ରପୁର ପଞ୍ଚାୟତ ଅନ୍ତର୍ଗତ ଚମ୍ପାଛନ୍ଦା ବୁଢାନଦୀ ପୋଲ ନିକଟରେ ନଦୀ ପାର୍ଶ୍ୱରେ ନିର୍ମିତ ରିଙ୍ଗ୍ ରୋଡ଼୍ ବର୍ତ୍ତମାନ ସନ୍ଧ୍ୟା ହେଲେ ଚୋରା ମଦ ଓ ବ୍ରାଉନ ସୁଗାର କାରବାରର ପ୍ରମୁଖ ଆଡ୍ଡା ପାଲଟିଥିବା ଅଭିଯୋଗ ଉଠିଛି। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ, ପ୍ରତିଦିନ ସନ୍ଧ୍ୟା ପରେ ଏହି ଅଞ୍ଚଳକୁ ବାହାରର ଯୁବକମାନଙ୍କ ସହ ବିଭିନ୍ନ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଆସାଯିବା ବଢ଼ିଯାଉଛି। ଖୋଲାଖୋଲି ନିଶାଦ୍ରବ୍ୟ ବିକ୍ରି ଓ ସେବନ ହେଉଥିବାରୁ ସାଧାରଣ ଲୋକ, ବିଶେଷକରି ମହିଳା ଓ ଛାତ୍ରଛାତ୍ରୀ ସେହି ରାସ୍ତାରେ ଯିବାକୁ ଭୟ କରୁଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଯେ, ଅନେକ ଥର ପୁଲିସକୁ ସୂଚନା ଦିଆଯାଇଥିଲେ ମଧ୍ୟ ସ୍ଥାୟୀ ଭାବେ ଏହି କାରବାର ଉପରେ ଅଙ୍କୁଶ ଲାଗିପାରିନାହିଁ। ଫଳରେ ଧଳା ଜହରର କବଳରେ ଗ୍ରାମାଞ୍ଚଳର ଯୁବପିଢ଼ି ଧୀରେ ଧୀରେ ଫସୁଥିବା ନେଇ ଅଭିଭାବକମାନେ ଗଭୀର ଉଦ୍ବେଗ ପ୍ରକାଶ କରିଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ ସହ ଚମ୍ପାଛନ୍ଦା ରିଙ୍ଗ୍ ରୋଡ଼ରେ ନିୟମିତ ପାଟ୍ରୋଲିଂ, କଡ଼ା ଚଢ଼ଉ ଏବଂ ନିଶା ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ସୁକିନ୍ଦାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ସୁକିନ୍ଦା,୨୨।୮ (ସମିସ): ସୁକିନ୍ଦା ବ୍ଲକ ପରିସରରେ ବ୍ଲକସ୍ତରୀୟ 'ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ' ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କୁ ସରକାରୀ ସାମାଜିକ ସୁରକ୍ଷା ଯୋଗାଇଦେବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ପଞ୍ଚାୟତ ସମିତିର ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଜାନକୀ ହେମ୍ବ୍ରମ, ତହସିଲଦାର ବ୍ୟାସନଗର ମାନସ ରଞ୍ଜନ ତ୍ରିପାଠୀ, ସଞ୍ଜିତ୍ କୁମାର ମହାନ୍ତି ଏବଂ ରମଣୀ ରଞ୍ଜନ ବଳ ସାମନ୍ତ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଶିବିରର ସଫଳ ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ସୁକିନ୍ଦା ବ୍ଲକର ବିଭିନ୍ନ ପ୍ରାନ୍ତରୁ ମୋଟ ୨୯୦ ଜଣ ଭିନ୍ନକ୍ଷମ ହିତାଧିକାରୀ ଅଂଶଗ୍ରହଣ କରି ନିଜର ନାମ ପଞ୍ଜୀକରଣ କରିଥିଲେ। ଏଥିମଧ୍ୟରୁ



ଅସ୍ଥିଶଲ୍ୟ ବିଭାଗରେ ୧୫୭ ଜଣ, କର୍ଣ୍ଣ/ନାସା/ଗଳା/ଶ୍ରବଣ ବାଧିତ ବିଭାଗରେ ୬୨ ଜଣ, ମାନସିକ ବାଧିତ ବିଭାଗରେ ୩୫ ଜଣ, ଦୃଷ୍ଟି ବାଧିତ ବିଭାଗରେ ୩୧ ଜଣ ଏବଂ ଭେଷଜ/ବହୁବିଧ ବାଧିତ ବିଭାଗରେ ୫ ଜଣ ହିତାଧିକାରୀ ସାମିଲ ହୋଇଥିଲେ। ଏହି ଅବସରରେ ଆବଶ୍ୟକତା ଅନୁଯାୟୀ ହିତାଧିକାରୀଙ୍କୁ ୪ଟି ହୁଇଲ୍ ଚେୟାର, ଗୋଟିଏ ରୋଲେଟର ଏବଂ ଗୋଟିଏ ଧଳା ବାଡ଼ି ପ୍ରଦାନ କରାଯାଇଥିଲା। ଏହା ସହିତ କ୍ରୀଡ଼ା କ୍ଷେତ୍ରରେ ନିଜର ଶ୍ରେଷ୍ଠ ଯୋଗଦାନ ପାଇଁ ୨ ଜଣ କୃତୀ ପାରା-ଆଥଲେଟଙ୍କୁ ଅତିଥିମାନଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।

## • ଚାକିରି ନାଁରେ ଠକେଇ
## ମେଡିକାଲ ଫିଟନେସ୍ ବେଳେ ଅଭିଯୁକ୍ତକୁ ମାଡ଼ିବସିଲେ

ଦାନଗଦି,୨୨।୮ (ସମିସ): କଳିଙ୍ଗନଗର ଶିଳ୍ପାଞ୍ଚଳରେ ଜିନ୍ଦଲ ଷ୍ଟିଲ୍‌ରେ ହାଉସକିପିଂ ଚାକିରି କରାଇଦେବା ନାଁରେ ଠକେଇ ଅଭିଯୋଗ କରିଛନ୍ତି ୪୦ରୁ ଉର୍ଦ୍ଧ୍ୱ ମହିଳାମାନେ। ଆଜି ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସମ୍ପୃକ୍ତ ଠକକୁ ମହିଳାମାନେ ଅଟକ ରଖି ନିର୍ଘୁମ ଉତ୍ତମ ମଧ୍ୟମ ଦେଇଛନ୍ତି। ଖବର ପାଇ ଦାନଗଦି ଫାଣ୍ଡି ପୁଲିସ ପହଞ୍ଚି ସମ୍ପୃକ୍ତ ଠକକୁ ମହିଳାମାନଙ୍କ ଠାରୁ ଉଦ୍ଧାର କରି ଧରିଆଣି ଫାଣ୍ଡିରେ ଅଟକ ରଖିଥିଲେ। ସୂଚନା ମୁତାବକ ଜିନ୍ଦଲ କାରଖାନାରେ ହାଉସ କିପିଂ କାମରେ ଚାକିରି କରାଇଦେବାକୁ କହି ଆଳି ଅଞ୍ଚଳର ସୁଶାନ୍ତ କୁମାର ସାହୁ ନାମକ ଜଣେ ବ୍ୟକ୍ତି ଶିଳ୍ପାଞ୍ଚଳର ବିଭିନ୍ନ ଥାନା ଅଞ୍ଚଳର ପ୍ରାୟ ୪୦ ଜଣ ମହିଳାଙ୍କ ଠାରୁ ୩/୪ ହଜାର ଟଙ୍କା ଲେଖା ଆଦାୟ କରି ଦୁଇ ମାସ ହେଲା ଆଉ ଧରାଛୁଆଁ ଦେଇ ନଥିଲେ। ଆଜି ସୁଶାନ୍ତ ଦାନଗଦିର ମଣିଶ୍ରୀ ଡାଇଗ୍ନୋଷ୍ଟିକ କ୍ଲିନିକକୁ ମେଡିକାଲ ଫିଟନେସ କରିବା ପାଇଁ କହି ମହିଳାମାନଙ୍କୁ ଡକାଇଥିଲେ। ଦାନଗଦିରେ ଆସି ପହଞ୍ଚିବା ପରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ମହିଳା ତାଙ୍କୁ କାବୁ କରିନେଇଥିଲେ। ମହିଳାମାନେ ଟଙ୍କା ଫେରସ୍ତ କରିବା ପାଇଁ ଦାବି କରି ହଙ୍ଗାମା କରିଥିଲେ। ଖବର ପାଇ ଦାନଗଦି ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିନେଇ ଫାଣ୍ଡିରେ ଅଟକ ରଖିଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ ନିକଟରୁ ୩ଟି ଭିନ୍ନ ଭିନ୍ନ ଆଧାର କାର୍ଡ ମିଳିଥିବାରୁ ତାଙ୍କ ପରିଚୟ ନେଇ ସନ୍ଦେହ ଘନୀଭୂତ ହୋଇଛି। ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ମହିଳା ମେଡିକାଲରେ ଉପସ୍ଥିତ ଥିବା ବେଳେ ପୁଲିସ ଫାଣ୍ଡିରେ ଟଙ୍କା ଫେରସ୍ତ ନେଇ ଆପୋସ ଆଲୋଚନା ହୋଇଥିଲା।

## ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ଶୋକ

ଧର୍ମଶାଳା,୨୨।୮ (ସମିସ): ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଅରଙ୍ଗାବାଦସ୍ଥିତ "ବନ୍ଦେ ଉତ୍କଳ ଜନନୀ" ଅନୁଷ୍ଠାନ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି। ସ୍ୱର୍ଗତ ପଟ୍ଟନାୟକ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କର ସହପାଠୀ ଥିଲେ। ଉଭୟେ କଟକ ରେଭେନ୍ସା ମହାବିଦ୍ୟାଳୟରେ ସାଙ୍ଗହୋଇ ପାଠ ପଢୁଥିଲେ ବୋଲି ସ୍ୱର୍ଗତ ଲାବଣ୍ୟଙ୍କ ଦୁଇପୁତ୍ର ତଥା ଅନୁଷ୍ଠାନର ସଭାପତି ପ୍ରାଧ୍ୟାପକ ବଳଭଦ୍ର ଦାଶ ଓ ସମ୍ପାଦକ ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଏକ ଶୋକବାର୍ତ୍ତାରେ ପ୍ରକାଶ କରିଛନ୍ତି। ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକ ଅବସରରେ ୨୦୧୬ ମସିହାରେ ପ୍ରଣବ ପଟ୍ଟନାୟକଙ୍କୁ ମିର୍ଜାପୁର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଶ୍ରେଷ୍ଠ କଣ୍ଠଶିଳ୍ପୀ ଭାବେ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେ ଓଡିଶା ସଂଗୀତ ଜଗତର ବେତାଜ୍ ବାଦ୍‌ଶାହ ଥିଲେ। ସଙ୍ଗୀତ କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ଓଡିଶା ସଙ୍ଗୀତ ଇତିହାସରେ ତାଙ୍କର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ଅନୁଷ୍ଠାନର ସଭାପତି ଓ ସମ୍ପାଦକ ପ୍ରକାଶ କରିଛନ୍ତି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସ୍ୱର୍ଗତ ପ୍ରଣବଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ତାଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ଗୋଶାଳା କଂକ୍ରିଟ କରଣ ପାଇଁ ସିମେଣ୍ଟ ପ୍ରଦାନ



କୁଆଖିଆ,୨୨।୮ (ସମିସ): ସ୍ୱେଚ୍ଛାସେବୀ ସଂଗଠନ ବିପଦର ବନ୍ଧୁ ପରିବାର ଚାରିଟେବୁଲ ଟ୍ରଷ୍ଟ ତରଫରୁ କୁଆଖିଆ ନିକଟସ୍ଥ ସଂସ୍କାର ଗୋଶାଳାରେ ଗୋମାତା ରହୁଥିବା ସ୍ଥାନରେ କଂକ୍ରିଟ କରଣ ପାଇଁ ସିମେଣ୍ଟ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂପାଦକ ଗୋପାଳ ପାତ୍ର, କୋଷାଧ୍ୟକ୍ଷ ଭଗବାନ ଦାଶ, ଉପସଭାପତି ସଙ୍ଗୀତା ଆଚାର୍ଯ୍ୟ, ଯୁବ ସମାଜସେବୀ ନୀହାର ରଞ୍ଜନ କଣ୍ଠ, ପ୍ରତିଷ୍ଠାତା ନିହାର ରଞ୍ଜନ ଆଚାର୍ଯ୍ୟ, ସତ୍ୟନାରାୟଣ ଜେନା, ବିଶ୍ୱଜିତ୍ ଦାସ, ବୃନ୍ଦାବନ ପାଢ଼ୀ, ଅରବିନ୍ଦ ଦାଶ, ଅମୀୟ ସ୍ୱାଇଁ, ପ୍ରଶାନ୍ତ ବେହେରା, ସୁନିଲ ରାଉତ, ବୈକୁଣ୍ଠ ନାଥ, ବିଜୟ ସାହୁ, ବୀଣାପାଣି ପ୍ରଧାନ, ସମରର୍ଜିତ ପ୍ରଧାନ, ବିଶ୍ୱଜିତ୍ ସାମଲ, ବିଦ୍ୟାଧର ସାହୁ, କୁଳମଣୀ ନାୟକ, ମାନସ ମଲ୍ଲିକ, ଶୁଭେନ୍ଦୁ ଶତପଥୀ, ସୁମନ୍ତ ରଥ, ଶିବାନନ୍ଦ ପଣ୍ଡା, ଚନ୍ଦନ ମହାରଣା ପ୍ରମୁଖ ଉପସ୍ଥିତ ରହି ଗୋମାତାଙ୍କ ସେବାରେ ସମସ୍ତେ ନିଜକୁ କିଛି ସମୟ ପାଇଁ ନିୟୋଜିତ କରିଥିଲେ। ଆଗାମୀ ଦିନରେ ଗୋମାତାଙ୍କ ସେବା ନିୟୋଜିତ କର୍ମଚାରୀଙ୍କୁ ଟ୍ରଷ୍ଟ ପକ୍ଷରୁ ନୂତନ ବସ୍ତ୍ର ପ୍ରଦାନ କରାଯିବ ବୋଲି ପୂର୍ବତନ ସଭାପତି ଡ. ବସନ୍ତ କୁମାର ଶତପଥୀ ପ୍ରକାଶ କହିଛନ୍ତି।

## ବିପଦସଙ୍କୁଳ ଅବସ୍ଥାରେ ୧୧ କେଭି ବିଦ୍ୟୁତ୍ ତାର



କୁଆଖିଆ,୨୨।୮ (ସମିସ): ରସୁଲପୁର ବ୍ଲକର ହରିପୁର ଫିଡର ଅନ୍ତର୍ଗତ ପରିଡ଼ାବାଦ ଗ୍ରାମକୁ ଯାଇଥିବା ୧୧ କେଭି ଓଭରହେଡ୍ ଲାଇନ୍‌ଟି ଖରସ୍ରୋତା ନଦୀ ଉପରେ ବିପଜ୍ଜନକ ଭାବେ ଝୁଲି ରହିଛି ଏବଂ ନଦୀର ଜଳପୃଷ୍ଠକୁ ସ୍ପର୍ଶ କରୁଛି। ଏହା ଦ୍ୱାରା ବାରମ୍ବାର ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହେଉଛି। ଏବେ ବନ୍ୟା ଋତୁରେ ପରିଡାବାଦ ଗ୍ରାମଟି ଖରସ୍ରୋତା ଏବଂ ବୈତରଣୀ ନଦୀର ବନ୍ୟା ଜଳ ଦ୍ୱାରା ନିୟମିତ ଭାବେ ଜଳମଗ୍ନ ହୋଇଛି। ବନ୍ୟା ସମୟରେ ଅଧିକାଂଶ ସମୟ ବିଦ୍ୟୁତ କାଟ ଯୋଗୁଁ ଶିଶୁଠାରୁ ଆରମ୍ଭ କରି ବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତ ଗ୍ରାମବାସୀ ଅନ୍ଧାର ରାତିରେ ଅତ୍ୟନ୍ତ ଅସୁରକ୍ଷିତ ମନେ କରୁଛନ୍ତି। କୌଣସି ପ୍ରକାରର ଅପ୍ରୀତିକର ଦୁର୍ଘଟଣା କିମ୍ବା ଜୀବନହାନିକୁ ଏଡ଼ାଇବା ପାଇଁ ତୁରନ୍ତ ଏହି ଝୁଲନ୍ତା ତାରକୁ ଟାଣି ସଜାଡ଼ିବାକୁ ଗ୍ରାମବାସୀମାନେ ନିର୍ବାହୀ ଯନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଏହି ଆବେଦନପତ୍ରର ନକଲ କୋରେଇ ବିଧାୟକ ଆକାଶ ଦାସ ନାୟକ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଯାଜପୁର ଜିଲ୍ଲାପାଳ ଏବଂ ଟିପିଏନ୍‌ଓଡିଏଲ୍‌ର ସିଇଓ ଓ ବିଦ୍ୟୁତ୍ ବିଭାଗର ଏସ୍‌ଇଙ୍କୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଯାଇଛି।

## ଅବାକାରୀ କର୍ମଚାରୀଙ୍କୁ ଅକ୍ରମଣ; ଜଣେ ଗିରଫ

ଧର୍ମଶାଳା,୨୨।୮ (ସମିସ): ଧର୍ମଶାଳା ଥାନା ଓଶରା ଛକ ନିକଟରେ ଅବକାରୀ ବିଭାଗ ଦ୍ୱାରା ଜବତ ମଦ ସହ ବୋଲେରୋ ଗାଡିକୁ ଛଡାଇ ନେଇଯିବା ମାମଲାରେ ପୁଲିସ ଗତକାଲି ରାତିରେ ଜଣକୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସୂଚନା ମୁତାବକ ଏହି ଥାନା ଅନ୍ତର୍ଗତ ଜାରକାସ୍ଥିତ ଧର୍ମଶାଳା ଅବକାରୀ ବିଭାଗ କର୍ମଚାରୀମାନେ ଗତ ୯ ତାରିଖରେ ଓଶରା ଛକ ନିକଟରୁ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ବୋଝେଇ ଏକ ବୋଲେରୋ ଗାଡିକୁ ଜବତ କରିଥିଲେ। ମଦ ସହ ଜବତ ବୋଲେରୋ ଗାଡିକୁ ଅବକାରୀ ବିଭାଗ କର୍ମଚାରୀମାନେ ଜାରକା ଅବକାରୀ ବିଭାଗ କାର୍ଯ୍ୟାଳୟକୁ ଆଣୁଥିବା ବେଳେ ସେଠାରେ ଧନେଶ୍ୱର ଦାସ (ପଲୁଆ) ସମେତ ୫ ଜଣ ଦୁର୍ବୃତ୍ତ ପହଞ୍ଚି ଅବକାରୀ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ କରି ମଦ ବୋଝେଇ ବୋଲେରୋ ଗାଡିକୁ



ଛଡାଇ ନେଇ ଫେରାର ହୋଇଯାଇଥିଲେ। ଏନେଇ ଅବକାରୀ ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ଧର୍ମଶାଳା ଥାନା ପୁଲିସ ୩୩୫/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ମଦ ବୋଝେଇ ବୋଲେରୋ ଗାଡି ଛଡାଇ ନେଇ ଫେରାରର ହୋଇଯାଇଥିବା ଦୁର୍ବୃତ୍ତମାନଙ୍କ ମଧ୍ୟରୁ ଗତକାଲି ପୁଲିସ ନାକପୋଲ ଅଞ୍ଚଳର ମୁଖ୍ୟ ଅଭିଯୁକ୍ତ ଧନେଶ୍ୱର ଦାସଙ୍କ ପୁଅ ନାଗେଶ୍ୱର ଦାସକୁ ଗିରଫ କରିଥିଲା। ଅଭିଯୁକ୍ତ ନାଗେଶ୍ୱରକୁ ପୁଲିସ ପଚରା ଉଚରା ବେଳେ ବାପା ଧନେଶ୍ୱର ସହିତ ସେ ଗାଡ଼ି ଛଡ଼ାଇବାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲା। ଧର୍ମଶାଳା ପୁଲିସ ଆଜି ପୂର୍ବାହ୍ନରେ ଅଭିଯୁକ୍ତ ନାଗେଶ୍ୱରକୁ ଚଣ୍ଡିଖୋଲ କୋର୍ଟକୁ ଚଲାଣ କରିଥିବା ଜଣାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ବୋଲେରୋ ଗାଡି ଡ୍ରାଇଭର ସମେତ ଫେରାର ଥିବା ୫ଜଣ ଅଭିଯୁକ୍ତଙ୍କୁ ଖୁବଶିଘ୍ର ଗିରଫ କରାଯିବ ବୋଲି ଧର୍ମଶାଳା ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

# ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଔଷଧ ଅଭାବ

ଯାଜପୁର ଟାଉନ,୨୨।୮ (ସମିସ):




ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଯଯାତି କେଶରୀ ମେଡିକାଲ କଲେଜକୁ ପ୍ରତିଦିନ ହଜାର ହଜାର ରୋଗୀ ଚିକିତ୍ସା ପାଇଁ ଆସୁଥିବା ବେଳେ ସରକାରଙ୍କ ପକ୍ଷରୁ ଯୋଗାଯାଉଥିବା ମାଗଣା ଔଷଧର ଅଭାବ ଏବେ ଗୁରୁତର ସମସ୍ୟାରେ ପରିଣତ ହୋଇଛି। ଅଧାରୁ ଅଧିକ ଜରୁରୀ ଔଷଧ ହସ୍ପିଟାଲରେ ଉପଲବ୍ଧ ନଥିବାରୁ ବିଶେଷକରି ଗରିବ ଓ ଅସହାୟ ରୋଗୀମାନେ ବାହାର ମେଡିକାଲରୁ ଔଷଧ କିଣିବାକୁ ବାଧ୍ୟ ହେଉଛନ୍ତି। ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ଅଭିଯୋଗ ଅନୁଯାୟୀ, ଜ୍ୱର, ଝାଡ଼ା, ଫିଟ୍ସ, ବିଭିନ୍ନ ପ୍ରକାର ଆଣ୍ଟିବାୟୋଟିକ ସମେତ ଅନେକ ଆବଶ୍ୟକୀୟ ଔଷଧ ଦୀର୍ଘଦିନ ଧରି ଷ୍ଟକ୍‌ରେ ନାହିଁ। ଫଳରେ ହସ୍ପିଟାଲରେ ମାଗଣା ଚିକିତ୍ସାର ଆଶା ନେଇ ଆସୁଥିବା ରୋଗୀମାନଙ୍କୁ ଅତିରିକ୍ତ ଆର୍ଥିକ ବୋଝ ବହନ କରିବାକୁ ପଡୁଛି। ଏହି ପ୍ରସଙ୍ଗରେ ଯାଜପୁର ମୁଖ୍ୟ ଚିକିତ୍ସାଳୟର ସିଡିଏମଓ ଡା. ନଗେନ ମହାପାତ୍ର କହିଛନ୍ତି ଯେ, ଔଷଧ ଅଭାବ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗକୁ ବାରମ୍ବାର ଅବଗତ କରାଯାଇଛି। ତଥାପି ଏପର୍ଯ୍ୟନ୍ତ ପର୍ଯ୍ୟାପ୍ତ ପରିମାଣରେ ଔଷଧ ଯୋଗାଣ ହୋଇନାହିଁ। ବନ୍ୟା ପରିସ୍ଥିତିର ସମୀକ୍ଷା ପାଇଁ ଜିଲ୍ଲା ଗସ୍ତରେ ଆସୁଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସମ୍ପାଦକ ଆଶ୍ୱଥି ଏସ୍‌ଙ୍କୁ ଏହି ସମସ୍ୟା ବିଷୟରେ ଅବଗତ କରାଯିବ ବୋଲି ସେ ଜଣାଇଛନ୍ତି। ଅନ୍ୟପଟେ ରୋଗୀମାନେ କହିଛନ୍ତି ଯେ ସରକାର ମାଗଣା ଔଷଧ ଯୋଜନାର ପ୍ରଚାର କରୁଥିବା ବେଳେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଗରିବ ପରିବାରର ଲୋକମାନେ ପ୍ରେସକ୍ରିପସନ୍ ଧରି ବାହାର ଔଷଧ ଦୋକାନକୁ ଦୌଡ଼ିବାକୁ ବାଧ୍ୟ ହେଉଛନ୍ତି। ତୁରନ୍ତ ଔଷଧ ଯୋଗାଣ ସ୍ୱାଭାବିକ ନହେଲେ ଆଗାମୀ ଦିନରେ ଏହି ସମସ୍ୟା ଆହୁରି ସଙ୍କଟଜନକ ରୂପ ନେଇପାରେ ବୋଲି ଜନସାଧାରଣ ଆଶଙ୍କା ପ୍ରକାଶ କରିଛନ୍ତି।

### କମୁଛି ପାଣି, ବଢୁଛି ଦୁର୍ଦ୍ଦଶା

# ହଳଦିଡିହରେ ଜଳବନ୍ଦୀ ୫୦୦ ପରିବାର



ବିଞ୍ଝାରପୁର,୨୨।୮ (ସମିସ): ଯାଜପୁର ଜିଲ୍ଲାରେ ବନ୍ୟା ପରିସ୍ଥିତି ଉଗ୍ର ରୂପ ଧାରଣ କରିଥିବା ବେଳେ ଖରସ୍ରୋତା ନଦୀର ବନ୍ୟାଜଳ ଧୀରେଧୀରେ କମିବା ଆରମ୍ଭ କରିଛି। ଏହି ସମୟରେ ବିଞ୍ଝାରପୁରରେ ସୃଷ୍ଟି ହୋଇଥିବା ନୂଆ ମାହାରା ଘାଇ ମରାମତି ସମୟରେ ଖରସ୍ରୋତା ନଦୀରେ ଦ୍ୱିତୀୟ ବନ୍ୟା ଆସିବା ଫଳରେ ହଳଦିଡିହ ଓ ଫଳପୁର ଅଞ୍ଚଳବାସୀଙ୍କ ପାଇଁ ଦାରୁଣ ଦୁଃଖ ଆସିଥିଲା। ବର୍ତ୍ତମାନ ହଳଦିଡିହ ପଞ୍ଚାୟତରେ ଲୋକଙ୍କ ଦୁର୍ଦ୍ଦଶା କମିବାର ନାଁ ଧରୁନାହିଁ। ବହୁ ଅଞ୍ଚଳରେ ଏବେ ବି ଜଳବନ୍ଦୀ ଅବସ୍ଥା ଲାଗିରହିଛି। ୫୦୦ରୁ ଉର୍ଦ୍ଧ୍ୱ ପରିବାର ଜଳବନ୍ଦୀ ହୋଇ ରହିଥିବା ବେଳେ ୪୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏବେ ବି ଘରଦ୍ୱାର ଓ ରାସ୍ତାଘାଟରେ ପାଣି ଜମି ରହିଥିବାରୁ ଲୋକଙ୍କ ଯାତାୟାତ ଓ ଦୈନନ୍ଦିନ ଜୀବନ ଦୁର୍ବିସହ ହୋଇପଡ଼ିଛି। ବନ୍ୟା ପ୍ରଭାବିତ ପ୍ରାୟ ୨ ହଜାର ଲୋକଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ତେବେ ବନ୍ୟାଜଳ କମିବା ସହ ଲୋକଙ୍କ ସମସ୍ୟା ଆହୁରି ସ୍ପଷ୍ଟ ହୋଇପଡ଼ିଛି। ସରୀସୃପଙ୍କ ଭୟ ବଢ଼ିଥିବା ବେଳେ ବିଶେଷକରି ପିଇବା ପାଣି ସମସ୍ୟା ଏବେ ଗୁରୁତର ରୂପ ନେଇଛି। ବନ୍ୟାଜଳ ମାଡ଼ି ଆସିବାରୁ ବହୁ ନଳକୂପ ପ୍ରଭାବିତ ହୋଇଥିବାରୁ ବିଶୁଦ୍ଧ ପାନୀୟ ଜଳ ପାଇଁ ଲୋକେ ହଇରାଣ ହେଉଛନ୍ତି। ପରିମଳ ବିଭାଗ ପକ୍ଷରୁ ଏହାକୁ ଗୁରୁତ୍ୱ ଦେଇ ଯୁଦ୍ଧକାଳୀନ ଭିତ୍ତିରେ ନଳକୂପ ବିଶୋଧନ କାର୍ଯ୍ୟ ଜାରି ରହିଛି। ନଳକୂପଗୁଡ଼ିକୁ ବିଶୋଧନ କରାଯିବା ସହ ଲୋକଙ୍କୁ ବିଶୁଦ୍ଧ ପାଣି ବ୍ୟବହାର ନେଇ ସଚେତନ କରାଯାଉଛି। ବନ୍ୟାଜଳ ଯୋଗୁଁ ଅସୁସ୍ଥ ହେଉଥିବା ଲୋକଙ୍କୁ ଉଦ୍ଧାର କରାଯାଇ ଡାକ୍ତରୀ ଚିକିତ୍ସା ଯୋଗାଇ ଦିଆଯାଉଛି। ସ୍ୱାସ୍ଥ୍ୟକର୍ମୀମାନେ ପ୍ରଭାବିତ ଅଞ୍ଚଳରେ ପହଞ୍ଚି ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ସହ ଆବଶ୍ୟକ ଔଷଧ ଯୋଗାଇ ଦେଉଛନ୍ତି। ବନ୍ୟା ପରେ ଜଳବାହିତ ରୋଗ ଓ ଅନ୍ୟାନ୍ୟ ସଂକ୍ରମଣ ବ୍ୟାପିବାର ଆଶଙ୍କା ଥିବାରୁ ସ୍ୱାସ୍ଥ୍ୟ ବିଭାଗର ନଜରଦାରୀ ବଢ଼ାଇବାକୁ ଦାବି ହୋଇଛି। ବନ୍ୟାରେ ରାସ୍ତାଘାଟ ଜଳମଗ୍ନ ହୋଇ ଯାତାୟାତ ବିପର୍ଯ୍ୟସ୍ତ ହୋଇଥିବାରୁ ଅନେକ ପରିବାର ନିଜ ଘରକୁ ଫେରିବାକୁ ମଧ୍ୟ ଅସୁବିଧାରେ ପଡ଼ିଛନ୍ତି। କେତେକ ସ୍ଥାନରେ ଘରକୁ ଯିବା ପାଇଁ ବାଉଁଶ ଆଡ଼ି ଏକମାତ୍ର ଭରସା ପାଲଟିଛି। ଜୀବନକୁ ବାଜି ଲଗାଇ ଲୋକେ ବାଉଁଶ ଆଡ଼ି ଦେଇ ଯାତାୟାତ କରୁଛନ୍ତି। ବନ୍ୟାଜଳ ସାମାନ୍ୟ କମିବା ପରେ ଦୁର୍ଦ୍ଦଶା ଧୀରେଧୀରେ ସାମ୍ନାକୁ ଆସୁଥିବାରୁ ପ୍ରଭାବିତ ଲୋକଙ୍କୁ ଖାଦ୍ୟ, ପାନୀୟ ଜଳ, ଔଷଧ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ଯୋଗାଣ ଜାରି ରଖିବା ସହ ପରିମଳ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦେବା ସହ ଘାଇ ତୁରନ୍ତ ମରାମତି ଶେଷ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଅନ୍ୟପକ୍ଷେ, ଏହି ବିପଦ ସମୟରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସମାଜସେବୀମାନେ ବନ୍ୟା ବିପନ୍ନଙ୍କ ନିକଟରେ ପହଞ୍ଚି ଶୁଖିଲା ଖାଦ୍ୟ, ପାନୀୟ ଜଳ, ରନ୍ଧା ଖାଦ୍ୟ ଏବଂ ଗାଇଗୋରୁଙ୍କ ପାଇଁ ଖାଦ୍ୟ ଯୋଗାଉଥିବା ଦେଖିବାକୁ ମିଳୁଛି। ଏହି କ୍ରମରେ ଆଜି ମହିମା ଫାଉଣ୍ଡେସନ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ସହାୟତାର ହାତ ବଢ଼ାଇବା ସହ ଗୃହପାଳିତ ପଶୁଙ୍କୁ ଶୁଖିଲା ଛଣ ପ୍ରଦାନ କରାଯାଇଛି।

# ଏବେ ବି ପ୍ରଭାବିତ ଲକ୍ଷେରୁ ଅଧିକ ଲୋକ



ଯାଜପୁର,୨୨।୮ (ସମିସ): ଚଳିତ ବନ୍ୟାରେ ଯାଜପୁର ଜିଲ୍ଲାର ୧୦ଟି ବ୍ଲକ୍‌ର ୧୨୩ଟି ଗ୍ରାମପଞ୍ଚାୟତ ଓ ୪୦୫ଟି ଗାଁର ମୋଟ ୪,୩୪,୬୩୨ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ସେଥିମଧ୍ୟରୁ ୯୯,୭୫୭ ଜଣ ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ବନ୍ୟା ଯୋଗୁଁ ୧୯,୧୧୨ ହେକ୍ଟର ଚାଷଜମି ଏବଂ ୧,୫୮,୭୭୭ଟି ପଶୁସମ୍ପଦ ପ୍ରଭାବିତ ହୋଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର, ରିଲିଫ୍ ଓ ସ୍ୱାସ୍ଥ୍ୟସେବା କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ୱରାନ୍ୱିତ କରାଯାଇଛି। ଆଜି ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଦଶରଥପୁର ବ୍ଲକ୍ କାର୍ଯ୍ୟାଳୟରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି। ବରିଷ୍ଠ ଅଧିକାରୀମାନେ ପ୍ରଭାବିତ ଅଞ୍ଚଳରେ ଉପସ୍ଥିତ ରହି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ନିରନ୍ତର ତଦାରଖ କରୁଛନ୍ତି। ବରୀ ବ୍ଲକ୍ ଅନ୍ତର୍ଗତ ଚିନ୍ତସାହି ଗ୍ରାମର ୬୫ ବର୍ଷୀୟ ହୃଷୀକେଶ ମଲ୍ଲିକଙ୍କ ମୃତ୍ୟୁ ଘଟଣାରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶିବାନନ୍ଦ ସ୍ୱାଇଁ ସ୍ୱଟ୍ ଇନ୍‌କ୍ୱାରୀ କରିଛନ୍ତି। ସେ ମୃତକଙ୍କ ଘରକୁ ଯାଇ ଘଟଣାର ତଦନ୍ତ କରିବା ସହ ବରୀ ବିଡିଓ ଓ ତହସିଲଦାରଙ୍କ ଉପସ୍ଥିତିରେ ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ମୃତକଙ୍କ ପତ୍ନୀଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପଶୁସମ୍ପଦର ସୁରକ୍ଷା ପାଇଁ ପ୍ରଭାବିତ ଅଞ୍ଚଳରେ ୧୨ଟି ଭେଟେରିନାରୀ ଟିମ୍ ମୁତୟନ କରାଯାଇଛି। ବଡ଼ଚଣା ବ୍ଲକ୍‌ର ବିଭିନ୍ନ ଗ୍ରାମରେ ସଂକ୍ରାମକ ରୋଗରୁ ପଶୁସମ୍ପଦକୁ ସୁରକ୍ଷିତ ରଖିବା ପାଇଁ ୧,୨୩୪ଟି ପଶୁଙ୍କୁ ଟିକାକରଣ କରାଯାଇଛି। ଯାଜପୁର ଜିଲ୍ଲାର ପ୍ରଭାବିତ ଅଞ୍ଚଳଗୁଡ଼ିକରେ ବିପନ୍ନ ପ୍ରାଣୀପାଳକମାନଙ୍କୁ ଗୋ-ଖାଦ୍ୟ ବଣ୍ଟନ କରାଯାଇଛି। ଜିଲ୍ଲାରେ ମୋଟ ୩୪୪.୪୯ ମେଟ୍ରିକ୍ ଟନ୍ ଗୋ-ଖାଦ୍ୟର ଆବଶ୍ୟକତା ନେଇ ଏସ୍‌ଆର୍‌ସିଙ୍କୁ ଅନୁରୋଧ କରାଯାଇଛି। ଉଦ୍ଧାର କାର୍ଯ୍ୟ ପାଇଁ ଜିଲ୍ଲାରେ ୩ଟି ଓଡ୍ରାଫ, ୨ଟି ଏନଡିଆରଏଫ, ୧୨ଟି ଅଗ୍ନିଶମ ବାହିନୀ ଓ ୧୨ଟି ପୁଲିସ ଟିମ୍ ସହ ୧୪ଟି ଡଙ୍ଗା ନିୟୋଜିତ ଅଛି। ବର୍ତ୍ତମାନ ସୁଦ୍ଧା ୧,୩୧,୪୯୪ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ୩୬୮ଟି ଆଶ୍ରୟସ୍ଥଳୀରେ ରଖାଯାଇଛି। ବନ୍ୟା ପ୍ରଭାବିତଙ୍କ ପାଇଁ ୩୬୩ଟି ସ୍ଥାନରେ ମାଗଣା ରନ୍ଧାଖାଦ୍ୟ କେନ୍ଦ୍ର ମାଧ୍ୟମରେ ୧,୩୧,୩୪୨ ଜଣଙ୍କୁ ଆହାର ଯୋଗାଇ ଦିଆଯାଉଛି। ୧୨ଟି ମେଡିକାଲ ଟିମ୍ ମାଧ୍ୟମରେ ଏପର୍ଯ୍ୟନ୍ତ ୭,୨୦୦ ଜଣଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିବା ବେଳେ ୧୮ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ଭାବେ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବନ୍ୟା ପ୍ରଭାବିତ ଲୋକଙ୍କ ସୁରକ୍ଷା, ରିଲିଫ୍, ସ୍ୱାସ୍ଥ୍ୟସେବା ଓ ପଶୁସମ୍ପଦର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପ୍ରଶାସନ ପକ୍ଷରୁ ସମସ୍ତ କାର୍ଯ୍ୟ ନିରନ୍ତର ଭାବେ ଜାରି ରହିଛି।

### ବନ୍ୟା ପରେ ବେହାଲ୍ ଚାଷୀ

## ୪୦୦ ଏକରରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ

ବ୍ରହ୍ମବରଦା,୨୨।୮ (ସମିସ): ଯାଜପୁର ବ୍ଲକ ରୁଦ୍ରପୁର ପଞ୍ଚାୟତ ଓ ଏହାର ଆଖପାଖ ଅଞ୍ଚଳରେ ବର୍ଷା ଓ ବନ୍ୟା ପରେ ପାଣି ପଶି ବ୍ୟାପକ ଚାଷ ନଷ୍ଟ ହୋଇଛି। ରୁଦ୍ରପୁର, ସିଠାଲୋଇ ଓ ମେରକପୁର ମୌଜାର ପ୍ରାୟ ୩୦୦ରୁ ୪୦୦ ଏକର ଚାଷ ଜମି ଏବେ ବି ପାଣି ଘେରରେ ରହିଛି। ଏହି ତିନି ମୌଜାରେ ୩୫୦ ଏକରରେ ଧାନ ଚାଷ ହୋଇଥିଲା ବେଳେ ପ୍ରାୟ ୫୦ ଏକରରେ ବାଇଗଣ, ପୋଟଳ, ଭେଣ୍ଡି, ଯନି, କାକୁଡ଼ି, ଝୁଡଙ୍ଗ ପରି ପନିପରିବା ଚାଷ ହୋଇଥିଲା। ହଠାତ୍ ଆସିଥିବା ବନ୍ୟା ପାଣିରେ ସବୁ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ରାହାସ ବିହାରୀ ସାହୁ, ଉମାକାନ୍ତ ସ୍ୱାଇଁ, ଗଗନ ମଲିକ, ଟୁଲୁ ସାମଲ, ନିର୍ମଳ ରାୟ, ଭାଗିରଥି ସାମଲ, ସୁରେନ୍ଦ୍ର ସାହୁ, ଦିବ୍ୟରଞ୍ଜନ ସାହୁ, ବିଜୟ ସାହୁ, ରଥ ମଲିକ, ହାପି ସାମଲ, ଭିକାରି ଲେଙ୍କା, ଅକ୍ଷୟ ସାହୁ, ଟୁନା ସାହୁ, ଦେବାଶିଷ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଚାଷୀ ଏହି ବନ୍ୟାରେ ସର୍ବସ୍ୱାନ୍ତ ହୋଇଛନ୍ତି। ଚାଷୀମାନେ ଏବେ ହତାଶ ଏବଂ ନିରାଶ ହୋଇପଡ଼ିଛନ୍ତି। ସେମାନଙ୍କ ସୁନାର ଫସଲ ପାଣିରେ ବୁଡି ନଷ୍ଟ ହୋଇଯାଇଛି। ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ପ୍ରଶାସନ ପକ୍ଷରୁ ଏ ପର୍ଯ୍ୟନ୍ତ କେହି ବୁଲି ଦେଖି ବାକୁ ଆସିନାହାନ୍ତି। ତୁରନ୍ତ କ୍ଷେତ୍ର ପରିଦର୍ଶନ କରି କ୍ଷତି ଆକଳନ କରି କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି।



# ବନ୍ୟାଞ୍ଚଳ ବୁଲିଲେ ବିଜେଡିର ପ୍ରତିନିଧି ଦଳ

ବରୀ,୨୨।୮ (ସମିସ): ଚଳିତ ବନ୍ୟାରେ ବରୀ ଅଞ୍ଚଳର ବ୍ୟାପକ କ୍ଷୟକ୍ଷତି ହୋଇଛି। କିନ୍ତୁ କ୍ଷତିଗ୍ରସ୍ତ ବନ୍ୟା ବିପନ୍ନଙ୍କ ନିକଟରେ ଅଦ୍ୟାବଧି ଆବଶ୍ୟକ ସରକାରୀ ରିଲିଫ ପହଞ୍ଚିପାରିନାହିଁ। ପ୍ରଶାସନ ବନ୍ୟା ପରିଚାଳନାରେ ବିଫଳ ହୋଇଛି ଏବଂ ଯାହାର ପରିଣାମ ଭୋଗ କରୁଛନ୍ତି ବରୀବାସୀ। ବରୀ ବନ୍ୟାଞ୍ଚଳ ପରିଦର୍ଶନରେ ଆସି ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏଭଳି ମନ୍ତବ୍ୟ ପ୍ରଦାନ କରିଛନ୍ତି। ସେ ବରୀ ଗ୍ରସ୍ତରେ ଆସି କିମ୍ପିରିଆପାଳର ବାଙ୍କସାହି, ଅଟିରା ପଞ୍ଚାୟତର ଅରୁଆଳ ଠାରେ ସୃଷ୍ଟି ହୋଇଥିବା ଘାଇ ପରିଦର୍ଶନ କରିବା ସହ ସ୍ଥାନୀୟ ଲୋକଙ୍କ ପରିସ୍ଥିତି ସମ୍ପର୍କରେ ପଚାରି ବୁଝିବା ପରେ ଏଭଳି ମତ ରଖିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ବନ୍ୟା ଜଳ ହ୍ରାସ ପାଇଥିଲେ ମଧ୍ୟ ବହୁ ରାଜସ୍ୱ ଗ୍ରାମ ବନ୍ୟାଜଳରେ ବୁଡି ରହିଛି। ପ୍ରଶାସନ କେବଳ ଶୁଖିଲା ଖାଦ୍ୟ ଓ ମାଗଣା ରନ୍ଧା ଖାଦ୍ୟ ଯୋଗାଇ ଦେବା ଏହା ରାଜ୍ୟ ସରକାର ବନ୍ୟା ପୀଡ଼ିତଙ୍କ ପାଇଁ ଉପହାସ ବୋଲି ସେ ପ୍ରକାଶ କରିଛନ୍ତି। ବରୀରେ ବନ୍ୟା ଅଞ୍ଚଳର ପ୍ରଭାବିତ ଲୋକ ମାନଙ୍କ କ୍ଷୟକ୍ଷତିର ରିପୋର୍ଟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିବେ ବୋଲି କହିଛନ୍ତି। ବନ୍ୟା ଅଞ୍ଚଳ ପରିଦର୍ଶନ ସମୟରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ଉପାଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ଦିଲୀପ ମହାନ୍ତି, ସନ୍ତୋଷ ସାମଲ, ଅଶୋକ ସାମଲ, ବ୍ଲକ ବିଜେଡି ସଭାପତି କେଦାର ସାମଲ, ସରପଞ୍ଚ ହରପ୍ରିୟା ସାହୁ, କୈଳାଶ ମଲ୍ଲିକ, ସୁଶାନ୍ତ ସାହୁ, ସମାଜସେବୀ ଅରବିନ୍ଦ ମହାନ୍ତି, ରତିକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



## ବନ୍ୟାଞ୍ଚଳରେ ଜମୁଛି ଚୋରା ମଦ ଆସର

କର୍ଯ୍ୟାଁଗୋଲା,୨୨।୮ (ସମିସ): ବୈତରଣୀ ନଦୀର ବନ୍ୟାରେ ଦଶରଥପୁର ବ୍ଲକର ଅନେକ ଗ୍ରାମ ପ୍ରଭାବିତ ହୋଇଥିବା ବେଳେ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ମଧ୍ୟରେ ଚୋରା ମଦ ବେପାର ବଢୁଥିବା ନେଇ ଅଭିଯୋଗ ଉଠିଛି। ବନ୍ୟା ଯୋଗୁଁ କେଉଁଠି ଜୀବିକା ନଷ୍ଟ ହୋଇଛି ତ ଆଉ କେଉଁଠି ଘରଦ୍ୱାର କ୍ଷତିଗ୍ରସ୍ତ ହୋଇଛି। ଏଭଳି ସଙ୍କଟ ସମୟରେ ଚୋରା ମଦ ବେପାରୀମାନେ ସକ୍ରିୟ ହୋଇପଡ଼ିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ବ୍ଲକର ଛତ୍ରପଡା ନିକଟସ୍ଥ ପଡ଼ିଆ, କର୍ଯ୍ୟାଁ, ବଳରାମପୁର, ଦୁଦୁରାଅଣ୍ଟା, ବ୍ରହ୍ମଚାରୀପାଟଣା, ମଣିକାଡିହ, ଦତ୍ତପୁର, ନାରୀଗାଁ, ମଙ୍ଗଳପୁର, ବୈଷପାନ, ବଡ଼ କୁଆଁଲ ଓ ଦକ୍ଷିଣବନ୍ଧ ଆଦି ସମେତ ବ୍ଲକର ବିଭିନ୍ନ ଗ୍ରାମରେ ଅବୈଧ ମଦ ବେପାର ଚାଲିଥିବା ଅଭିଯୋଗ ହେଉଛି। ବନ୍ୟା ସମୟରେ ଲୋକଙ୍କ ଜୀବନ ଓ ଜୀବିକା ନେଇ ଚିନ୍ତା ବଢ଼ିଥିବା ବେଳେ ଏଭଳି ବେଆଇନ କାରବାର ଉପରେ ରୋକ୍ ଲଗାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଦଶରଥପୁର ବ୍ଲକ ଦୁଇଟି ଥାନା ଯଥା ମଙ୍ଗଳପୁର ଓ ଦଶରଥପୁର ଅଧୀନରେ ରହିଥିବା ବେଳେ ଚୋରା ମଦ କାରବାର ବିରୋଧରେ କେବେ ହେବ ଚଢ଼ଉ ଓ କାର୍ଯ୍ୟାନୁଷ୍ଠାନ ନେଇ ସ୍ଥାନୀୟ ମହଲରେ ପ୍ରଶ୍ନ ଉଠିଛି। ଯାଜପୁର ଅବକାରୀ ବିଭାଗ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ସହ ବନ୍ୟା ପ୍ରଭାବିତ ଅଞ୍ଚଳରେ ଅବୈଧ ମଦ କାରବାର ଉପରେ କଡ଼ା ନଜର ରଖିବାକୁ ଦାବି ହୋଇଥିଲେ ମଧ୍ୟ କୌଣସି ସୁଫଳ ଦେଖିବାକୁ ମିଳୁ ନାହିଁ। ତେବେ ଏହି ଚୋରା ମଦ ସମ୍ପର୍କରେ ସମ୍ପୃକ୍ତ ଅବକାରୀ ବିଭାଗ କିମ୍ବା ପୁଲିସ ପକ୍ଷରୁ ତତ୍କାଳ କୌଣସି ପ୍ରତିକ୍ରିୟା ମିଳିନାହିଁ।

### ପିଇଓଙ୍କୁ ଆକ୍ରମଣ ଘଟଣା

## ଅଭିଯୁକ୍ତଙ୍କ ଗିରଫ ଦାବିରେ ସଙ୍ଘର ଧାରଣା

ଦଶରଥପୁର/ମଙ୍ଗଳପୁର,୨୨।୮ (ସମିସ): ଦଶରଥପୁର ବ୍ଲକ କର୍ଯ୍ୟାଁ ପଞ୍ଚାୟତର କାର୍ଯ୍ୟରତ ପିଇଓ ପ୍ରଶାନ୍ତ କୁମାର ମିଶ୍ରଙ୍କ ଉପରେ ଗତ ଗୁରୁବାର ଦୁବକଣ ଠାରେ ମରଣାତ୍ମକ ଆକ୍ରମଣ ହୋଇଥିବା ନେଇ ପିଇଓ ଶ୍ରୀ ମିଶ୍ର ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆକ୍ରମଣ କାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେଲେ ଦଶରଥପୁର ବ୍ଲକର ପିଇଓ ସଙ୍ଘ ରିଲିଫ ପରିଚାଳନା କାର୍ଯ୍ୟରେ ସହଯୋଗ କରିବ ନାହିଁ ବୋଲି ଗତକାଲି ସଂଘ ପକ୍ଷରୁ ଦଶରଥପୁର ବିଡିଓଙ୍କୁ ଲିଖିତ ଦାବି ପତ୍ର ଦିଆଯାଇଥିଲା। ତେବେ ଆଜି ପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଯାଇଥିବାରୁ ବ୍ଲକ ପିଇଓ ସଂଘ ପକ୍ଷରୁ ଆଜି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ୨ଦଫା ଦାବି ନେଇ ଧାରଣାରେ ବସିଛନ୍ତି। ତେବେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଯାଜପୁର ବିଧାୟିକା ସୁଜାତା ସାହୁ, ବିଡିଓ ଆକାଶ ପଟ୍ଟନାୟକ ଧାରଣାସ୍ଥଳରେ ପହଞ୍ଚି ଧାରଣାରତ ପିଇଓମାନଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ପିଇଓ ମାନେ ଆନ୍ଦୋଳନରୁ ଓହରି ନଥିଲେ। ନଦୀରେ ବନ୍ୟାଜଳ କମୁଥିଲେ ମଧ୍ୟ ବନ୍ୟା ପରିସ୍ଥିତି ଜଟିଳ ପରିସ୍ଥିତି ଥିବାବେଳେ ପିଇଓ ସଂଘ କେଉଁ ମୋଡ଼ ନେଉଛି ଦେଖିବାକୁ ବାକି ରହିଲା।

## ପିଇଓଙ୍କ ବିରୋଧରେ ଅଭିଯୋଗ

ସିଂହପୁର,୨୨।୮ (ସମିସ): ବିଞ୍ଝାରପୁର ବ୍ଲକରେ ବନ୍ୟା ଜଳ ପ୍ରପୀଡ଼ିତଙ୍କ ପ୍ରତି ପିଇଓଙ୍କ ଅବହେଳା ଓ ଅନିୟମିତତା ଯୋଗୁଁ ପଞ୍ଚାୟତବାସୀ ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ପ୍ରୀତିପୁର ପଞ୍ଚାୟତର ପିଇଓ ପ୍ରୀତିପିନାକ୍ଷୀ ଦଳେଇ ପଞ୍ଚାୟତର ୫, ୬, ୭ ନମ୍ବର ୱାର୍ଡରେ ବନ୍ୟା ପ୍ରଭାବିତ ପରିବାରକୁ ରନ୍ଧା ଖାଦ୍ୟ ଯୋଗାଇ ଦେବେ ବୋଲି କହି ଦେଇ ନ ଥିବାରୁ ଲୋକେ ଅପେକ୍ଷା କରି ଗୋଟିଏ ଦିନ ଉପାସରେ ରହିଲେ। ସଂପୃକ୍ତ ଲୋକେ ପଚାରିବାରୁ ସେ କହିଲେ ମୋତେ ସରପଞ୍ଚ ନ କହିଲେ ମୁଁ ଦେବି ନାହି। ସେହିପରି ଚନ୍ଦ୍ରମୁଁ ପଞ୍ଚାୟତର ପିଇଓ ବନ୍ୟା ଘେରରେ ଥିବା ଲୋକଙ୍କୁ ପିଇବା ପାଣି ଯୋଗାଣରେ ଅବହେଳା କରିଥିବା ଲୋକେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ପିଇଓ କହନ୍ତି ଯେ ପର୍ଯ୍ୟନ୍ତ ପାଲ ବଣ୍ଟା ସମସ୍ୟା ଦୂର ହୋଇନାହିଁ ସେ ପର୍ଯ୍ୟନ୍ତ ପାଣି ପଞ୍ଚାୟତକୁ ଦିଆଯିବ ନାହିଁ। ଏହି ଘଟଣାରେ ବିଞ୍ଝାରପୁର ବିଡିଓଙ୍କ ହସ୍ତକ୍ଷେପ ଫଳରେ ଦୁଇ ପଞ୍ଚାୟତରେ ରନ୍ଧା ଖାଦ୍ୟ ଓ ପାନୀୟ ଜଳ ଯୋଗାଣ ହୋଇଛି। ମନମାନି କରିଥିବା ଉଭୟ ପିଇଓ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚନ୍ଦ୍ରମୁଁ ପଂଚାୟତର ଶିବପ୍ରସାଦ ପଣ୍ଡା, ବିଶ୍ୱଜିତ୍ ସାମଲ, ସୁଜିତ୍ ମଲ୍ଲିକ, ଦୈତାରୀ ମଲ୍ଲିକ ଓ ପ୍ରୀତିପୁର୍ ପଞ୍ଚାୟତର ଗଣେଶ ସାହୁ, ମଳୟ ନାୟକ, ଶ୍ରୀକାନ୍ତ ମଲ୍ଲିକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

# ବନ୍ୟାଞ୍ଚଳ ସେବାରେ ସ୍ୱେଚ୍ଛାସେବୀ; ବିପନ୍ନଙ୍କୁ ରିଲିଫ୍ ବଣ୍ଟନ














ଯାଜପୁର,୨୨।୮ (ସମିସ)

ଯାଜପୁର ଜିଲ୍ଲାର ବୈତରଣୀ ଓ କାଣୀ ନଦୀର ପ୍ରଳୟଙ୍କରୀ ବନ୍ୟାରେ ଦଶରଥପୁର ବ୍ଲକର କ୍ଷତିଗ୍ରସ୍ତ ହୋଇଥିବା ବିଭିନ୍ନ ପଞ୍ଚାୟତରେ ଆଇଏନ୍‌ଟିୟୁସି ରାଜ୍ୟ ଶାଖା ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆ ଓ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ରାଜ୍ୟ କୃଷି ଓ ଗ୍ରାମ୍ୟ କୋଠାବାଡ଼ି ଶ୍ରମିକ ସଂଘ ଓ ଯାଜପୁର କଂଗ୍ରେସର ମିଳିତ ଆନୁକୂଲ୍ୟରେ ରିଲିଫ୍ ବଣ୍ଟନ କରାଯାଇଛି। ଦଶରଥପୁର ବ୍ଲକର ଜୟନ୍ତରା, ଦୋଭାବିଲ୍, ତରପଦା, ଗଣ୍ଡକୂଳ, ଛଞ୍ଚିଣା, ମଲ୍ଲିକାପୁର, ଦୁଦୁରାଅଣ୍ଟା, ମଙ୍ଗଳପୁର, ଶୁଗୁଆ ଗ୍ରମପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ବନ୍ୟା ଦୁର୍ଗତଙ୍କ ସହ ଆଲୋଚନା କରିବା ସହ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଏଥିରେ କଂଗ୍ରେସ ନେତା ସନ୍ତୋଷ କୁମାର ନନ୍ଦ, ରାଜ୍ୟ ଆବାହକ ହରଣ ମଣ୍ଡଳ, ଜିଲ୍ଲା ପ୍ରବକ୍ତା ସାଗର ପରିଡ଼ା, ରାଜ୍ୟ ଉପସଭାପତି ନୀଳମାଧବ ପାତ୍ର, ସାଧାରଣ ସମ୍ପାଦକ କୁମାର ଜାଲିଆ, ଦଶରଥପୁର ବ୍ଲକର ସ୍ଥାନୀୟ ନେତା ଦେବାନନ୍ଦ ପତି ଓ ଅନୁପମ ମଲ୍ଲିକ ପ୍ରମୁଖ ଦାବି ଜଣାଇଥିଲେ। ସେହିପରି ଯାଜପୁର ବ୍ଲକର ଘାଇ ହୋଇଥିବା ସ୍ଥାନ ଏରବାଙ୍କ ପଞ୍ଚାୟତରେ ବନ୍ୟା ଦୁର୍ଗତମାନଙ୍କୁ ଜିଲ୍ଲା କଂଗ୍ରେସ ଉପସଭାପତି ବିଭୂତି ଭୂଷଣ ମହାପାତ୍ରଙ୍କ ଦ୍ୱାରା ରିଲିଫ୍ ବଣ୍ଟନ କରାଯାଇଥିଲା। ଏଇ ରିଲିଫ୍ ପ୍ରତିନିଧି ଦଳରେ ସ୍ଥାନୀୟ କଂଗ୍ରେସ ନେତା ସନ୍ତୋଷ ନନ୍ଦଙ୍କ ସହ ସ୍ଥାନୀୟ ନେତା ରାଧାଶ୍ୟାମ ପତି, ବାବୁଲି ପରିଡ଼ା, ରମାକାନ୍ତ ଦାସ, ଚଗୁଲୁ ଜେନା, ଶେଖର ସମ୍ବିତ ଧଳ, ନନ୍ଦ କିଶୋର ଦାସ, ଅକ୍ଷୟ ସାହୁ ସହ ଓଡ଼ିଶା କୃଷି ଓ ଗ୍ରାମ୍ୟ କୋଠାବାଡ଼ି ଶ୍ରମିକ ସଂଘର ସମସ୍ତ କର୍ମକର୍ତ୍ତା ପ୍ରଶନ୍ନଜିତ୍ ସମଦାର, ମୁକେଶ ମଣ୍ଡଳ, ବିଶ୍ୱଜିତ ହଳଦାର, ସିବେନ୍ଦ୍ର ମଜୁମଦାର ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

**ବରୁଆଁ:** ଯାଜପୁର ବ୍ଲକ କଂଗ୍ରେସ ସଭାପତି ଗଦାଧର ଦାସଙ୍କ ନେତୃତ୍ୱରେ ଅଧିକ କ୍ଷତିଗ୍ରସ୍ତ ସିମିଳିଆ ପଞ୍ଚାୟତର ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ରିଲିଫ୍ ବଣ୍ଟନ କରାଯାଇଛି। ଯାଜପୁର ବ୍ଲକ୍ ବରିଷ୍ଠ କଂଗ୍ରେସ ନେତା ବିପିନ୍ ବିହାରୀ ନାୟକ, ଚିନ୍ତାମଣି ମେକାପ, ଅକ୍ଷୟ ଜେନା, ନିହାର ଜେନା, ବିଜୟାନନ୍ଦ ନାୟକ, ଆଶିଷ ପଣ୍ଡା, ଶ୍ରୀଧର ନାୟକଙ୍କ ଉପସ୍ଥିତିରେ ବୈତରଣୀ, ବୁଢ଼ା ଓ ଖରୋସ୍ରୋତା ନଦୀର ପ୍ରଳୟଙ୍କରୀ ବନ୍ୟାରେ ପ୍ରଭାବିତ ସିମିଳିଆ, ସଠିଆଟିକିରି, ଦରାଜ ପୁର, ତାଳପଦା , ବଡ଼ବନ୍ତ, ମିର୍ଜାପୁର, ଚିତାହଟା, ବୁଲାକିପୁର ଆଦି ଗ୍ରାମର ବନ୍ୟା ବିପନ୍ନଙ୍କୁ ପାଲ ଓ ୨୦୦ ପରିବାରକୁ ଶୁଖିଲା ଖାଦ୍ୟ ଚୁଡ଼ା, ଗୁଡ଼ ଓ ବିସ୍କୁଟ ଥିବା ବ୍ୟାଗ ବଣ୍ଟନ କରାଯାଇଅଛି। ଏହା ପୂର୍ବରୁ ମାର୍କଣ୍ଡପୁର, ପଣସା, ଛତିଶଦେବିଲ, ବରୁଆଁ, ବେରୁଦା, ଶାମଦାସ ପୁର, ଖଇରାବାଦ, ଭୁବନେଶ୍ୱର ପୁର ଆଦି ପଞ୍ଚାୟତରେ ବ୍ଲକ୍ କଂଗ୍ରେସ କମିଟି ସଭାପତିଙ୍କ ନେତୃତ୍ୱରେ ବନ୍ୟା ବିପନ୍ନ ମାନଙ୍କୁ ଶୁଖିଲା ଖାଦ୍ୟ ଓ ପାଲ ବଣ୍ଟନ କରାଯାଇଥିଲା।

**ମଙ୍ଗଳପୁର:** ଦଶରଥପୁର ବନ୍ୟାରେ ମଙ୍ଗଳପୁର ପଞ୍ଚାୟତରେ ମଧ୍ୟ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହି ପରିପ୍ରେକ୍ଷୀରେ ସାୱନ କିରପାଲ ରୁହାନି ମିଶନ ଭୁବନେଶ୍ୱର ଆଶ୍ରମ ପକ୍ଷରୁ ରିଲିଫ ବଣ୍ଟନ କରାଯାଇଛି। ବଜରାପାଟସ୍ଥ ଆଶ୍ରମର କର୍ମକର୍ତ୍ତା ଅହିୟାସରେ ୨୫୦ପ୍ୟାକେଟ ଓ ମଙ୍ଗଳପୁର ପଞ୍ଚାୟତର ମଙ୍ଗଳପୁର, ନାଲମଲ୍ଲିକ ପାଟଣାର ୩ଟି ୱାର୍ଡରେ ୪୦୦ରୁ ଉର୍ଦ୍ଧ୍ୱ ପ୍ୟାକେଟ ବଣ୍ଟନ କରିଛନ୍ତି। ରିଲିଫ ବଣ୍ଟନ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଆଶ୍ରମର କାର୍ଯ୍ୟକର୍ତ୍ତା ଦେବାନନ୍ଦ ନାୟକ, ତପନ କୁମାର ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ରାଉତ, ସୁଶାନ୍ତ ପଣ୍ଡା, ସଂଜୀବ ମଲ୍ଲିକ, ପ୍ରଶାନ୍ତ ଧଳ, ନାରାୟଣ ଦାସ, ପଞ୍ଚାନନ ରାଉତ, ସ୍ମୃତିରଞ୍ଜନ ସାମଲ, କାର୍ତ୍ତିକେଶ୍ୱର ରାଉତ, ଉଲ୍ଲାସ ରାଉତ, ପ୍ରଭାତ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

**ମଙ୍ଗଳପୁର:** ବୈତରଣୀ ଓ କାଣୀ ନଦୀରେ ବନ୍ୟା ଆସି ଦଶରଥପୁର ବ୍ଲକର ୨୫ରୁ ଉର୍ଦ୍ଧ୍ୱ ପଞ୍ଚାୟତ ଜଳ ଘେରରେ ଥିବାବେଳେ ଡୋବାବିଲ-ପାଟଣା ଘାଇ ଲୋକଙ୍କ ଦୁଃଖ ଦୁର୍ଦ୍ଦସା ବଢ଼େଇ ଦେଇଛି। ଏହି ଦୁର୍ଦ୍ଦିନ ସମୟରେ ସୁଦୂର ପଞ୍ଜାବ ରାଜ୍ୟରୁ ଓୟୁଏସ୍‌ଏସ୍ ଗ୍ରୁପ ଅଫ କମ୍ପାନୀ ତରଫରୁ ତରପଦା ପଞ୍ଚାୟତ ରାମଚନ୍ଦ୍ରପୁର ଠାରେ ଶତାଧିକ ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ସମେତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ବଣ୍ଟନ କରିଥିଲେ। ପଞ୍ଜାବରୁ ଆସି ଓଡିଶାର ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ବନ୍ୟା ବିପନ୍ନଙ୍କୁ ସହଯୋଗର ହାତ ବଢ଼ାଇ ଥିବାରୁ ବନ୍ୟା ବିପନ୍ନଙ୍କ ତରଫରୁ କମ୍ପାନୀର ମୁଖ୍ୟ ପରିଚାଳକ ଦୀପ ମାଲୋହୋତ୍ରା, ଇଷ୍ଟ ଜୋନ ମୁଖ୍ୟ ଲୋକେଶ ସରାର ଓ ଓଡିଶା ରାଜ୍ୟ ମୁଖ୍ୟ ଶ୍ରୀକାନ୍ତ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ରିଲିଫ ବଣ୍ଟନ କରିବାରେ ଯୁବ ସମାଜସେବୀ ଅଶୋକ କୁମାର ରଥ ସହଯୋଗ କରିଥିଲେ।

**କୁଆଖିଆ:** ବନ୍ୟାରେ ଜଳମଗ୍ନ ହୋଇ ଜୀବନ ଦୁର୍ବିସହ ହୋଇପଡ଼ିଥିବା ଲୋକଙ୍କ ପାଖରେ ସେବାର ହାତ ବଢ଼ାଇଛି ପ୍ରମୋଦ ପତି ଫାଉଣ୍ଡେସନ। ବନ୍ୟା ପ୍ରଭାବିତ ଭୋଟକା, ବଣ୍ଟରା, ରାଜେନ୍ଦ୍ରପୁର, ବନ୍ଧଡିହ, ବ୍ରହ୍ମବରଦା ଅଞ୍ଚଳର ବିପନ୍ନ ପରିବାରମାନଙ୍କ ନିକଟରେ ପହଞ୍ଚି ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଫାଉଣ୍ଡେସନର ସଚିବ ଦିବ୍ୟଜ୍ୟୋତି ପତିଙ୍କ ତତ୍ତ୍ୱାବଧାନରେ ଟ୍ରଷ୍ଟର ଅନ୍ୟ ସଦସ୍ୟମାନଙ୍କ ଉପସ୍ଥିତିରେ ଏହି ସେବା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବନ୍ୟା ଯୋଗୁଁ ଦୈନନ୍ଦିନ ଜୀବନ ପ୍ରଭାବିତ ହୋଇଥିବା ଅନେକ ପରିବାରଙ୍କୁ ଶୁଖିଲା ଖାଦ୍ୟ ପହଞ୍ଚାଇ ଫାଉଣ୍ଡେସନ ସେମାନଙ୍କ ଦୁଃଖରେ ସାମିଲ ହୋଇଥିଲା। ବନ୍ୟାର ଦୁଃଖ ମଧ୍ୟରେ ଗୋଟିଏ ଛୋଟ ସହାୟତା ମଧ୍ୟ ଜଣେ ବିପନ୍ନଙ୍କ ମନରେ ବଡ଼ ଆଶା ସୃଷ୍ଟି କରିପାରେ। ସେହି ମାନବିକ ଭାବନାକୁ ଆଧାର କରି ଫାଉଣ୍ଡେସନର ଏହି ସେବା କାର୍ଯ୍ୟ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା ସାଉଁଟି ଥିବା ଜଣାପଡୁଛି।

**ବରୀ:** ବରୀ ବ୍ଲକ ଅନ୍ତର୍ଗତ ଅରଙ୍ଗାବାଦ ଗ୍ରାମପଞ୍ଚାୟତର ହଳଦିଅଣ୍ଟା ଗାଁର ୧୪୦ ବନ୍ୟା ବିପନ୍ନ ପରିବାରଙ୍କୁ ଆନନ୍ଦ ମାର୍ଗ ରିଲିଫ୍ ଟିମ ତରଫରୁ ଚୁଡା, ଚିନି, ଅଟା, ବିସ୍କୁଟ ଆଦି ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ବନ୍ୟା ଯୋଗୁଁ ଅନେକ ପରିବାର ଖାଦ୍ୟ ସାମଗ୍ରୀ ଓ ରୋଜଗାର ହରାଇଥିବାରୁ ଏହି ସହାୟତା ସେମାନଙ୍କ ପାଇଁ ତତ୍କାଳୀନ ଆବଶ୍ୟକତା ପୂରଣରେ ସହାୟକ ହୋଇଛି। ଆଜିର ରିଲିଫ କାର୍ଯ୍ୟରେ ସଂଗଠନର ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ସରୋଜ ମହାପାତ୍ର, ତପନ ପ୍ରଧାନ, ରଶ୍ମିତା ଜତି, ତାରାକାନ୍ତ ଆଚାର୍ଯ୍ୟ, ବିଷ୍ଣୁ ଚରଣ ସାମନ୍ତରାୟ, ଆଶୁତୋଷ ପ୍ରିୟଦର୍ଶନ, ଆଶିଷ କୁସୁମ, ରାଜଶ୍ରୀ ବିଶ୍ୱାଳ, ଜିନାରାଣୀ ମଲିକ୍, ଶୁଭ୍ରା ପଣ୍ଡା, ମାମାଲି ମଲିକ୍, ପ୍ରଜ୍ଞା ପାରମିତା ମଲିକ୍, ମାନସୀ ସେଠୀ ଓ ରତିକାନ୍ତ ପାଢ଼ୀ ପ୍ରଭୃତି ସ୍ୱେଚ୍ଛାସେବୀ ମାନେ ଆଣ୍ଠୁଏରୁ ଅଧିକ ପାଣିରେ ଚାଲି ଚାଲି ବନ୍ୟା ଗ୍ରସ୍ତ ଲୋକଙ୍କ ପାଖରେ ରିଲିଫ ସାମଗ୍ରୀ ପହଞ୍ଚାଇଥିଲେ।

ସୃଜନିକା

ସକାଳ
THE SAKALA
www.sakalaepaper.com

# ଅନୁତାପ



ମହମ୍ମଦ ହିଫ୍‌ଜୁର ରହେମାନ୍



ହାତରେ ଘଡ଼ିକୁ ଦେଖୁଛନ୍ତି, ସେପଟେ ଗେଟ୍ ଆଡ଼କୁ ଚାହୁଁଛନ୍ତି । ଭାରି ବ୍ୟସ୍ତ ଲାଗୁଛି । ଏତେ ଡେରି ହେଲାଣି । ଲୋକଟି ଆସୁନାହିଁ କି ଫୋନ୍ ବି ଉଠାଉ ନାହିଁ । କ'ଣ ହେଇଛି । ଏମିତି ତ କେବେ ହୋଇନାହିଁ ।

ପାର୍କର ଗୋଟିଏ କୋଣରେ ବସି ଏପରି ବ୍ୟସ୍ତ ବିବ୍ରତ ହେଉଛନ୍ତି ଊର୍ମିଳା । ଯାଇ ହେଉନି କି ଅପେକ୍ଷା କରି ବି ହେଉନି । କରିବେ ତ କରିବେ କ'ଣ?

ଠିକ୍ ଏହି ସମୟରେ ଏଣ୍ଟ୍ରି ମାରିଲେ ସୌରଭ । ଗୋଟିଏ ହାତରେ ମୋବାଇଲ୍, ଆଉ ଗୋଟିଏ ହାତରେ ଖାଦ୍ୟ ପୁଡ଼ିଆ । ଊର୍ମିଳାଙ୍କ ପାଖରେ ପହଞ୍ଚିଲା ପରେ କହିଲେ, "ସରି ।"

ସୌରଭଙ୍କୁ ଦେଖିଲା ପରେ ଆଶ୍ୱସ୍ତ ହୋଇ ଛାତିରେ ହାତ ରଖି କହିଲେ, "ଥ୍ୟାଙ୍କ୍ ଗଡ୍ ।"

ଊର୍ମିଳାଙ୍କ ସାଇଡ୍‌ରେ ବସି ପଡ଼ିଲେ ସୌରଭ । ଊର୍ମିଳାଙ୍କ ଆଡ଼କୁ ଚାହିଁ ଆଶ୍ଚର୍ଯ୍ୟ ହୋଇଗଲେ । ତାଙ୍କ ଆଖିରୁ ଲୁହ ଝରୁଥିଲା ଏବଂ ମୁହଁରେ ହସ ବି ଥିଲା ।

ଊର୍ମିଳାଙ୍କ ଆଡ଼କୁ ଖାଦ୍ୟ ପୁଡ଼ିଆ ବଢ଼ାଇ କହିଲେ, "ନିଅ ତମର ପ୍ରିୟ ଚିଜ୍ ସାଣ୍ଡୱିଚ୍ । ସେ ପ୍ୟାକେଟରେ ରହିଛି ମିଲ୍‌କ ସେକ୍ ।"

ଊର୍ମିଳା ପ୍ରଶ୍ନ କରିବା ପୂର୍ବରୁ ସୌରଭ କହିଲେ, "ଟ୍ରାଫିକ୍‌ରେ ଫସି ଯାଇଥିଲି । ମୋବାଇଲ୍ ଉଠାଇ ପାରିଲି ନାହିଁ ।"

"ତମେ ଏବେ ବି ମୋ' ପ୍ରିୟ ଖାଦ୍ୟ କଥା ମନେ ରଖିଛ ", ପଚାରିଲେ ଊର୍ମିଳା ।

ଥରେ ଅଭ୍ୟାସ ହୋଇଗଲେ ଛାଡ଼ିବା ମୁସ୍କିଲ ହୋଇପଡ଼େ... ହଉ ଛାଡ଼ ସେ ପୁରୁଣା କଥା । ଏବେ ତମ ଖବର କ'ଣ କୁହ କେମିତି ଚାଲିଛି ତମର ସଂସାର ? ଏବେ ସବୁ ଠିକ୍‌ଠାକ୍ ତ ?

ସୌରଭଙ୍କ ମୁହଁରୁ ଏହି ପ୍ରଶ୍ନ ଶୁଣି ଦୀର୍ଘ ନିଶ୍ୱାସ ପକାଇ କହିଲେ ଊର୍ମିଳା- "ହଁ, ଚାଲିଛି... "

"ଏତେ ଦୀର୍ଘ ନିଶ୍ୱାସ କାହିଁକି? କୋଟିପତି ସ୍ୱାମୀ ପାଇଲ । ମହଲରେ ରହୁଛ । ଦାମିକିଆ କାରରେ ଯାଉଛ ! ପୁଣି ଅସୁବିଧା କ'ଣ?"

"ମୋ' କଥା ଛାଡ଼, ତମର କେମିତି ଚାଲିଛି କୁହ?" ପଚାରିଲେ ଊର୍ମିଳା । "ବାହାଘର ହେଲାଣି ନା ନାହିଁ?"

"କ'ଣ ଏଇ ପ୍ରଶ୍ନ ପାଇଁ ଏତେ ଦିନ ପରେ ମୋ କଥା ମନେପଡ଼ିଲା? କ'ଣ ଏଇଥିପାଇଁ ଡାକିଥିଲ?" ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲେ ସୌରଭ । "ନାହିଁ ଯେ, ମୁଁ ଏମିତି ପଚାରି ଦେଲି" । ଊର୍ମିଳାଙ୍କୁ ହଡ଼ବଡ଼େଇବା ଦେଖି ହସି ପକାଇଲେ ସୌରଭ "ବାହାଘର ! ନୋ ୱେ ମୋ ଜୀବନରେ ଆଉ ଜଣେ ଊର୍ମିଳା ଏବଂ ଊର୍ମିଳା ଜୀବନରେ ଆଉ ଜଣେ ଅମିତ ଆସୁ, ଏହା ମୁଁ ଚାହେଁ ନାହିଁ ।" ଗମ୍ଭୀର ସ୍ୱରରେ କହିଲେ ସୌରଭ ।

"ମୁଁ କଉ ଖୁସିରେ ଅଛି କି? ତମର ରୋଜଗାର କମ୍ ଥିଲା, କିନ୍ତୁ ଆମେ ଖୁସିରେ ଥିଲୁ । ସମୟ ତ ମିଳୁଥିଲା, ଗପସପ କରିବାକୁ । କିନ୍ତୁ ଦୁର୍ଭାଗ୍ୟ, ଷ୍ଟାଟସ୍ ମୋହରେ ପଡ଼ି ଅନ୍ଧ ହୋଇଯାଇଥିଲି" ନରମ ସ୍ୱରରେ ଊର୍ମିଳା ଆସ୍ତେ ଆସ୍ତେ ଏମିତି କହି ଚାଲିଥିବା ବେଳେ ସୌରଭ ପଚାରିଲେ, "କ'ଣ ଅମିତ ତମକୁ ସମୟ ଦେଉନି ?"

"ଗାଳି, ମାଡ଼ ଛଡ଼ା ଜୀବନରେ ଆଉ କ'ଣ ରହିଯାଇଛି କି..." କହୁ କହୁ ଚୁପ୍ ହୋଇଗଲେ ଊର୍ମିଳା ।

ଏହା ଶୁଣି ହତବାକ୍ ହୋଇଯାଇଥିଲେ ସୌରଭ କିଛି ସମୟ ପାଇଁ ଯେମିତି ପାର୍କରେ ଛାଇ ଯାଇଥିଲା ନିରବତା ପବନ ବନ୍ଦ ହୋଇଯାଇଥିଲା ଏବଂ ଗଛ ପତର ବି ହଲୁନଥିଲା । ସୌରଭ ଏବଂ ଊର୍ମିଳା ପରସ୍ପରକୁ ଚାହିଁ ରହିଲେ । ଆଖି ପତା ବି ପଡୁନଥିଲା । ଊର୍ମିଳାଙ୍କ ମନ ଭିତରେ କୋହ ଏବଂ ଆଖିରୁ ଠକ୍ ଠକ୍ ହୋଇ ଝରିପଡୁଥିଲା ଲୁହ ଟିକିଏ ଯଦି ସୁଯୋଗ ମିଳନ୍ତା, ସୌରଭ କାନ୍ଧରେ ମୁଣ୍ଡ ରଖି କାନ୍ଦି ପକାନ୍ତି । ଦୁଃଖକଷ୍ଟ ତ ଜୀବନ, କିନ୍ତୁ ମନ ହାଲୁକା ତ ହୋଇଯିବ । ଊର୍ମିଳା ମନ ଭିତରେ ଏମିତି ଭାବୁଥିବାବେଳେ ଲୁହ ଝରିବାରେ ଲାଗିଥିଲା ଆଉ ବରଦାସ୍ତ କରିପାରିଲେ ନାହିଁ ସୌରଭ । ଊର୍ମିଳାଙ୍କ ଆଖିରୁ ଲୁହ ପୋଛିବା ପାଇଁ ହାତ ଉପରକୁ ଉଠାଉ ଉଠାଉ ଅଟକିଗଲେ ସୌରଭ । ନିଜକୁ ସମ୍ଭାଳିବା ସ୍ଥିତିରେ ନଥିଲେ ଊର୍ମିଳା । ସେ ଦୁଇ ହାତ ମେଲାଇ ସୌରଭଙ୍କୁ ଧରିବାକୁ ଯାଉଥିବା ବେଳେ ତାଙ୍କୁ ଅଟକାଇଦେଲେ ସୌରଭ । "ଛୁଇଁବାର ଅଧିକାର ଆଉ ନାହିଁ । ଯେଉଁଦିନ ତମେ ମତେ ଡାଇଭର୍ସ କରି ଅମିତକୁ ବାହା ହେଲ, ସେହିଦିନ ଏହି ଅଧିକାର ତମେ ଛଡ଼ାଇ ନେଇଛ ।"

ସୌରଭଙ୍କ ଏହି କଥା ଶୁଣି ଭୋ ଭୋ ହୋଇ କାନ୍ଦି ପକାଇଲେ ଊର୍ମିଳା, କହିଲେ "ମୁଁ ପଶ୍ଚାତାପ କରିବାକୁ ଚାହୁଁଛି ଆଉ ସେ ପଶ୍ଚାତାପର କୌଣସି ମୂଲ୍ୟ ନାହିଁ, ଆଉ ଗୋଟିଏ ଘର, ଆଉ ଗୋଟିଏ ପରିବାର ଭାଙ୍ଗ ନାହିଁ ଲିଭ୍ ମି ଏଲୋନ୍ ।" ପ୍ଲିଜ୍ ହାତଯୋଡ଼ି ଏମିତି କହୁଥିବା ବେଳେ ନିଜ କୋହକୁ ମଧ୍ୟ ସମ୍ଭାଳି ପାରି ନଥିଲେ ସୌରଭ ।■

---

## ଜନ୍ତର ମନ୍ତର

ଅମିୟ ରଞ୍ଜନ ମହାପାତ୍ର



ଗଛର ଗଭାରେ ଫୁଲ ଫୁଟିବାର
ସବୁ ସମ୍ଭାବନା ସଜେଇଦେଇ ଆସିଥିଲି
ନେଇଛ କି ?
କାକରଗାଧୁଆ ଘାସମାନଙ୍କୁ ଦଳି
ଅଙ୍କା ହୋଇଛି ତମ ପାଦଚିହ୍ନ

ପାହାଡ଼ ଓ ପାହାଡ଼ର ବାହୁବନ୍ଧନ ମଝିରେ
ଥୋଇଦେଇ ଆସିଥିଲି ଉଦିତ ସୂର୍ଯ୍ୟର ଚିତ୍ର
ନେଇଆସିଛ କି ?
ଢେଲାପଥର ମାଡ଼ରେ ଭାଙ୍ଗିଯାଇଥିବା ବତୀଖୁଣ୍ଟ
ଆଲୁଅର ରକ୍ତ ଶୁଖି ପାଲଟିଗଲାଣି ଅନ୍ଧାର

ଜହ୍ନର ଜଉମୁଦ ଦେଇ ଆକାଶର ଲଫାପାରେ
ଲେଖିଦେଇ ଆସିଥିଲି ପୂନେଇଁଟେ
ଧୂମକେତୁର ଲାଞ୍ଜରୁ ନିଆଁ ଢାଳିଦେଲ କି ?
ଡାକବାଲା ଫେରେଇଦେଇ ଗଲା
ଜଳି ଜଳି କୋଇଲା ପାଲଟି ଯାଇଥିବା
ଅମାବାସ୍ୟା ରଙ୍ଗର ବେରିଙ୍ଗ୍ ଚିଠି

ରାସ୍ତାକଡ଼ରେ ଯେତେ ହୋର୍ଡିଂ,
ଛପାହୋଇଛି ଅରଣ୍ୟ ଓ ଅଳନ୍ଧୁର ବର୍ତ୍ତମାନ
ତମେ ଅସରପାମାନଙ୍କୁ ଡାକିଥିଲ କି ?
ଦେଶ ବିରୋଧୀମାନଙ୍କ ହାତରୁ
ଅଇଁଠା ପଡ଼ିଛି ଚାରିଆଡ଼େ

ପିଲାଙ୍କ ବିରୋଧ ଶୋଭାଯାତ୍ରାରେ ପିଲାଏ ନାହାନ୍ତି
ଶବ୍ଦମାନେ ପାଲଟି ଯାଇଛନ୍ତି ଗାଳିଗୁଲଜ
ଛଦ୍ମବେଶରେ ଗର୍ଜୁଛି ସ୍ଲୋଗାନ୍
ଦୃଶ୍ୟମାନଙ୍କ ପ୍ରତି ଲୋମକୂପରେ ହିଂସ୍ରତା
ବାଟଟିଏ ଝୁଣ୍ଟୁଛି ଓ ରକ୍ତାକ୍ତ ହେଉଛି ବାଟସାରା

ଆଉଏକ ପୃଥିବୀର ଅନ୍ୟ ଏକ ଆରମ୍ଭ ପାଇଁ
ଇନ୍ଦ୍ରପ୍ରସ୍ଥରୁ ଖାଣ୍ଡବବନ ଯିବା କ'ଣ ନିହାତି ଜରୁରି...? ■

କଳାମଣ୍ଡପ ରାସ୍ତା, ପିଠାପୁର, କଟକ - ୧
ମୋ: ୯୪୩୭୦୨୭୫୭୦



## ଭାବବୋଧ



ଡ. ଅଭୟ ନାରାୟଣ ନାୟକ



ଚକିତ କରେ
ଏତେସବୁ ଅଘଟଣ
ବିବ୍ରତ କରେ କ୍ଷଣ କ୍ଷଣ
ଏ ସଂସାରର ଯେତେକ ରକ୍ତାକ୍ତ କଷଣ
ଏମିତି ଗୋଟାଏ ଜ୍ୱଳନ୍ତ ସହରରେ
ପୋଡ଼ି ଯାଇଥିବା ବସ୍ତି
ଉଜୁଡ଼ି ଯାଇଥିବା ଗାଁ
ଜୁଆର ଭସାଇ ନେଇଥିବା ବସତି
ବର୍ଷାପାଣିରେ ଭାଙ୍ଗିଯାଇଥିବା ମାଟିକାନ୍ଥ
ପବନରେ ଉଡ଼ାଇ ନେଇଥିବା ଟିଣ ଛାତ
ମତେ ପଚାରେ ବାରମ୍ବାର
ଏ ଦୁର୍ଘଟଣା ନା ଘଟଣାର ପ୍ରବାହ
ଏତିକିରେ ବି ଅଟକେ ନାହିଁ
ମୋର ଦରବାରି ପ୍ରଶାସନର
ସଜ ପରମ୍ପରା
ଭାଙ୍ଗେ ସାତ ସପନ
ଭାଙ୍ଗେ ସତ ସପନ
ଲୋଟି ପଡ଼େ ଅସ୍ମିତାର ସୌଧ
ଖୁବ୍ ବିବ୍ରତ ଲାଗେ
ଖୁବ୍ ଅସହାୟ ଲାଗେ ଏ ସକାଳ
କେହି ଜଣେ କହେ
ଏ ସୂର୍ଯ୍ୟ, ଏ ଇନ୍ଦ୍ରଧନୁ, ଏ ଆଲୋକ
ଏ ନଗର, ଏ ଅନ୍ଧାର
ସବୁତ କ୍ଷଣିକର

କ୍ଷଣସ୍ଥାୟୀ ପବନର ଚିତ୍ରିତ ସ୍ୱର
ତଥାପି କାହିଁକି କେଜାଣେ
ଭଲଲାଗେ
ସବୁ ଦୁର୍ଘଟଣା ଭିତରେ
ଦେଖିବାକୁ ସାକାର ସ୍ୱପ୍ନର
ଏକ ଅର୍ଥବୋଧ ସଂସାର
ସଂସାରରେ ଲୋଡ଼ୁଥିବା ଜୀବନ
ହେଉ ଅବା ଈଶ୍ୱରଙ୍କର
ଅଣ-ଈଶ୍ୱର ନିର୍ମିତ
ମଣିଷର ଅଣ-ଈଶ୍ୱର । ■

ଯୁଗ୍ମ ନିର୍ଦ୍ଦେଶକ
ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶା
ୟୁନିଟ- ୯, ଜନପଥ, ଭୁବନେଶ୍ୱର-୨୨
ମୋ. ୯୪୩୭୮ ୯୨୫୪୦

---

# ଗଙ୍ଗାଧରଙ୍କ 'ତପସ୍ୱିନୀ'ରେ କାରୁଣ୍ୟ

ଡକ୍ଟର ଅଭିମନ୍ୟୁ ବରାଳ



ଭଞ୍ଜ ଯୁଗର ଅବସାନ ପରେ ଉତ୍କଳ ସାହିତ୍ୟ ଗଗନରେ ଯେଉଁ କେତୋଟି ଉଜ୍ଜ୍ୱଳ ଜ୍ୟୋତିଷ୍କର ଅଭ୍ୟୁଦୟ ଘଟିଥିଲା, ତନ୍ମଧ୍ୟରୁ ସ୍ୱଭାବ କବି ଗଙ୍ଗାଧର ମେହେର ଅନ୍ୟତମ । ତତ୍କାଳୀନ ସମ୍ବଲପୁର ଜିଲ୍ଲାର ବରପାଲି ନାମକ ଅଖ୍ୟାତ ପଲ୍ଲୀରେ ଏହି ବିଖ୍ୟାତ କବି ଜନ୍ମ ଗ୍ରହଣ କରିଥିଲେ । ୯ ଅଗଷ୍ଟ ୧୮୬୨ ମସିହା ଶ୍ରାବଣ ପୂର୍ଣ୍ଣିମା ତିଥିରେ ପିତା ଚୈତନ୍ୟ ଓ ମାତା ସେବତୀଙ୍କ କୋଳ ମଣ୍ଡନ କରି ଗଙ୍ଗାଧର ଭୂମିଷ୍ଠ ହୋଇଥିଲେ ଏକ ଗରିବ ବୁଣାକାର ପରିବାରରେ । ବାଲ୍ୟକାଳରୁ ଦାରିଦ୍ର୍ୟର କଷାଘାତ ସହ୍ୟ କରିଥିଲେ ଗଙ୍ଗାଧର । ତତ୍କାଳୀନ ସମୟରେ ଗ୍ରାମ୍ୟ ଶିକ୍ଷାନୁଷ୍ଠାନରୁ ଭର୍ଣ୍ଣାକୁଲରେ ଉତ୍ତୀର୍ଣ୍ଣ ହୋଇଥିଲେ । ଅଧିକ ପଢ଼ିବାର ଆର୍ଥିକ କ୍ଷମତା ତାଙ୍କର ନଥିଲା । ଲୁଗାବୁଣାରେ ପିତାଙ୍କୁ ସାହାଯ୍ୟ କରିବା ସହିତ ପରିବାର ପୋଷଣ କରୁଥିଲେ । ନିଜ ସଂପର୍କରେ କବି କହିଛନ୍ତି:-

ଦରିଦ୍ରତା -ପଙ୍କ-ପୂର୍ଣ୍ଣ ମୋ' ଜୀବନ-ସର
ଜଞ୍ଜାଳ - ଜଳଦ-ଜଳେ- ଆବିଳ ଉଦର ।
(ତପସ୍ୱିନୀ-୧ମ ସର୍ଗ)

ଆଧୁନିକ ଶିକ୍ଷା ଲାଭ କରି ନଥିଲେ ମଧ୍ୟ ସେ ନିଜର ସାଧନା ବଳରେ ଓଡ଼ିଆ ପ୍ରାଚୀନ ସାହିତ୍ୟ, ବିଶେଷତଃ ଭଞ୍ଜ ସାହିତ୍ୟ ତଥା ସଂସ୍କୃତ କାବ୍ୟରାଜି, ପୁରାଣ ଆଦି ଅଧ୍ୟୟନ କରିଥିଲେ । ତାଙ୍କ ରଚିତ 'ତପସ୍ୱିନୀ', 'ପ୍ରଣୟ-ବଲ୍ଲରୀ', 'କୀଚକ ବଧ', 'ଇନ୍ଦୁମତୀ', 'ଉତ୍କଳଲକ୍ଷ୍ମୀ', 'ଅର୍ଘ୍ୟଥାଳୀ' ଆଦି କାବ୍ୟକବିତା ପୁସ୍ତକ ଉତ୍କଳ ସାହିତ୍ୟ ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଛି । ତାଙ୍କ ରଚିତ ଲୋକପ୍ରିୟ କାବ୍ୟ 'ତପସ୍ୱିନୀ' କେବଳ ଓଡ଼ିଆ ସାହିତ୍ୟ କାହିଁକି, ସମଗ୍ର ଭାରତୀୟ ସାହିତ୍ୟରେ ମଧ୍ୟ ବିରଳ । ରାମାୟଣ କଥାବସ୍ତୁ ଉପରେ ଏହି କାବ୍ୟଟି ଆଧାରିତ ହେଲେ ମଧ୍ୟ ଏଥିରେ କବିଙ୍କର ମୌଳିକତା ବେଶ୍ ପ୍ରତିଭାତ ।

'ତପସ୍ୱିନୀ' କାବ୍ୟରେ ଗଙ୍ଗାଧରଙ୍କ ଚରିତ୍ର ଚିତ୍ରଣ ଅନନ୍ୟ ଓ ଅସାଧାରଣ । ନିର୍ବାସିତ ସୀତାଙ୍କର ବାଲ୍ମୀକି ତପୋବନରେ କାଳାତିପାତ କରିବା, ସେହିଠାରେ ତାଙ୍କର ମାନସିକ ଅବସ୍ଥାରେ ଯେଉଁ ଚିତ୍ର ଦେଇଛନ୍ତି, ତାହା କେଉଁ ରାମାୟଣରେ ମିଳିବ? ଏଥିପାଇଁ କବି ମୂଳ 'ରାମାୟଣ', 'ଉତ୍ତର ରାମଚରିତ', 'ରଘୁବଂଶ' ପ୍ରଭୃତି ସଂସ୍କୃତ ଗ୍ରନ୍ଥ ସହିତ ଓଡ଼ିଆ 'ବୈଦେହୀଶ ବିଳାସ'କୁ ଭଲ ଭାବେ ଅଧ୍ୟୟନ ତଥା ମନନ କରିଛନ୍ତି । 'ତପସ୍ୱିନୀ'ରେ କବିଙ୍କର ମୌଳିକତା ତଥା ସ୍ୱାତନ୍ତ୍ର୍ୟ ବେଶ୍ ପ୍ରତିଫଳିତ ।

ସଂସ୍କୃତ କବି ଭବଭୂତିଙ୍କର 'ଉତ୍ତର ରାମଚରିତ' ପରି ପ୍ରେମର ଚିତ୍ରରେ ସଂଭୋଗ ଶୃଙ୍ଗାର ଅପେକ୍ଷା ବିପ୍ରଲମ୍ଭ ଶୃଙ୍ଗାର ତାଙ୍କ କାବ୍ୟର ମୁଖ୍ୟ ସ୍ଥାନ ଅଧିକାର କରିଛି । ବିପ୍ରଲମ୍ଭ ନାୟକ ନାୟିକାଙ୍କର ନିବିଡ଼ ହୃଦୟାକର୍ଷଣ ମଧ୍ୟରେ ସେମାନଙ୍କର ଗଭୀର ମାନସଲୋକର ଯେଉଁ ଶାଶ୍ୱତ ଆଲୋଡ଼ନ ସେ ସୃଷ୍ଟି କରିଛନ୍ତି, ସେଥିରେ ପ୍ରଣୟୀ ଓ ପ୍ରଣୟିନୀଙ୍କର ଚାରିତ୍ରିକ ସୁଷମା ଶତବର୍ଣ୍ଣରେ ଉଦ୍‌ଭାସିତ ହୋଇଉଠିଛି । 'ତପସ୍ୱିନୀ'ରେ ରାମ ଓ ସୀତାଙ୍କ ପ୍ରଣୟ ବର୍ଣ୍ଣନା ମେହେରଙ୍କ ସାରସ୍ୱତ ପ୍ରେମ ଓ ସୌନ୍ଦର୍ଯ୍ୟର ଅପୂର୍ବ ଚିତ୍ର ପ୍ରତିଫଳିତ । ବିଚ୍ଛେଦାଗ୍ନି ଦଗ୍ଧ ରାମ ଓ ସୀତାଙ୍କର କରୁଣ ମୂର୍ତ୍ତି କାହା ଚିତ୍ତର କାରୁଣ୍ୟର ତରଙ୍ଗ ସୃଷ୍ଟି ନ କରିବ? ସୀତା ଭାଗିରଥୀ ତୀର କାନନରେ ପରିତ୍ୟକ୍ତା ହୋଇ ବିଳାପ କରିବାର ଦୃଶ୍ୟକୁ ଗଙ୍ଗାଧର ହୃଦୟସ୍ପର୍ଶୀ ଭାବରେ ପ୍ରକାଶ କରିଛନ୍ତି:-

ବୋଲୁଥାନ୍ତି ସେ ଦୁଃଖିନୀ: "ହା ହା ପ୍ରାଣେଶ୍ୱର!
କରୁଣା-ସରିତ-ପତି, ସ୍ନେହ- ଜଳଧର ।
କି କୁଲଗ୍ନେ ଧରିଥିଲ ଅଭାଗିନୀ କର,
ତା' ଲାଗି ଆଳୟ ହେଲ ଦାରୁଣ ଦୁଃଖର ।
X X X X
କୀର୍ତ୍ତି- ଅନୁରୋଧେ ସିନା କଲ ମୋତେ ତ୍ୟାଗ,
ଏ ତୁମ୍ଭର ଉପଯୁକ୍ତ କର୍ମ ମହାଭାଗ!
ଏହି କୀର୍ତ୍ତି-ପତାକାରେ ପାପିନୀର ଚିତ୍ର,
ରହିଯିବ, ଏହା କିନ୍ତୁ ବିଷମ ବିଚିତ୍ର!
ଧିକ ମୋ ଜୀବନ ନାଥ! ଏକା ମୋହଲାଗି,
ଅକଳଙ୍କ ଥାଇ ହେଲ ଅପଯଶ-ଭାଗୀ ।
ତୁମ୍ଭ ଶ୍ରୀଚରଣ ତେଜି କାହିଁରେ ରହିବି?
ଅନଳ ନ ଦହେ ତନୁ; କାହିଁରେ ଦହିବି !"
(ତପସ୍ୱିନୀ, ୧ମ ସର୍ଗ)

ଅଗ୍ନି ପରୀକ୍ଷାର ଅବ୍ୟବହିତ ପୂର୍ବର ଅଗ୍ନିଦେବଙ୍କୁ ସମ୍ବୋଧନ କରି ଜାନକୀ ମହାରାଣୀ ଯେଉଁ ଅପୂର୍ବ ମର୍ମସ୍ପର୍ଶ ତଥା କାରୁଣ୍ୟଭରା ବାଣୀ ଉଚ୍ଚାରଣ କରିଛନ୍ତି ତାହା ଅତ୍ୟନ୍ତ ହୃଦୟଗ୍ରାହୀ ହୋଇଛି ।

"ଜୀବନେ ନ ପାରିଲେ ମୋତେ ମରଣେ,
ସେବିକା କରିଦେବ ପ୍ରଭୁ ଚରଣେ ହେ ।
ମୋ ତନୁ ଦଗ୍ଧ ହେଲେ ହେବତ ଖାର,
ତାହାକୁ କରାଇବ ପାଦପେ ସାର,
ସେ ତରୁକାଷ୍ଠ ନେଇ ବର୍ଦ୍ଧକୀ ହସ୍ତେ,
କରାଇ ଦେବ ପ୍ରଭୁ ପାଦୁକା ମୋତେ ହେ ।"

'ତପସ୍ୱିନୀ'ରେ ସୀତା କେବଳ ବନବାସିନୀ ନୁହଁନ୍ତି, ସେ ଏଠାରେ ବାସ୍ତବରେ ତପସ୍ୱିନୀ । ତପୋବନର ପୂତ ସାତ୍ତ୍ୱିକ ପରିବେଶରେ ସନ୍ୟାସିନୀ ବା ତପସ୍ୱିନୀ ସୁଲଭ ସଂଯମ, ନିଷ୍ଠା, ସହିଷ୍ଣୁତା, ଚିତ୍ତର ଆଧ୍ୟାତ୍ମିକ ଶାନ୍ତି ଓ ନିଷ୍କପଟତା ପ୍ରଭୃତି ସ୍ୱର୍ଗୀୟକୁ ଗୁଣରାଜିର ଆଚରଣରେ ସେ ନିଜର ବନବାସକୁ ପତି-ମଙ୍ଗଳ ସାଧିନୀ ତପସ୍ୟାରେ ପରିଣତ କରି ତପସ୍ୟାର ସିଦ୍ଧି ସ୍ୱରୂପ ନିଜର ସ୍ୱର୍ଗୀୟ ପ୍ରେମ ଓ ପତିବ୍ରତାର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି । ନିର୍ବାସନକୁ ତପସ୍ୟା ଓ ସୀତାଙ୍କୁ ତପସ୍ୱିନୀ ଭାବରେ ଚିତ୍ରଣ କରିବାରେ ଗଙ୍ଗାଧରଙ୍କ ଅପୂର୍ବ ସୌନ୍ଦର୍ଯ୍ୟବୋଧ ଓ ସଂସ୍କାରମୟ ପୁରୁଷର ଅପୂର୍ବ ଅଭିବ୍ୟକ୍ତି ଘଟିଛି ।

ପୁନଶ୍ଚ ସ୍ୱଭାବ କବିଙ୍କ ମାନସଲୋକର ଆଦର୍ଶ ପୁରୁଷ ଶ୍ରୀରାମଚନ୍ଦ୍ରଙ୍କ ଚରିତ୍ର ଅନୁଧ୍ୟାନ କଲେ ଜଣାଯାଏ, କର୍ତ୍ତବ୍ୟାନୁରୋଧରେ ରାମଚନ୍ଦ୍ର ସୀତାଙ୍କୁ ନିର୍ବାସିତ କଲେ ମଧ୍ୟ ଦୁଃସହ ବିଚ୍ଛେଦ ବେଦନାରେ ଜର୍ଜରିତ ହୋଇ ତାଙ୍କ ପ୍ରାଣପକ୍ଷୀ କୁରରୀ ଭଳି କ୍ରନ୍ଦନ କରି ଉଠିଛି । ରାଜାର କଠୋର ରାଜଧର୍ମ ପତ୍ନୀ ପ୍ରେମର ସଂଘର୍ଷରେ କ୍ଷତବିକ୍ଷତ ରାମଚନ୍ଦ୍ରଙ୍କ ହୃଦୟ କି ସାନ୍ତ୍ୱନାର ଭରସା ପୋଷଣ କରିଛି ।

"ମିଥ୍ୟା କଥା ଯେବେ ପ୍ରଜାଏ କହିବେ
ମେଳ ହୋଇ ଶତ ଶତ,
ମିଥ୍ୟା ଜାଣି ଜାଣି ତାଙ୍କୁ ମାନି ମାନି
ବୋଲାଯାଏ ସତ ସତ ।" (ତପସ୍ୱିନୀ, ତୃତୀୟ ସର୍ଗ)

ପ୍ରକୃତି ରଞ୍ଜନ ପାଇଁ ରାମଚନ୍ଦ୍ର ବାଧ୍ୟ ହୋଇ ସୀତାଙ୍କୁ ବନକୁ ପ୍ରେରଣ କରିଛନ୍ତି । ନଚେତ୍ ରାଜ୍ୟରେ ବ୍ୟଭିଚାର ବ୍ୟାପି ଯିବ, ପୁନଶ୍ଚ କହିଛନ୍ତି –

'ହୃଦ ପଛେ ଜ୍ୱଳେ ବିଦ୍ୟୁତ୍- ଅନଳେ
ଜଳଦାନେ ଘନ ବାଧି,
ସୁଖ ତେଜିରାଜା ତୋଷିବ ପରଜା
ତେବେ ତ ପରମାରାଧ ।" (ତପସ୍ୱିନୀ, ତୃତୀୟ ସର୍ଗ)

ରାମଚନ୍ଦ୍ରଙ୍କ ମନସ୍ତତ୍ତ୍ୱକୁ କବି ଗଙ୍ଗାଧର 'ତପସ୍ୱିନୀ'ର ତୃତୀୟ ସର୍ଗରେ ଅତ୍ୟନ୍ତ କମନୀୟ ଭାବରେ ବର୍ଣ୍ଣନା କରିଛନ୍ତି । ଗଙ୍ଗାଧରଙ୍କ 'ତପସ୍ୱିନୀ'ର କାବ୍ୟରେ କାରୁଣ୍ୟ ଚିତ୍ର ଅତ୍ୟନ୍ତ ମର୍ମଭେଦୀ ଭାବେ ପ୍ରତିଫଳିତ ହୋଇଛି ।

ଗଙ୍ଗାଧରଙ୍କ 'ପ୍ରଣୟ ବଲ୍ଲରୀ', 'କୀଚକ ବଧ', 'ଇନ୍ଦୁମତୀ' ପ୍ରଭୃତି କାବ୍ୟକୁ ଦେଖିଲେ ଅନୁମିତ ହୁଏ ଯେ, ଏକ ମଧୁମୟ ଭାବ ସ୍ରୋତ ତହିଁରେ ପ୍ରବାହିତ । ବ୍ୟାସକବି ଫକୀର ମୋହନ 'ଉତ୍କଳ ଭ୍ରମଣ'ରେ କହିଛନ୍ତି-

"ବରପାଲୀ ଦେଶେ ଅଛି ଗଙ୍ଗାଧର ମେହେର,
ତାହାଙ୍କ କବିତା ପଢ଼ିଲାଣି ଢେର ଢ଼େର ।
କବିତାଗୁଡ଼ିକ ପଢ଼ି ମନ ମାନି ଯାଏ,
ଆଉ ସେ ଲେଖିବ କିଛି ବାଟ ଚାହିଁ ଥାଏ ।"

ଉପରୋକ୍ତ ସ୍ୱଭାବ ସୁଲଭ ସରଳ ରୀତିରେ କବି ଗଙ୍ଗାଧର ଓ ତାଙ୍କ କବିତା ସମ୍ପର୍କରେ ଏହିପରି ଅପ୍ରକଟ ପ୍ରଶସ୍ତି ଉଲ୍ଲେଖ କରି ଯାଇଛନ୍ତି । ବାସ୍ତବିକ ଗଙ୍ଗାଧରଙ୍କ କବି ପ୍ରତିଭା ଯେ ଅତି ଉଚ୍ଚକୋଟୀର ଓ ତାଙ୍କ କାବ୍ୟକବିତା-ସମୂହ ଯେ ଓଡ଼ିଆ ପଦ୍ୟ ସାହିତ୍ୟକୁ ସୁସମୃଦ୍ଧି ଓ ଗୌରବାନ୍ୱିତ କରିଛି, ଏକଥା କହିବା ନିଷ୍ପ୍ରୟୋଜନ । ପଲ୍ଲୀକବି ନନ୍ଦକିଶୋର ବଳ ଯଥାର୍ଥରେ କହିଛନ୍ତି –

"କିନ୍ତୁ ତୁମେ ଦୀନକବି ରହିବ ଜୀବିତ,
ଯେତେ ଦିନ ଥିବ ଭବେ ଓଡ଼ିଆ ସାହିତ୍ୟ ।" ■


ବର୍ଷଣା ବିହାର
ମନ୍ଦିର ମାର୍ଗ, ସାକ୍ଷୀଗୋପାଳ, ପୁରୀ
ମୋ: ୯ ୯୩୭୮ ୩୫୨୩୦

---

## ପୁସ୍ତକ ପରିଚୟ

### ହୀରାକୁଦ ବନ୍ଧ କହେ

କବିତା ବାରିକ





ପେନ୍ ଇନ୍ ବୁକ୍ସ
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୧୯ ଟଙ୍କା

ଭିଟାମାଟିର ମୋହ ସର୍ବଦା ମଣିଷକୁ ବାନ୍ଧି ରଖେ । କିନ୍ତୁ ବେଳେ ବେଳେ ସମୟର କ୍ରୂର ପରିହାସରେ ଛାଡ଼ିବାକୁ ପଡ଼ିଥାଏ ନିଜ ପ୍ରିୟ ଜନ୍ମମାଟିକୁ । ହୀରାକୁଦ ବହୁମୁଖୀ ନଦୀ ବନ୍ଧ ଯୋଜନା ଯୋଗୁଁ ହଜାର ହଜାର ଲୋକ ବିସ୍ଥାପିତ ହୋଇଥିଲେ । ହୀରାକୁଦ ବନ୍ଧ ନିର୍ମାଣ ଜନିତ ବିସ୍ଥାପନ ସମସ୍ୟା ଓ ବିସ୍ଥାପିତଙ୍କ କରୁଣ କାହାଣୀକୁ ନେଇ ପ୍ରକାଶ ପାଇଛି କବିତା ବାରିକଙ୍କ 'ହୀରାକୁଦ ବନ୍ଧ କହେ' ଉପନ୍ୟାସ । ଏହା ଏକ ତଥ୍ୟ ଭିତ୍ତିକ ଉପନ୍ୟାସ । ହୀରାକୁଦ ବନ୍ଧ ନିର୍ମାଣର ଇତିହାସ, ବନ୍ଧ ନିର୍ମାଣ ପଛର ନିଷ୍ଠୁର ବାସ୍ତବତା, ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶିତ ଖବର, ହୀରାକୁଦ ବନ୍ଧର ଉପକାରିତା, ବିସ୍ଥାପିତଙ୍କ ଭାଗ୍ୟ, ବିସ୍ଥାପିତଙ୍କ ମତମନ୍ତବ୍ୟ ଆଦିକୁ ନେଇ ଏହି ଉପନ୍ୟାଟି ରଚିତ । ଉପନ୍ୟାସଟିକୁ ୧୦ ଭାଗରେ ବିଭକ୍ତ କରାଯାଇଛି । ହଜାର ହଜାର ଲୋକଙ୍କ ତ୍ୟାଗ, ବଳିଦାନ, ଉଚ୍ଛେଦ ସମୟର ନିର୍ଯାତନା, ବିସ୍ଥାପିତଙ୍କ ଜୀବନର କାରୁଣ୍ୟ, ଅସହାୟତା, ବିସ୍ଥାପିତଙ୍କ ପ୍ରତି ପ୍ରଶାସନିକ ଉଦାସୀନତାର ଚିତ୍ର ଅତି ମାର୍ମିକ ଭାବେ ଚିତ୍ରତ ହୋଇଛି ଏହି ଉପନ୍ୟାସରେ । 'ହୀରାକୁଦ ବନ୍ଧ କହେ' ଉପନ୍ୟାସଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ପ୍ରତ୍ୟୟର ପ୍ରତିଶ୍ରୁତି

ସୁଶାନ୍ତ କୁମାର ନାୟକ





ଅପୂର୍ବା
ଖାରବେଳ ନଗର, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୨୫୦ ଟଙ୍କା

"ସମୟର ପ୍ରତି ପାହାଚରେ/ ଅନାଗତ ମୁହୂର୍ତ୍ତମାନଙ୍କୁ ଅପେକ୍ଷା କରି/ ଝୁଣ୍ଟୁଥାଏ ଜୀବନ ।" (ଭଗ୍ନସ୍ତୂପ) ସତରେ ସମୟ ଛାଡ଼ିଯାଏ ସ୍ମୃତିର ଛାପ । ଆଉ ଅତୀତର ଭଗ୍ନସ୍ତୂପରୁ ମଣିଷ ଖୋଜୁଥାଏ ଜୀବନ । ସମୟ ସହିତ ବଦଳି ଯାଏ ମଣିଷର ଚରିତ୍ର । ମଣିଷ ଜୀବନ, ସମୟ, ସ୍ମୃତି କଳାତ୍ମକ ଭାବେ ଫୁଟି ଉଠିଛି ସୁଶାନ୍ତ କୁମାର ନାୟକଙ୍କ 'ପ୍ରତ୍ୟୟର ପ୍ରତିଶ୍ରୁତି' ପୁସ୍ତକର କବିତାଗୁଡ଼ିକରେ । ଏହି ପୁସ୍ତକରେ ସଂକଳିତ 'ପ୍ରଥମ ଆଲୁଅ', 'ଭଗ୍ନସ୍ତୂପ', 'ପରିତାପର ଚେହେରା', 'ସ୍ୱପ୍ନଭିଜା ସକାଳ', 'ମେଘ', 'ମରଣର ପିଲାଦିନ', 'ସ୍ମୃତିର ଲୁଚକାଳି ଖେଳ', 'କଳ୍ପନାର ଅବୟବ', 'ଶେଷ ସମୟ', 'ରହସ୍ୟମୟ ଛାଇ', 'ପ୍ରତ୍ୟାବର୍ତ୍ତନ', 'ମୃତ୍ୟୁର ମୁହଁ', 'ପ୍ରତ୍ୟୟର ପ୍ରତିଶ୍ରୁତି', 'ଅଭିଶପ୍ତ ଜୀବନ' ଆଦି କବିତାଗୁଡ଼ିକରେ ସାଂପ୍ରତିକ ସମୟର ଛାପ ଅତ୍ୟନ୍ତ ବଳିଷ୍ଠ ଭାବେ ପ୍ରସ୍ଫୁଟିତ ହୋଇଛି । ମଣିଷ ଅସୁମାରି ସ୍ୱପ୍ନ, ଆଶା, ଆକାଂକ୍ଷା, ମାନବୀୟ ଆବେଗ, ସାମାଜିକ ବାସ୍ତବତାକୁ କବି ଅତି ମାର୍ମିକ ଭାବେ ଅନେକ କବିତାରେ ରୂପାୟିତ କରିଛନ୍ତି । 'ପ୍ରତ୍ୟୟର ପ୍ରତିଶ୍ରୁତି'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ବାଲିଘର

ପ୍ରତିଭା ପରିଡ଼ା




ବିଦ୍ୟା ପବ୍ଲିଶିଙ୍ଗ୍ ଇଙ୍କ୍
ପଟିଆ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୨୦୦ ଟଙ୍କା

"ସଂପର୍କ ଆଉ ମମତା ତ ଜୀବନର ପରମାର୍ଥ । ଆଉ ଏଇଥିପାଇଁ ହିଁ ଜୀବନ କେବଳ ମିଥ୍ୟାମାୟାର ବନ୍ଧନ ନୁହେଁ । ସବୁରି ଊର୍ଦ୍ଧ୍ୱରେ ସେଇ ବନ୍ଧନ ତ ମହାସତ୍ୟ ।" (ବାଲିଘର-ପୃଷ୍ଠା-୧୦୮) ମାନବୀୟ ସମ୍ବନ୍ଧ, ସ୍ନେହ, ପ୍ରେମ, ମମତାରେ ବନ୍ଧା ମଣିଷ ଜୀବନ । ପରିବାର ସଦସ୍ୟଙ୍କ ଭିତରେ ରାଗ, ଅଭିମାନ, ମତାନ୍ତର ଭିତରେ ମଧ୍ୟ ସଂପର୍କର ସେତୁ ନିବିଡ଼ ହୋଇଥାଏ । ଏମିତି ଏକ ପାରିବାରିକ ସଂପର୍କକୁ ନେଇ ପ୍ରତିଭା ପରିଡ଼ାଙ୍କ 'ବାଲିଘର' ଉପନ୍ୟାସର କାହାଣୀ ଗତିଶୀଳ । ଗୋଟିଏ ମଧ୍ୟବିତ୍ତ ପରିବାରର ସୁଖ, ଦୁଃଖ, ସଂଘର୍ଷମୟ ଚିତ୍ର ଅତି ମାର୍ମିକ ଭାବେ ଫୁଟି ଉଠିଛି ଏହି ଉପନ୍ୟାସର ଛତ୍ରେଛତ୍ରେ । ଦିନରାତି ଗ୍ଲାନି, ସନ୍ତାପରେ ଜୀବନ ଜୀଉଁଥିବା 'ବାପା' ଚରିତ୍ରକୁ ଅତି ବଳିଷ୍ଠ ଭାବେ 'ବାଲିଘର' ଉପନ୍ୟାସରେ ଚିତ୍ରଣ କରାଯାଇଛି । ବିଟୁ, ଶିଳା ଆଦି ଚରିତ୍ର କାହାଣୀରେ ଅଧିକ ଉତ୍କଣ୍ଠା ଭରିଦେଇଛନ୍ତି । ମଣିଷ ଜୀବନର ଲୁହ, କୋହ, ଆବେଗକୁ ନେଇ ଗତିଶୀଳ ଏହି ଉପନ୍ୟାସର କାହାଣୀ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

# ଚିନିର ଅହେତୁକ ଦରବୃଦ୍ଧି ପାଇଁ ଡବଲ ଇଞ୍ଜିନ ସରକାର ଦାୟୀ: ବିଜେଡି

- ଓଡ଼ିଶାରେ ଚିନିର ଦର ଦେଶରେ ସର୍ବାଧିକ
- ଇଥାନଲ ଉତ୍ପାଦନ ବୃଦ୍ଧି ପରେ ଚିନି ଅଭାବ
- ଦ୍ୱିତୀୟ ସର୍ବବୃହତ୍ତ ରପ୍ତାନିକାରୀ ଥିଲା ଭାରତ
- ଚଳିତବର୍ଷ ଚିନି ବିଦେଶରୁ ଆମଦାନୀ କରିବ

ଭୁବନେଶ୍ୱର,୨୨।୮ (ସମିସ): ଦେଶରେ ଅତ୍ୟାବଶକ ସାମଗ୍ରୀର ଦର ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ଦେଶରେ ଅନ୍ୟ ସମସ୍ତ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶାରେ ଚିନିର ଦର ସର୍ବାଧିକ ହୋଇଥିବାରୁ ବିଜୁ ଜନତା ଦଳ ଏଥିପାଇଁ ଡବଲ ଇଞ୍ଜିନ ସରକାରଙ୍କୁ ଦାୟୀ କରିଛି। ପାର୍ବଣ ଋତୁ ଆଗମନର ଠିକ୍ ପୂର୍ବରୁ ଚିନିର ଦରବୃଦ୍ଧି ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି ବୋଲି ବିଜେଡି କହିଛି।

ଶନିବାର ବିଜୁ ଜନତା ଦଳ ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ୍ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଚିନି ଭଳି ଏକ ନିତ୍ୟ ଆବଶ୍ୟକ ସାମଗ୍ରୀର ଦରବୃଦ୍ଧି ସମସ୍ତଙ୍କୁ ବ୍ୟଥିତ କରିଛି। ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟରୁ ଜଣାପଡିଛି ଯେ ଦେଶର ସମସ୍ତ ରାଜ୍ୟମାନଙ୍କ ଭିତରେ ଚିନିର ଦର ଓଡ଼ିଶାରେ ସର୍ବାଧିକ ରହିଛି। ଚିନିର ଦର ନିୟନ୍ତ୍ରଣରେ ରଖିବା ପାଇଁ କେନ୍ଦ୍ର ବା ରାଜ୍ୟ ସରକାର କିଛି ପଦକ୍ଷେପ ନେଇ ନାହାନ୍ତି। ଚିନି ସମେତ ଅତ୍ୟାବଶକ ସାମଗ୍ରୀର ଅହେତୁକ ଦର ବୃଦ୍ଧି ପାଇଁ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ଦାୟୀ। ଡ. ମହାନ୍ତି କହିଥିଲେ ଯେ ଦେଶରେ ପେଟ୍ରୋଲ ସହିତ ଇଥାନଲ ମିଶାଇବା ପାଇଁ କେନ୍ଦ୍ର ସରକାରଙ୍କ ନୀତି ଚିନିର ଅହେତୁକ ଦରବୃଦ୍ଧି ପାଇଁ ଦାୟୀ ବୋଲି ଅଭିଯୋଗ ହେଉଥିଲା ବେଳେ କେନ୍ଦ୍ର ସରକାର ଏହାକୁ ଖଣ୍ଡନ କରିଛନ୍ତି। କିନ୍ତୁ ମିଳିଥିବା ତଥ୍ୟ ଅନୁଯାୟୀ, ଦେଶରେ ଇଥାନଲ ପେଟ୍ରୋଲରେ ମିଶାଇବା ନୀତି ହେବା ପୂର୍ବରୁ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତ ରପ୍ତାନିକାରୀ ଦେଶର ମାନ୍ୟତା ପାଇଥିଲା। ଭାରତରେ ଉତ୍ପାଦିତ ହେଉଥିବା ୨୮ ପ୍ରତିଶତ ଆଖୁ ଇଥାନଲ ଉତ୍ପାଦନ ପାଇଁ ବ୍ୟବହାର ହେଉଛି, ଯାହା ଯୋଗୁଁ ଭାରତରେ ଚିନି ଉତ୍ପାଦନ ହ୍ରାସ ପାଇଛି। କିନ୍ତୁ ଦେଶରେ ଇଥାନଲ ଉତ୍ପାଦନରେ ଅହେତୁକ ବୃଦ୍ଧି ପାଇବା ପରେ, ଚଳିତ ବର୍ଷ ଭାରତ ଚିନି ବିଦେଶକୁ ରପ୍ତାନୀ କରିବା ପରିବର୍ତ୍ତେ ବିଦେଶରୁ ଆମଦାନୀ କରିବ। ଏଥିରୁ ସ୍ପଷ୍ଟ ହେଉଛି ଯେ ଚିନିର ଅଭାବ ମନୁଷ୍ୟକୃତ ଓ ଏଥିପାଇଁ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ରୂପେ ଦାୟୀ।

## ଖଲ୍ଲିକୋଟରେ ପୁଣି ଦାଦନ ଦୁଃଖ

# ଦୁବାଇରେ ଚାଲିଗଲା ଓଡ଼ିଆ ଶ୍ରମିକଙ୍କ ଜୀବନ

ଖଲ୍ଲିକୋଟ,୨୨।୮ (ସମିସ): କାନ୍ଥରୁ ଲିଭିନି 'ଶୁଭ ବିବାହ' ଲେଖା। ଦାଦନ ନେଇଗଲା ସୁନା ସଂସାର। ରାକ୍ଷୀ ବାନ୍ଧିବାକୁ ଚାହିଁଥିବା ଭଉଣୀ ହାତରେ ରହିଗଲା ରାକ୍ଷୀ। ଦୁବାଇରୁ ଆସିଲା ଭାଇର ମୃତ୍ୟୁ ଖବର। ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟର ଉତ୍ତମ ଗୌଡ଼ଙ୍କ ଏହି କରୁଣ କାହାଣୀ ପୁଣି ଥରେ ଦାଦନ ଯନ୍ତ୍ରଣାର ନଗ୍ନଛବିକୁ ପଦାରେ ପକାଇଛି। ଖଲ୍ଲିକୋଟ ଏନଏସି ୯ ନମ୍ବର ୱାର୍ଡ ଫାସୁଲା ଗ୍ରାମର କୈଳାଶ ଗୌଡ଼ଙ୍କ ପୁଅ ଉତ୍ତମ ଗୌଡ଼ ପରିବାର ପ୍ରତିପୋଷଣ ପାଇଁ ଗତ ୨ ବର୍ଷ ତଳେ ସୁଦୂର ଦୁବାଇ ଯାଇଥିଲେ। ସେଠାରେ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ସେଠାରେ ରୋଜଗାର କରି ଯାହା କିଛି ଅର୍ଥ ପଠାଉଥିଲେ ସେଥିରେ ପରିବାର ବେଶ ହସଖୁସିରେ ଚଳି ଯାଉଥିଲେ। ଏବେ ରାକ୍ଷୀକୁ ଘରକୁ ଆସିବାକୁ ଟିକେଟ କାଟିଥିଲେ ଉତ୍ତମ। ଭଉଣୀକୁ ମଧ୍ୟ ଫୋନ କରି ଏ ସମ୍ପର୍କରେ ଜଣାଇଥିଲେ। କିନ୍ତୁ ଗତ ତିନିଦିନ ତଳେ ଉତ୍ତମ କମ୍ପାନୀରେ କାମ କରୁଥିବା ବେଳେ ହଠାତ ମୁଣ୍ଡ ବୁଲାଇ ତଳେ ପଡ଼ି ଯାଇ ଅଚେତ ହୋଇ ଯାଇଥିଲେ। ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ମେଡିକାଲକୁ ନିଆ ଯାଇଥିଲା ଓ ସେଠାରେ ଆଇସିୟୁରେ ରହି ସେ ଚିକିତ୍ସା ହେଉଥିଲେ। କିନ୍ତୁ ଗତକାଲି ତାଙ୍କର ମୃତ୍ୟୁ ଘଟିଥିବା ଖବର ଘରେ ପହଞ୍ଚିଥିଲା। ମୃତ୍ୟୁ ଖବର ପାଇବା ପରେ ପୂରା ପରିବାର ଶୋକରେ ବୁଡି ଯାଇଥିଲା। ସ୍ତ୍ରୀ ସାଗରୀକା ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣି ମୁଣ୍ଡ ପିଟି କାନ୍ଦୁଥିବା ବେଳେ ରାକ୍ଷୀ ବାନ୍ଧିବାକୁ ଚାହିଁ ବସିଥିବା ଭଉଣୀ ଝରଣା ଭାଇକୁ ବାହୁନି କାନ୍ଦୁଛନ୍ତି। ବାପା, ମାଆ ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ଦୁଃଖରେ ଭାଙ୍ଗି ପଡିଛନ୍ତି। ମୃତ ଉତ୍ତମଙ୍କ ଗୋଟିଏ ତିନି ବର୍ଷ ବୟସର ପୁଅ କିଛି ବୁଝି ନ ପାରି ସମସ୍ତେ କାନ୍ଦୁଥିବା ଦେଖି ଅବାକ ହୋଇ ଚାହୁଁଥିଲା। ଘରର ଏକମାତ୍ର ରୋଜଗାରିଆ ପୁଅକୁ ଶେଷ ଦର୍ଶନ କରିବାକୁ ଉତ୍ତମଙ୍କ ମୃତଦେହ ଫେରାଇ ଆଣିବାକୁ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି ପରିବାର ଲୋକେ।



# ଆଜି ୧୮ ଜିଲ୍ଲାରେ ପ୍ରବଳ ବର୍ଷା !

**୨୪ ଘଣ୍ଟାରେ ଲଘୁଚାପ**

ଭୁବନେଶ୍ୱର,୨୨।୮ (ସମିସ): ଉତ୍ତର ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଏବଂ ତତ୍ -ସଂଲଗ୍ନ ବାଂଲାଦେଶ ଉପକୂଳସ୍ଥ ସମୁଦ୍ର ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଛି ବୋଲି ଆକଳନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଏହି ସମ୍ଭ୍ୟା ଲଘୁଚାପ ଫଳରେ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ସୂଚନା ଅନୁଯାୟୀ ରବିବାର କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, ରାୟଗଡା ଓ କୋରାପୁଟ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଚି। ଏହାବ୍ୟତୀତ ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, ସୋନପୁର, ବଲାଙ୍ଗୀର, କନ୍ଧମାଳ, ନବରଙ୍ଗପୁର, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସୋମବାର ସୁନ୍ଦରଗଡ଼, ସମ୍ବଲପୁରରେ ପ୍ରବଳରୁ ଅତିପ୍ରକବଳ ବର୍ଷା ସମ୍ଭାବନା ଥିବାବେଳେ ଝାରସୁଗୁଡା, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର ଓ ବଲାଙ୍ଗୀରରେ ପ୍ରବଳ ବର୍ଷା ସମ୍ଭାବନା ଥିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।


**OFFICE OF THE PRINCIPAL:PARBATIGIRI WOMEN'S COLLEGE:BARGARH**

NOTICE INVITING QUOTATION

Subject: Supply and Installation of Public Address System.

Sealed quotations are invited from reputed authorised dealer and supplier for the supply and installation of Public Address (PA) System for the college campus as detailed below: | S. No. Item Name Configuration/Specification Required:

ESTIMATED COST:RS.2,00,000/-

| PA SYSTEM | |
|---|---|
| BRAND & COMPANY NAME | SONY AND AHUJA |
| ITEMS | |
| Master Unit (Amplifier 20 Capacity) And Mixer | Master Unit for PA System 08 Bit Embedded Microcontroller-Based, 16 Character 2 Line LCD Display, 1 X 6.35mm Mic Port, Independent Volume Control for Speaker Output, Micro-SD Support Up to 32 GB |
| Indoor Column Speaker & Outdoor Horn Speakers | Speaker for Classroom Active Two-Way Classroom Speaker, Built-in Condenser Mic |
| Microphones(Wired and Wireless Sets) | Goose Neck MIC 18" - 20" |
| Shielded Cable,Stand and Connectors | 3 Core Shielded Cable-Per 100 Meter Roll |
| Copper Cable | 2 Core Copper Cable-Per 90 Meter Roll |
| Installation Per Device | Charges for Master Unit & Speaker Per Unit |
| Installation Per Device | Charges for Master Unit & Speaker Per Unit |
| Podium | AMPLIFIER<br>Power Output: 30 Watts Max, 60 Watts Rated<br>Push Channels: Mic-1(Goose-neck Mic, Ext), Mic-2, Siren, Line 100V-IN, Aux 200mV<br>Frequency Response: 50-16,000Hz<br>Tone Control: Bass ±6dB at 100Hz, Treble ±6dB at 10kHz<br>USB Option: Yes<br>Digital Player: USB recording player with USB, SD, MMC card & Bluetooth<br>USB Charge Outlet: DC 5V, 1A<br>External Speaker Impedance: 4Ω-16Ω<br>Power Supply: AC 220/240V, 50/60Hz<br>Power Consumption: AC, 120VA<br>Dimensions: W408 x H110 x D240 mm<br>MICROPHONE (Handheld Transmitter)<br>Microphone element: Dynamic, Cardiod<br>RF Output Power: 10mW nominal<br>Frequency Response: 50 - 15,000Hz<br>Power Requirement: 2x1.5V AA (or Alkaline Cells)<br>Current Consumption: 140 mA<br>Dimensions: 265 × 51 × 248 mm<br>Weight (w/o battery): 190g |
| Lapel Mic | Wireless Lapel Mic |
| All Charges | Installation,Labour, Testing, Tax buffer |

N.B. The eligible firm may submit their quotation and relevant documents to "The Principal Parbatigiri Women's College, Bargarh-768028,Bargarh, Odisha" by Registered/Speed Post Up to 01.00 PM on or before DT.01.09.2026 along with copies of valid GST Registration Certificate/Udyam Registration Certificate/Gem Registration/PAN and last Income Tax Return Certificate.The authority reserves the right to cancel the quotation call without assigning any reason therefore.

Sd/- Principal,
Parbatigiri Women's College, Bargarh


# ମୟୂରଭଞ୍ଜରୁ ଧରାପଡ଼ିଲା ମ୍ୟୁଲ୍ ଆକାଉଣ୍ଟଧାରୀ

**ଅବସରପ୍ରାପ୍ତ ବ୍ୟାଙ୍କ୍ ମ୍ୟାନେଜରଙ୍କୁ ଚୂନ**

ଭୁବନେଶ୍ୱର, ୨୨।୮ (ସମିସ): କ୍ରେଡିଟ୍ କାର୍ଡ କରାଇବା ଆଳରେ ଅବସରପ୍ରାପ୍ତ ବ୍ୟାଙ୍କ୍ ମ୍ୟାନେଜରଙ୍କ ଠାରୁ ୯ ଲକ୍ଷ ଟଙ୍କା ଠକି ନେଇଛନ୍ତି ସାଇବର ଠକ। ଅଭିଯୋଗ ପାଇବା ପରେ ମ୍ୟୁଲ୍ ଆକାଉଣ୍ଟଧାରୀକୁ ଗିରଫ କରିଛି ଭୁବନେଶ୍ୱର ସାଇବର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ମୟୁରଭଞ୍ଜ ଜିଲ୍ଲା ଝାରପୋଖରୀଆ ଥାନା ଗୁଡ଼ି ସାହିର ରାଜେନ୍ଦ୍ର ସିଂ (୩୧)।

ପୁଲିସ ସୂଚନାନୁଯାୟୀ, ଭୁବନେଶ୍ୱରରେ ରହୁଥିବା ୬୯ ବର୍ଷୀୟ ଚିଦାନନ୍ଦ ରାଓ ଗୌର ଘରୋଇ ବ୍ୟାଙ୍କର ଜଣେ ଅବସରପ୍ରାପ୍ତ ମ୍ୟାନେଜର। ଗତବର୍ଷ ମାର୍ଚ୍ଚରେ ଫେସବୁକ୍ ଜରିଆରେ ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜରମାନଙ୍କ ପାଇଁ ଏକ ସ୍ୱତନ୍ତ୍ର କ୍ରେଡିଟ୍ କାର୍ଡର ବିଜ୍ଞାପନ ଦେଖିଥିଲେ। ନିଜେ ଅବସରପ୍ରାପ୍ତ ବ୍ୟାଙ୍କ୍ କର୍ମଚାରୀ ହୋଇଥିବାରୁ ଉକ୍ତ ବିଜ୍ଞାପନ ଲିଙ୍କରେ ନିଜର ସମସ୍ତ ତଥ୍ୟ ପୂରଣ କରିଥିଲେ। ପରେ ଜଣେ ସାଇବର ଠକ ନିଜକୁ କ୍ରେଡିଟ୍ କାର୍ଡ ଅଧିକାରୀ ବୋଲି ପରିଚୟ ଦେଇ ହ୍ୱାଟ୍ସଆପ୍ ମାଧ୍ୟମରେ ଏକ ନକଲି ଆପ୍ଲିକେସନ୍ 'ଆଇଏନଡି ସ୍ମାର୍ଟ' ଡାଉନଲୋଡ୍ କରିବାକୁ କହିଥିଲା। ଚିଦାନନ୍ଦ ଆପ୍ ଡାଉନଲୋଡ୍ କରିବା ମାତ୍ରେ ତାଙ୍କର ଦୁଇଟି ବ୍ୟାଙ୍କ୍ ଆକାଉଣ୍ଟରୁ ମୋଟ ୯ ଲକ୍ଷ ୩୪ ଟଙ୍କା ଠକେଇ ହୋଇଯାଇଥିଲା।

**ଆସାମ, ଦିଲ୍ଲୀ ଓ ଗୁଜରାଟରୁ ବି ଆସିଛି ଟଙ୍କା**

**୬ ହଜାର ଟଙ୍କାରେ ଭଡ଼ା ଦେଇଥିଲା ଆକାଉଣ୍ଟ**

ଏନେଇ ସେ ସାଇବର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ମୋଟ ୯ ଲକ୍ଷ ଠକେଇ ଟଙ୍କାରୁ ୫ ଲକ୍ଷ ଟଙ୍କା ରାଜେନ୍ଦ୍ର ଆକାଉଣ୍ଟକୁ ଯାଇଥିବା ସାଇବର ଟିମ୍ ଜାଣିବାକୁ ପାଇଥିଲା। ରାଜେନ୍ଦ୍ରର ସଂପୃକ୍ତ ବ୍ୟାଙ୍କ୍ ଆକାଉଣ୍ଟଟି ମ୍ୟୁଲ୍ ଆକାଉଣ୍ଟ ଭାବେ ବ୍ୟବହୃତ ହେଉଥିବା ବେଳେ ଓଡ଼ିଶା, ଆସାମ, ଦିଲ୍ଲୀ ଓ ଗୁଜରାଟରୁ ଠକେଇ ହୋଇଥିବା ପ୍ରାୟ ୧୫ ଲକ୍ଷ ଟଙ୍କା ଏହି ଆକାଉଣ୍ଟକୁ ଆସିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଗତକାଲି ରାତିରେ ସାଇବର ପୁଲିସ ମୟୁରଭଞ୍ଜରେ ଚଢ଼ଉ କରି ରାଜେନ୍ଦ୍ରକୁ ଉଠାଇ ଆଣିଥିଲା। ସେ ମାତ୍ର ୬ ହଜାର ଟଙ୍କାର ଲୋଭରେ ନିଜ ବ୍ୟାଙ୍କ ପାସବୁକ୍, ଏଟିଏମ୍ କାର୍ଡ ଓ ପରିଚୟ ପତ୍ର ସାଇବର ଠକମାନଙ୍କୁ ଦେଇଥିଲା ବୋଲି ପୁଲିସ ଆଗରେ ସ୍ୱୀକାର କରିଥିଲା। ଏହାସହିତ ଆହୁରି ୫ଟି ଆକାଉଣ୍ଟ ଖୋଲି ଏହି ବେଆଇନ କାରବାରରେ ସହଯୋଗ କରିଥିଲା। ବ୍ୟାଙ୍କ ଆକାଉଣ୍ଟ ପାସ୍ ବୁକ୍, ଏଟିଏମ୍ କାର୍ଡ ଓ ଆକାଉଣ୍ଟ ସମ୍ବନ୍ଧୀୟ ଅନ୍ୟାନ୍ୟ କାଗଜପତ୍ର ଜବତ କରି ରାଜେନ୍ଦ୍ରକୁ କୋର୍ଟ ଚାଲାଣ କରିଛି। ସେପଟେ ସାଇବର ଠକେଇ ନେଟୱର୍କରେ ସଂପୃକ୍ତ ମାଷ୍ଟରମାଇଣ୍ଡମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଛି।


25001/984/2627

OFFICE OF THE SUPERINTENDING ENGINEER
RURAL WATER SUPPLY & SANITATION DIVISION, KORAPUT

At- Malisahi, Back side of SBI bank, Koraput, Pin-764020
Email- eerwss_kpt@rediffmail.com

**Tender Identification No.05/EE/RWSS/KPT/2026-27/18.08.2026**

The Executive Engineer, RWS&S Division, Koraput on behalf of the Governor of Odisha invites Percentage Rate Bids in Single cover (P1 contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted on-line in the website www.tenderorissa.gov.in separately for the works.

| | | |
|---|---|---|
| 1 | Nature of work. | 01. Power supply to PWS Point at Kakipadu inconnection with PWS to Badapadu G.P Nuagaon under Pottangi Block JJM<br>02. Power supply to PWS Point at Dalaranginiguda inconnection with PWS to Dalaranginiguda G.P Pukali under Pottangi Block JJM<br>03. Repair to lining of Kulei Distributary from RD 3500m to 3700m in the year 2026-27 |
| 2 | Time period for completion | 2 (Two) Months |
| 3 | Estimated Cost. | 7.14 Lakhs to 7.86 Lakhs, |
| 4 | Total Nos of works | 2 nos. |
| 5 | Tender cost | Rs.4,000.00 |
| 6 | Class of Contractor. | HT, (Elect.) |
| 7 | Availability of Bid document in the web site | Dt. 25.08.2026 at 17.00 hours to 03.09.2026 up to 17.00 hours. |
| 8 | Date of Seeking clarification. | During the Office hours of 25.08.2026 to 02.09.2026 |
| 9 | Date of Opening of Bid. | Dt. 05.09.2026at 11.00 AM |

Further details can be seen in the bidding documents which is available in the e-procurement portal https/www.tendersorissa.gov.in Subsequent corrigendum if required shall be appeared in the web site Authority reserves the right to reject any or all tenders without assigning any reason thereof.

Executive Engineer,
RWS&S.Division, Koraput

OIPR-25001/25034/1/26-27/0007


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### 'ନିଟ୍' ଯୁବପିଢ଼ିଙ୍କୁ...

ଜଣାଯାଇଛି। ୭୮ତମ ପର୍ଯ୍ୟାୟ ଜାତୀୟ ନମୁନା ସର୍ଭେ(ଏନ୍ଏସ୍ଓ)ର ତଥ୍ୟ ଉପରେ ଆଧାରିତ ଏହି ରିପୋର୍ଟରେ ଦେଶର ଏହି ଯୁବ ଗୋଷ୍ଠୀଙ୍କୁ 'ନିଟ୍' ଯୁବପିଢ଼ି ଭାବରେ ଚିହ୍ନଟ କରାଯାଇଛି, ଯେଉଁମାନେ ଶିକ୍ଷା, ନିଯୁକ୍ତି କିମ୍ବା କୌଣସି ତାଲିମରେ ପାଇନାହାନ୍ତି, ଏଥିରେ ବେକାର ବ୍ୟକ୍ତି ମଧ୍ୟ ସାମିଲ ଅଛନ୍ତି। ନୀତି ଆୟୋଗ କହିଛି ଯେ ମହିଳାମାନଙ୍କ ସହିତ ଏହି ଗୋଷ୍ଠୀକୁ ସୁଲଭ କିମ୍ବା ସବ୍ସିଡି ତାଲିମ ଏବଂ ଆର୍ଥିକ ସହାୟତା ଆବଶ୍ୟକ। ଦକ୍ଷତା କାର୍ଯ୍ୟକ୍ରମଗୁଡ଼ିକୁ ସ୍ଥାନୀୟ ଚାହିଦା, ଆତ୍ମନିଯୁକ୍ତି ସୁଯୋଗ ଏବଂ ଉଦୀୟମାନ କ୍ଷେତ୍ର ସହିତ ଯୋଡାଯିବା ଉଚିତ୍।

ନିକଟରେ ନୀତି ଆୟୋଗ ପକ୍ଷରୁ ପ୍ରକାଶିତ '୨୦୪୭ ପାଇଁ ବିକଶିତ ଭାରତ ଗଠନ ଲାଗି ଦକ୍ଷତା ବିକାଶର ପୁନଃକଳ୍ପନା' ଶୀର୍ଷକ ରିପୋର୍ଟରେ ଦେଶର କେବଳ ୮.୨୫% ସ୍ନାତକ ସେମାନଙ୍କ ଯୋଗ୍ୟତା ସହିତ ସମାନ ପଦବୀରେ ନିଯୁକ୍ତ। ହେଲେ ରିପୋର୍ଟରେ ଶିକ୍ଷା ଏବଂ କର୍ମକ୍ଷେତ୍ରରେ ଆବଶ୍ୟକ ଦକ୍ଷତା ମଧ୍ୟରେ ବ୍ୟାପକ ପାର୍ଥକ୍ୟକୁ ଉଜାଗର କରାଯାଇଛି। ଅନେକ ଛାତ୍ର ସେମାନଙ୍କର ଡିଗ୍ରୀ ଶେଷ କରୁଛନ୍ତି, କିନ୍ତୁ ସେମାନଙ୍କଠାରେ ବ୍ୟବହାରିକ ଅଭିଜ୍ଞତା, ଶିଳ୍ପ ଜ୍ଞାନ ଏବଂ ଚାକିରି ପାଇଁ ପ୍ରସ୍ତୁତ ଦକ୍ଷତାର ଅଭାବ ରହିଛି। ରିପୋର୍ଟରେ କୁହାଯାଇଛି ଯେ ଭାରତକୁ କେବଳ ଡିଗ୍ରୀ ଉପରେ ଧ୍ୟାନ ଦେବା ପରିବର୍ତ୍ତେ ନମନୀୟ ଶିକ୍ଷା ଏବଂ ତାଲିମ କାର୍ଯ୍ୟକ୍ରମ ସୃଷ୍ଟି କରିବାକୁ ପଡିବ, ଯାହା ଛାତ୍ରଛାତ୍ରୀମାନଙ୍କୁ ଦକ୍ଷତା ବିକାଶ କରିବାରେ ଏବଂ ଉତ୍ତମ ନିଯୁକ୍ତି ସୁଯୋଗ ଖୋଜିବାରେ ସାହାଯ୍ୟ କରେ। ଡିଗ୍ରୀ ଏବଂ ଚାକିରି ମଧ୍ୟରେ ଥିବା ପାର୍ଥକ୍ୟକୁ ଦର୍ଶାଇ ଆୟୋଗ କହିଛି ଯେ, ବିଏ, ବି. କମ୍ ଏବଂ ବି. ଏସ୍ସି ଭଳି ସାଧାରଣ ଡିଗ୍ରୀ କାର୍ଯ୍ୟକ୍ରମଗୁଡ଼ିକର ପ୍ରାୟତଃ ନିଯୁକ୍ତି ସହିତ ସଂଯୋଗଦୁର୍ବଳ ରହିଥାଏ, ଯେତେବେଳେ କି ଛାତ୍ରଛାତ୍ରୀମାନଙ୍କୁ ଏଣ୍ଟ୍ରି ଲେବଲ ଚାକିରି ସୁରକ୍ଷିତ କରିବା ପାଇଁ ଅତିରିକ୍ତ କର୍ମକ୍ଷେତ୍ର ଦକ୍ଷତା ଆବଶ୍ୟକ ହୋଇଥାଏ। ଏହି ସମସ୍ୟାଟି ବହୁତ ଗମ୍ଭୀର। ସ୍ନାତକୋତ୍ତର କାର୍ଯ୍ୟକ୍ରମରେ ନାମ ଲେଖାଇଥିବା ପ୍ରାୟ ୩.୪ ନିୟୁତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରାୟ ୧.୧ ନିୟୁତ ବିଏ ପାସ୍ କରିଛନ୍ତି, ଯେତେବେଳେ କି ୨ କୋଟିରୁ ଅଧିକ ଛାତ୍ରଛାତ୍ରୀ ବିଏ, ବି. କମ୍ ଏବଂ ବି. ଏସ୍ସିରେ ନାମ ଲେଖାଇଛନ୍ତି। ରିପୋର୍ଟ ଅନୁଯାୟୀ, ଅନେକ ଛାତ୍ର ଏହି ପାଠ୍ୟକ୍ରମଗୁଡ଼ିକୁ ବାଛିଥାନ୍ତି, କାରଣ ଏହା ସେମାନଙ୍କୁ ସରକାରୀ ନିଯୁକ୍ତି ପାଇଁ ଯୋଗ୍ୟ କରିଥାଏ। ରିପୋର୍ଟରେ ବ୍ୟବହାରିକ ଅଭିଜ୍ଞତା ଏବଂ ଚାକିରି ପ୍ରସ୍ତୁତିର ଅଭାବକୁ ମଧ୍ୟ ଇଙ୍ଗିତ କରାଯାଇଛି। ଏହି ସମସ୍ୟା କେବଳ ନିଯୁକ୍ତି ପରିସଂଖ୍ୟାନ ପର୍ଯ୍ୟନ୍ତ ସୀମିତ ନୁହେଁ। ଛାତ୍ରମାନେ ନିଜେ ସ୍ୱୀକାର କରୁଛନ୍ତି ଯେ ସେମାନଙ୍କଠାରେ ଅନେକ ଦକ୍ଷତାର ଅଭାବ ରହିଛି। ୩୪ ପ୍ରତିଶତ ଛାତ୍ର ଡିଗ୍ରୀ ପଢୁଥିବା ସମୟରେ ଦକ୍ଷତାର ଅଭାବକୁ ଏକ ପ୍ରମୁଖ ଆହ୍ୱାନ ଭାବେ ବିବେଚନା କରନ୍ତି, ଯେତେବେଳେ କି ୧୮% ସାକ୍ଷାତକାର ପାଇଁ ପ୍ରସ୍ତୁତିକୁ ନେଇ ଚିନ୍ତା ପ୍ରକଟ କରୁଛନ୍ତି। ଏହି ସମୟରେ, ୮୦% ଛାତ୍ର ବ୍ୟବହାରିକ ଏବଂ ଶିଳ୍ପ ଅଭିଜ୍ଞତାକୁ ସେମାନଙ୍କ ଡିଗ୍ରୀର ଏକ ପ୍ରମୁଖ ଅସୁବିଧା ବୋଲି ଭାବୁଛନ୍ତି।

ଦେଶର ଯୁବପିଢ଼ି ଏବଂ କର୍ମଜୀବୀ ଜନସଂଖ୍ୟାକୁ ଭଲ ଭାବରେ ବୁଝିବା ପାଇଁ ନିତି ଆୟୋଗ ରିପୋର୍ଟ ଯୁବପିଢ଼ିଙ୍କୁ ୫ଟି ବ୍ୟାପକ ବର୍ଗରେ ବର୍ଗୀକୃତ କରିଛି। ଏଥିରେ ସ୍କୁଲ ଶିକ୍ଷା ବାହାରେ ଥିବା, ଉଚ୍ଚଶିକ୍ଷା, ଆନୁଷ୍ଠାନିକ ଏବଂ ଅନୌପଚାରିକ ତାଲିମ, ଶିକ୍ଷା, ନିଯୁକ୍ତି ଏବଂ ତାଲିମ ବାହାରେ ଥିବା ଯୁବକ ଏବଂ ମହିଳା ଅନ୍ତର୍ଭୁକ୍ତ। ନୀତି ଆୟୋଗର ଏକ ରିପୋର୍ଟ ଅନୁଯାୟୀ, ଭାରତର ଉଚ୍ଚ ଏବଂ ବୈଷୟିକ ଶିକ୍ଷା ବ୍ୟବସ୍ଥାରେ ପଢ଼ାଯାଉଥିବା ପାଠ୍ୟକ୍ରମ ଏବଂ ଶ୍ରମ ବଜାରର ଆବଶ୍ୟକତା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନ ରହିଛି। ଅନେକ ପ୍ରତିଷ୍ଠାନରେ ପଢ଼ାଯାଉଥିବା ପାଠ୍ୟକ୍ରମ ଶିଳ୍ପର ପରିବର୍ତ୍ତିତ ଆବଶ୍ୟକତା ପୂରଣ କରିବା ପାଇଁ ଅପଡେଟ୍ ହୁଏ ନାହିଁ। ଏହା ଡିଗ୍ରୀ, ଡିପ୍ଲୋମା ଏବଂ ପ୍ରମାଣପତ୍ର ଥିବା ସତ୍ତ୍ୱେ ଲୋକଙ୍କ ପାଇଁ ଚାକିରି ଖୋଜିବା କଷ୍ଟକର କରିଥାଏ। ତଥାପି, ଅନେକ ଛାତ୍ର ଏହି ଡିଗ୍ରୀଗୁଡ଼ିକୁ ଅନୁସରଣ କରନ୍ତି କାରଣ ସେମାନେ ବିଶ୍ୱାସ କରନ୍ତି ଯେ ଏହା ସରକାରୀ ନିଯୁକ୍ତି ପାଇଁ ଯୋଗ୍ୟତା ପ୍ରଦାନ କରେ। ପ୍ରସଙ୍ଗ ଏହା ନୁହେଁ ଯେ ବିଏ, ବି. କମ୍ ଏବଂ ବି. ଏସ୍ସି ପାଠ୍ୟକ୍ରମର କୌଣସି ମୂଲ୍ୟ ନାହିଁ। ସତ କଥା ହେଉଛି ଯେ ପ୍ରାୟତଃ, ଏପରି ଡିଗ୍ରୀ ପଢୁଥିବା ଛାତ୍ର ଏବଂ ନିଯୁକ୍ତିଦାତାମାନେ ଜଣେ ସ୍ନାତକ ପ୍ରକୃତ କାମ କ'ଣ କରିପାରିବେ ତାହା ବୁଝିପାରନ୍ତି ନାହିଁ।

### କପି ପାଇଁ...

୨୦୦ କେନ୍ଦ୍ରରେ ୩୫ ହଜାର ୮୦୦ରୁ ଅଧିକ ପିଲା ପରୀକ୍ଷା ଦେଇଛନ୍ତି। ତେବେ ରାଜସ୍ଥାନର ଜୟପୁରର ଶ୍ରୀ ସତ୍ୟସାଇ ପିଜି କଲେଜ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଚାଲିଥିବା ବେଳେ ବିଦ୍ୟୁତ ବିଭ୍ରାଟ ଦେଖାଦେଇଥିଲା। ଏହି କେନ୍ଦ୍ରରେ ଉପସ୍ଥିତ ୧୯୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୯ ଜଣ ସେମାନଙ୍କର ପରୀକ୍ଷା ଦେଇପାରି ନାହାନ୍ତି। ପରୀକ୍ଷା ଆରମ୍ଭ ହେବାର କିଛି ସମୟ ପରେ ବିଦ୍ୟୁତ କାଟ ହୋଇଥିଲା। ପରୀକ୍ଷାକେନ୍ଦ୍ରରେ କୌଣସି ବିକଳ୍ପ ବିଦ୍ୟୁତ୍ ବ୍ୟବସ୍ଥା ନଥିଲା। ଯାହାଫଳରେ ଏହି କମ୍ପ୍ୟୁଟର ଆଧାରିତ ପରୀକ୍ଷା ଅଧାରୁ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଏହାକୁ ନେଇ କ୍ଷୁବ୍ଧ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ର ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେପଟେ ବିଦ୍ୟୁତ୍ ଚାଲିଯିବାର ସୁଯୋଗ ନେଇ କିଛି ଛାତ୍ର କପି କରୁଥିବା ନେଇ ଗୁରୁତର ଅଭିଯୋଗ ମଧ୍ୟ ହୋଇଛି। ଅଭିଯୋଗ ହୋଇଛି ଯେ ପରୀକ୍ଷା ପୂର୍ବରୁ କିଛି ପରୀକ୍ଷାର୍ଥୀ ବିଦ୍ୟୁତ ବିଭ୍ରାଟ ହେବ ବୋଲି କଥାବାର୍ତ୍ତା କରୁଥିଲେ। ବିଦ୍ୟୁତ ବିଭ୍ରାଟ ହେବାମାତ୍ରେ କେନ୍ଦ୍ରରେ ଆଖିବୁଜା କପି କରାଯାଉଥିବା ଦେଖାଯାଇଥିଲା। ପର୍ଯ୍ୟବେକ୍ଷକ ଉପସ୍ଥିତ ଥିଲେ ମଧ୍ୟ ହସ୍ତକ୍ଷେପ କରିନଥିଲେ ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଓ ବିକ୍ଷୋଭ ପରେ ଏହି କେନ୍ଦ୍ରରେ ପରୀକ୍ଷା ବାତିଲ କରାଯାଇଛି। ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍ଟିଏ) ଏହି ବିଦ୍ୟୁତ ବିଭ୍ରାଟ ପାଇଁ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ଏଡୁକ୍ୱିଟି କ୍ୟାରିୟର ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ୍କୁ ଦାୟୀ କରିଛି। ପ୍ରଭାବିତ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏନ୍ଟିଏ ଆସନ୍ତା ସେପ୍ଟେମ୍ବର ୧ରେ ପୁନଃ ପରୀକ୍ଷା କରିବାକୁ ଘୋଷଣା କରିଛି। ନୂତନ ଭାବେ ଏହି ପରୀକ୍ଷା ଜୟପୁରର ରାଜସ୍ଥାନ କଲେଜ ଅଫ୍ ଇଞ୍ଜିନିୟରିଂ ଫର ଓମେନ୍ କେନ୍ଦ୍ରରେ ସକାଳ ୧୦ଟାରେ ଅନୁଷ୍ଠିତ ହେବ ଏବଂ ଏଥିପାଇଁ ପରୀକ୍ଷାର୍ଥୀଙ୍କୁ ସଂଶୋଧିତ ପ୍ରବେଶ ପତ୍ର ଜାରି କରାଯିବ। ପାରମ୍ପରିକ ଭାରତୀୟ ଚିକିତ୍ସା ଏବଂ ହୋମିଓପାଥି ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପାଇଁ ଆୟୁଷ ପରୀକ୍ଷା ଜାତୀୟ ସ୍ତରରେ ଆୟୋଜିତ ହୋଇଥାଏ।

### ଏବେ କୌଣସି...

ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରିବା ଦାବିରେ ସେମାନଙ୍କ ଆନ୍ଦୋଳନ ପଞ୍ଚମ ଦିନରେ ପହଞ୍ଚିଥିବାବେଳେ ସରକାର ପଦକ୍ଷେପ ନେବାକୁ ସେମାନେ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ମାତ୍ର ସେମାନଙ୍କ ଦାବି ପୂରଣ ସମ୍ପର୍କରେ ମନ୍ତ୍ରୀ କୌଣସି ସକରାତ୍ମକ ପ୍ରତିକ୍ରିୟା ରଖି ନ ଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି। ସେମାନେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟର ଲକ୍ଷାଧିକ ମେଧାବୀଙ୍କ ଦାବି ପ୍ରତି ସମ୍ବେଦନଶୀଳ ନ ହୋଇ ମନ୍ତ୍ରୀ ମନ୍ତବ୍ୟ ଦେଇଥିଲେ। ବିଜ୍ଞପ୍ତି ପ୍ରକାଶର ପ୍ରକୃତ ତାରିଖ ନ ହେଲେ ବି ଆନୁମାନିକ ଏକ ସମୟ କହିବାକୁ ଆଶାୟୀମାନେ ଦାବି କରିଥିଲେ। ଯାହା ଫଳରେ ମନ୍ତ୍ରୀ ରୋକଠୋକ୍ ନାସ୍ତିବାଣୀ ଶୁଣାଇବା ସହ ଅଲଗା ଚାକିରି ପାଇଁ କାହିଁକି ପଢୁ ନାହାନ୍ତି ବୋଲି ପ୍ରଶ୍ନ କରିଥିଲେ। ଗୋଟିଏପଟେ ରାଜ୍ୟରେ ପ୍ରାୟ ଲକ୍ଷାଧିକ ଶିକ୍ଷକ ପଦ ଖାଲି ପଡ଼ିଛି; ଅନ୍ୟପଟେ ସିଟି ବିଇଡି କରି ଶିକ୍ଷକ ଚାକିରି ପାଇଁ ଦୀର୍ଘ ଦିନରୁ ଆଶାୟୀମାନେ ଚାକିରି ପାଇଁ ପ୍ରସ୍ତୁତ ହେଉଥିବାବେଳେ ମନ୍ତ୍ରୀଙ୍କ ଏପରି ମନ୍ତବ୍ୟ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି।

ଆଶାୟୀଙ୍କ ଧାରଣା ଆଜି ଷଷ୍ଠ ଦିନରେ ପହଞ୍ଚିଥିବାବେଳେ ମନ୍ତ୍ରୀଙ୍କ ନାସ୍ତିବାଣୀ ଆନ୍ଦୋଳନର ରୂପରେଖକୁ ପରିବର୍ତ୍ତନ କରିଛି। ଏଣିକି କେବଳ ଧାରଣା ନୁହେଁ, ଶତାଧିକ ଆଶାୟୀ ଆମରଣ ଅନଶନ ଆରମ୍ଭ କରିଛନ୍ତି। ପ୍ରାୟ ୯ ଜଣ ଅନଶନରତ ଆଶାୟୀ ଅସୁସ୍ଥ ହେବା ସହ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଅପରପକ୍ଷରେ ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଯୁବ, ଛାତ୍ର ଜନତା ଦଳର ୨ ନେତା ନିଲମ୍ବିତ

ଭୁବନେଶ୍ୱର,୨୨।୮ (ସମିସ): ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିବା ଦୁଇଜଣ ବିଜେଡି ଯୁବ ଓ ଛାତ୍ର ଜନତା ଦଳ ନେତାଙ୍କୁ ମହଙ୍ଗା ପଡ଼ିଛି। ମୟୂରଭଞ୍ଜ ସାରସକଣା ବ୍ଲକର ହରେକୃଷ୍ଣ ଦାସ ଏବଂ ଭୁବନେଶ୍ୱର ଛାତ୍ର ବିଜେଡି ନେତା ଅମିତ କୁମାର ଜେନାଙ୍କୁ ଦଳରୁ ନିଲମ୍ବିତ କରାଯାଇ ଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି।


**LOST**

ମୁଁ ମୁକ୍ତିକାନ୍ତ ନାୟକ, ସା- ଘଟଗାଁ, ଜିଲ୍ଲା- କେନ୍ଦୁଝର, ଓଡ଼ିଶା, ପିନ୍- ୭୫୮୦୨୭ ସମସ୍ତ କବଲା ଆଉ ପଟ୍ଟାକୁ ତା ୨୧/୦୭/୨୦୨୬ ରେ ଦାନଗାଦି, ଯାଜପୁରରୋଡ, ଯାଜପୁର ଜେରକ୍ସ କରିବାକୁ ଗଲା ବେଳେ ବାଟରେ କେଉଁଠାରେ ମୋର କବଲା ନଂ- ୨୮୬୫, ତା- ୦୫/୧୦/୨୦୦୫, (ପଟ୍ଟା) ଖାତା ନଂ- ୪୨୨, ତା ୦୩/୦୭/୨୦୦୬ ରେ କେଉଁଆଡେ ହଜିଯାଇଛି ତା- ୨୧/୦୭/୨୦୨୬। ଯଦି କେହି ସହୃଦୟ ବ୍ୟକ୍ତି ମୋର କବଲା ଆଉ ପଟ୍ଟା ପାଇବେ ଉକ୍ତ ମୋବାଇଲ୍ ନଂ **9438670857** / **7655898881** ରେ ଯୋଗାଯୋଗ କରିବାକୁ ଅନୁରୋଧ।

**DOCUMENT LOST**

ମୁଁ **ଶ୍ରୀ ବ୍ରଜସୁନ୍ଦର ମହାନ୍ତି,** ପିତା- ୰ଜଗବନ୍ଧୁ ମହାନ୍ତି, ଠିକଣା- ବଡ଼ଓସ୍ତିଆ, ପୋ- ବାଲିଗାଁ, ଥାନା- ଚାନ୍ଦବାଲି, ଜିଲ୍ଲା- ଭଦ୍ରକ, ପିନ୍- ୭୫୬୧୩୩, ଓଡ଼ିଶା। ତା. ୧୨/୦୭/୨୦୨୬ ରିଖରେ ମୋର ମୂଳ ୨ ଗୋଟି ଦଲିଲ ତା. ୨୮/୦୭/୨୦୨୬ର ବିକ୍ରୟ କବଲା ସଂଖ୍ୟା - ୧୮୦୧ ଏବଂ ତା. ୦୪/୦୭/୨୦୦୩ ରିଖରେ ବିକ୍ରୟ କବଲା ସଂଖ୍ୟା- ୧୪୨୭ ଯାହାକି ବଡ଼ଓସ୍ତିଆ ମୌଜାର ଖାତା ସଂ- ୨୯୦/୧୮୮, ପ୍ଲଟ୍ ନଂ- ୧୧୫୪/୧୬୭୪, ଏ୦.୦୬୫ଡି ଏବଂ ଖାତା ନଂ- ୨୯୦/୧୦୩, ପ୍ଲଟ୍ ନଂ- ୧୧୬୨/୧୫୬୩, ଏ୦.୦୧୩ଡି କେଉଁଠାରେ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଆନ୍ତି, ତେବେ ଦୟାକରି ନିକଟସ୍ଥ ପୋଲିସ୍ ଷ୍ଟେସନ କିମ୍ବା ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବାକୁ ବିନୀତ ଅନୁରୋଧ।

**AFFIDAVIT**

I, Anjan Kumar Jena, S/o Sudam Charan Jena, resident of N-4/76, IRC Village, Nayapalli, Bhubaneswar-751015, declare that my name is wrongly recorded as "Anjan Jena" in my son Asmit Jena's CBSE Class X Certificate / Records, instead of "Anjan Kumar Jena." Both names refer to me. Supported by Affidavit No. CFN.114 dated 18/08/2026, sworn before Executive Magistrate, Bhubaneswar.

Anjan Kumar Jena

**AFFIDAVIT**

I, SK MAQSUD ALAM aged about 38 years, S/o-SHAIK MASIUDDIN, Akhund Mohalla, Po-Binjharpur, Dist-Jajpur-755004, ODISHA, declared by this Affidavit No.1786/2026 Dated.23.03.2026, That now onwards I shall Be Known As **MAQSUD ALAM SHAIK** That for all future Purposes.

**AFFIDAVIT**

By virtue of an affidavit No-2688 sworn before The Executive Magistrate Champua on dtd-20/08/2026, I **Md Shahbaz Hussain,** permanent resident of Vill: Muslim Basti Champua, PO/PS- Champua, Dist-Keonjhar, Odisha, Pin-758041 declare that I have changed my name from **Mohammad Shahbaz Hussain** (old name) to **Md Shahbaz Hussain** (new Name). Henceforth, I shall be known as **MD SHAHBAZ HUSSAIN** for all future purposes.

**Md Shahbaz Hussain**

**AFFIDAVIT**

I, Jyotsna Sahoo, D/o- Jogesh Chandra Swain, resident of Flat No- 502, Banalata Apartment, Saheed Nagar, Bhubaneshwar, PIN-751007, Odisha declare by this affidavit No-461, dated- 20.08.2026 that now onwards I shall be known as **JYOSTNA SAHOO** for all future purposes.

**PM SHRI JAWAHAR NAVODAYA VIDYALAYA-2**
OHPC Road, Near OCC Office, BALIMELA, DIST. MALKANGIRI-764051

**WALK IN-INTERVIEW**

A walk In-Interview on **28/08/2026 (Friday) at 10:00 am at PM SHRI JNV, Balimela, Malkangiri-II, Odisha** for TGTs- Hindi & TGT Ph.Ed (Female) for the academic session **2026-27**, purely on contractual basis. The eligible/willing/desiring candidates may appear in the interview for the said post. Eligibility as per Govt. norms.

**Date & Venue of interview: PM SHRI JNV Balimela, Malkangiri-II on 28/08/2026Time: 10:00 am to 04:00 pm.**

No TA/DA will be admissible for attending the walk In-Interview.

**Required documents:** Original documents, 01 set of xerox copy, ID passport size photo.

**Sd/- Principal I/C**
**PM SHRI JNV, Malkangiri-II**

**OFFICE OF THE SUPERINTENDING ENGINEER,**
**HEAD WORKS DIVISION, SAMAL**
**INVITATION FOR BIDS (IFB)**
**email ID- se.hwd.samal@gmail.com**

32001/730/2627

**'e'-Procurement Notice No. SE-HWD- 05/2026-27**

The Superintending Engineer, Head Works Division, Samal on behalf of Governor of Odisha invites Percentage Rate bid in single cover system to be received in ONLINE MODE from eligible contractors registered with the State Government, contractors of equivalent Grade/ Class Registered with Central Government/ MES/ Railways/CPWD for execution of civil works mentioned as detailed below:

| | | | |
|---|---|---|---|
| 1 | No of works | : | 3(Three) No of work |
| 2 | Name of the Work | : | 1. Improvement to Khalpal Distributary from RD 300mt to RD 1650mt for the year 2026-27.<br>2. Improvement to Manikmara Distributary I from RD100m to RD200mt and RD 700mt to RD 900mt for the year 2026-27.<br>3. Repair to lining of Kulei Distributary from RD 3500m to 3700m in the year 2026-27 |
| 3 | Estimated Cost | : | Approximetely 14.26 lakhs to **Rs. 32.92 lakhs** |
| 4 | Cost of tender paper | : | Rs. 6000.00 (Non-refundable) |
| 5 | EMD/ Bid Security | : | Rs. 14,300.00 to Rs. 33,000 (Refundable) |
| 6 | Class of contractor | : | **'D' & 'C' class and 'C' & 'B' Class** |
| 7 | Period of Completion of work | : | 120 days to 180 Days |
| 8 | Date and time of availability of bid Document in the website | : | From 10.00 A.M of Dt. 24.08.2026 to 5.00 P.M. of Dt.02.09.2026 in the website (www.tendersodisha.gov.in) |
| 9 | Date, time and place of opening of online tender | : | Dt.03.09.2026 at 11.30 A.M in O/o the Superintending Engineer, Head Works Division, Samal |
| 10 | Date, time and place for finalization of tender through Transparent Lottery System (if required) | : | Intimated later |
| 11 | Digital Signature Certificate (DSC) | : | The bidders must possess compatible Digital Signature Certificate (DSC) of Class II or Class III |
| 12 | Name and Address of Officer inviting Tender | : | Superintending Engineer, Head Works Division, Samal, AT/P.O. Samal Barrage Township Dist: Angul, Odisha, PIN-759037 Email ID- se.hwd.samal@gmail.com |

**The bidders have to participate in ONLINE biding only further details can be seen from the** e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

**Superintending Engineer,**
**Head Works Division Samal**

OIPR-32001/32020/1/26-27/0005

34001/641/2627

E-mail.eekalahandi@gmail.com
FAX No.06670-230512

GOVERNMENT OF ODISHA
OFFICE OF THE SUPERINTENDING ENGINEER KALAHANDI (R&B) DIVISION BHAWANIPATNA
*E-Procurement Notice*
Bid Identification No. BC KLD-03/2026-2027

No. 6559 Dated. 13.08.2026

| | | | |
|---|---|---|---|
| 1 | No. of the work: | : | 03 (Three) Civil works |
| 2 | Estimated cost: | : | Rs 36.00 to 88.00 Lakhs |
| 3 | Period of completion: | : | 07 (Seven) to 12 (Twelve) calendar Months |
| 4 | Date and time of availability of bid document in the portal: | : | 11.00 hrs of 25.08.2026 to 17.00 hrs of 07.09.2026 |
| 5 | Last date/Time for receipt of bid in the portal: | : | 17.00hour of 07.09.2026 |
| 6 | Name and address of the Officer Inviting Bid: | : | **Superintending Engineer, Kalahandi(R&B)Division, Bhawanipatna** |
| 7 | Opening of the Single Cover Bid | : | On 08.09.2026 at 11.00 AM in the Office of the Superintending Engineer, Kalahandi(R&B)Division, Bhawanipatna |

Further details can be seen from the e-procurement portal https://tendersodisha.gov.in

Superintending Engineer
Kalahandi (R&B) Division

OIPR-34001/34017/1/26-27/0003

# ବନ୍ୟାର ୮ ଦିନ ପରେ ବି ଗ୍ରାମ୍ୟ ରାସ୍ତାରୁ ପାଣି କମିନି





## ବନ୍ୟାର ପ୍ରକୋପ ଏଯାଏଁ ଯାଇନି; ତଳିଆ ଅଞ୍ଚଳ ଜଳମଗ୍ନ

ଆରଡ଼ି,୨୨।୮ (ସମିସ): ଚଳିତ ବନ୍ୟାର ପ୍ରକୋପ ଏତେ ପରିମାଣରେ ଥିଲା ଯେ ଆଠ ଦିନ ପରେ ବି ଗ୍ରାମ୍ୟ ରାସ୍ତାଗୁଡ଼ିକରୁ ପାଣି କମି ନାହିଁ। ପ୍ରତିବର୍ଷ ବନ୍ୟା ଆସେ, ଦୁଇ ତିନି ଦିନ ମଧ୍ୟରେ ପାଣି କମିଯାଏ। ଏ ବର୍ଷ ପାଖକୁ ପାଖ ଲଗାତାର ୩ଟି ବନ୍ୟା ଆସିବାରୁ ପାଣି କମିବାରେ ବହୁତ ବିଳମ୍ବ ହେଲା। ଆଜି ବି ମୁଆଁ ଘୋଷରା ଓ ଭୂଇଁପୁର ଘୋଷରାରେ ୨ ଫୁଟ୍ ଉଚ୍ଚରେ ପାଣି ପ୍ରବାହିତ ହେଉଛି। ଆରଡ଼ି ପଞ୍ଚାୟତର ମୁଆଁ, ସନ୍ତରା, ଶୀତଳପୁର ଓ ନାନ୍ଦପୁର ପଞ୍ଚାୟତର ପହଣା, ବାଙ୍କାମୁହାଁ, ନାନ୍ଦପୁର ଏବଂ ସୁନ୍ଦରପୁର ପଞ୍ଚାୟତର ପାରିଡିହା ଏବେ ବି ଜଳମଗ୍ନ ଅଛି। ଚାଷ ଜମିରେ ଅଣ୍ଟେ ଅଣ୍ଟେ ପାଣି ଜମିରହିଛି।

ଚଳିତ ବନ୍ୟା ଆରଡ଼ି ଅଞ୍ଚଳରେ ବହୁତ କ୍ଷତି ଘଟାଇଛି। ଲୋକମାନଙ୍କର ଘର ଭାଙ୍ଗିଛି। ପିଲାମାନଙ୍କର ପାଠ ପଢ଼ାରେ କ୍ଷତି ହୋଇଛି। ବିଦ୍ୟାଳୟଗୁଡ଼ିକରେ ପାଣି ପଶି ଆସବାବପତ୍ର ସହିତ ଘରଗୁଡ଼ିକର ବ୍ୟାପକ କ୍ଷତି ହୋଇଛି। ପ୍ରାୟ ଆରଡ଼ି ଅଞ୍ଚଳର ସବୁ ଗ୍ରାମ୍ୟ ରାସ୍ତାଗୁଡ଼ିକ ଭାଙ୍ଗିଯାଇଛି। ପରିବା ଚାଷ, ମାଛ ଚାଷ, ଧାନ ଚାଷ ନଷ୍ଟ ହୋଇଛି। କୈବର୍ତ୍ତମାନଙ୍କର ଜାଲ ଓ ଡଙ୍ଗା ଭାସିଯାଇଛି। ସବୁ କ୍ଷତି ଆକଳନ କଲେ ଅଞ୍ଚଳବାସୀଙ୍କ ମେରୁଦଣ୍ଡ ଭାଙ୍ଗି ପଡ଼ିଥିବାର ଲାଗୁଛି। ଏବେବି ସଡ଼କ ପଥରେ ଯୋଗାଯୋଗ ବିଚ୍ଛିନ୍ନ ଅଛି। ଲୋକମାନେ ଡାକ୍ତରଖାନାକୁ ଆସିପାରୁ ନାହାନ୍ତି। ଧାନ ତଳି ତ ବିଲରେ ଆଉ ନାହିଁ। ନଳକୂଅ ସବୁ ପାଣିରେ ବୁଡ଼ି ଥିବାରୁ ପିଇବା ପାଣି ପାଇଁ ଲୋକେ ଡହଳବିକଳ ହେଉଛନ୍ତି। ବର୍ତ୍ତମାନ ସମୟରେ ଗ୍ରାମାଞ୍ଚଳରେ ସାପ କାମୁଡ଼ା ବେଶୀ ଦେଖାଦେଇଛି। ବିଷଧର ସାପମାନେ ଦୋକାନ ଗୃହ ଓ ରାସ୍ତା ପାଖ ଘରମାନଙ୍କରେ ପଶି ରହିଛନ୍ତି। ପ୍ରଶାସନର ଅବ୍ୟବସ୍ଥା ଚରମ ସୀମାରେ। ୮ଦିନ ହେଲାଣି ଲୋକେ ବନ୍ୟା ଘେରରେ ଅଛନ୍ତି। ସ୍ଥିତି ସ୍ୱାଭାବିକ ହେବାକୁ ଆହୁରି ୨ ଦିନ ଲାଗିପାରେ। ସରକାର ଚାଷୀମାନଙ୍କର ସମ୍ପୂର୍ଣ୍ଣ ଋଣ ଛାଡ଼ କରିବା ଓ ଶୀଘ୍ର ଇନ୍‌ପୁଟ ଦେବା ପାଇଁ ଦାବି ହେଉଛି। ମାଛ ଚାଷୀ ଓ ପରିବା ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଦାବି ହେଉଛି। ଯଦି ପୁଣି ଲଘୁଚାପ ଓ ଉପର ମୁଣ୍ଡରେ ବର୍ଷା ହୁଏ ଆହୁରି ପରିସ୍ଥିତି ବିଗିଡ଼ିବ। ଜିଲ୍ଲା ପ୍ରଶାସନର ତତ୍ପରତା ଆଦୌ ନାହିଁ। ସରକାରଙ୍କ ଉଦାସିନତା ଚରମ ସୀମାରେ। ବ୍ଲକ୍ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଯଥାଶୀଘ୍ର ଅଞ୍ଚଳକୁ ଆସି ଲୋକଙ୍କୁ ଅସୁବିଧା ସମୟରେ ସହାୟତା ପ୍ରଦାନ କରିବା ପାଇଁ ଦାବି ହେଉଛି।

# ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ



ଭଦ୍ରକ,୨୨।୮ (ସମିସ): ଓଡ଼ିଶା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ରବୀନ୍ଦ୍ରନାଥ ମିଶ୍ର ଭଦ୍ରକ ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଜିଲ୍ଲାରେ ଚାଲୁଥିବା ବିଭିନ୍ନ ସ୍ୱାସ୍ଥ୍ୟସେବା ଓ ବନ୍ୟା ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ସହ ଆଲୋଚନା କରି ବନ୍ୟା ପ୍ରଭାବିତ ଲୋକଙ୍କୁ ଦିଆଯାଉଥିବା ସ୍ୱାସ୍ଥ୍ୟସେବା, ରୋଗ ନିରୀକ୍ଷଣ ଓ ପ୍ରତିରୋଧମୂଳକ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଥିଲେ। ନିର୍ଦ୍ଦେଶକ ଧାମନଗର ଓ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ଏମ୍‌ଆର୍‌ସି ପଏଣ୍ଟ ପରିଦର୍ଶନ କରି ସେଠାରେ ଉପଲବ୍ଧ ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ବ୍ୟବସ୍ଥାର ତଦାରଖ କରିଥିଲେ। ସେହିପରି ଡାଳଙ୍ଗ ଓ ଜଳହରି ଅଞ୍ଚଳର ବିଭିନ୍ନ ଘରକୁ ଯାଇ ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା, ପରିମଳ ବ୍ୟବସ୍ଥା, ରୋଗ ପ୍ରତିରୋଧ ଓ ନିରୀକ୍ଷଣ ଭଳି କାର୍ଯ୍ୟର ଯାଞ୍ଚ କରିଥିଲେ। ବନ୍ୟା ପରବର୍ତ୍ତୀ ସମୟରେ ଜଳବାହିତ ଓ ମଶାବାହିତ ରୋଗର ନିୟନ୍ତ୍ରଣ ପାଇଁ ନିରନ୍ତର ନିରୀକ୍ଷଣ ଏବଂ ଆବଶ୍ୟକ ସ୍ୱାସ୍ଥ୍ୟସେବା ତୁରନ୍ତ ଯୋଗାଇଦେବା ଉପରେ ନିର୍ଦ୍ଦେଶକ ଗୁରୁତ୍ୱାରୋପ କରିଥିଲେ।

■ ଶାଳପଡ଼ା ଜଳସମ୍ପଦ ବିଭାଗର ଦାୟିତ୍ୱହୀନତା

# କେନାଲ ପାଣିରେ ଉବୁଟୁବୁ ନେରଡ଼ା ଗ୍ରାମବାସୀ



ବାରିକପୁର,୨୨।୮ (ସମିସ): କେନ୍ଦୁଝର ଜିଲ୍ଲା ଶାଳପଡ଼ା ଜଳସମ୍ପଦ ବିଭାଗର ଦାୟିତ୍ୱହୀନତା ଯୋଗୁଁ ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ନେରଡ଼ା ଗାଁର ୩ଟି ୱାର୍ଡର ବାସିନ୍ଦା ୨ ଦିନ ହେବ ଜଳବନ୍ଦି ଜୀବନ ଅତିବାହିତ କରୁଛନ୍ତି। ପାଖାପାଖି ୧୦୦ରୁ ଊର୍ଦ୍ଧ୍ୱ ପରିବାରକୁ କେନାଲ ପାଣି ଦ୍ୱାରା ସୃଷ୍ଟି କୃତ୍ରିମ ବନ୍ୟା ଘେରିଯାଇଛି।

ସୂଚନା ମୁତାବକ, ଗତ ଗୁରୁବାରଠାରୁ ଗାଁ ପାଖ ଦେଇ ଯାଇଥିବା ସାଳନିଆ ମୁଖ୍ୟ କେନାଲରେ ପାଣି ଆସିଥିଲା। ପୂର୍ବରୁ ରହିଥିବା କେନାଲ ଘାଇ ମରାମତି ବିନା ଜଳସମ୍ପଦ ବିଭାଗ ଦାୟିତ୍ୱହୀନ ଭାବେ ପାଣି ଛାଡ଼ିଦେଇଥିଲା। ଏହାଛଡ଼ା ମାତ୍ରାଧିକ ପାଣି ଆସିବା ଯୋଗୁଁ କେତେକ ସ୍ଥାନରେ କେନାଲ ବନ୍ଧ ବୁଡ଼ିଯାଇଥିଲା। ତେଣୁ ଗାଁକୁ ସିଧାସଳଖ ପାଣି ପ୍ରବେଶ କରିଛି। ଗୁରୁବାରଠାରୁ ଶୁକ୍ରବାର ସନ୍ଧ୍ୟା ଯାଏଁ ଲୋକମାନେ ପାଣି ଘେରରେ ରହିଥିବାବେଳେ ପ୍ରଶାସନ ସେମାନଙ୍କ ନିକଟରେ ପହଞ୍ଚିନାହିଁ। ସ୍ଥାନୀୟ ସରପଞ୍ଚଙ୍କ ସହାୟତାରେ ସ୍ଥାନୀୟ ଯୁବକମାନେ ଜଳ ନିଷ୍କାସନ ପାଇଁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ। କିଛି ଲୋକଙ୍କ ବାସଗୃହର କାନ୍ଥ ମଧ୍ୟ ପଡ଼ିଗଲାଣି। ୨ଦିନ ହେବ ଅନେକ ପରିବାରରେ ଚୁଲି ଜଳୁନାହିଁ। ଗାଈଗୋରୁ ମଧ୍ୟ ବାହାରେ ବୁଲୁଛନ୍ତି। ଅନେକଙ୍କ ବାସଗୃହରେ ପାଣି ଲହଡ଼ି ମାରୁଥିବାବେଳେ ଗୃହସ୍ଥମାନେ ଛୁଆପିଲାଙ୍କୁ ଧରି ଭୋକ ଉପାସରେ ଖଟ ଉପରେ ବସି ରହିଛନ୍ତି। କେନାଲ ପାଣି ଯୋଗୁଁ ଗ୍ରାମର ଜେନାସାହି, ଭାରତୀସାହି ଓ କୁମ୍ଭାରସାହିର ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଳବାହିତ ରୋଗ ଥଣ୍ଡା, ଜ୍ୱର ବ୍ୟାପିବାର ଆଶଙ୍କା ଦେଖାଦେଇଛି। ସ୍ଥାନୀୟ ବିଡିଓ, ତହସିଲ୍‌ଦାର ଓ ଜଳସମ୍ପଦ ବିଭାଗ ଅଧିକାରୀମାନେ ଏଯାଏଁ କ୍ଷେତ୍ରକୁ ଯାଇ ସମସ୍ୟାର ସମାଧାନ ପାଇଁ କିଛି ପଦକ୍ଷେପ ନେଉନାହାନ୍ତି। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

# ଉପାସରେ ରହୁଛନ୍ତି ବନ୍ୟାବିପନ୍ନ; ପଶୁଙ୍କ କଥା ପଚାରେ କିଏ



ତିହିଡ଼ି,୨୨।୮ (ସମିସ): ଓଳିଏ ଖାଇ ଓଳିଏ ଉପାସରେ ରହୁଛନ୍ତି ବନ୍ୟାବିପନ୍ନ। ସେପଟେ ପଶୁଜନ୍ତୁଙ୍କ କଥା ପଚାରେ କିଏ। ଏକଥା ଆମେ କହୁନୁ ବନ୍ୟାବିପନ୍ନଙ୍କ ସମ୍ପ୍ରତି ଏହା କରୁଣ କାହାଣୀ। ତିହିଡ଼ି ବ୍ଲକ୍‌ର ଏ ହେଉଛି ଦୁଃଖ କାହାଣୀ।

ଚଳିତ ୨ୟ ବନ୍ୟା ବିଗତ ୩ ସପ୍ତାହ ଧରି ବନ୍ୟା ଲାଗି ରହିଛି। ପ୍ରଥମ ବନ୍ୟା ପରେ ଲୋକେ ସଳଖି ଚାଲିବାକୁ ଉଦ୍ୟମ ଆରମ୍ଭ କରୁଥିବାବେଳେ ଆସିଲା ୨ୟ ବନ୍ୟା। ଏହା ପ୍ରଥମ ବନ୍ୟାଠାରୁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ତଳିଧାନ ଓ ରୁଆଧାନରେ ଛାତିଏ ପାଣି ଲହଡ଼ି ମାରୁଥିବାବେଳେ ଗାଁ ମଧ୍ୟରେ ଆଣ୍ଠୁଏ ପାଣି ଜମିରହିଛି। ଲୋକେ ଘରୁ ବାହାରିବା ବଡ଼ ମୁସ୍କିଲ୍ ହୋଇପଡ଼ିଛି। ଉଚ୍ଚା ଘର ଛାଡ଼ିଦେଲେ ଅଧିକାଂଶ ଘରର ଚୂଲିରେ ପାଣି। ଜାଳେଣି ସବୁ ପାଣିରେ ବୁଡ଼ିଯାଇଛି। ରୋଷେଇ କରିବା ଅସମ୍ଭବ ହୋଇ ପଡ଼ିଛି। ଏପରିସ୍ଥଳେ ପ୍ରଶାସନ ପକ୍ଷରୁ ସେମାନଙ୍କୁ କେବଳ ମଧ୍ୟାହ୍ନରେ ଖାଦ୍ୟ ପ୍ରଦାନ କରାଯାଉଛି। ଛୋଟ ପିଲା ଏବଂ ବୃଦ୍ଧବୃଦ୍ଧା ରାତିରେ ନ ଖାଇ ରହିବା କେତେ କଷ୍ଟ ହେଉଥିବ ତାହା ବେଶ୍ ଅନୁମାନ କରାଯାଉଛି। ବନ୍ୟା ଆରମ୍ଭ ହେବା ବେଳେ ଚୁଡ଼ା ଓ ଗୁଡ଼ ମିଳିଥିଲା ଯାହା ଏକ ଟିଫିନ୍ ସଦୃଶ ହୋଇଥିଲା। ଡବଲ ଇଞ୍ଜିନ୍ ସରକାରର ଖୋଦ୍ ମୁଖ୍ୟମନ୍ତ୍ରୀ ତିହିଡ଼ି ବ୍ଲକ୍‌ର ବନ୍ୟାଞ୍ଚଳ ପରିଦର୍ଶନରେ ଆସି ଜଳବନ୍ଦିଙ୍କ ଜୀବନଯାପନ ଦେଖିବା ସହିତ ଆବଶ୍ୟକ ମୁତାବକ ରିଲିଫ୍ ଯୋଗାଇ ଦିଆଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁଥିପାଇଁ ବିପନ୍ନମାନେ ପ୍ରଶାସନକୁ ବାରମ୍ବାର ପ୍ରଶ୍ନ କରି ଆସୁଛନ୍ତି। ସେପଟେ ପ୍ରଶାସନ ନିରୁପାୟ। ଉଦ୍ଧାର କାର୍ଯ୍ୟ ସହ ଔଷଧ ଯୋଗାଇଦେବା କ୍ଷେତ୍ରରେ ବିଳମ୍ବ ହେଉଥିବା ଜଣାଯାଇଛି।

ଅନ୍ୟପଟେ ନିରୀହ ଗୃହପାଳିତ ପଶୁଙ୍କ ପାଇଁ ଯେଉଁ ଗୋ-ଖାଦ୍ୟ ଦିଆଯାଉଛି ତାହା ସମୁଦ୍ରକୁ ଶଙ୍ଖେ ପରି। ବିଲବାଡ଼ିରେ ବନ୍ୟାଜଳରେ କେଉଁଠୁ ସେମାନେ ଖାଦ୍ୟ ସଂଗ୍ରହ କରିବେ। ବିଚରା ପାଣି ପିଇ ଦିନ କଟାଉଛନ୍ତି। ସେହିପରି ବୁଲା ଷଣ୍ଢଙ୍କ ପାଇଁ କୌଣସି ସରକାରୀ ବ୍ୟବସ୍ଥା ନାହିଁ। ବନ୍ୟା ଦାଉରେ ଶହସ୍ରାଧିକ ଷଣ୍ଢ ଭୋକ ମେଣ୍ଟାଇପାରୁ ନ ଥିବାବେଳେ ଶତାଧିକ ମୃତ୍ୟୁବରଣ କଲେଣି ଯାହାର ହିସାବ ପ୍ରଶାସନ ନିକଟରେ ନାହିଁ। ଓଡ୍ରାଫ୍ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ସମେତ ପ୍ରଶାସନିକ ପଦାଧିକାରୀ ପଇଁତରା ମାରୁଛନ୍ତି। ତଥାପି ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି ବିନ୍ୟାବିପନ୍ନ। ବିଷଧର ସାପ ସମେତ କୁମ୍ଭୀରର ଭୟ ରହୁଛି। ବୟାଙ୍ଗ ଅଞ୍ଚଳ ଭାବେ ପରିଚିତ ବାରସର ଓ ଗୋବିନ୍ଦପୁର ପଞ୍ଚାୟତର ସମସ୍ତ ଗାଁ ଜଳବନ୍ଦି। ବିପନ୍ନଙ୍କ ଜୀବନଯାପନ ଦୁର୍ବିସହ ହୋଇ ପଡ଼ିଛି। ବିନ୍ଧା ବଜାରରୁ ଲମ୍ବିଥିବା ମୁଖ୍ୟ ରାସ୍ତା କେଳାସାହିଠାରୁ ବିଚ୍ଛିନ୍ନ ହୋଇ ପଡ଼ିଛି। କେଳାସାହି ଗାଁରେ ଚାରିଆଡ଼େ ପାଣି ଲହଡ଼ି ମାରୁଛି। ମୁଖ୍ୟ ରାସ୍ତାରେ ୩ ଫୁଟ୍‌ର ପାଣି ଜମି ରହିଛି। ପ୍ରଖର ସ୍ରୋତରେ ଲୋକେ ନଳକୂଅରୁ ପାଣି ନେବା ଏବଂ ଯାତାୟାତ କରିବା ଅସମ୍ଭବ ହୋଇପଡ଼ିଛି। ମୁଖ୍ୟ ରାସ୍ତାରୁ ଲମ୍ବିଥିବା ଅନ୍ୟ ଗାଁଗଣ୍ଡାକୁ ଲୋକେ ଡଙ୍ଗାର ସାହାଯ୍ୟ ନେଉଛନ୍ତି। ମୋଟ୍ ଉପରେ କହିବାକୁ ଗଲେ ଉପର ମୁଣ୍ଡରୁ ପାଣି ଖସିଲା ପରେ ମଧ୍ୟ ଏହି ବୟାଙ୍ଗ ଅଞ୍ଚଳରେ ଜମି ରହିଛି। ଆଉ କେତେଦିନ ପାଣି ରହିବ ତାହାର କୌଣସି ଆକଳନ କରାଯିବା ସମ୍ଭବ ହେଉନି। ପ୍ରଶାସନ ପକ୍ଷରୁ ସେମାନଙ୍କୁ ଉପଯୁକ୍ତ ରିଲିଫ୍ ପ୍ରଦାନ କରିବାକୁ ଦାବି ଜୋର୍ ଧରିଛି।

# ବନ୍ୟାବିପନ୍ନଙ୍କ ଦୁର୍ଦ୍ଦଶା ବୁଝିଲେ ବରିଷ୍ଠ ପ୍ରଶାସନିକ ଅଧିକାରୀ



ତିହିଡ଼ି,୨୨।୮ (ସମିସ): ତିହିଡ଼ି ବ୍ଲକ୍‌ରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଧୀରେ ଧୀରେ ସୁଧୁରୁଥିବା ଜଣାଯାଇଛି। ତେବେ ଉପର ମୁଣ୍ଡରୁ ପାଣି କମୁଥିବାବେଳେ ତଳିଆ ପଞ୍ଚାୟତରେ ପାଣି ବଢୁଛି। ଯେଉଁଥିପାଇଁ ବାରସର ଓ ଗୋବିନ୍ଦପୁର ପଞ୍ଚାୟତର ବହୁ ଗ୍ରାମ ଏବେ ବି ପାଣି ଘେରରେ ରହିଥିବା ଜଣାଯାଇଛି। ଏହି ପରିପ୍ରେକ୍ଷୀରେ ବରିଷ୍ଠ ପ୍ରଶାସକ ଏସ୍‌ଏନ୍ ଗିରିଶ, ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ବାରସର ପଞ୍ଚାୟତ ଅଧୀନ ବିପନ୍ନମାନଙ୍କ ଦୁର୍ଦ୍ଦଶା ସମ୍ପର୍କରେ ପଚାରି ବୁଝିଥିବାବେଳେ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହାଛଡ଼ା ସେ ବିପନ୍ନମାନଙ୍କୁ ଦିଆଯାଉଥିବା ରନ୍ଧାଖାଦ୍ୟର ମାନ ଯାଞ୍ଚ କରିଥିଲେ। ରିଲିଫ୍ ବଣ୍ଟନ ଓ ଉଦ୍ଧାର କାର୍ଯ୍ୟର ସେ ତଦାରଖ କରିଥିଲେ। ଜିଲ୍ଲାପାଳଙ୍କ ସହିତ ବିଡିଓ ନିରଞ୍ଜନ ବାରିକ, ସହକାରୀ ଯନ୍ତ୍ରୀ ଭୀଷ୍ମଦେବ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଳୟଙ୍କରୀ ବନ୍ୟା ପାଇଁ ବ୍ଲକ୍‌ର ବିଭିନ୍ନ ଆଶ୍ରୟ କେନ୍ଦ୍ରରେ ବିପନ୍ନମାନଙ୍କୁ ଥଇଥାନ କରାଯାଇଥିଲା। ସେମାନଙ୍କ ପାଇଁ ଗୋଟିଏ ଓଳି ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା। କେନ୍ଦ୍ରରେ ରନ୍ଧା ଖାଦ୍ୟ ଦିଆଯାଉଛି। ସାଳନ୍ଦୀ ନଦୀର ବନ୍ୟା ପ୍ରଭାବିତ ବାରୋ, ବିଲଣା, ବୋଡ଼କ ଓ ତଳଗୋପବିନ୍ଧା ପ୍ରମୁଖ ପଞ୍ଚାୟତରେ ବନ୍ୟା ସ୍ଥିତିରେ ପରିବର୍ତ୍ତନ ଘଟି ପାଣି ଧୀରେ ଧୀରେ ହ୍ରାସ ପାଇଥିବା ବିଡିଓ ଶ୍ରୀ ବାରିକ ସୂଚନା ଦେଇଛନ୍ତି।

# ପାହାଡ଼ିଆନ୍ ସ୍ପୋର୍ଟସ୍ ଫାଉଣ୍ଡେସନ୍ ପକ୍ଷରୁ ବନ୍ୟାବିପନ୍ନଙ୍କୁ ସହାୟତା

ଧାମନଗର,୨୨।୮ (ସମିସ): ଧାମନଗର ବ୍ଲକ୍‌ରେ ବନ୍ୟା ବିପର୍ଯ୍ୟୟ ଯୋଗୁଁ ଦୁର୍ଦ୍ଦଶାରେ ଥିବା ବନ୍ୟା ବିପନ୍ନଙ୍କୁ ସହାୟତା ପାଇଁ ଆଗେଇ ଆସିଛି ପାହାଡ଼ିଆନ୍ ସ୍ପୋର୍ଟସ୍ ଫାଉଣ୍ଡେସନ୍। ଭାରତୀୟ ସେନା ସହ ଜଡ଼ିତ ଏହି ଫାଉଣ୍ଡେସନ୍ ପକ୍ଷରୁ ଗୁରୁବାର ବୟାଙ୍ଗଡିହି ସମେତ ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ବନ୍ୟାବିପନ୍ନ ପରିବାରଙ୍କୁ ଶୁଖିଲା ଖାଦ୍ୟ, ଔଷଧ ଓ ପାଲ ବଣ୍ଟନ କରିଛନ୍ତି। ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ତଥା ଭାରତୀୟ ସେନାର କର୍ଣ୍ଣେଲ୍ ବିଏନ୍ ଦାସ, ସହ ପ୍ରତିଷ୍ଠାତା ଚିତ୍ତରଞ୍ଜନ ମୁର୍ମୁ, ନିର୍ଦ୍ଦେଶିକା ଶ୍ୱେତା ଦାସ ଓ ସଲମା ମାଝୀଙ୍କ ଉଦ୍ୟମରେ ଏହି ସହାୟତା ପ୍ରଦାନ କରାଯାଇଥିଲା। ବନ୍ୟା ପରି ଦୁର୍ବିପାକ ସମୟରେ ଅସହାୟ ପରିବାରଙ୍କ ପାଖରେ ଠିଆ ହେବା ସହ ଆଗାମୀ ଦିନରେ ମଧ୍ୟ ଆବଶ୍ୟକତା ଅନୁଯାୟୀ ସହଯୋଗ ଜାରି ରହିବ ବୋଲି ଫାଉଣ୍ଡେସନ୍ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟରେ ସେନା କର୍ମଚାରୀ ଆଲୋକ ସାହୁଙ୍କ ସମେତ ନିତ୍ୟାନନ୍ଦ ସାହୁ, ଲୋକନାଥ ସାହୁ, ଅନୁ ସାହୁ, ଅଜୟ ସାହୁ ଓ ଦୁଆରି ଜେନା ପ୍ରମୁଖ ସହଯୋଗ କରିଥିଲେ। ପାହାଡ଼ିଆନ୍ ସ୍ପୋର୍ଟସ୍ ଫାଉଣ୍ଡେସନ୍‌ର ମୁଖ୍ୟ ଉଦ୍ଦେଶ୍ୟ ଗରିବ ଓ ଅସହାୟ ପିଲାଙ୍କୁ ମାଗଣା ଶିକ୍ଷା ଯୋଗାଇବା ସହ କ୍ରୀଡ଼ା କ୍ଷେତ୍ରରେ ପ୍ରତିଭାବାନ ଗରିବ ପିଲାଙ୍କୁ ଦେଶ ଓ ବିଦେଶରେ ଖେଳିବା ପାଇଁ ସହାୟତା ଯୋଗାଇବା। ବନ୍ୟା ବିପଦ ସମୟରେ ଅସହାୟଙ୍କୁ ସହଯୋଗ କରିବା ଫାଉଣ୍ଡେସନ୍‌ର ସାମାଜିକ ଦାୟିତ୍ୱ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।



# ମାଗଣା ସ୍ୱାସ୍ଥ୍ୟ ସେବା ଶିବିର



ଚାନ୍ଦବାଲି,୨୨।୮ (ସମିସ): ଭୁବନେଶ୍ୱରସ୍ଥିତ ହାଇଟେକ୍ ମେଡିକାଲ୍‌ରୁ ବିଭିନ୍ନ ବିଶେଷଜ୍ଞ ଡାକ୍ତରମାନଙ୍କ ଉପସ୍ଥିତିରେ ଚାନ୍ଦବାଲି ଅମନ କନ୍‌ଭେନସନଠାରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଚାନ୍ଦବାଲୀ ସିଏଚ୍‌ସିର ମେଡିକାଲ୍ ଅଫିସର ଡାକ୍ତର ଅଶୋକ ମିଶ୍ର ଉପସ୍ଥିତ ରହି ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରିଥିଲେ। କ୍ରାନ୍ତିକାରୀ ଯୁବକ ସଂଘର ସଭାପତି ମାନସ ବିଶ୍ୱାଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ସମ୍ପାଦକ ବିକାଶ ରଞ୍ଜନ ନାୟକ ଓ ହାଇଟେକ୍ ମେଡିକାଲ୍‌ର ମଧୁସ୍ମିତା ବେହେରା ଶିବିରକୁ ପରିଚାଳନା କରିଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ୩ ଜଣ ବିଶେଷଜ୍ଞ ଯଥା- ଭେଷଜ, ଅସ୍ଥିଶଲ୍ୟ ଓ ଇଏନ୍‌ଟି ବିଭାଗର ଡାକ୍ତରମାନେ ଚାନ୍ଦବାଲୀ ଅଞ୍ଚଳର ୧୫୪ ରୋଗୀଙ୍କ ଚିକିତ୍ସା କରିଥିଲେ। ଏହି ଶିବିରରେ କ୍ରାନ୍ତିକାରୀ ଯୁବକ ସଂଘର ସଦସ୍ୟ ଅରୁଣ ଖଣ୍ଡେଲୱାଲ, ବିଶ୍ୱନାଥ ସାହୁ, ରୁଦ୍ରନାରାୟଣ ସାହୁ, ଶ୍ରଦ୍ଧାଞ୍ଜଳି ଖଣ୍ଡା, ପ୍ରତାପ ଦାସ, ସମ୍ବିତ୍ ମହାନ୍ତି, କଳିଙ୍ଗ ନାୟକ, ବନ୍ଦନା ମହାନ୍ତି, ହରପ୍ରିୟା ଓଝା, ଅନିତା ସାମଲ, ସୁମନ୍ତ ପଟ୍ଟନାୟକ, ପ୍ରଶାନ୍ତ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଚନ୍ଦବାଲି ଓକିଲ ସଙ୍ଘ ସଭାପତି ଉପେନ୍ଦ୍ର ରାଉଳ ଯୋଗଦେଇ କହିଥିଲେ ଯେ, ଏଭଳି ସ୍ୱାସ୍ଥ୍ୟ ଶିବିର ଆମ ଅଞ୍ଚଳର ଆବଶ୍ୟକତା ରହିଥିବା କହିବା ସହ ଆୟୋଜକଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ।

# ମାକ୍ରୋୱେଭ୍ ଟେକ୍ନୋଲୋଜି ଓ ଆନନ୍ଦମାର୍ଗ ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ

ଭଦ୍ରକ,୨୨।୮ (ସମିସ): ବନ୍ୟା ପ୍ରପୀଡ଼ିତଙ୍କ ସହାୟତା ପାଇଁ ମାକ୍ରୋୱେଭ୍ ଟେକ୍ନୋଲୋଜି ଓ ଆନନ୍ଦମାର୍ଗ ସୋସିଆଲ୍ ଅର୍ଗାନାଇଜେସନ୍, ଭଦ୍ରକ ଶାଖାର ମିଳିତ ଉଦ୍ୟମରେ ଗୁରୁବାର ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ରଇପୁର ପଞ୍ଚାୟତର ମଉଦପୁର ଏବଂ ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା ଓ ଜେନାସାହି ଅଞ୍ଚଳରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଏହି ମାନବିକ ଅଭିଯାନରେ ପ୍ରାୟ ୧୫୦ଟି ବନ୍ୟା ପ୍ରଭାବିତ ପରିବାରଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ବନ୍ୟା ପରିସ୍ଥିତିରେ ଅସୁବିଧାରେ ଥିବା ପରିବାରଗୁଡ଼ିକଙ୍କ ନିକଟରେ ଆବଶ୍ୟକ ସହାୟତା ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ମାକ୍ରୋୱେଭ୍ ଟେକ୍ନୋଲୋଜିର ପ୍ରୋଗ୍ରାମ୍ କୋଅର୍ଡିନେଟର ରାଜ କିଶୋର ମହାନ୍ତି, ପ୍ରୋଜେକ୍ଟ କୋଅର୍ଡିନେଟର ନିର୍ମଳ ମାଝୀ, ସିନିୟର ଟେକ୍ନିସିଆନ୍ ଭକ୍ତହରି ସାହୁ, ସିନିୟର ଟେକ୍ନିସିଆନ୍ ସୁନୀଲ କୁମାର ବେହେରା, ଟେକ୍ନିସିଆନ୍ ପ୍ରମୋଦ ପୁହାଣ, ପୂର୍ଣ୍ଣଚନ୍ଦ୍ର ରାଉତ ଓ ବଳରାମ ପାତ୍ର ଯୋଗଦେଇଥିଲେ। ଏଥିସହ ଆନନ୍ଦମାର୍ଗ ସୋସିଆଲ୍ ଅର୍ଗାନାଇଜେସନ୍, ଭଦ୍ରକ ଶାଖାର ସମ୍ପାଦକ ଜଗନ୍ନାଥ ରାୟ ଉପସ୍ଥିତ ରହି ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ। ନଦୀଗାଁର ସମାଜସେବୀ ମାନସ ରଞ୍ଜନ ସାହୁ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବିପଦ ସମୟରେ ପ୍ରଭାବିତ ଲୋକଙ୍କ ପାଖରେ ଠିଆ ହୋଇ ସହାୟତାର ହାତ ବଢ଼ାଇବା ଏବଂ ସମାଜ ପ୍ରତି ନିଜର ଦାୟିତ୍ୱ ତୁଲାଇବା ଦିଗରେ ମାକ୍ରୋୱେଭ୍ ଟେକ୍ନୋଲୋଜି ଓ ଆନନ୍ଦମାର୍ଗର ଏହି ମିଳିତ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।





## କୁଆଖିଆ-ଆରଡ଼ି ୨୦ ନଂ ଜାତୀୟ ରାଜପଥ ପାଲିଟିଛି ମରଣଯନ୍ତା

# ରାସ୍ତା ମରାମତି ନାଁରେ ଚଳୁ କରୁଛନ୍ତି ଲକ୍ଷ ଲକ୍ଷ ଟଙ୍କା

ଆରଡ଼ି,୨୨।୮ (ସମିସ): ଦେଶର ଯେ କୌଣସି ଜାତୀୟ ରାଜପଥ ନାଁ ସାମ୍ନାକୁ ଆସିଲେ ଲାଗେ ରାସ୍ତାଟି ନିଶ୍ଚୟ ଭଲ ହୋଇଥିବ। କିନ୍ତୁ ଭାୟା ଆରଡ଼ି ଦେଇ ଯାଇଥିବା କୁଆଖିଆରୁ ସାତଭାୟା ଜାତୀୟ ରାଜପଥ-୨୦ର ଅବସ୍ଥା କହିଲେ ନ ସରେ। ଜାତୀୟ ରାଜପଥର ବାରମ୍ବାର ଦୁରବସ୍ଥା ଶୁଣିଲେ ପ୍ରସଙ୍ଗଟି ଅଖାଡୁଆ ଲାଗୁଛି। ଏହି ରାସ୍ତା ଯାଜପୁର ଜିଲ୍ଲା କଂଆଗୋଲାଠାରୁ ଭଦ୍ରକ ଜିଲ୍ଲା ମଠଡିହ ପର୍ଯ୍ୟନ୍ତ ବୈତରଣୀ କୂଳ ଦେଇ ଯାଇଥିବାରୁ ପ୍ରତି ବର୍ଷ ବନ୍ୟା ଆସି ନିର୍ଦ୍ଦିଷ୍ଟ ସ୍ଥାନ ବୋଡକଠାରୁ ଷାଠିବାଙ୍କୁଡ଼ା ପର୍ଯ୍ୟନ୍ତ ବନ୍ୟାଜଳ ପ୍ରବାହିତ ହୋଇ ମରଣଯନ୍ତା ପାଲୁଟୁଛି। ବନ୍ୟା ଛାଡ଼ିଲା ପରେ ପ୍ରତିବର୍ଷ ବିଭାଗୀୟ ଅଧିକାରୀ ଓ ଠିକାଦାର ସଲାସୁତରା ହୋଇ ବାଲିବସ୍ତା ଓ ଡଷ୍ଟ ପକେଇ କାମଚଳା କରି ଛାଡ଼ିଦେଉଛନ୍ତି। ପୁଣି ବନ୍ୟା ଆସିଲେ ସେ ସବୁ ଧୋଇଯାଉଛି। ଫଳରେ ପୁଣି କାମ ବାହାନାରେ ଟଙ୍କା ଲୁଟିବାର ମାଧ୍ୟମ ସାଜିଛି।

ଚଳିତ ତିନି ତିନିଟି ବନ୍ୟା ଫଳରେ ରାସ୍ତା ପୂରା ଶୋଚନୀୟ ହୋଇ ପଡ଼ିଛି। ଆଜି ବି ଉକ୍ତ ରାସ୍ତା ଉପରେ ବୈତରଣୀ ନଦୀର ବନ୍ୟାଜଳ ପ୍ରବାହିତ ହେଉଛି। ସେହି ସ୍ଥାନରେ ରାସ୍ତାରେ ପ୍ରାୟ ୫୦୦ ଫୁଟ୍‌ର ଘାଇ ସୃଷ୍ଟି ହୋଇଛି। ପ୍ରଥମ ବନ୍ୟା ପରେ ଉକ୍ତ ରାସ୍ତାରେ ଠିକାଦାର କିଛି ଡଷ୍ଟ ପକାଇ ସମତଳ କରିଦେଇଥିଲେ। କିନ୍ତୁ ବନ୍ୟା ଆସିବା ଫଳରେ ଯଥା ପୂର୍ବଂ ତଥା ପରଂ ହୋଇଗଲା। ପ୍ରଥମ କଥା ଏହି ଜାତୀୟ ରାଜପଥରେ କେତେବେଳେ ଜଳସମ୍ପଦ ବିଭାଗ ବାଲିବସ୍ତା ପକେଇ ଟଙ୍କା ଲୁଟୁଛି ତ କେତେବେଳେ ଜାତୀୟ ରାଜପଥ ବିଭାଗ ଡଷ୍ଟ ପକାଇ ଟଙ୍କା ଲୁଟୁଛି। ପ୍ରକୃତରେ ଏହି ରାସ୍ତାର ମରାମତି ଦାୟିତ୍ୱ କାହାର ତାହା ବର୍ତ୍ତମାନ ସନ୍ଦେହ ଘେରରେ। ଏହି ରାସ୍ତାର ଅବସ୍ଥା ନେଇ ବର୍ତ୍ତମାନ ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା ଓ ଯାଜପୁର ଜିଲ୍ଲାର ବହୁ ଗାଡ଼ିମୋଟର ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣି ଧାମ ଆରଡ଼ି ଯାଆନ୍ତି। ପ୍ରତିଦିନ ଆରଡ଼ିରୁ ଭୁବନେଶ୍ୱର ଏହି ରାସ୍ତା ଦେଇ ୮ଟି ବସ୍ ଯାଏ, ଯାହାକି ଆଜକୁ ୯ ଦିନ ହେବ ବନ୍ଦ ରହିଛି। ଆହୁରି ଆଗକୁ କେତେ ଦିନ ବନ୍ଦ ରହିବ ତାହାର ଠିକ୍‌ଠିକଣା ନାହିଁ। ଏହି ରାସ୍ତା ଉପରେ ନିର୍ଭର କରୁଥିବା ଲୋକମାନଙ୍କର ଅସୁବିଧା ଚରମ ସୀମାରେ।

ପ୍ରତିବର୍ଷ ବନ୍ୟା ସମୟରେ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ସଲାସୁତରା ଦାଣ୍ଡରେ ପଡ଼ି ହାଟରେ ଗଡୁଛି। କେତେକ ମୁଷ୍ଟିମେୟ ଲୋକଙ୍କ ରୋଜଗାର ସାଜିଥିବା ଏ ରାସ୍ତା ବହୁ ଲୋକଙ୍କ ଦୁଃଖର କାରଣ ହୋଇଛି। ଯେହେତୁ ଉକ୍ତ ରାସ୍ତାର ପ୍ରାୟ ୨ କିଲୋମିଟର ନଦୀ କୂଳ ଦେଇ ଯାଇଛି ପ୍ରତିବର୍ଷ ବନ୍ୟା ଆସିଲେ ବି ଏହାର ସ୍ଥାୟୀ ପ୍ରତିକାର କେମିତି ହୋଇପାରିବ ସରକାର ପଦକ୍ଷେପ ନେବା ଦରକାର। ସରକାର ଏହି ରାସ୍ତାର ଦୁରବସ୍ଥାକୁ ଗମ୍ଭୀରତା ସହକାରେ ନେଇ କାର୍ଯ୍ୟପନ୍ଥା ଆପଣେଇବା ପାଇଁ ଦାବି ହେଉଛି।

ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ସଲାସୁତରା

ଏମିତି ଚାଲିଛି ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା

# ମୃତ୍ୟୁ ପରେ ରୋଗୀଙ୍କୁ ରେଫର୍ କଲେ ଡାକ୍ତର

ଭଦ୍ରକ/ତିହିଡ଼ି,୨୨।୮ (ସମିସ)

ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଭାଟପଡ଼ା ପଞ୍ଚାୟତ ଅଧୀନ ବଉଳପାଳ ଗାଁର ମାୟାଧର ତ୍ରିପାଠୀ(୬୫) ନାମକ ଜଣେ ବୃଦ୍ଧଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ପାଇଁ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ବୃଦ୍ଧଙ୍କ ପରିବାର ଲୋକେ ଏହି ଅଭିଯୋଗ

■ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଅଭିଯୋଗ
■ ଉତ୍ତ୍ୟକ୍ତ ଲୋକଙ୍କ ପ୍ରତିବାଦ ଓ ଶବ ରଖି ରାସ୍ତାରୋକ

କରିବା ସହ ମୃତଦେହକୁ ଭଦ୍ରକ-ଚାନ୍ଦବାଲି ମୁଖ୍ୟ ରାସ୍ତାରେ ରଖି ଏହାର ପ୍ରତିବାଦ ଜଣାଇଛନ୍ତି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର ବୃଦ୍ଧଙ୍କ ମୃତ୍ୟୁ ପରେ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯିବା ସହ ତ୍ରୁଟିପୂର୍ଣ୍ଣ ଚିକିତ୍ସା କରିଥିବା ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ଶନିବାର ଭୋର୍ ସମୟରେ ବଉଳପାଳ ଗାଁର ମାୟାଧର ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ପୂର୍ବାହ୍ଣ ୧୧ଟାରେ ମାୟାଧରଙ୍କ ମୃତ୍ୟୁ ଘଟିବାରୁ ତାଙ୍କ ପରିବାର ଲୋକଙ୍କର ଚିକିତ୍ସା ନେଇ ସନ୍ଦେହ ଉପୁଜିଥିଲା। ସେମାନେ ଡାକ୍ତରଙ୍କୁ ଭେଟି କି ଔଷଧ ଓ



ଇଞ୍ଜେକ୍ସନ ଦେଇଛ ବୋଲି ପଚାରିବାରୁ ଡାକ୍ତର ପ୍ରେସ୍କ୍ରିପସନକୁ ଫିଙ୍ଗି ଦେଇଥିଲେ। ସେମାନେ ଡଷ୍ଟବିନରୁ ଏହାକୁ ଉଦ୍ଧାର କରିଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ଏହି ଘଟଣାକୁ ନେଇ ମାୟାଧରଙ୍କ ପରିବାର ସଦସ୍ୟ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ ସେମାନେ ପାଟିତୁଣ୍ଡ କରିଥିଲେ। ଖବର ପାଇ ତିହିଡ଼ି ଥାନା ଏସ୍ଆଇ ପ୍ରକାଶ ନାୟକ, ଏଏସ୍ଆଇ ଲକ୍ଷ୍ମଣ ମାରାଣ୍ଡି ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଘଟଣାର ଅନୁଧ୍ୟାନ କରୁଥିବା ଜଣାଯାଇଛି। ତେବେ ବୃଦ୍ଧଙ୍କ ଚିକିତ୍ସା କରିଥିବା ଡାକ୍ତର ଡାକ୍ତରଖାନାରୁ କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଯାଇଥିବା ଜଣାଯାଇଛି।

■ ଡିଗ୍ରୀ ଅଛି, ଚାକିରି ନାହିଁ!

# ହାଉସ୍ କିପର୍, ଷ୍ଟୋର୍ କିପର୍ ପାଇଁ ଉଚ୍ଚଶିକ୍ଷିତଙ୍କ ଭିଡ଼

ଦୋବଲ,୨୨।୮ (ସମିସ): ଡିଗ୍ରୀ ପରେ ଡିଗ୍ରୀ। ଶିକ୍ଷାଗତ ଯୋଗ୍ୟତା କହିଲେ ଏମ୍‌ବିଏ, ଏମ୍‌ସିଏ, ଏମ୍‌କମ୍, ଏମ୍‌ଏସ୍‌ଡବ୍ଲ୍ୟୁ, ଏମ୍‌ଏ। ହେଲେ ଯୋଗ୍ୟତା ଅନୁଯାୟୀ ଚାକିରି ନାହିଁ। ଶେଷରେ ଯେଉଁ ପଦବୀ ପାଇଁ ସାଧାରଣ ଶିକ୍ଷାଗତ ଯୋଗ୍ୟତା ଲୋଡ଼ା, ସେହି ପଦବୀ ପାଇଁ ମଧ୍ୟ ଏହି ଉଚ୍ଚଶିକ୍ଷିତମାନେ ଆବେଦନ କରିବାକୁ ପଡୁଛି। ଧାମନଗର ବ୍ଲକ୍‌ର କାଞ୍ଚିଆପାଳସ୍ଥିତ ମହାପୁରୁଷ ଆଶ୍ରମର ନିଯୁକ୍ତି ଆବେଦନ ତାଲିକାରୁ ଏଭଳି ନିଯୁକ୍ତି ସମସ୍ୟା ଏବଂ ଶିକ୍ଷିତ ବେକାରୀଙ୍କ ଏଭଳି ଏକ ଚିତ୍ର ସାମ୍ନାକୁ ଆଣିଛି।

ନିଯୁକ୍ତି ଆବେଦନ ତାଲିକା ଦେଖାଇଲା ବାସ୍ତବ ଚିତ୍ର

ମହାପୁରୁଷ ଆଶ୍ରମ ପକ୍ଷରୁ ପ୍ରକାଶିତ ଅସ୍ଥାୟୀ ଡ୍ରାଫ୍ଟ ତାଲିକା (ବିଜ୍ଞାପନ ନଂ- ୧୦/ଏମ୍‌ଏକେ/୨୦୨୫-୨୬)ରେ ହାଉସ୍ କିପର୍, ଷ୍ଟୋର୍ କିପର୍ କମ୍ ଆକାଉଣ୍ଟାଣ୍ଟ ଓ ହାଉସ୍ ଫାଦର/ମଦର ପଦ ପାଇଁ ଉଚ୍ଚଶିକ୍ଷିତ ପ୍ରାର୍ଥୀଙ୍କ ନାମ ଦେଖିବାକୁ ମିଳିଛି। ହାଉସ୍ କିପର୍ ପଦ ପାଇଁ ବିଏ ଡିଗ୍ରୀଧାରୀ ଆବେଦନ କରିଥିବାବେଳେ ଷ୍ଟୋର୍ କିପର୍ କମ୍ ଆକାଉଣ୍ଟାଣ୍ଟ ପାଇଁ ଏମ୍‌ବିଏ, ଏମ୍‌କମ୍, ଏମ୍‌ଏସ୍‌ଡବ୍ଲ୍ୟୁ ଡିଗ୍ରୀ ହାସଲକାରୀଙ୍କ ନାମ ରହିଛି। ହାଉସ୍ ଫାଦର/ମଦର ପଦ ପାଇଁ ମଧ୍ୟ ଅନୁରୂପ ଏମ୍‌ଏ, ଏମ୍‌ସିଏ ଏବଂ ଏମ୍‌ବିଏ ଡିଗ୍ରୀଧାରୀ ପ୍ରାର୍ଥୀ ଆବେଦନ ତାଲିକାଭୁକ୍ତ ହୋଇଛନ୍ତି। ଏହି ତାଲିକା ଏକ ପ୍ରଶ୍ନ ଉଠାଇଛି, ଉଚ୍ଚଶିକ୍ଷା ପରେ ଯଦି ଯୋଗ୍ୟତା ଅନୁଯାୟୀ ଚାକିରି ନ ମିଳେ, ତେବେ ଯୁବପିଢ଼ି କେଉଁ ଦିଗକୁ ଯିବ? ଚାକିରି ପାଇଁ ବର୍ଷ ବର୍ଷ ଧରି ପ୍ରସ୍ତୁତି, ଡିଗ୍ରୀ ହାସଲ ଓ ପ୍ରତିଯୋଗିତା ପରେ ମଧ୍ୟ ନିଯୁକ୍ତିର ସୁଯୋଗ ସୀମିତ ରହିବା ଅନେକ ଶିକ୍ଷିତ ଯୁବକଯୁବତୀଙ୍କୁ ନିଜ ଯୋଗ୍ୟତାଠାରୁ କମ୍ ପଦବୀ ପାଇଁ ମଧ୍ୟ ପ୍ରତିଯୋଗିତା କରିବାକୁ ବାଧ୍ୟ କରୁଛି। ଏହା କେବଳ ଧାମନଗରର ଏକ ନିଯୁକ୍ତି ତାଲିକା ନୁହେଁ; ବରଂ ଶିକ୍ଷା ଓ ରୋଜଗାର ମଧ୍ୟରେ ବଢୁଥିବା ଦୂରତା ଉପରେ ଏକ ଗମ୍ଭୀର ପ୍ରଶ୍ନ। ଉଚ୍ଚଶିକ୍ଷାର ପ୍ରସାର ସହ ଯଦି ସେହି ଅନୁପାତରେ ରୋଜଗାର ସୃଷ୍ଟି ନ ହୁଏ, ତେବେ ଡିଗ୍ରୀଧାରୀଙ୍କ ସଂଖ୍ୟା ବଢ଼ିବା ସତ୍ତ୍ୱେ ବେକାରୀଙ୍କ ଚାପ କମିବା କଷ୍ଟକର।

ତେବେ ଏହା ଡ୍ରାଫ୍ଟ ତାଲିକା ହୋଇଥିବାରୁ ଚୂଡ଼ାନ୍ତ ନିଯୁକ୍ତି ନେଇ ଏଥିରୁ କୌଣସି ନିଷ୍କର୍ଷ ଟାଣିବା ଠିକ୍ ହେବନାହିଁ। ତାଲିକାକୁ ନେଇ କୌଣସି ଆପତ୍ତି ଅଭିଯୋଗ ଥିଲେ ଅଗଷ୍ଟ ୩୦ ସୁଦ୍ଧା ଉପଯୁକ୍ତ ପ୍ରମାଣ ସହ ମହାପୁରୁଷ ଆଶ୍ରମର ସମ୍ପାଦକଙ୍କ ନିକଟରେ ଲିଖିତ ଭାବେ ଦାଖଲ କରାଯାଇପାରିବ। ଡିଗ୍ରୀ ବଢ଼ିବା ସହ ନିଯୁକ୍ତି ଆଶା ମଧ୍ୟ ବଢ଼ିବାରେ ଲାଗିଛି। କିନ୍ତୁ ଯୋଗ୍ୟତା ଅନୁଯାୟୀ, ରୋଜଗାରର ସୁଯୋଗ କିପରି ସୃଷ୍ଟି ହେବ ତାହାକୁ ନେଇ ସାଧାରଣରେ ସଂଶୟ ପ୍ରକାଶ ପାଇଛି।

# ୭୩ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ



ଦୋଲସାହି,୨୨।୮ (ସମିସ): ଭଦ୍ରକ ଜିଲ୍ଲା ଅବକାରୀ ଅଧିକାରୀ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ତିହିଡ଼ି ଅବକାରୀ ବିଭାଗ ଦ୍ୱାରା ଶୁକ୍ରବାର ତିହିଡ଼ି ଥାନା ଅଧୀନ ଦୋଲସାହି ବଜାରରୁ ୭୩ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ ହୋଇଛି। ସାବରଙ୍ଗ ଥାନା ଅଧୀନ ଶେରପୁର ଗାଁର ଉତ୍ତମ ଜେନା (୨୪)ଙ୍କଠାରୁ ଏହି ବ୍ରାଉନ୍‌ସୁଗର ଜବତ କରିବା ସହ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ସେହିପରି ଅବକାରୀ ବିଭାଗ ପକ୍ଷରୁ ଏହି ବ୍ରାଉନ୍‌ସୁଗର ଯୋଗାଉଥିବା ଭଦ୍ରକର ମୁଖ୍ୟ ଅଭିଯୁକ୍ତକୁ ଖୋଜୁଥିବା ଜଣାଯାଇଛି।

# ଥାନା ଅଧିକାରିଣୀ ସମ୍ବର୍ଦ୍ଧିତ

ବାରିକପୁର,୨୨।୮ (ସମିସ): ଭଣ୍ଡାରିପୋଖରୀ ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକଙ୍କୁ ସମ୍ମାନିତ କରାଯାଇଛି। ସ୍ୱାଧୀନତା ଆନ୍ଦୋଳନର ଅଗଷ୍ଟ କ୍ରାନ୍ତିରେ ଭଣ୍ଡାରିପୋଖରୀ ଥାନା ପୋଡ଼ି ପ୍ରଥମ



ଆଗ୍ନେୟ ଝଲକ ଭାବେ ଇତିହାସରେ ଲିପିବଦ୍ଧ ହୋଇ ରହିଛି। ତେଣୁ ପ୍ରତ୍ୟେକ ବର୍ଷ ସଂଗ୍ରାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଥାନା ପକ୍ଷରୁ ଅଗଷ୍ଟ ୧୭ ତାରିଖ ଦିନ କ୍ରାନ୍ତି ଦିବସ ପାଳିତ ହୋଇଥାଏ। ଚଳିତ ବର୍ଷ ମଧ୍ୟ ଆଇଆଇସିଙ୍କ ତତ୍ତ୍ୱାବଧାନରେ ଅଗଷ୍ଟ କ୍ରାନ୍ତି ଦିବସ ଅନୁଷ୍ଠିତ ହୋଇଯାଇଛି। ତେଣୁ ଉତ୍ସବ ଫଳତାର ମୁଖ୍ୟ କର୍ଣ୍ଣଧାର ଶ୍ରୀମତୀ ନାୟକଙ୍କୁ ଶନିବାର ଥାନା କାର୍ଯ୍ୟାଳୟରେ ବାସୁଦେବପୁର ସହିଦ ତୀର୍ଥଯାତ୍ରୀ ସଂଗ୍ରାମୀ ବୈଲୋଚନ ଜେନା ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଛନ୍ତି।

# ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ଅକାଳ ବିୟୋଗ

ଧାମନଗର,୨୨।୮ (ସମିସ): ଧାମନଗର ଏନ୍‌ଏସି ଅଧୀନ ୩ ନମ୍ବର ୱାର୍ଡ ଅଧୀନ କାଟଣାପାହି ପଡ଼ିଆ ନିକଟସ୍ଥ ହବିବନଗର ଗ୍ରାମର ବାସିନ୍ଦା ଜଣାଶୁଣା ସରକାରୀ ଶିକ୍ଷକ ଶାହା ମହମ୍ମଦ ଶେରଫୁଦ୍ଦିନ(ମୁନମ୍ ସାର୍)ଙ୍କ ୪୮ ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି। ସେ ହୃଦ୍‌ଘାତରେ



ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ଧାମନଗର ବ୍ଲକ୍ ଅନ୍ତର୍ଗତ କଣ୍ଟିଦୋଳ ପ୍ରାଥମିକ ସ୍କୁଲରେ ସହକାରୀ ଶିକ୍ଷକ ଭାବେ ନିଯୁକ୍ତ ହୋଇଥିବାବେଳେ ପରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ସେ ଜଣେ ଭଲ ମଣିଷ ଓ ତାଙ୍କର ବ୍ୟବହାର ଉତ୍ତମ, ମେଳାପୀ, ମିଷ୍ଟଭାଷୀ। ଏହି ଦୁଃଖଦ ଖବର ପ୍ରସାରିତ ହେବା ପରେ ସ୍ଥାନୀୟ ଅଞ୍ଚଳ ସହ ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି। ଖବର ପାଇ ଏନ୍‌ଏସି ଉପାଧ୍ୟକ୍ଷ ଓସିମ୍ ଏଜଦାନି କାଦିରୀ, ଏବିଇଓ ସତ୍ୟସୁନ୍ଦର ପରିଡ଼ା, ପ୍ରଧାନଶିକ୍ଷକ ସୁରେନ୍ଦ୍ର ସେଠୀ, ସିଆର୍‌ସିସି ବ୍ରହ୍ମାନନ୍ଦ ଜେନା, ସିଆର୍‌ସିସି ସେକ୍ ମୋଜାଫର ହୋସେନ, ଶିକ୍ଷକ ମୁକ୍ତିକାନ୍ତ ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ ଲେଙ୍କା, ଶିକ୍ଷକ ସେକ୍ ସଲିମ୍ ଖାଁ, ଶିକ୍ଷକ ସେକ୍ ହବିବୁଲ କରିମ୍, ଏମ୍‌ଡି ସାଜୁଦ୍ଦିନ, ଏମ୍‌ଡି କୁତୁବୁଲ ଓରା, ଭଦ୍ରକ ମଦ୍ରାସା ଶିକ୍ଷକ ସଂଘର ସଭାପତି ଏସ୍‌କେ ନାସିରୁଦ୍ଦିନ, ସାମ୍ବାଦିକ ଗୋଲାମ ଜିଲାନି ହବିବି, ସେକ୍ ଜାଫର ଅଲ୍ଲୀ ହବିବି ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ମୁସଲମାନ ରୀତିନୀତି ଅନୁସାରେ ଖାନ୍‌କା ସରିଫ୍‌ଠାରେ ନମାଜପାଠ(ଜନାଜା) ପଢ଼ିବା ପରେ ଗ୍ରାମର ଏକ କବରସ୍ଥାନ ପରିସରରେ କବର ଦିଆଯାଇଛି।

ନୂଆନନ୍ଦ ସ୍କୁଲ୍‌ରେ ସ୍କୁଲ୍ ପରିଚାଳନା କମିଟି ଗଠନରେ ବିବାଦ

# ବହୁମତରେ ସଭାପତି ହେଲେ ଜିତେଶ ବାରିକ

ତିହିଡ଼ି,୨୨।୮ (ସମିସ): ରାଜନୈତିକ ଛକାପଞ୍ଝା, ଉତ୍ତେଜନା ଆଉ ବହୁ ବାଦ ବିବାଦ ପରେ ଶେଷ ହୋଇଛି ତିହିଡ଼ି ବ୍ଲକ୍ ନୂଆନନ୍ଦ ସରକାରୀ ଦିବାକର ନୋଡାଲ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି (ଏସ୍‌ଏମ୍‌ସି) ଗଠନ। ଶାସକ ଓ ବିରୋଧୀ ଦଳ ମଧ୍ୟରେ କଡ଼ା ଟଣାଓଟରା ଚାଲିଥିବାବେଳେ, ଅଭିଭାବକଙ୍କ ବିପୁଳ ସମର୍ଥନରେ ବାଜିମାତ୍ କରିଛନ୍ତି ଯୁବ ସମାଜସେବୀ ଜିତେଶ କୁମାର ବାରିକ।



ପାଳିଆ ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ନୂଆନନ୍ଦ ସରକାରୀ ଦିବାକର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଏସ୍‌ଏମ୍‌ସି କମିଟି ଗଠନକୁ ନେଇ ସ୍ଥାନୀୟ ରାଜନୀତି ବେଶ୍ ସରଗରମ ହୋଇଉଠିଥିଲା। ପୂର୍ବରୁ ଆହୂତ ବୈଠକରେ ଶାସକ ଓ ବିରୋଧୀ ଦଳ ମଧ୍ୟରେ ତୀବ୍ର ବିବାଦ ଯୋଗୁଁ ପ୍ରକ୍ରିୟା ସ୍ଥଗିତ ରହିଥିଲା। ଶୁକ୍ରବାର ପୁନର୍ବାର ନିର୍ବାଚନ ଦିନ ଧାର୍ଯ୍ୟ ହୋଇଥିବାବେଳେ, ନିଜର ସଦସ୍ୟ ସଂଖ୍ୟା କମ୍ ଥିବା ଦେଖି ଶାସକ ଗୋଷ୍ଠୀ ବୈଠକ ବାତିଲ୍ କରିବାକୁ ଚକ୍ରାନ୍ତ କରିଥିବା ଅଭିଯୋଗ ହୋଇଥିଲା। ତେବେ ଅଭିଭାବକମାନେ ନିଜ ଦାବିରେ ଅଟଳ ରହି ସ୍କୁଲ୍ ହତା ଛାଡ଼ି ନ ଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ଘଟଣାସ୍ଥଳରେ ଉପସ୍ଥିତ ଏଏସ୍ଆଇ ସମରେନ୍ଦ୍ର ବାରିକ, ଆଇଆଇସି ଲୋପାମୁଦ୍ରା ନାୟକଙ୍କ ସହଯୋଗ ଲୋଡ଼ିଥିଲେ। ତୁରନ୍ତ ଥାନାଧିକାରିଣୀଙ୍କ ନିର୍ଦ୍ଦେଶରେ ସବ୍‌ଇନ୍ସପେକ୍ଟର ଦୀପ୍ତିମଞ୍ଜରୀ ବଡ଼ଜେନା, ଏଏସ୍ଆଇ ଦାମୋଦର ଟୁଡୁ, ଲକ୍ଷ୍ମଣ ମାରାଣ୍ଡି ଓ କନେଷ୍ଟବଳ ଅଲେଖ ବିଶ୍ୱାଳଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ପୁଲିସ ଟିମ୍ ପହଞ୍ଚି ଅଭିଭାବକମାନଙ୍କୁ ବୁଝାସୁଝା କରି ପରିବେଶ ଶାନ୍ତ କରିଥିଲେ। ପରିସ୍ଥିତି ନିୟନ୍ତ୍ରଣକୁ ଆସିବା ପରେ ପ୍ରଧାନଶିକ୍ଷକ ଦେବେନ୍ଦ୍ର ସାହୁ, ସିଆର୍‌ସିସି ଦେବବ୍ରତ ଶତପଥୀ ଓ ଅବ୍‌ଜରଭର ବଂଶୀଧର ଦାସଙ୍କ ଉପସ୍ଥିତିରେ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସମୁଦାୟ ୧୫ ଜଣ ସଦସ୍ୟଙ୍କ ମଧ୍ୟରୁ ଜିତେଶଙ୍କ ସପକ୍ଷରେ ୧୧ ଜଣ ସମର୍ଥନ ଦେଇଥିଲେ। କଡ଼ା ପ୍ରତିଦ୍ୱନ୍ଦ୍ୱିତା ପରେ ୧୫ ଜଣ ସଦସ୍ୟଙ୍କ ମଧ୍ୟରୁ ୧୧ ଜଣଙ୍କ ସମର୍ଥନ ଲାଭ କରି ଜିତେଶ ସଭାପତି ଓ ମଧୁସ୍ମିତା ପାଣିଗ୍ରାହୀ ଉପସଭାପତି ଭାବେ ମନୋନୀତ ହୋଇଥିଲେ। ଜିତେଶଙ୍କ ଏହି ବିଜୟ ପରେ ନୂଆନନ୍ଦ ଗ୍ରାମରେ ଆନନ୍ଦ ପ୍ରକାଶ ପାଇଛି।

# ଅବସରପ୍ରାପ୍ତ ଶିକ୍ଷକଙ୍କ ସ୍ମୃତିରେ ୧୦୦ ଚାରା ବଣ୍ଟନ



ଭଦ୍ରକ,୨୨।୮ (ସମିସ): ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ବିଜୟ କୁମାର ପଣ୍ଡାଙ୍କ ଏକାଦଶାହ ଅବସରରେ ଶୁକ୍ରବାର ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଜୟଙ୍କ ସ୍ମୃତିରେ ୧୦୦ଟି ଚାରା ରୋପଣ ନିମନ୍ତେ ବଣ୍ଟନ କରାଯାଇଥିଲା। ସେ ଦୀର୍ଘ ୨୦ ବର୍ଷ ଧରି ମୁଣ୍ଡିମରା ସ୍କୁଲ ଓ ବିଷ୍ଣୁପୁର ୟୁଜିଏମ୍‌ଇ ସ୍କୁଲରେ ଶିକ୍ଷକତା କରି ଅନେକ ଛାତ୍ରଛାତ୍ରୀଙ୍କ ଜୀବନ ଗଢ଼ିବାରେ ନିଜର ଅବଦାନ ରଖିଥିଲେ। ତାଙ୍କ ଶିକ୍ଷକ ଜୀବନ ଓ ସମାଜ ପ୍ରତି ଅବଦାନକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ଉକ୍ତ ୨ଟି ଶିକ୍ଷାନୁଷ୍ଠାନକୁ ୨୦ଟି ଚାରା ପ୍ରଦାନ କରାଯାଇଥିଲା। ଭଦ୍ରକ ତହସିଲ୍‌ଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆଙ୍କ ଦ୍ୱାରା ଏହି ଚାରାଗୁଡ଼ିକ ସ୍କୁଲ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିରେ ଅନ୍ୟ ୮୦ଟି ଚାରା ଶିକ୍ଷକ, ବନ୍ଧୁବାନ୍ଧବ ଓ ପ୍ରିୟଜନମାନଙ୍କୁ ବଣ୍ଟନ କରାଯାଇଥିଲା। ଅବସରପ୍ରାପ୍ତ ବ୍ୟକ୍ତିଗତ ସହାୟକ ପ୍ରଦୀପ୍ତ ବାଗ, ଖାଉଟି ଅଦାଲତ ସଭାପତି ଶିବପ୍ରସାଦ ମହାନ୍ତି, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ପଦ୍ମନ ରାୟ ଏବଂ ଅବସରପ୍ରାପ୍ତ ଶିକ୍ଷକ ଦିଲ୍ଲୀପ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଚାରା ପ୍ରଦାନ କରିଥିଲେ। ସ୍ମୃତିଚାରଣ ସଭାରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଭଦ୍ରକ ତହସିଲ୍‌ଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଭଦ୍ରକ ବିଡିଓ ରଶ୍ମି ରଞ୍ଜନ ମଲ୍ଲିକ ଏବଂ ଏଏସ୍‌ପି ଅଂଶୁମାନ ଦ୍ୱିବେଦୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷକ, ବନ୍ଧୁବର୍ଗ ଓ ଶୁଭେଚ୍ଛୁ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ଶିକ୍ଷାନୁଷ୍ଠାନକୁ ୨୦ ଗଛ ପ୍ରଦାନ

ସଭାରେ ବିଭିନ୍ନ ବକ୍ତା ସ୍ୱର୍ଗତ ପଣ୍ଡାଙ୍କ ସରଳତା, ସ୍ନେହ, ମାନବିକତା, ଶିକ୍ଷା ପ୍ରତି ନିଷ୍ଠା ଓ ସମାଜ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ତାଙ୍କ ସହ ଜଡ଼ିତ ବିଭିନ୍ନ ସ୍ମୃତି ଓ ଅନୁଭୂତିକୁ ବକ୍ତାମାନେ ଭାବପୂର୍ଣ୍ଣ ଭାବେ ବ୍ୟକ୍ତ କରିଥିଲେ। ଏହି ଅବସରରେ ପରିବାର ପକ୍ଷରୁ ଗଛଗୁଡ଼ିକ ଭବିଷ୍ୟତରେ ଛାୟା, ଫଳ, ଫୁଲ ଓ ଅମ୍ଳଜାନ ପ୍ରଦାନ କରି ଅନେକଙ୍କ ଉପକାରରେ ଆସିବ ବୋଲି ପରିବାର ପକ୍ଷରୁ ଆଶା ପ୍ରକାଶ କରାଯାଇଥିଲା। ଶେଷରେ ସ୍ମୃତିଚାରଣ ସଭାରେ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ପ୍ରତି ନିଜର ସ୍ମୃତି ଓ ଅନୁଭୂତି ବ୍ୟକ୍ତ କରିଥିବା ସମସ୍ତ ସମ୍ମାନିତ ବକ୍ତା, ଶିକ୍ଷକ, ବନ୍ଧୁବାନ୍ଧବ, ପ୍ରିୟଜନ ଓ ଅତିଥିମାନଙ୍କୁ ପରିବାର ପକ୍ଷରୁ ହୃଦୟରୁ କୃତଜ୍ଞତା ଜଣାଯାଇଥିଲା।

# ୯.୩୦ ଗ୍ରାମ୍ ବ୍ରାଉନ୍‌ସୁଗର ସହ ବାଇକ୍ ଜବତ; ଜଣେ ଗିରଫ

ଧାମନଗର,୨୨।୮ (ସମିସ): ଭଦ୍ରକରୁ ଜଣେ ଯୁବକ ବାଇକ୍‌ରେ ଧାମନଗରକୁ ବ୍ରାଉନ୍‌ସୁଗର ନେଇ ଆସୁଥିବା ସମୟରେ ବିଶେଷ ସୂତ୍ରରୁ ଧାମନଗର ପୁଲିସ ଖବର ପାଇ ଥାନା ଅଧିକାରୀ ଶୁଭ୍ରଜିତ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍ଆଇ ନରେନ୍ଦ୍ର ରାଉତ ସଦଳବଳେ ଧାମନଗର ଛକ ନିକଟରେ ଚଢ଼ଉ କରି ଉକ୍ତ ଯୁବକଙ୍କୁ ଧରିବାରେ ସଫଳ ହୋଇଛନ୍ତି। ଘଟଣାସ୍ଥଳରେ ଧାମନଗର ଅତିରିକ୍ତ ତହସିଲ୍‌ଦାର ପଲ୍ଲୀଭାରତ ମହାଲିକଙ୍କ ଉପସ୍ଥିତିରେ ୯.୩୦ ଗ୍ରାମ୍ ବ୍ରାଉନ୍‌ସୁଗର, ମୋବାଇଲ୍ ଓ ବାଇକ୍ ଜବତ କରାଯାଇଛି। ବ୍ରାଉନ୍‌ସୁଗରର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପୁଲିସଠାରୁ ଜଣାଯାଇଛି। ଧାମନଗର ଥାନା ଏସ୍ଆଇ ରଶ୍ମିତା ମଲ୍ଲିକଙ୍କ ଅଭିଯୋଗ କ୍ରମେ ଅଭିଯୁକ୍ତ ବିରୋଧରେ



ଥାନା କେସ୍ ନଂ ୩୫୦/୨୬ ୟୁ/ଏସ୍ ୨୧(ବି)/୨୯(୧)ଏନ୍‌ଡିପିଏସ୍ ଧାରାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସେକ୍ ଅନିସ୍ ଓରଫ ନଦୀମକୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଏସ୍ଆଇ କାର୍ତ୍ତିକ ଜେନାଙ୍କୁ ଘଟଣାର ତଦନ୍ତ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି ବୋଲି ଆଇଆଇସି ଶୁଭ୍ରଜିତ୍ ଦାଶ ସୂଚନା ଦେଇଛନ୍ତି।

# ପ୍ରତିଭାସମ୍ପନ୍ନ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା



ବାରିକପୁର,୨୨।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ପାଟୁଳି ପଞ୍ଚାୟତ ଜୋରାଗଡ଼ିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ହୋଇଥିବା ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରତିଭାସମ୍ପନ୍ନ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମମତମୟୀ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ରୋଟାରିଆନ ଅଜିତ୍ ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ଶଙ୍ଖୁଆ, ମୁଖ୍ୟବକ୍ତା ଅନନ୍ତ ପ୍ରସାଦ ବେହେରା, ଏସ୍‌ଏମ୍‌ସି ସଭାପତି ସୁରେଶ ଦତ୍ତ, ବିଦ୍ୟାଧର ଖିଲାର, ସୁଧାଂଶୁ ସାମଲ, ରାଜୁ ଦତ୍ତ ପ୍ରମୁଖ ଯୋଗଦେଇଥିଲେ।

ଏହି ଉପଲକ୍ଷେ ସୁଶାନ୍ତ ଦାସ ସ୍ମୃତି ପରିଷଦ ତରଫରୁ କୃତୀ ଛାତ୍ର ଜ୍ଞାନରଞ୍ଜନ ପାଲ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଅନ୍ୟ ବିଦ୍ୟାର୍ଥୀମାନେ ମଧ୍ୟ ସମ୍ମାନିତ ହୋଇଥିଲେ। ଶିକ୍ଷକ ଗୋପୀନାଥ ପଳତା, ଚକ୍ରଧର ଜେନା, ଗିରିଧାରୀ ଦତ୍ତ, ବିମଳ ଦାସ ଏବଂ ନୃତ୍ୟଗୁରୁ ଶ୍ୟାମସୁନ୍ଦର ପାଲ୍ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଖାନ୍‌କା ହବିବିୟାର ଟ୍ରଷ୍ଟ ତରଫରୁ ପ୍ରସ୍ତୁତି ବୈଠକ

# ଶୋଭାଯାତ୍ରାରେ ବାଜିବନି ଡିଜେ

ଧାମନଗର,୨୨।୮ (ସମିସ): ଧାମନଗରଅଞ୍ଚଳରେ ପ୍ରଫେଟ୍ ମହାପୁରୁଷ ହଜରତ ମହମ୍ମଦଙ୍କ ଜୟନ୍ତୀ ତଥା ଜସ୍ନେ ଇଦ୍ ମିଲାଦୁନ ନବୀ ଉପଲକ୍ଷେ ଚଳିତ ମାସ ୨୫ରେ ଜୁଲୁସ୍ ଓ କାଫଲା ଶୋଭାଯାତ୍ରା ଏବଂ ୨୬ରେ ଜଗତି କଦମରସୁଲଠାରେ ତବୃକାତ ଦର୍ଶନ କାର୍ଯ୍ୟକ୍ରମ ରହିଛି। ଏହି ୨ଦିନର ପର୍ବ ଶାନ୍ତିଶୃଙ୍ଖଳା ରକ୍ଷା କରି ପାଳନ ହେବ। ଏନେଇ ଶୁକ୍ରବାର ସନ୍ଧ୍ୟାରେ ଧାମନଗର ଖାନ୍‌କା ସରିଫ୍ ସଭାଗୃହ ପରିସରରେ ଖାନ୍‌କା ହବିବିୟାର ନୂତନ ଟ୍ରଷ୍ଟ ତରଫରୁ ସଭାପତି ସୟଦ ଗୋଲାମ ଅହେମ୍ମଦ ହବିବିଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ତଥା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ସାଧାରଣ ସମ୍ପାଦକ ମୌଲାନା ମୁକ୍ତାର ଅହେମ୍ମଦ ହବିବି ପରିଚାଳନା କରିଥିବାବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ଧାମନଗର ଥାନା ଆଇଆଇସି ଶୁଭ୍ରଜିତ ଦାଶ ଯୋଗଦେଇ ମହମ୍ମଦଙ୍କ ଜନ୍ମ ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଜଣେଇବା ସହ ଶୋଭାଯାତ୍ରାରେ ଡିଜେ



ଏବଂ ଭାଇବ୍ରେଟର ସମ୍ପୂର୍ଣ୍ଣ ବନ୍ଦ ପାଇଁ ତାଗିଦ୍ କରି ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟକ୍ରମ ସାରିବାକୁ ଶ୍ରୀ ଦାଶ ସୂଚନା ଦେଇଛନ୍ତି।

ପ୍ରଥମେ ଟ୍ରଷ୍ଟର କମିଟି ପକ୍ଷରୁ ଥାନା ଅଧିକାରୀ ଶୁଭ୍ରଜିତ୍ ଦାଶଙ୍କୁ ଉପଢୌକନ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇବା ସହ ସ୍ୱାଗତ କରିଥିଲେ। ଏହି ବୈଠକରେ ଟ୍ରଷ୍ଟର କର୍ମକର୍ତ୍ତା ଓ ସମାଜସେବୀ ଏମ୍‌ଡି ଫଜଲେ ବାରି, ସେକ୍ ଅବ୍‌ଦୁଲ ହାକିମ, ସେକ୍ ମୋହିଉଦ୍ଦିନ, ସେକ୍ ଜାଫର ଅଲ୍ଲୀ, ଏମ୍‌ଡି ଜୟନୁଲ ଆବେଦିନ, ସେକ୍ ସୈଫୁଦ୍ଦିନ, ଏମ୍‌ଡି ତାଜୁଦ୍ଦିନ, ସେକ୍ ସଲିମ୍, ସେକ୍ ଅଫସର, ସେକ୍ ରୋସ୍ତମ୍, ସେକ୍ ଅସଲାମ, ଏମ୍‌ଡି ଫକିରୁଦ୍ଦିନ, ଏମ୍‌ଡି ଇଲାମୁଦ୍ଦିନ, ସେକ୍ ଅଲ୍ଲୀ ମହମ୍ମଦ, ସେକ୍ ହାତୀ, ସେକ୍ କାଦିର୍, ମୀର୍ ଖୁର୍‌ସିଦ୍, ସେକ୍ ଜୁଲୋ ଏବଂ ଏନ୍‌ଏସି ଅଞ୍ଚଳର ୩୪ରୁ ଉର୍ଦ୍ଧ୍ୱ ଜୁଲୁସ୍ ଓ କାଫଲା କମିଟିର କର୍ମକର୍ତ୍ତାଙ୍କ ସମେତ ଗାଁ ସର୍ଦ୍ଦାର, ବୁଦ୍ଧିଜୀବୀ, ଯୁବ ଛାତ୍ର ଓ ସମାଜସେବୀ ପ୍ରମୁଖ ଯୋଗଦେଇ ଦୁଇ ଦିନର ପର୍ବ କିପରି ଶାନ୍ତିଶୃଙ୍ଖଳାରେ ପାଳନ ହେବ ସେନେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ତେବେ ଡିଜେ ଏବଂ ଭାଇବ୍ରେଟର ସମ୍ପୂର୍ଣ୍ଣ ବନ୍ଦ। କେବଳ ମୁସଲମାନ ଧର୍ମର ରୀତିନୀତି ଅନୁଯାୟୀ ମହା ଆଡ଼ମ୍ବରରେ ପାଳନ କରାଯିବ ବୋଲି ସର୍ବସହମତିରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ପ୍ରଫେଟ୍ ହଜରତ ମହମ୍ମଦଙ୍କ ଜନ୍ମୋତ୍ସବ ନିମନ୍ତେ ଭଦ୍ରକ ମୁସ୍‌ଲିମ୍ ଜମାତର ବୈଠକ

# ୨୬ରେ ସହର ପରିକ୍ରମା କରିବେ ଜୁଲୁସ୍ ଓ କାଫଲା

ଭଦ୍ରକ,୨୨।୮ (ସମିସ)

ଭଦ୍ରକ ପୁରୁଣା ବଜାର ମଦିନା ମଇଦାନଠାରେ ସନ୍ଧ୍ୟା ୭ଟାରେ ପ୍ରଫେଟ୍ ହଜରତ ମହମ୍ମଦଙ୍କ ଜନ୍ମଦିନ ତଥା ଜସ୍ନେ-ଏ-ଇଦ୍ ମିଲାଦୁନ ନବୀ ପାଳନ ନିମନ୍ତେ ଭଦ୍ରକ ମୁସ୍‌ଲିମ ଜମାତର ବୈଠକ ଉପସଭାପତି ମହମ୍ମଦ ଜକାଉଲ୍ଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜମାତର ସାଧାରଣ ସମ୍ପାଦକ ହାଜି ଇନାମ ମହମ୍ମଦ, ସମ୍ପାଦକ ହାଜି ଅବ୍‌ଦୁଲ ମୁକିତ୍ ଖାନ୍, କାର୍ଯ୍ୟନିର୍ବାହୀ ସଦସ୍ୟଗଣ, ୬୧ଟି ବସ୍ତିର ସର୍ଦ୍ଦାରମାନେ, ସାମ୍ବାଦିକ ଶେଖ୍ ଅନୱର ଓ ନସିମ ଅଖତର ଉପସ୍ଥିତ ଥିଲେ। ଚନ୍ଦ୍ରଗଣନା ୧୪୪୮ ହିଜରୀ ଅନୁଯାୟୀ, ଅଗଷ୍ଟ ୧୪ରେ ଚନ୍ଦ୍ର ଦୃଶ୍ୟ ହୋଇଥିଲା। ଚନ୍ଦ୍ର ଦୃଶ୍ୟରୁ ୧୨ ଦିନ ବ୍ୟାପୀ ପର୍ବ ପାଳନ କରାଯିବ ଓ ଶେଷ ଦିନ ତଥା ୨୬ ତାରିଖରେ ୧୫୦୧ତମ ଜସ୍ନେ-ଏ-ଇଦ ମିଲାଦୁନ ନବୀ ପର୍ବ ପାଳନ କରାଯିବ ବୋଲି ସିଦ୍ଧାନ୍ତ ହୋଇଥିଲା।



ଏହି ପର୍ବ ଦିନ ପ୍ରଫେଟ୍ ହଜରତ ମହମ୍ମଦଙ୍କ ଜୟନ୍ତୀ ଅବସରରେ ଏକ ବିରାଟ ଶୋଭାଯାତ୍ରା ୨୬ ତାରିଖରେ ବାହାରିବ। ଏହି ଶୋଭାଯାତ୍ରା ଅପରାହ୍ଣ ୪ଟାରେ ପୁରୁଣା ବଜାରସ୍ଥିତ ଚୌଖଣ୍ଡିରୁ "ଫାତେହା ଓ ସଲାତୋ ସଲାମ' କାର୍ଯ୍ୟକ୍ରମ ସାରି ଆରମ୍ଭ ହେବ। ସମସ୍ତ ଜୁଲୁସ୍ (ମେଢ଼) ଓ କାଫଲା ବାଙ୍କା ଛକ, ପୁରୁଣା ବଜାର ଛକ, ହେଳାସାହି, ଲାହାପଟ୍ଟୀ, ନଂଘା ମହଲ୍ଲା, ହଜାରୀ ନଗର, କଚେରୀ ବଜାର, ନୂଆ ବଜାର, ଗୋଶାଳା, ମୁଲ୍ଲାସାହି ଛକ ହୋଇ ମଦିନା ମଇଦାନରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଏହି ଜୁଲୁସ୍ ଓ କାଫେଲା ସହର ପରିକ୍ରମା ସମୟରେ କୌଣସି ମେଢ଼ରେ ଡିଜେ ସାଉଣ୍ଡ ବାଜିବ ନାହିଁ। ହଜରତ ମହମ୍ମଦଙ୍କ ନୀତିବାଣୀ ଉପରେ ନାତଶରିଫ ପଢ଼ିପଢ଼ି ମଦିନା ମଇଦାନ ପହଞ୍ଚିବେ ଏବଂ ରାତି ୯ଟାରୁ ଅର୍ଦ୍ଧରାତ୍ରି ପର୍ଯ୍ୟନ୍ତ ମଦିନା ମଇଦାନଠାରେ ଏକ ଧର୍ମସଭାର ଆୟୋଜନ କରାଯିବ। ଏହି ଧର୍ମସଭାରେ ଆମ ରାଜ୍ୟ ଓ ରାଜ୍ୟ ବାହାରୁ ମୌଲାନା (ପଣ୍ଡିତ) ଓ ସାଏର (କବି) ମାନେ ଯୋଗଦେଇ ହଜରତ ମହମ୍ମଦଙ୍କ ନୀତିବାଣୀ ଉପରେ ଆଲୋକପାତ କରିବେ।

● ରେଳ ଲାଇନ୍ ମରାମତି ଶେଷ

## ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଆରମ୍ଭ

ବାରିପଦା, ୨୨।୮ (ସମିସ): ଲଗାଣ ବର୍ଷା ଯୋଗୁଁ ଭଞ୍ଜପୁର-ବେତନଟୀ ରେଳ ଲାଇନ୍‌ର କିଲୋମିଟର ୫୨/୦୨ରୁ ୫୨/୦୩ ମଧ୍ୟରେ (ଶୁନଗଡିଆ/ଷ୍ଟେସନ ବଜାର ନିକଟ) ପ୍ରାୟ ୫୦ ମିଟର ରେଲଲାଇନ୍ ଦବିଯିବାରୁ ବାରିପଦା ସମେତ ମୟୂରଭଞ୍ଜ ଜିଲ୍ଲାର ରେଳ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ରେଳ ଧାରଣା ତଳୁ ମାଟି ଓ ମେଟାଲ ଧୋଇଯାଇଥିବାରୁ ସମ୍ପୂର୍ଣ୍ଣ ସୁରକ୍ଷା ଯାଞ୍ଚ ଓ ଫିଟ୍‌ନେସ୍ ସାର୍ଟିଫିକେଟ୍ ମିଳିବା ପର୍ଯ୍ୟନ୍ତ ଟ୍ରେନ୍ ଚଳାଚଳ ୭ ଦିନ ଧରି ବନ୍ଦ ରହିଥିଲା। ତେବେ ଶନିବାର ପରୀକ୍ଷାମୂଳକ ଇଞ୍ଜିନ ଚଳାଚଳ ପରେ ରେଲୱେର ସେକ୍ସନାଲ୍ ପିଡବ୍ଲ୍ୟୁଆଇ ଦ୍ୱାରା ଯାତ୍ରୀବାହୀ ଟ୍ରେନ୍ ପାଇଁ ଟ୍ରାକ୍ ଫିଟ୍ ଘୋଷଣା ସହ ବାରିପଦା ସେକ୍ସନ୍‌ରେ ଟ୍ରେନ ଚଳାଚଳ ଆରମ୍ଭ ହୋଇଥିବା ଖଡଗପୁର ଡିଭିଜନର ଗଣମାଧ୍ୟମ ସଂଯୋଜକ ଶାନ୍ତନୁ ତିୱାରୀଙ୍କ ଜଣାଇଛନ୍ତି।



ଗତ ରବିବାର ରାତିରୁ ରେଳ ଲାଇନ ଦବିବା ପରେ ରେଳ ବିଭାଗର ଇଞ୍ଜିନିୟରିଂ ଟିମ୍ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟରେ ନିୟୋଜିତ ରହିଥିଲେ। ଘଟଣାସ୍ଥଳରେ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ଅଧିକାରୀ ଉପସ୍ଥିତ ରହି କାର୍ଯ୍ୟର ତଦାରଖ କରିବା ସହିତ ଖଡଗପୁର ଡିଆରଏମ୍ ନିଜେ ସ୍ଥିତି ଅନୁଧ୍ୟାନ କରିଥିଲେ। ବନ୍ଧ ତଳୁ ଶାଳ ରଳା, ବାଉଁଶ ପୋତି ପଥରଗୁଣ୍ଡ, ମୋରମ ଓ ମେଟାଲ ଆଦି ବସ୍ତାରେ ଭର୍ତ୍ତି କରି ମରାମତି ସ୍ଥଳକୁ ସୁଦୃଢ କରାଯାଇଛି। ମରାମତି ସରି ନ ଥିବାରୁ ବାଙ୍ଗିରିପୋଷି-ପୁରୀ ଏକ୍ସପ୍ରେସ୍ ଓ ବାଙ୍ଗିରିପୋଷି-ରୁପସା/ବାଲେଶ୍ୱର ମେମୁ ଟ୍ରେନ୍ ପ୍ରଥମେ ବାତିଲ ହୋଇଥିଲା। ଶାଲିମାର-ଭଞ୍ଜପୁର ଟ୍ରେନ୍ ରୁପସା ପର୍ଯ୍ୟନ୍ତ ଚଳାଚଳ କରାଯାଇ ସେଠାରୁ ଶର୍ଟ ଟର୍ମିନେଟ୍ କରାଯାଇଥିଲା। ଯାତ୍ରୀଙ୍କୁ ସୁବିଧା ପ୍ରଦାନ ପାଇଁ ରୁପସା-ବେତନଟୀ ମଧ୍ୟରେ ବିଶେଷ ଶଟଲ୍ ସେବା ଚାଲୁ ଓ ପରବର୍ତ୍ତୀ ସମୟରେ ପୁରୀ-ବାଙ୍ଗିରିପୋଷି ଟ୍ରେନକୁ ମଧ୍ୟ ରୁପସାରୁ ସର୍ଟ ଟର୍ମିନେଟ ପୂର୍ବକ ଚଳାଚଳ କରାଯାଇଥିଲା।

● କେନ୍ଦୁଝର ଜିଲ୍ଲା

## ୫୯୦ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଶିକ୍ଷକଶିକ୍ଷୟିତ୍ରୀଙ୍କ ପଦୋନ୍ନତି



କେନ୍ଦୁଝର,୨୨।୮ (ସମିସ): କେନ୍ଦୁଝର ଜିଲ୍ଲାରେ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କ ଲେବୁଲ-୩ ପ୍ରମୋସନ ପ୍ରକ୍ରିୟା ପିଏମଶ୍ରୀ ବାଳିକା ବିଦ୍ୟାଳୟଠାରେ ଶେଷ ହୋଇଯାଇଛି। ପାଖାପାଖି ୫୯୦ ଶିକ୍ଷକଶିକ୍ଷୟିତ୍ରୀ ପଦୋନ୍ନତି ପାଇଛନ୍ତି। ଏକ ବ୍ୟବସ୍ଥିତ ପଞ୍ଜୀକରଣ ମାଧ୍ୟମରେ ଶିକ୍ଷା କାର୍ଯ୍ୟାଳୟର ଅଧିକାରୀମାନ ଏଲଇଡି ମାଧ୍ୟମରେ ସମସ୍ତ ପ୍ରକ୍ରିୟାର ବିବରଣୀ ପ୍ରଦାନ କରିଥିଲେ। ଏହି ପ୍ରକ୍ରିୟାର ବରିଷ୍ଠତା ଭିତ୍ତିରେ ଜିଲ୍ଲାସ୍ତରୀୟ କାଉନସେଲିଙ୍ଗ କରାଯାଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ସତ୍ୟନାରାୟଣ ମହାନ୍ତ, ରୁଦ୍ରନାରାୟଣ ସାମଲ, ସମସ୍ତ ୧୩ଟି ବ୍ଲକର ବିଇଓ, ଏବିଇଓ ଏବଂ ଅଫିସର ଚିନ୍ତାମଣି ପଣ୍ଡା, ସେକସନ ଅଫିସର ପ୍ରକାଶଚନ୍ଦ୍ର ନାୟକ, ସମସ୍ତ ଅଫିସ ସହାୟକ ଓ ତୃତୀୟ ଶ୍ରେଣୀ କର୍ମଚାରୀ ସହଯୋଗ କରିଥିଲେ। ଜିଲ୍ଲାରେ ବହୁଦିନରୁ ବନ୍ଦ ହୋଇ ରହିଥିବା ପ୍ରମୋସନ ପ୍ରକ୍ରିୟା ଆଜି ସମ୍ପନ୍ନ ହୋଇଥିବାରୁ ଶିକ୍ଷକଶିକ୍ଷୟିତ୍ରୀମାନେ ଜିଲ୍ଲା ଶିକ୍ଷା ବିଭାଗକୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଆନନ୍ଦପୁର କାରାଗାରରେ ଆଧ୍ୟାତ୍ମିକ ଆଲୋଚନା



ଆନନ୍ଦପୁର, ୨୨।୮ (ସମିସ): ଆନନ୍ଦପୁର ସତ୍ୟସାଇ ସେବା ସଂଗଠନ ତରଫରୁ ଆନନ୍ଦପୁର କାରାଗାର ମଧ୍ୟରେ ଭଜନ ଓ ଆଧ୍ୟାତ୍ମିକ ଆଲୋଚନାଚକ୍ର ଆଜି ଅନୁଷ୍ଠିତ ହୋଇଯାଇଛି। ପ୍ରତିମାସର ତୃତୀୟ ଶନିବାର ଉକ୍ତ କାର୍ଯ୍ୟକ୍ରମ ହୋଇ ଆସୁଥିବା ବେଳେ କାରାଗାର ଅନ୍ତେବାସୀଙ୍କ ମନରେ ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ସଂପୃକ୍ତ ସମିତି ପକ୍ଷରୁ ହାତକୁ ନିଆଯାଇଛି। ପ୍ରାୟ ୮୦ ଜଣ ଅନ୍ତେବାସୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଆବାହକ ନିତ୍ୟାନନ୍ଦ ସାମଲଙ୍କ ସଂଯୋଜନାରେ ଆଧ୍ୟାତ୍ମିକ ସଂଯୋଜକ ଶତ୍ରୁଘ୍ନ ପତି, ରାଜ୍ୟ ବେଦ ସଂଯୋଜକ ଶ୍ରୀକାନ୍ତ ସାହୁ, ଘଷିପୁରା ଭଜନ ମଣ୍ଡଳୀ ଆବାହକ ରଞ୍ଜନ କୁମାର ସାହୁ, ନନ୍ଦକିଶୋର ପାଗଳ, ରାଜେନ୍ଦ୍ର କୁମାର ସାହୁ, ଗଙ୍ଗାଧର ଦଳେଇ, ବଙ୍କିମଚନ୍ଦ୍ର ପଟ୍ଟନାୟକ ଓ ଅରୁଣ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। କାରାଗାର କର୍ତ୍ତୃପକ୍ଷ ଏଥିରେ ସହଯୋଗ କରିଥିଲେ।

ଜାମୁନାଲିଆ ସେବାଶ୍ରମ ବିଦ୍ୟାଳୟରେ ଅଭାବନୀୟ ଘଟଣା

# ଗୁରୁତର ଛାତ୍ରଙ୍କୁ ମେଡିକାଲରେ ଛାଡ଼ି ପ୍ରଧାନଶିକ୍ଷକ ଫେରାର

ଠାକୁରମୁଣ୍ଡା,୨୨।୮ (ସମିସ)

ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅଞ୍ଚଳର ମହୁଲଡିହା ପଞ୍ଚାୟତ ଅଧୀନ ଜାମୁନାଲିଆ ସେବାଶ୍ରମ ବିଦ୍ୟାଳୟରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ବ୍ରେନ୍ ମ୍ୟାଲେରିଆରେ ପୀଡ଼ିତ ଜଣେ ଗୁରୁତର ଅନ୍ତେବାସୀ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରିବା ପରେ ତାଙ୍କ ଦେଖାଶୁଣା ପାଇଁ ବିଦ୍ୟାଳୟର କୌଣସି ଶିକ୍ଷକ କିମ୍ବା କର୍ମଚାରୀ ଉପସ୍ଥିତ ନ ଥିବା ଅଭିଯୋଗ ହୋଇଛି। ଏପରିକି ଛାତ୍ରଙ୍କ ଅଭିଭାବକଙ୍କୁ ମଧ୍ୟ ସମୟରେ ଖବର ଦିଆଯାଇ ନ ଥିବା ଅଭିଯୋଗ ଘଟଣାକୁ ଅଧିକ ଗୁରୁତର କରିଛି।



ସୂଚନା ମୁତାବକ, ଜାମୁନାଲିଆ ସେବାଶ୍ରମରେ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ୮ ବର୍ଷ ବୟସର ଛାତ୍ର କୁଲୁ ମୁଣ୍ଡରିଙ୍କ ହଠାତ୍ ଦେହ ଖରାପ ହୋଇଥିଲା। ଛାତ୍ର ଜଣକ ବିଦ୍ୟାଳୟରେ ଅନ୍ତେବାସୀ ଭାବେ ରହୁଥିବାରୁ ପ୍ରଧାନଶିକ୍ଷକ ନୟନ ପଣ୍ଡା ତାଙ୍କୁ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତରୀ ପରୀକ୍ଷା ପରେ ଛାତ୍ରଙ୍କ ରକ୍ତହୀନତା ଥିବା ସହ ସେ ବ୍ରେନ୍ ମ୍ୟାଲେରିଆରେ ପୀଡ଼ିତ ଥିବା ଜଣାପଡ଼ିଥିବା କୁହାଯାଇଛି। ଛାତ୍ରଙ୍କ ଅବସ୍ଥାକୁ ଦୃଷ୍ଟିରେ ରଖି ଅଧିକ ଭଲ ଚିକିତ୍ସା ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନେବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ତେବେ ଏହି ପରାମର୍ଶରେ ପ୍ରଧାନଶିକ୍ଷକ ରାଜି ହୋଇ ନ ଥିବା ଓ ଛାତ୍ରଙ୍କୁ

### ବ୍ରେନ୍ ମ୍ୟାଲେରିଆରେ ପୀଡ଼ିତ ଅନ୍ତେବାସୀ ଛାତ୍ର

ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିବା ଅଭିଯୋଗ ହୋଇଛି। ସକାଳ ପ୍ରାୟ ୮ଟା ସମୟରେ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସନ୍ଧ୍ୟା ପ୍ରାୟ ୭ଟା ପର୍ଯ୍ୟନ୍ତ ଛାତ୍ରଙ୍କ ପାଖରେ ବିଦ୍ୟାଳୟର କୌଣସି ଶିକ୍ଷକ, କର୍ମଚାରୀ କିମ୍ବା ଅଭିଭାବକ ଉପସ୍ଥିତ ନ ଥିବା ଅଭିଯୋଗ ହୋଇଛି। ଗୁରୁତର ଅସୁସ୍ଥ ଅନ୍ତେବାସୀ ଛାତ୍ରଙ୍କୁ ଏଭଳି ଭାବେ ମେଡିକାଲରେ ଛାଡ଼ି ଦିଆଯିବା ଘଟଣା ବିଦ୍ୟାଳୟର ଦାୟିତ୍ୱବୋଧ ଉପରେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଗୁରୁତର ଅବସ୍ଥାରେ ଥିବା ଛାତ୍ରଙ୍କ ସ୍ୱାସ୍ଥ୍ୟ ହଠାତ୍ ଖରାପ ହେଲେ ଦାୟିତ୍ୱ କିଏ ନେବ ଓ ତାଙ୍କ ଅଭିଭାବକଙ୍କୁ କାହିଁକି ତୁରନ୍ତ ସୂଚନା ଦିଆଯାଇ ନ ଥିଲା। ଏହାକୁ ନେଇ ସ୍ଥାନୀୟ ମହଲରେ ପ୍ରଶ୍ନ ଉଠିଛି। ଏପରି ସମ୍ବେଦନଶୀଳ ଘଟଣାରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ସମ୍ପୃକ୍ତ ବିଭାଗ ଘଟଣାର ତଦନ୍ତ କରି ସତ୍ୟାସତ୍ୟ ସାମ୍ନାକୁ ଆଣିବା ସହ ଗୁରୁତର ଛାତ୍ରଙ୍କ ଚିକିତ୍ସା ଓ ସୁରକ୍ଷା ପ୍ରତି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି। ବର୍ତ୍ତମାନ ଛାତ୍ରଙ୍କ ଚିକିତ୍ସା ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାଲିଥିବା ଜଣାପଡ଼ିଛି।

## ରୋହିଦାସ ସୋରେନ ବିଦ୍ୟାଳୟରେ ନିଶାମୁକ୍ତ ଅଭିଯାନ



ଉଦଳା,୨୨।୮ (ସମିସ): କୁଣ୍ଡାବାଇସ୍ଥ ଆରଡିଏସ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଓ ରେଡକ୍ରସର ମିଳିତ ସହଯୋଗରେ ନିଶାମୁକ୍ତ ଭାରତ ଅଭିଯାନର ସଚେତନତା କାର୍ଯ୍ୟକ୍ରମ ଅଧ୍ୟକ୍ଷ ଅରବିନ୍ଦ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଅଧ୍ୟକ୍ଷ ପିଲାଙ୍କୁ ନିଶା ସେବନରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ବିଜୟ କୁମାର ପଣ୍ଡା ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିବା ସଙ୍ଗେ ଯୁବ ଗୋଷ୍ଠୀ ନିଶା ସେବନରୁ ଦୂରେଇ ରହିଲେ ବିକଶିତ ଭାରତ ଗଠନରେ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଡାକ୍ତର ସଚିଦାନନ୍ଦ ପଣ୍ଡା ଯୋଗଦେଇ ପିଲାମାନଙ୍କୁ ନିଶା ସେବନ ଦ୍ୱାରା ସ୍ୱାସ୍ଥ୍ୟ ଉପରେ କି ପ୍ରଭାବ ପଡ଼ିଥାଏ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ସମ୍ମାନିତ ଅତିଥି ପ୍ରଜାପିତା ବ୍ରହ୍ମାକୁମାରୀ ଭଉଣୀ ବି.କେ. ଦମୟନ୍ତୀ, ମୁଖ୍ୟ ସଂଚାଳିକା ନିକା ଯୋଗଦେଇ ଆତ୍ମା ପରମାତ୍ମାଙ୍କ ମିଳନରେ ଶାନ୍ତି ମିଳିବା ସହ ବିଭିନ୍ନ ଉଦାହରଣ ମାଧ୍ୟମରେ ପିଲାମାନଙ୍କୁ ନିଶା ସେବନରେ ଦୂରେଇ ରହିବା ପାଇଁ ପରାମର୍ଶ ଦେବା ସହ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରଜମୋହନ ମହାନ୍ତ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ, ପ୍ରଜାପିତା ବ୍ରହ୍ମକୁମାରୀ ଭଉଣୀ ବି.କେ. ନମିତା, ବି.କେ ଅଞ୍ଜୁ, ରେଡକ୍ରସ କାଉନସେଲର ଡ. ଜୟନ୍ତ କୁମାର ମହାପାତ୍ର ନିଶା ସେବନରୁ ଦୂରରେ ରହିବା ପାଇଁ ପିଲାଙ୍କୁ ଉପଦେଶ ଦେଇଥିଲେ। ଅଭିମନ୍ୟୁ ଗିରି, ଅଧ୍ୟାପକ ନିରୋଜ ମଡୁଆଲ, ଚିତ୍ତରଂଜନ ମହାପାତ୍ର, ଉପେନ୍ଦ୍ର ବେହେରା, ଅଧ୍ୟାପିକା ଗୀତାରାଣୀ ପାତ୍ର, ଲିନା ନାୟକ, ବେଣୁଧର ମହାନ୍ତ, ଦୀନକୃଷ୍ଣ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ। ରେଡକ୍ରସ କାଉନସିଲର ଡକ୍ଟର ହିମାଂଶୁ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

■ ଶିଶୁ ସୁରକ୍ଷା ବିଭାଗର ନିଷ୍କ୍ରିୟତା

## କଲମ ଧରିବା ବୟସରେ ବୋତଲ ଗୋଟାଉଛନ୍ତି କୁନି କୁନି ପିଲା

ବୈଶିଙ୍ଗା, ୨୨।୮ (ସମିସ): ଯେଉଁ ବୟସରେ ହାତରେ ଖଡ଼ି, କଲମ ଓ ବହି ରହିବା କଥା, ସେ ବୟସରେ କୁନି କୁନି ପିଲା ଅଳିଆ ଗଦାରୁ ଗୋଟାଉଛନ୍ତି ପ୍ଲାଷ୍ଟିକ ଓ ମଦ ବୋତଲ। ସ୍କୁଲ ଯିବା, ପାଠ ପଢ଼ିବା ଓ ଖେଳିବା ପରିବର୍ତ୍ତେ ଠିପି ବନ୍ଦ ମଦ ଦୋକାନ ଆଗରେ ପଡ଼ିଥିବା ଖାଲି ମଦ ବୋତଲ ଗୋଟାଇବାରେ ନିୟୋଜିତ ହେଉଛନ୍ତି ଅନେକ ଶିଶୁ। ଏଭଳି ଦୃଶ୍ୟ କେବଳ ଉଦ୍‌ବେଗଜନକ ନୁହେଁ, ଏହା ପ୍ରଶାସନିକ ଅବହେଳାର ଏକ ଲଜ୍ଜାଜନକ ଉଦାହରଣ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଶିଶୁ ସୁରକ୍ଷା ଓ ଶିକ୍ଷା ବ୍ୟବସ୍ଥା ଏତେ ଦୁର୍ବଳ କାହିଁକି ହୋଇପଡ଼ିଛି ବୋଲି ପ୍ରଶ୍ନ ଉଠୁଛି।

ବୈଶିଙ୍ଗା ଥାନା ଅଧୀନ ବୈଶିଙ୍ଗା-ମାଣତ୍ରୀ ରାସ୍ତା ପାଶ୍ୱର୍ରେ ଥିବା ଠିପି ବନ୍ଦ ମଦ ଦୋକାନ ସମ୍ମୁଖ ଓ ଏହାର ଆଖପାଖ ଅଞ୍ଚଳରେ କୁନି କୁନି ପିଲା ଖାଲି ମଦ ବୋତଲ, ପ୍ଲାଷ୍ଟିକ ବୋତଲ ସଂଗ୍ରହ କରୁଥିବା ଦେଖିବାକୁ ମିଳୁଛି। ମୁଣ୍ଡରେ ଭବିଷ୍ୟତର ସ୍ୱପ୍ନ ଓ ହାତରେ ବହି ଧରିବା ସମୟରେ ଏହି ଶିଶୁମାନେ ଅଳିଆ ଭିତରୁ ବୋତଲ ଗୋଟାଇବା ଘଟଣା ସମାଜର ଦାରିଦ୍ର୍ୟ, ଶିଶୁ ଶ୍ରମ ଓ ପରିବାରର ଆର୍ଥିକ ଅସହାୟତାର ଏକ ଚିତ୍ର ବୟାନ କରୁଛି। ସବୁଠୁ ବଡ଼ ପ୍ରଶ୍ନ ହେଉଛି, ସ୍ଥାନୀୟ ପ୍ରଶାସନ ଓ ଶିକ୍ଷା ବିଭାଗ କେଉଁଠି ଅଛନ୍ତି। ସର୍ବଶିକ୍ଷା ଅଭିଯାନ ଭଳି ଯୋଜନାଗୁଡ଼ିକ ଯେଉଁଠାରେ ପ୍ରତ୍ୟେକ ଶିଶୁକୁ ଶିକ୍ଷାର ମୂଳଧାରାକୁ ଆଣିବା କଥା, ସେଠାରେ ଏହି ଦୃଶ୍ୟ ସ୍ପଷ୍ଟ କରୁଛି ଯେ ଯୋଜନାଟି ଦିଗ ହରାଇ ବସିଛି। କେବଳ କାଗଜରେ ଯୋଜନା ରହିଗଲେ ଚାଲିବ ନାହିଁ, ତାହାର ମୂଳଲକ୍ଷ୍ୟ ମାଟିରେ ଦେଖାଯିବା ଦରକାର। ବାସ୍ତବତା ହେଉଛି ଶିଶୁମାନେ ଶିକ୍ଷାଳୟରେ ନୁହେଁ, ମଦ ଦୋକାନ ଆଗରେ ଶ୍ରମିକ ଭାବେ ଦେଖାଯାଉଛନ୍ତି।

ବୋତଲ ଗୋଟାଇବା ସମୟରେ ଭଙ୍ଗା କାଚରେ ଶିଶୁ ଆହତ ହେବାର ଆଶଙ୍କା ରହିଥିବାବେଳେ ମଦ ଦୋକାନ ଆଖପାଖର ପରିବେଶ ମଧ୍ୟ ସେମାନଙ୍କ ପାଇଁ ସୁରକ୍ଷିତ ନୁହେଁ। ଏପରି ସ୍ଥାନରେ ଶିଶୁଙ୍କ ଯାତାୟାତ ଓ ବୋତଲ ସଂଗ୍ରହ ଉପରେ ନଜର ରଖିବା ସହ ସେମାନଙ୍କୁ ଶିକ୍ଷା ଓ ସୁରକ୍ଷିତ ପରିବେଶ ସହ ଯୋଡ଼ିବା ଆବଶ୍ୟକ ବୋଲି ବିଭିନ୍ନ ମହଲ ମତ ପ୍ରକାଶ କରିଛନ୍ତି। ପ୍ରଶାସନର ନିଷ୍କ୍ରିୟତା ଏହି ସମସ୍ୟାକୁ ଆହୁରି ଗଭୀର କରୁଛି। ଶିଶୁଙ୍କ ହାତରୁ ବୋତଲ ହଟାଇ ସେମାନଙ୍କ ହାତରେ ବହି ଓ କଲମ ଦେବା ଦିଗରେ ପ୍ରଶାସନ, ଶିଶୁ ସୁରକ୍ଷା ବିଭାଗ ଓ ସ୍ଥାନୀୟ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

## ବନ୍ୟାବିପନ୍ନଙ୍କୁ ରିଲିଫ୍ ବଣ୍ଟନ

ଭଦ୍ରକ,୨୨।୮ (ସମିସ): ସମ୍ପ୍ରତି ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ଭଦ୍ରକ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଅନେକ ପରିବାର ପ୍ରଭାବିତ ହୋଇଛନ୍ତି। ଏଭଳି ଦୁର୍ଦ୍ଦିନ ସମୟରେ ବନ୍ୟାବିପନ୍ନଙ୍କ ପାଖରେ ସହାୟତାର ହାତ ବଢ଼ାଇଛି ବିଏମ୍ ଚାରିଟେବଲ୍ ଟ୍ରଷ୍ଟ। ଟ୍ରଷ୍ଟ ପକ୍ଷରୁ ପ୍ରଥମେ ବିଷ୍ଣୁପୁର ଅଞ୍ଚଳରେ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଥିଲା। ସେଠାରେ ପ୍ରାୟ ୨ଶହ ବନ୍ୟା ପ୍ରପୀଡ଼ିତଙ୍କୁ ସପ, ତକିଆ, ପାଲ, ଚୁଡ଼ା, ଚିନି ଓ ବିସ୍କୁଟ ଭଳି ଆବଶ୍ୟକୀୟ ଶୁଖିଲା ସାମଗ୍ରୀ ପ୍ରଦାନ କରାଯାଇଛି। ପରେ ଟ୍ରଷ୍ଟ ପକ୍ଷରୁ ନୟାନଗର ଓ ଧନାଟୋଲା ଅଞ୍ଚଳରେ ମଧ୍ୟ ବନ୍ୟା ପ୍ରପୀଡ଼ିତ ପରିବାରମାନଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଥିଲା। ବିପଦ ସମୟରେ ଅସହାୟ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କୁ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେବାର ଏହି ପ୍ରୟାସକୁ ସ୍ଥାନୀୟ ଲୋକ ପ୍ରଶଂସା କରିଛନ୍ତି। ଏହି ମହତ୍ କାର୍ଯ୍ୟରେ ବି.ଏମ୍. ପବ୍ଲିକ୍ ସ୍କୁଲ ଅଧ୍ୟକ୍ଷ ଶେଖ୍ ଅଜିଜୁଲ୍ଲାଙ୍କ ନେତୃତ୍ୱରେ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ୨/୩ ଫୁଟ୍ ପାଣି ଭିତରେ ପଶି ବିପନ୍ନଙ୍କୁ ସହଯୋଗ କରିଥିଲେ।

■ ଓଡ଼ିଶା ଜଙ୍ଗଲ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟର ମୂଲ୍ୟାୟନ

## ଆଇଆଇଏଫ୍‌ଏମ୍ ଟିମ୍ ଓ ଡିଏଫଓଙ୍କ ଗସ୍ତ

ମହୁଲଡିହା,୨୨।୮ (ସମିସ): କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଅନ୍ତର୍ଗତ ସିମଡିହା ବନ ସୁରକ୍ଷା ସମିତିରେ ଚାଲିଥିବା ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟର ମୂଲ୍ୟାୟନ କରାଯାଇଛି। ଭାରତୀୟ ବନ ପରିଚାଳନା ସଂସ୍ଥାନ, ଭୋପାଳର ବିଶେଷଜ୍ଞ ଟିମ ସିମଡିହା ଭିଏସଏସ ପରିଦର୍ଶନ କରି ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ। ଏ ଅବସରରେ କରଞ୍ଜିଆ ବନଖଣ୍ଡ ଅଧିକାରୀ ଅଜୟ କୁମାର ସାହୁ ମଧ୍ୟ ଗସ୍ତ କରି ସ୍ଥାନୀୟ ଗ୍ରାମବାସୀ ଓ ଭିଏସଏସ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଭାରତୀୟ ବନ ପରିଚାଳନା ସଂସ୍ଥାନ ଟିମ ଜଙ୍ଗଲ ସୁରକ୍ଷା, ଜୀବିକା ଉନ୍ନୟନ, ଏସଏଚଜି ମାଧ୍ୟମରେ ମହିଳା ସଶକ୍ତୀକରଣ, ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଓ ଜନଜାତି ଲୋକଙ୍କ ଆର୍ଥିକ ବିକାଶ ଉପରେ ସ୍ଥାନୀୟ ଲୋକଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଭିଏସଏସ ଦ୍ୱାରା କରାଯାଇଥିବା କାର୍ଯ୍ୟ ଓ ଗ୍ରାମବାସୀଙ୍କ ଅଂଶଗ୍ରହଣକୁ ଟିମ୍ ପ୍ରଶଂସା କରିଥିଲେ। ଡିଏଫଓ ଗ୍ରାମବାସୀଙ୍କୁ ଜଙ୍ଗଲ ସୁରକ୍ଷା ସହ ଜଡିତ ରହି ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ନେବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଜଙ୍ଗଲ ଉପରେ ନିର୍ଭର କରି କିପରି ସ୍ଥାୟୀ ଜୀବିକା ଅର୍ଜନ କରିହେବ ସେ ନେଇ ଆଲୋଚନା କରିଥିଲେ। ଏହି ମୂଲ୍ୟାୟନ କାର୍ଯ୍ୟକ୍ରମରେ ଆଇଆଇଏଫଏମ ଭୋପାଳରୁ ପଣ୍ଡନ କୁମାର ଭୈସେ (ଟିମ ଲିଡର), ଡ. ସମୀର ଜେନା, ଡ.ଇପସିତା ପ୍ରିୟଦର୍ଶିନୀ ସାମଲ, ନରେନ୍ଦ୍ର କୁମାର ରଙ୍ଗର,



ପିଆଲି ସୂତ୍ରଧର, ସମ୍ବିତ ସାଗର ମଲ୍ଲିକ, ଅଭିଜିତ କୁମାର ମହାରଣା, ଲୋହିଲ ପ୍ରଧାନ, ସିଦ୍ଧାର୍ଥ ପ୍ରଧାନ ଯୋଗଦେଇ ମୂଲ୍ୟାୟନ କରିଥିଲେ। ରେଞ୍ଜ ଅଫିସର ଉମାକାନ୍ତ ବେହେରା, ଫରେଷ୍ଟ ଗାର୍ଡ ବିକାଶ କୁମାର ମହାନ୍ତ, ଏସଏମଏସ ନିଶିକାନ୍ତ ଜେନା, ସରୋଜ ରଞ୍ଜନ ସାହୁ, ଶରତ କୁମାର ତ୍ରିପାଠୀ, ଭିଏସଏସ ସଭାପତି, ସଦସ୍ୟ ଓ ବହୁ ସଂଖ୍ୟକ ଗ୍ରାମବାସୀ ଯୋଗ ଦେଇଥିଲେ।

## ସାଲନ୍ଦୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ମତଦାନ ସାକ୍ଷରତା କ୍ଲବ୍ ଗଠନ

ଭଦ୍ରକ,୨୨।୮ (ସମିସ): ଭଦ୍ରକ ସହରାଞ୍ଚଳ ଉତ୍ତରବାହିନୀସ୍ଥ ସାଲନ୍ଦୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ମତଦାନ ସାକ୍ଷରତା କ୍ଲବ୍ ଗଠନ କରାଯାଇ ତାହାକୁ ସୁଚାରୁ ରୂପେ କାର୍ଯ୍ୟକ୍ଷମ କରାଇବା ପାଇଁ ଏକ ସଭାର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ପାଣିଗ୍ରାହୀ ଏହି ସଭାରେ ସଭାପତିତ୍ୱ କରିଥିଲେ। ସେ ନୂତନ ଭୋଟରମାନଙ୍କୁ ପଞ୍ଜୀକରଣ କରିବା ପାଇଁ ଏହି କ୍ଲବ୍ ସହାୟକ ହେବ ବୋଲି ମତପୋଷଣ କରିଥିଲେ। ଅଧ୍ୟାପକ ବିଶ୍ୱଜିତ୍ ରାଉତ, ଦେବେନ୍ଦ୍ର ପ୍ରସାଦ ସାହୁ, ଡ. ଲକ୍ଷ୍ମଣ କିଷାନ, ମମତା ଜେନା, ଅଳକା ସାହୁ, ଲକ୍ଷ୍ମୀପ୍ରିୟା ଦାସ, ପ୍ରକାଶ ଲାହା ପ୍ରମୁଖ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ନୂତନ ମତଦାତା ଭାବରେ ପରିଗଣିତ ହେବାର ଆବଶ୍ୟକତା ତଥା ପଦ୍ଧତି ସମ୍ପର୍କରେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଅମର ପରିଡ଼ା ଓ ଅଧ୍ୟାପିକା କୁଦୁସିଆ ଜମାଲ୍ ସହାୟତା କରିଥିଲେ।

# ଯଶିପୁର ଆଇଆଇସିଙ୍କ ବିରୋଧରେ ମାନବାଧିକାର ଉଲ୍ଲଂଘନ ଅଭିଯୋଗ

ବାରିପଦା,୨୨।୮ (ସମିସ)

ରାଇରଙ୍ଗପୁର ପୁଲିସ ଜିଲ୍ଲା ଅଧୀନ ଯଶିପୁର ଥାନା ଆଇଆଇସି ସଂଯୁକ୍ତା ମହାଳିକଙ୍କ ନାମରେ ମାନବାଧିକାର ଉଲ୍ଲଂଘନ ଅଭିଯୋଗ ହୋଇଛି। କରଞ୍ଜିଆ ଥାନାର ଏକ ମାମଲା (କେଶ ନଂ ୨୩୦) ରେ ଅଳଙ୍କାର ଚୋରି ଘଟଣାରେ ପୁଲିସ ଯଶିପୁରର ଗହଣା ଦୋକାନୀଙ୍କୁ ଗିରଫ କରିବା ଘଟଣାକୁ କେନ୍ଦ୍ର କରି ଆଇଆଇସି ସଂଯୁକ୍ତା ମହାଳିକ ଦୋକାନୀଙ୍କ ଭାଇଙ୍କ ଦୋକାନ ଉପରେ କୌଣସି ଅଭିଯୋଗ ନ ଥାଇ ଚଢ଼ଉ କରିଥିଲେ। ତତ୍‌ସହିତ ଦୋକାନ ଓ ଲକରର ଚାବି ନେଇଯିବା ଓ ତିନିଦିନ ଧରି ଯଶିପୁର ଥାନାରେ ସକାଳୁ ରାତି ପର୍ଯ୍ୟନ୍ତ ଅଖିଆଅପିଆ ବସାଇବା ପରେ ସାଦା କାଗଜରେ ଦସ୍ତଖତ କରାଇବା ପ୍ରତିବାଦରେ ପୀଡ଼ିତ ମାନବାଧିକାର ଆୟୋଗଙ୍କ ନିକଟରେ ଫେରାଦ ହୋଇଛନ୍ତି। ଅପରପକ୍ଷରେ ଆଇଆଇସିଙ୍କ ଏଭଳି ଦବଙ୍ଗଗିରି ଓ ବେଆଇନ କାର୍ଯ୍ୟ ବିରୋଧରେ ରାଇରଙ୍ଗପୁର ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇବା ପରେ ପୁଲିସ ମହାନିର୍ଦ୍ଦେଶକ, ମୁଖ୍ୟମନ୍ତ୍ରୀ ଓ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦୁଇଦିନ ତଳେ ବିବାଦୀୟ ଆଇଆଇସିଙ୍କର ରେଞ୍ଜ ବଦଳିରେ ଜିଲ୍ଲା ବାହାରକୁ ବଦଳି ହୋଇଛି।

ସୂଚନା ମୁତାବକ, କରଞ୍ଜିଆ ଥାନା ଅଙ୍କୁରା ଗ୍ରାମର ମନମୋହନ ମହାନ୍ତଙ୍କ ଘରେ ପଶ୍ଚିମବଙ୍ଗ ରାଜ୍ୟ ହାୱଡା ଜିଲ୍ଲା ସାମପୁର ଥାନା ଅନ୍ତର୍ଗତ ଉଧୁପୁର ଗ୍ରାମର କାଜିମୁନ ହୁସେନ ରଙ୍ଗ ଓ ମରାମତି କାର୍ଯ୍ୟ କରୁଥିଲେ। ଗତ ଜୁନ ୧୧ ତାରିଖରେ ଶ୍ରୀ ମହାନ୍ତଙ୍କ ପତ୍ନୀ ତପସ୍ୱିନୀ ମହାନ୍ତଙ୍କ ଟଙ୍କା ପର୍ସ ଓ ପିନ୍ଧିଥିବା ସୁନା ହାରକୁ ଛିଣ୍ଡାଇ କାଜିମୁନ ନେଇ ପଳାଇଥିଲା। ୧୩ ତାରିଖରେ ତପସ୍ୱିନୀ ଥାନାରେ ଏତଲା ଦେଇଥିଲେ। ୧୨ ତାରିଖରେ କାଜିମୁନ ଉକ୍ତ ହାରକୁ ଯଶିପୁର ରରୁଆଁ ଛକରେ ଥିବା କଳ୍ପନା ଜୁଏଲାରୀ ମାଲିକ ବ୍ରହ୍ମାନନ୍ଦ ପରିଡ଼ାଙ୍କ ନିକଟରେ ବନ୍ଧକ ରଖି ୭ ହଜାର ଟଙ୍କା ନେଇଥିଲା। କରଞ୍ଜିଆ ଆଇଆଇସି ତଦନ୍ତ ପରେ ହାୱଡା ଜିଲ୍ଲା ପୁଲିସ ସହାୟତାରେ କାଜିମୁନକୁ ଗିରଫ କରିଆଣିଥିଲେ। ତଦନ୍ତ ସମୟରେ ଚୋରି ସୁନା ହାର ରଖିଥିବା ଅଭିଯୋଗରେ ବ୍ରହ୍ମାନନ୍ଦ ପରିଡ଼ାଙ୍କୁ ଗିରଫ ସହ ହାର ଉଦ୍ଧାର କରିଥିଲେ। ୧୬ ତାରିଖରେ କାଜିମୁନ ଓ ବ୍ରହ୍ମାନନ୍ଦଙ୍କୁ କୋର୍ଟ ଚାଲାଣ କରିଥିଲେ। ବ୍ରହ୍ମାନନ୍ଦଙ୍କ ସାନଭାଇ ମକରଧ୍ୱଜ ପରିଡ଼ା ଯଶିପୁର ବାଦାମ ଛକରେ କଳ୍ପନା ଜୁଏଲାରୀର ଆଉଏକ ଶାଖା ଦୋକାନରେ ବସିଥିବାରୁ ଦୋକାନ ବିରୋଧରେ ଯଶିପୁର ଥାନାରେ କୌଣସି ଅଭିଯୋଗ ନ ଥାଇ ଆଇଆଇସି ସଂଯୁକ୍ତା ୧୫ ତାରିଖ ଅପରାହ୍ନ ପ୍ରାୟ ଗୋଟାଏ ସମୟରେ ଆସି ମକରଧ୍ୱଜଙ୍କୁ ଧମକ ଦେବା ସହ ଦୋକାନ ଓ ଲକର ଚାବି ନେବା ସହ ତାଙ୍କୁ ଥାନାକୁ ନେଇଯାଇଥିଲେ। ସେଠାରେ ତାଙ୍କୁ କୌଣସି ଖାଦ୍ୟ ଅଥବା ପାନୀୟ ନ ଦେଇ ରାତି ଗୋଟେ ପର୍ଯ୍ୟନ୍ତ ରଖିବା ପରେ ୧୬ ତାରିଖରେ ହାଜର ଦେବାକୁ କହି ଛାଡିଥିଲେ। ଆଇଆଇସିଙ୍କ କହିବା ମୁତାବକ ମକରଧ୍ୱଜ ୧୬ ଓ ୧୭ ତାରିଖ ସକାଳୁ ଯାଇ ହାଜିରା ଦେଇଥିଲେ। ମାତ୍ର ତାଙ୍କୁ ଭୋକ ଉପାସରେ ରଖି ରାତି ୧୧ଟାରେ ଛାଡିଥିଲେ। ୧୭ ତାରିଖ ରାତିରେ ଦୋକାନ ଓ ଲକର ଚାବି ଫେରାଇ ଦିଆଗଲା ବୋଲି ଲେଖାଥିବା କାଗଜ ଓ ଦୁଇମାସ ପର୍ଯ୍ୟନ୍ତ ଦୋକାନ ବନ୍ଦ ରଖିବା ପାଇଁ ଲେଖାଥିବା ଅନ୍ୟଏକ କାଗଜରେ ମକରଧ୍ୱଜଙ୍କ ଦସ୍ତଖତ ନେଇଥିଲେ ମଧ୍ୟ ଚାବି ଫେରାଇ ନ ଥିଲେ। ଲେଖାଥିବା କାଗଜର ସର୍ତ୍ତ ଖିଲାପ କଲେ ମିଥ୍ୟା ମାମଲାରେ ବାରମ୍ବାର କେଶ କରିବି ବୋଲି ଆଇଆଇସି ସଂଯୁକ୍ତା ଧମକ ଦେଇଥିଲେ। ଏକ ପିନ୍ଧିଲା ଭଳି ଦାମୀ ସୁନା ଚେନ ଦେଲେ ଦୋକାନ ଓ ଲକର ଚାବି ଦେବି, ନଚେତ ୨ ମାସ ଦୋକାନ ବନ୍ଦ ରଖିବା ପାଇଁ ସଂଯୁକ୍ତା କହିଥିଲେ। କୋର୍ଟରୁ ଜାମିନରେ ଆସିବା ପରେ ବ୍ରହ୍ମାନନ୍ଦ ଏ ଘଟଣା ଜାଣିବାପରେ କରଞ୍ଜିଆ ଉପଖଣ୍ଡ ପୁଲିସ ଅଧିକାରୀ ଓ ରାଇରଙ୍ଗପୁର ଆରକ୍ଷୀ ଅଧୀକ୍ଷକଙ୍କୁ ୨୧ ତାରିଖରେ ଲିଖିତ ଭାବେ ଜଣାଇଥିଲେ। ଆରକ୍ଷୀ ଅଧିକ୍ଷକଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ଦେଖି ବ୍ରହ୍ମାନନ୍ଦ ଜୁଲାଇ ୭ ତାରିଖରେ ଅଧୀକ୍ଷକଙ୍କୁ ଦେଖାକରି ଆପତ୍ତି କରିଥିଲେ। ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷିକା ମମତା ସାହୁ ୧୦ ତାରିଖରେ ଯଶିପୁର ଥାନାକୁ ଆସି ସିସିଟିଭି ଓ ଦୋକାନର ସିସିଟିଭି ଫୁଟେଜ ଅନୁଧ୍ୟାନ ପରେ ବ୍ରହ୍ମାନନ୍ଦଙ୍କୁ ଚାବି ଫେରାଇଥିଲେ। ମାତ୍ର ମକରଧ୍ୱଜଙ୍କୁ ୩ ଦିନ କାଳ ଅମାନବୀୟ ଭାବେ ଭୋକ ଉପାସରେ ରାତି ପର୍ଯ୍ୟନ୍ତ ରଖିବା, ଦୀର୍ଘଦିନ ଧରି ଦୋକାନ ବନ୍ଦ ରଖି ପରିବାର ସଦସ୍ୟଙ୍କୁ ମାନସିକ ନିର୍ଯାତନା ଦେବା ଓ ସର୍ବସାଧାରଣରେ ସମ୍ମାନ ହାନୀ ଭଳି ମାନବୀୟ ଅଧିକାରକୁ କ୍ଷୁର୍ଣ୍ଣ କରିବା ନେଇ ଆଇଆଇସି ସଂଯୁକ୍ତାଙ୍କ ଦବଙ୍ଗଗିରି ବିରୋଧରେ ମକରଧ୍ୱଜ ମାନବାଧିକାର ଆୟୋଗ, ମୁଖ୍ୟମନ୍ତ୍ରୀ, ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି ଓ ପୁଲିସ ମହାନିର୍ଦ୍ଦେଶକଙ୍କ ନିକଟରେ ଫେରାଦ ହୋଇଛନ୍ତି। ତେବେ ଆଇଆଇସି ସଂଯୁକ୍ତାଙ୍କ ପ୍ରତିକ୍ରିୟା ମିଳିନାହିଁ।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

କୁଆମରା,୨୨।୮ (ସମିସ): ଖୁଣ୍ଟା ଥାନା ତଥା ଗୋପବନ୍ଧୁନଗର ବ୍ଲକ ତରଡାଶୁଳ ଗ୍ରାମର ଜଣେ ମହିଳା ସାପ କାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି। ମୃତକ ହେଉଛନ୍ତି ଦୁଖିଆ ମୁର୍ମୁଙ୍କ ସ୍ତ୍ରୀ ପଦ୍ମିତା (୨୪)। ବୁଧବାର ଅପରାହ୍ନରେ ପଦ୍ମିତା ରୋଷେଇ କରିବା ପାଇଁ ଏକ ବୁରାରୁ ପତ୍ର ଖୋଲୁଥିବାବେଳେ ଏଥିରେ ଥିବା ବିଷଧର ସାପ ତାଙ୍କ ହାତକୁ ଚୋଟ ମାରିଥିଲା। କିଛି ସମୟ ପରେ ମହିଳାଙ୍କ ଅବସ୍ଥା ଗୁରୁତର ହୋଇପଡିବାରୁ ତାଙ୍କୁ ଖୁଣ୍ଟା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଆଜି ଉଦଳା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଟେଲିଭିଜନ ପ୍ରିମିୟର

# 'ଜଗା ପରି ଭାଇ ଜଗତେ ନାହିଁ'

ରାଖୀ ପୂର୍ଣ୍ଣିମା ପୂର୍ବରୁ ଦର୍ଶକଙ୍କ ପାଇଁ ଆଜି ସନ୍ଧ୍ୟା ୬ଟା ୩୦ରେ ଜୀ-ସାର୍ଥକରେ ଟେଲିଭିଜନ ପ୍ରିମିୟର ହେବ ଏକ ହୃଦୟସ୍ପର୍ଶୀ ନୂତନ ଓଡ଼ିଆ ଚଳଚ୍ଚିତ୍ର 'ଜଗା ପରି ଭାଇ ଜଗତେ ନାହିଁ'। ପ୍ରଭୁ ଶ୍ରୀକୃଷ୍ଣ ଏବଂ ଦେବୀ ଦ୍ରୌପଦୀଙ୍କ ଅମର ସମ୍ପର୍କରୁ ଅନୁପ୍ରାଣିତ ଏହି ଚଳଚ୍ଚିତ୍ରଟି ଏମିତି ଏକ ବିଶ୍ୱାସକୁ ଆଧାର କରି ନିର୍ମାଣ କରାଯାଇଛି। ଯାହା ପ୍ରମାଣିତ କରେ ଯେ, ପ୍ରକୃତ ଭାଇ-ଭଉଣୀ ସମ୍ପର୍କ କେବଳ ରକ୍ତରେ ନୁହେଁ, ବରଂ ନିଛକ ପ୍ରେମ, ବିଶ୍ୱାସ ଏବଂ ତ୍ୟାଗ ଉପରେ ଗଢ଼ି ଉଠିଥାଏ। କାହାଣୀ ଏକ ନିର୍ଭୀକ ଡେଲିଭରୀ ବୟ 'ଜଗା' ଏବଂ 'ବର୍ଣ୍ଣାଳୀ'ଙ୍କୁ କେନ୍ଦ୍ର କରି ଗତିଶୀଳ। ଯେତେବେଳେ ଜଗା ନିଜ ଜୀବନକୁ ବାଜି ଲଗାଇ ବର୍ଣ୍ଣାଳୀକୁ ଏକ ବିପଦରୁ ରକ୍ଷା କରେ, ସେତେବେଳେ କୃତଜ୍ଞତା ସ୍ୱରୂପ ବର୍ଣ୍ଣାଳୀ ତାଙ୍କ ହାତରେ ରାକ୍ଷୀ ବାନ୍ଧେ ଏବଂ ସେଠାରୁ ଏକ ଅତୁଟ ସମ୍ପର୍କର ଜନ୍ମ ହୁଏ। ପରିବାର ପକ୍ଷରୁ ତିରସ୍କାର, କଠିନ ସମୟ ଏବଂ ସ୍ୱାମୀଙ୍କ ଅସୁବିଧା ଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଜଗା ହିଁ ବର୍ଣ୍ଣାଳୀର ସବୁଠାରୁ ବଡ଼ ଶକ୍ତି ଏବଂ ରକ୍ଷା କବଚ ସାଜି ଠିଆ ହୁଏ। ବିଶ୍ୱାସଘାତକତା ଓ ଲୋଭ ବିରୋଧରେ ଉଭୟେ କିପରି ସଂଗ୍ରାମ କରିଛନ୍ତି ଏବଂ ଅଦମ୍ୟ ସାହସ ଓ ଦୟାଭାବ ସହ ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିଛନ୍ତି, ତାହା ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବ। ଚଳଚ୍ଚିତ୍ରଟିରେ ମୁଖ୍ୟ ଭୂମିକାରେ ଆର. ରଞ୍ଜନ ପଣ୍ଡା, ଭକ୍ତି ପଟ୍ଟନାୟକ, ଉଦିତ ଗୁରୁ ଏବଂ ସୋନାଲିସା ନାୟକ ନଜର ଆସିବେ। ପାରିବାରିକ ଡ୍ରାମା, ଥ୍ରିଲ୍, ଆବେଗ ଏବଂ ରକ୍ଷାବନ୍ଧନର ପବିତ୍ର ବାର୍ତ୍ତା ବହନ କରୁଥିବା ଏହି ସିନେମା ପ୍ରତିଟି ଓଡ଼ିଆ ପରିବାରର ହୃଦୟ ଜିଣିବ ବୋଲି ପ୍ରଯୋଜନା ସଂସ୍ଥା ଦୃଢ଼ ଆଶା ରଖିଛି। ■



## ଗଣେଶ ପୂଜାରେ

# 'ଦାହାନ୍- ଦି ଇଭିଲ୍ ୱିଦିନ୍'




ଗଣେଶ ପୂଜାରେ ଆସୁଛି ଓଡ଼ିଆ ହରର୍ ଚଳଚ୍ଚିତ୍ର 'ଦାହାନ୍- ଦି ଇଭିଲ୍ ୱିଦିନ୍'। ଓଡ଼ିଆ ଦର୍ଶକଙ୍କ ଭଲ ପାଇବାକୁ ଦୃଷ୍ଟିରେ ରଖି ଅମୀୟ ପଟ୍ଟନାୟକ ପ୍ରଡକ୍ସନ୍ ପଛକୁ ପଛ ଗୋଟିଏ ପରେ ଗୋଟିଏ ନୂଆ ନୂଆ ଚଳଚ୍ଚିତ୍ର ଉପହାର ଦେଇ ଚାଲିଛି। ତେବେ ଦୁଇ ଭଉଣୀଙ୍କ କାହାଣୀକୁ ନେଇ ଦାହାନର କାହାଣୀ ଗତିଶୀଳ ହୋଇଥିବା ବେଳେ ଟିଜର୍ ଦେଖି ଦର୍ଶକ ବହୁତ ଉତ୍ସାହିତ ଅଛନ୍ତି ଏବଂ ଶୁଭମୁକ୍ତିକୁ ଉତ୍କଣ୍ଠାରେ ଅପେକ୍ଷା କରିଛନ୍ତି। ଏଥିରେ ବହୁ ଉଚ୍ଚକୋଟୀର ଅତ୍ୟାଧୁନିକ ଭିଏଫ୍ଏକ୍ସ କାମ ଦେଖିବାକୁ ମିଳିବ। ଏହି ଓଡ଼ିଆ ହରର୍ ସିନେମାର କାହାଣୀ, ଚିତ୍ରନାଟ୍ୟ ସାଙ୍ଗକୁ ନିର୍ଦ୍ଦେଶନାଭାର ନେଇଛନ୍ତି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ଅନୁପମ ପଟ୍ଟନାୟକ। ଏହାକୁ ବର୍ଷା ପଟ୍ଟନାୟକ ଏବଂ ଅନୁପମ ପଟ୍ଟନାୟକ ପ୍ରଯୋଜନା କରିଛନ୍ତି। ଏହି ସିନେମା ଦର୍ଶକଙ୍କୁ ଡରାଇବ ନାହିଁ ବରଂ ଏହି କାହାଣୀ ସିନେମା ହଲ୍‌ରୁ ବାହାରିବା ପରେ ବି ଦର୍ଶକଙ୍କ ମନରେ ଛାପ ଛାଡ଼ିଯିବ ବୋଲି ନିର୍ଦ୍ଦେଶକ ଅନୁପମ କହିଛନ୍ତି। 'ଦାହାନ୍' ମାଧ୍ୟମରେ ଓଡ଼ିଆ ସିନେମାର କାହାଣୀ ବର୍ଣ୍ଣନା ଶୈଳୀ ଏବଂ ବୈଷୟିକ ମାନଦଣ୍ଡରେ ଏକ ନୂଆ ବିପ୍ଳବ ଆଣିବ ବୋଲି ଆଶା କରାଯାଉଛି। ଏହି ସିନେମାରେ ବର୍ଷା ପଟ୍ଟନାୟକ, ଅରୋଶିଖା ମିଶ୍ର, ସମ୍ରାଟ ମହାପାତ୍ର, ପାର୍ଥସାରଥୀ ରାୟ, ନିଶାନ୍ତ ମାଜିଠିଆ, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଣବ ପ୍ରସନ୍ନ ରଥ ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ପ୍ରଣବ ପ୍ରସନ୍ନ ରଥ ସଂଳାପ ଲେଖିଥିବା ବେଳେ କ୍ୟାମେରା ପରିଚାଳନା ଦୀପକ କୁମାର ଓ ସମ୍ପାଦନା ରଶ୍ମିରଞ୍ଜନ ଦାଶ କରିଛନ୍ତି। ଟ୍ରେଣ୍ଡରେ ଥିବା ଯୁବ ସଙ୍ଗୀତ ନିର୍ଦ୍ଦେଶକ ଇଂ. ଆଶିଷ ପ୍ରଧାନ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଗୋପାଳ ଚନ୍ଦ୍ର ଘଡ଼ାଇ କାର୍ଯ୍ୟକାରୀ ପ୍ରଯୋଜକ ଦାୟିତ୍ୱ ବହନ କରିଛନ୍ତି। ■


## ସେପ୍ଟେମ୍ବରରେ 'ଅଭିସାର'

# ପ୍ରଥମଥର ମୁଖ୍ୟ ନାୟିକାରେ ତୃତୀୟ ଲିଙ୍ଗୀ



'ପୂଜନ ଏଣ୍ଟରଟେନମେଣ୍ଟ' ଦ୍ୱାରା ନିର୍ମାଣ ହୋଇଥିବା ଏକ ମୌଳିକ କାହାଣୀର ଚଳଚ୍ଚିତ୍ର 'ଅଭିସାର: ଏକ ପ୍ରେମ କାହାଣୀ' ସେପ୍ଟେମ୍ବରରେ ମୁକ୍ତିଲାଭ କରିବ। ପୂର୍ବରୁ ରିଲିଜ୍ ହୋଇଥିବା ଏହାର ପୋଷ୍ଟର ଏବଂ ଗୀତକୁ ଦର୍ଶକଙ୍କ ଅହେତୁକ ଭଲପାଇବା ମିଳିଛି। ଚଳଚ୍ଚିତ୍ରର କାହାଣୀ ସଂଘମିତ୍ରା ଭଞ୍ଜ ଲେଖିଥିବା ବେଳେ ଚିତ୍ରନାଟ୍ୟ, ସଂଳାପ ରଚନା ସହିତ ନିର୍ଦ୍ଦେଶନା ଦାୟିତ୍ୱ ନେଇଛନ୍ତି ରଞ୍ଜିତ ମହାନ୍ତି। ଏହାକୁ ବିଜୟ କେତନ ମିଶ୍ର ଏବଂ ଲକ୍ଷ୍ମୀପ୍ରିୟା ମହାନ୍ତି ପ୍ରଯୋଜନା କରିଛନ୍ତି। ଚିତ୍ରଗ୍ରହଣରେ ପ୍ରସନ୍ନ କୁମାର ଏବଂ ସମ୍ପାଦନା ଦାୟିତ୍ୱରେ ରହିଛନ୍ତି ଚନ୍ଦ୍ରଶେଖର ମିଶ୍ର। ଏଥିରେ ସଙ୍ଗୀତ ନିର୍ଦ୍ଦେଶକ ବିଭୂତି ଭୂଷଣ ଗଡ଼ନାୟକ ଅଛନ୍ତି। ସିନେମାର ମୁଖ୍ୟ ଚରିତ୍ରରେ ମୀରା ପରିଡ଼ା, ନବାଗତ ଅଭିନେତା ରୁଦ୍ର ପ୍ରତାପ ମହାନ୍ତି ଏବଂ ଅଭିନେତ୍ରୀ ଭୂମି ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆର୍ଯ୍ୟ ମହାନ୍ତି, ଶିବାଜୀ ରାଜା ପ୍ରମୁଖ ଅଭିନୟ କରିଛନ୍ତି। ମୁଖ୍ୟ ଅଭିନେତ୍ରୀ ଭୂମିକାରେ ଥିବା ଭୂମି ଜଣେ କିନ୍ନର। ଜଣେ କିନ୍ନରଙ୍କୁ ମୁଖ୍ୟ ଅଭିନେତ୍ରୀ ଚରିତ୍ରରେ ନେଇ ସିନେମା ନିର୍ମାଣ କରିବା ଏହା ପ୍ରଥମ। ଚଳଚ୍ଚିତ୍ରର କାହାଣୀ ଚିରାଚରିତ କାହାଣୀଠୁ ଅଲଗା ଏବଂ ଓଡ଼ିଆ ଚଳଚ୍ଚିତ୍ର ଜଗତ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରଥମ ବୋଲି ନିର୍ଦ୍ଦେଶକ ରଞ୍ଜିତ ମହାନ୍ତି କହିଛନ୍ତି। 'ଅଭିସାର, ଏକ ପ୍ରେମ କାହାଣୀ'କୁ ଓଡ଼ିଶାବାସୀ ଢେର ଭଲ ପାଇବା ଦେବେ ବୋଲି ପ୍ରଯୋଜନା ସଂସ୍ଥା ଆଶା ପ୍ରକଟ କରିଛି। ■

# 'ହବାସପୁରୀ ୱିଭିଂ: ଦ ସେକେଣ୍ଡ ଆଣ୍ଡ ଲାଷ୍ଟ ଡେଥ୍'ର ପୋଷ୍ଟର ରିଲିଜ୍




ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଚଳଚ୍ଚିତ୍ର ମାଧ୍ୟମରେ ବିଶ୍ୱ ଦରବାରରେ ପହଞ୍ଚାଇବାରେ 'ରିତୁପ୍ରିୟା ପ୍ରଡକ୍ସନ୍ସ' ଏବଂ ପ୍ରସିଦ୍ଧ ଚଳଚ୍ଚିତ୍ର ପ୍ରଯୋଜକ ଅତିଶ କୁମାର ରାଉତ ସଦାସର୍ବଦା ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛନ୍ତି। ଏହି କ୍ରମରେ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଐତିହ୍ୟକୁ ନେଇ ନିର୍ମିତ ହେଉଥିବା ବହୁ ପ୍ରତୀକ୍ଷିତ ଓଡ଼ିଆ ବୃତ୍ତଚିତ୍ର 'ହବାସପୁରୀ ୱିଭିଂ: ଦ ସେକେଣ୍ଡ ଆଣ୍ଡ ଲାଷ୍ଟ ଡେଥ୍'ର ସ୍ୱତନ୍ତ୍ର ପୋଷ୍ଟର ଜାତୀୟ ହସ୍ତତନ୍ତ ଦିବସ ଅବସରରେ ରିଲିଜ ହୋଇଛି। 'ହବାସପୁରୀ ୱିଭିଂ' କଳାହାଣ୍ଡି ଜିଲ୍ଲାର ପ୍ରସିଦ୍ଧ ତଥା ଲୁପ୍ତପ୍ରାୟ ହବାସପୁରୀ ହସ୍ତତନ୍ତ ପରମ୍ପରା, ଏହାର ଇତିହାସ, ବର୍ତ୍ତମାନର ସଂଘର୍ଷ ଏବଂ ଏହାର ପୁନରୁଦ୍ଧାର ସମ୍ଭାବନାକୁ ନେଇ ନିର୍ମିତ ହୋଇଛି। ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ ପ୍ରଯୋଜକ ଅତିଶ କୁମାର ରାଉତ ଏହାର ପ୍ରଯୋଜନା ଭାର ସମ୍ଭାଳିଥିବା ବେଳେ ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ମାତା ବିଶ୍ୱନାଥ ରଥ ଏବଂ ମୟୂର ମହାପାତ୍ର ଏହାର ଯୁଗ୍ମ ନିର୍ଦ୍ଦେଶନା ଦେଉଛନ୍ତି। ଏହି ବୃତ୍ତଚିତ୍ରଟି ବିଶ୍ୱନାଥ ରଥଙ୍କ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ଚଳଚ୍ଚିତ୍ର 'କୋଟପାଡ଼ ୱିଭିଂ: ଦ ଷ୍ଟୋରୀ ଅଫ୍ ଆ ରେସ୍ ଏଗେନ୍‌ଷ୍ଟ ଟାଇମ୍'ର ଅନ୍ୟ ଏକ ପରିକଳ୍ପନା। ଏହି ଡକ୍ୟୁମେଣ୍ଟାରୀ ଭାରତର ସାଂସ୍କୃତିକ ସିନେମା ଜଗତରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବାର ପ୍ରତିଶ୍ରୁତି ଦିଏ। ■

## ସାକ୍ଷାତକାର

# "ଜଣେ କଳାକାର ପାଇଁ ପ୍ରତ୍ୟେକ ଚରିତ୍ର ଗୁରୁତ୍ୱପୂର୍ଣ୍ଣ"

**ତୃଷ୍ଣା ମହାକୁଳ, ଅଭିନେତ୍ରୀ**

'କପାଳ ଲିଖନ କେ କରିବ ଆନ' ଅର୍ଥାତ୍ ଭାଗ୍ୟରେ ଯାହା ଲେଖା ଥାଏ ତାହା ଅବଶ୍ୟ ଘଟିଥାଏ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଭୁବନେଶ୍ୱରର ତୃଷ୍ଣା ମହାକୁଳ। ପିଲାଦିନେ ସେ ଓଡ଼ିଶୀ ଏବଂ ମଡର୍ଣ୍ଣ ଡ୍ୟାନ୍ସ ଶିଖୁଥିଲେ। ହେଲେ ସୌଭାଗ୍ୟବଶତଃ ତାଙ୍କୁ 'ମହାବାତ୍ୟା' ଟେଲି ଫିଲ୍ମରେ ଶିଶୁ କଳାକାର ଭାବେ କାମ କରିବାକୁ ସୁଯୋଗ ମିଳିଥିଲା। ଏହା ପରେ ସେ ଆଉ ପଛକୁ ଫେରି ଚାହିଁନାହାଁନ୍ତି। ଏକାଧିକ ଧାରାବାହିକରେ ସେ ଶିଶୁ କଳାକାର ଭାବେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ହୃଦୟକୁ ଜିଣିଛନ୍ତି। 'ଆଶାର ଆକାଶ' ଧାରାବାହିକରେ ଡେବ୍ୟୁ କରିବା ପରେ ଏକାଧିକ ଧାରାବାହିକ ଓ ସିନେମାରେ ସେ ଅଭିନୟ କରିଛନ୍ତି। ଏବେ ତୃଷ୍ଣା ଲୋକପ୍ରିୟ ଧାରାବାହିକ 'ସୁନା ଝିଅ'ରେ ଖୁଡ଼ି ଚରିତ୍ରରେ ଘରେ ଘରେ ପରିଚିତ। ତେବେ ଏହି ଲାଇନ୍‌କୁ ଆସିବାକୁ କେତେ ସଂଘର୍ଷ କରିବାକୁ ପଡ଼ିଛି ଜାଣିବା ତାଙ୍କ ମୁହଁରୁ।



**ରଙ୍ଗିନ ଦୁନିଆକୁ କେମିତି ଆସିଲେ?**

- ପିଲାଦିନୁ ମୁଁ ଓଡ଼ିଶୀ, ମଡର୍ଣ୍ଣ ଡ୍ୟାନ୍ସ ଶିଖୁଥିଲି। ଚେସ୍ ଖେଳୁଥିଲି। ଅଭିନୟ ବିଷୟରେ କିଛି ଜାଣିନଥିଲି କି ଭବିଷ୍ୟତରେ ଅଭିନେତ୍ରୀଟିଏ ହେବି ବୋଲି ଧାରଣା ନଥିଲା। ହେଲେ ଭଗବାନଙ୍କ ଆଶୀର୍ବାଦରୁ ଏହି ଲାଇନ୍‌କୁ ମୁଁ ଟାଣି ହୋଇ ଆସିଲି। ଏଥିରେ ମୋର ସ୍କୁଲ ଶିକ୍ଷକ ତଥା ହାସ୍ୟ ଅଭିନେତା ଶଙ୍କର୍ଷଣ ପ୍ରଧାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେ 'ମହାବାତ୍ୟା' ନାମକ ଏକ ଟେଲି ଫିଲ୍ମରେ ଶିଶୁ କଳାକାର ଭାବେ ଅଭିନୟ କରିବାକୁ ମୋତେ ସୁଯୋଗ ଦେଇଥିଲେ। ଏହାପରେ 'ଗାୟତ୍ରୀ', 'ଜୀବନ ଯମୁନାରେ ଜୁଆର ଉଠେରେ', 'ବୋହୂ' ଆଦି ଧାରାବାହିକରେ ଶିଶୁ କଳାକାର ଭାବେ ଅଭିନୟ କରିଥିଲି। ପରେ 'ଆଶାର ଆକାଶ'ରେ ସେକେଣ୍ଡ ଲିଡ୍‌ରେ ଶାଶ୍ୱତୀ ଭୂମିକାରେ ଅଭିନୟ କଲି। ଏହା ପରେ 'ରାନୀ', 'ତୋ ଅଗଣାର ତୁଳସୀ ମୁଁ', 'ତୋ ପାଇଁ ମୁଁ', 'ମା' ଯାହାର ସାହା' ଅଭିନୟ କରିବାର ସୁଯୋଗ ପାଇଲି। ଏବେ 'ସୁନା ଝିଅ'ରେ ଖୁଡ଼ି ଚରିତ୍ରରେ ଅଭିନୟ କରୁଛି।

**ଅଭିନୟ ପାଇଁ ବିଧିବଦ୍ଧ ତାଲିମ ନେଇଥିଲେ କି?**

- ଅଭିନୟ କରିବାକୁ ମୁଁ ବିଧିବଦ୍ଧ ଭାବେ ତାଲିମ ନେଇ ନାହିଁ। ଜଣେ କଳାକାର ପାଇଁ ପ୍ରତ୍ୟେକ ଚରିତ୍ର ଗୁରୁତ୍ୱପୂର୍ଣ୍ଣ। ତେଣୁ ସକାରାତ୍ମକ ଚରିତ୍ର କରୁ କରୁ ନକାରାତ୍ମକ ଚରିତ୍ର ମିଳିଲେ ମଧ୍ୟ ତାହାକୁ କରିବା ପାଇଁ ବାଧ। ସେଥିପାଇଁ ପ୍ରତ୍ୟେକ ଚରିତ୍ରକୁ ମୁଁ କେମିତି ଜୀବନ୍ତ କରିପାରିବି, ସେହି ଦିଗ ପ୍ରତି ବିଶେଷ ଦୃଷ୍ଟି ଦିଏ।

**ସିନେମାରେ ବି ତୃଷ୍ଣା ଜଲୱା ଦେଖାଇଛନ୍ତି?**

- ମୁଁ ବହୁତ ଭାଗ୍ୟଶାଳୀ ଯେ ଧାରାବାହିକ ପରି ସିନେମାରେ କାମ କରିବାକୁ ସୁଯୋଗ ମିଳିଛି। 'ଭାବେ ସିନା କହିପାରେନା' ହଲ୍‌ରେ ରିଲିଜ୍ ହୋଇଥିଲା। ଏହାପରେ ତରଙ୍ଗର 'ପ୍ରେମ୍ ଫର୍ ସେଲ୍', ଜୀ ସାର୍ଥକର 'କୁଳାଙ୍ଗାର' ଆଦି ସିନେମାରେ ମୁଁ ଅଭିନୟ କରିସାରିଛି।

**ପ୍ରଥମ ପାରିଶ୍ରମିକ କେତେ ମିଳିଥିଲା?**

- ବୋଧହୁଏ ପ୍ରଥମ ପାରିଶ୍ରମିକ ୫୦୦ ଟଙ୍କା ମିଳିଥିଲା।

**କେଉଁ ଚରିତ୍ର ଆପଣଙ୍କୁ ଅଧିକ ଲୋକପ୍ରିୟତା ଦେଇଛି?**

- 'ତୋ ଅଗଣାର ତୁଳସୀ ମୁଁ'ର ଶୁଭି ଚରିତ୍ରଟି ମୋତେ ଅଧିକ ଲୋକପ୍ରିୟତା ଦେଇଛି। ସେହିପରି 'ତୋ ପାଇଁ' ଧାରାବାହିକର ନକାରାତ୍ମକ ଚରିତ୍ରକୁ ମଧ୍ୟ ଦର୍ଶକ ଭଲପାଇବା ଦେଇଥିଲେ।

**ସୁଟିଂ ନଥିଲେ କ'ଣ କରନ୍ତି?**

- ସୁଟିଂ ନଥିଲେ ମୁଁ ଘରେ ରୁହେ। ଭଉଣୀର ଛୋଟ ଛୁଆ ସହିତ ସମୟ ବିତାଏ। ଘର ବାହାର କାମ କରେ।

**ଫିଟ୍ ରହିବାର ଫର୍ମୁଲା?**

- ଫିଟ୍ ରହିବାକୁ ନିୟମିତ ବ୍ୟାୟାମ କରେ। ଆଗରୁ ଜିମ୍ ଯାଉଥିଲି ହେଲେ ଏବେ ସୁଟିଂ ବ୍ୟସ୍ତତା ଯୋଗୁଁ ସମୟ ମିଳୁ ନାହିଁ। ତେଣୁ ସନ୍ତୁଳିତ ଖାଦ୍ୟପେୟକୁ ଅଧିକ ଗୁରୁତ୍ୱ ଦିଏ।

**ଭବିଷ୍ୟତରେ କେଉଁ ଚରିତ୍ରରେ କାମ କରିବାକୁ ଇଚ୍ଛା ରହିଛି?**

- ମୋତେ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବାକୁ ଇଚ୍ଛା ଅଛି। ଭବିଷ୍ୟତରେ ମୁଖ୍ୟ ଚରିତ୍ର ଯାହା ଦର୍ଶକଙ୍କ ହୃଦୟକୁ ଛୁଉଁଥିବ ସେମିତି ଚରିତ୍ରରେ କାମ କରିବାକୁ ଆଗ୍ରହ ରହିଛି।

**ଦର୍ଶକଙ୍କ ପ୍ରଶଂସାକୁ କେମିତି ଗ୍ରହଣ କରନ୍ତି?**

- ଦର୍ଶକ ଆମ ପାଇଁ ଭଗବାନ। ସେମାନଙ୍କ ପ୍ରଶଂସା ହିଁ ଜଣେ କଳାକାରଙ୍କୁ ଆଗକୁ ନେବାରେ ସାହାଯ୍ୟ କରେ।

**ବର୍ତ୍ତମାନ ଅଭିନୟ ଜଗତକୁ ଆସୁଥିବା ପିଲାଙ୍କୁ କ'ଣ କହିବେ?**

- ଅଭିନୟ ଜଗତକୁ ଯେଉଁମାନେ ଆସୁଛନ୍ତି ସିନିୟର କଳାକାରଙ୍କଠାରୁ ସବୁବେଳେ ଶିଖିବା ମନୋବୃତ୍ତି ରଖନ୍ତୁ। ଧୈର୍ଯ୍ୟ ରଖି କାମ କଲେ ଅଭିନୟ ନିଶ୍ଚିତ ଭାବେ ଭଲ ହେବ। ■

# ସତସତିକା ବାଘ ସହ ସୁଟିଂ

**ପରଦା ପଛର କାହାଣୀ**



ବଲିଉଡ୍ ଫିଲ୍ମରେ କେତେକ କଳାକାର ନିଜେ ଷ୍ଟଣ୍ଟ୍ ପ୍ରଦର୍ଶନ କରି ଦର୍ଶକଙ୍କ ହୃଦୟ ଜିତିବାରେ ସଫଳ ହୋଇଛନ୍ତି। ତେବେ କିଛି ଦୃଶ୍ୟ ବଡ଼ିବିଲଡ୍‌ର ଏବଂ ଷ୍ଟଣ୍ଟମ୍ୟାନ୍‌ଙ୍କ ଦ୍ୱାରା ସୁଟିଂ କରାଯାଏ। ହେଲେ ବଲିଉଡ୍‌ରେ ଏଭଳି ଏକ ଫିଲ୍ମ ଥିଲା ଯେଉଁଥିରେ ଅମିତାଭ ବଚ୍ଚନ ଅପ୍ରଶିକ୍ଷିତ ବାଘ ସହ ଷ୍ଟଣ୍ଟ ସୁଟିଂ କରିଥିଲେ। ନିକଟରେ ପ୍ରତିଷ୍ଠିତ ଆକ୍ସନ ମାଷ୍ଟର୍ ମୋହନ ବଗ୍‌ଗଡ୍ ଏକ ସାକ୍ଷାତକାରରେ ଫିଲ୍ମ 'ଖୁନ୍ ପସିନା'ରେ ଅମିତାଭ ବଚ୍ଚନଙ୍କ ଫାଇଟ୍ ଦୃଶ୍ୟ ପଛର ଏକ ରୋଚକ କାହାଣୀ ପ୍ରକାଶ କରିଥିଲେ। ତାଙ୍କ କହିବାନୁଯାୟୀ, ସେ ଏହି ଫିଲ୍ମରେ ଅମିତାଭଙ୍କ ପାଇଁ ଷ୍ଟଣ୍ଟ କରିଥିଲେ। ଏଥିରେ ଏକ ବାଘ ଦୃଶ୍ୟ ଥିଲା। ଅମିତାଭଙ୍କ ପାଇଁ ଯେଉଁ ଷ୍ଟଣ୍ଟମ୍ୟାନ୍‌ଙ୍କୁ ପ୍ରଥମେ ବଛାଯାଇଥିଲା ତାଙ୍କ ରଙ୍ଗ ଶ୍ୟାମଳ ଥିଲା। ଏଥିପାଇଁ ମେକର୍ସଙ୍କୁ ଲାଗିଲା ସେ ଏଥିପାଇଁ ଫିଟ୍ ହେବେନି। ତେଣୁ ନିର୍ଦ୍ଦେଶକ ଏ ନେଇ ବୀରୁ ଦେବ୍‌ଗନ୍‌ଙ୍କୁ ପଚାରିଥିଲେ ତାଙ୍କ ଟିମ୍‌ର କେହି ସଦସ୍ୟ ଏହି ଷ୍ଟଣ୍ଟ କରିପାରିବେ କି ? ଏହାପରେ ମୋହନଙ୍କୁ ପଚାରିବାରୁ ସେ ଏହି ଷ୍ଟଣ୍ଟ କରିବା ପାଇଁ ରାଜି ହୋଇଥିଲେ। ବାଘ ସହ ଷ୍ଟଣ୍ଟ ଥିବାରୁ ତାଙ୍କୁ ପ୍ରଥମେ ଭୟ ଲାଗିଥିଲା। ଯେଉଁ ଦିନ ଏହି ଦୃଶ୍ୟ ସୁଟ୍ ଥିଲା ସେଦିନ ଅଭିଷେକ୍ ବଚ୍ଚନ ଜନ୍ମ ହୋଇଥିଲେ। ପୁଅ ଜନ୍ମ ହେବା ଖୁସିରେ ଅଭିନେତା ମଧ୍ୟ ବିପଜ୍ଜନକ ଷ୍ଟଣ୍ଟ ସୁଟ୍ କରିବାକୁ ରାଜି ହୋଇଥିଲେ। ସେ ଖୁସି ହୋଇ ମୁଁ ସିଂହ, ମୋ ପୁଅ ସିଂହ, ମୋ ଘରେ ଏକ ସିଂହ ଜନ୍ମ ହୋଇଥିବା କହି କିଛି ଭଲ ସଟ୍ ଦେଇଥିଲେ। ଷ୍ଟଣ୍ଟମ୍ୟାନ୍‌ଙ୍କ କହିବାନୁଯାୟୀ, ଏହି ଷ୍ଟଣ୍ଟ ସମୟରେ ଆଘାତ ମଧ୍ୟ ପାଇଥିଲେ। ବାଘଟି ପ୍ରଶିକ୍ଷଣ ନେଇ ନଥିବାରୁ ସେ ଷ୍ଟଣ୍ଟ ସୁଟ୍ ସମୟରେ କ୍ଷତି ପହଞ୍ଚାଉଥିଲା। ଅବଶ୍ୟ ତା'ର ମୁହଁକୁ ବନ୍ଧା ଯାଇଥିଲା। ■

■ ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିଅନସିପ୍

# ଭାରତର ଗାୟତ୍ରୀ-ତ୍ରିଶାଙ୍କୁ କାଂସ୍ୟ




ନୂଆଦିଲ୍ଲୀ,୨୨।୮ (ଏଜେନ୍ସି): ଭାରତର ମହିଳା ଯୁଗଳ ଯୋଡି ଗାୟତ୍ରୀ ଗୋପୀଚାନ୍ଦ ଓ ତ୍ରିଶା ଜଲି ଏଠାରେ ଚାଲିଥିବା ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଏହି ପଦକ ସହ ଭାରତର ଅଭିଯାନ ଶେଷ ହୋଇଛି ଏବଂ ୨୦୧୧ ପରଠାରୁ ଭାରତ ସମସ୍ତ ଚାମ୍ପିଅନସିପ୍‌ରେ ଗୋଟିଏ ହେଲେ ପଦକ ଜିତିବରେ ସମର୍ଥ ହୋଇଛି। ମହିଳା ଯୁଗଳରେ ଭାରତ ଶେଷଥର ୨୦୧୧ରେ ପଦକ ବିଜୟୀ ହୋଇଥିଲା। ଜ୍ୱାଲା ଗୁଟ୍ଟା ଓ ଅଶ୍ୱିନୀ ପୋନ୍ନାପ୍ପା ଏହି ପଦକ ଜିତିଥିଲେ।

ଆଜି ଖେଳାଯାଇଥିବା ସେମିରେ ଚତୁର୍ଥ ସିଡ ତଥା ଡିଫେଣ୍ଡିଂ ଚାମ୍ପିଅନ ଚୀନ୍‌ର ଲିଉ ଶେଙ୍ଗ ଶୁ ଓ ତାନ ନିଙ୍ଗ୍‌ଙ୍କ ଯୋଡି ୧୮-୨୧, ୨୧-୧୩, ୨୧-୮ ସେଟ୍‌ରେ ଭାରତର ଗାୟତ୍ରୀ-ତ୍ରିଶାଙ୍କୁ ପରାସ୍ତ କରିଥିଲେ। ଏହା ଫଳରେ ନିୟମ ଅନୁଯାୟୀ ସେମିଫାଇନାଲରେ ପରାଜିତ ହୋଇଥିବା ଏହି ଭାରତୀୟ ଯୋଡି କାଂସ୍ୟ ପଦକ ବିଜୟୀ ହେବେ। ସେମିରେ ଭାରତୀୟ ଯୋଡି ପ୍ରଥମ ସେଟ୍‌ରେ ଦମ୍ ଦେଖାଇ ୨୧-୧୮ରେ ଜିତିଥିଲେ। କିନ୍ତୁ ଦୁଇଜଣ ଯୁବ ଖେଳାଳି ସେହି ଜୋଶ ନେଇ ଦ୍ୱିତୀୟ ଓ ତୃତୀୟ ସେଟ୍‌ରେ ଖେଳିପାରି ନ ଥିଲେ।

ପୁରୁଷ ବିଭାଗ ଏକକରେ ୫ଜଣ ଯାକ ଶୀର୍ଷ ଖେଳାଳି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଏହା ଫଳରେ ଏଥର ଜଣେ ନୂଆ ଖେଳାଳି ଚାମ୍ପିଅନ ହେବା ନିଶ୍ଚିତ ହୋଇଛି। ମହିଳା ଏକକରେ ଟପ୍ ସିଡ୍ ଆନ୍ ସେ ୟଙ୍ଗ, ତୃତୀୟ ସିଡ୍ ୱାଙ୍ଗ ଝି ୟି ଓ ଦ୍ୱିତୀୟ ସିଡ୍ ଆକାନେ ୟାମାଗୁଚି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତାକାଲି ସମସ୍ତ ୫ଟି ବିଭାଗର ଫାଇନାଲ ସମେତ ପ୍ରତିଯୋଗିତା ଶେଷ ହେବ।

■ ଲାଉସେନ ଡାଇମଣ୍ଡ ଲିଗ୍

# ସିଜନର ଶ୍ରେଷ୍ଠ ସତ୍ତ୍ୱେ ନୀରଜ ଦ୍ୱିତୀୟ

ଲାଉସାନେ, ୨୨।୮ (ଏଜେନ୍ସି): ସୁଇଜରଲାଣ୍ଡର ଲାଉସେନରେ ଗତକାଲି ଅନୁଷ୍ଠିତ ଡାଇମଣ୍ଡ ଲିଗ୍‌ରେ ଭାରତର ଷ୍ଟାର୍ ଆଥ୍‌ଲେଟ ନୀରଜ ଚୋପ୍ରା ସିଜନର ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ନୀରଜ ୮୮.୦୫ ମିଟରକୁ ଜାଭେଲିନ ଫିଙ୍ଗିଥିଲେ। ତେବେ ନୀରଜ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଶ୍ରୀଲଙ୍କାର ରୁମେଶ ପଥିରାଗେ ୮୮.୧୪ ମିଟର ଫିଙ୍ଗି ପୋଡିୟମର ଶୀର୍ଷ ସ୍ଥାନରେ ରହି ବାଜିମାତ୍ କରିନେଇଥିଲେ। ଗ୍ରେନେଡାର ସୁପରଷ୍ଟାର୍ ତଥା ପୂର୍ବତନ ବିଶ୍ୱ ଚାମ୍ପିଅନ ଆଣ୍ଡରସନ ପିଟର୍ସ ତୃତୀୟ ସ୍ଥାନରେ ରହିଥିଲେ। ସେ ୮୬.୬୯ ମିଟର ଜାଭେଲିନ ଫିଙ୍ଗିଥିଲେ।

ନିକଟରେ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ରେ ରୌପ୍ୟପଦକ ଜିତିଥିବା ନୀରଜ ଏଠାରେ ତାଙ୍କ ପ୍ରଥମ ପ୍ରୟାସରେ ୮୩.୫୪ ମିଟର ଦୂରତା ହାସଲ କରିଥିଲେ। ଏହାପରେ ଦ୍ୱିତୀୟ ପ୍ରୟାସରେ ନୀରଜ ସିଜନ ଶ୍ରେଷ୍ଠ ୮୮.୦୫ ମିଟର ଫିଙ୍ଗି ଶୀର୍ଷକୁ ଉଠିଥିଲେ। କିନ୍ତୁ ଶ୍ରୀଲଙ୍କାର ରୁମେଶ ୮୮.୧୪ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ନୀରଜଙ୍କୁ ପଛରେ ପକାଇଦେଇଥିଲେ। ଫଳରେ ଗ୍ଲାସଗୋ ପରେ ରୁମେଶ କ୍ରମାଗତ ଦ୍ୱିତୀୟ ପ୍ରତିଯୋଗିତାରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଚଳିତ ଡାଇମଣ୍ଡ ଲିଗ୍ ସିରିଜରେ ରୁମେଶଙ୍କ ଏହା ତୃତୀୟ ବିଜୟ। ଏଥିପୂର୍ବରୁ ସେ ରୋମ ଓ ଦୋହାରେ ମଧ୍ୟ ଚାମ୍ପିଅନ ହୋଇଥିଲେ।

# ମହିଳା ପର୍ବତାରୋହୀଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୨୨।୮ (ସମିସ): ଓଡ଼ିଶାର ଏକ ମହିଳା ପର୍ବତାରୋହୀ ଦଳ ଅଗଷ୍ଟ ୧୫ରେ ହିମାଚଳ ପ୍ରଦେଶର ମାଉଣ୍ଟ ୟୁନମ ଆରୋହଣ କରିବା ପରେ ଗତକାଲି ଓଡ଼ିଶା ଫେରିଆସିଛନ୍ତି। ଏହି ପର୍ବତାରୋହୀ ଦଳକୁ ଆଜି ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ସମ୍ବର୍ଦ୍ଧିତ କରିଛନ୍ତି। ଅନିତା ସ୍ୱାଇଁଙ୍କ ନେତୃତ୍ୱରେ ୫ଜଣ ଓଡ଼ିଆ ମହିଳା ଅଗଷ୍ଟ ୧୫ରେ ୟୁନମ ଆରୋହଣ କରିବା ସହ ୮୦ ମିଟର ତିରଙ୍ଗା ଉତ୍ତୋଳନ କରିଥିଲେ। ଓଡ଼ିଶା ପର୍ବତାରୋହଣ ଇତିହାସରେ ଏହା ଏକ ମାଇଲଖୁଣ୍ଟ ହୋଇ ରହିବ।

# ଉତ୍କଳ ସ୍ପୋର୍ଟସ ମିଟ୍ ଆରମ୍ଭ

ଭୁବନେଶ୍ୱର,୨୨।୮ (ସମିସ): ଉତ୍କଳ କରାଟେ ସ୍କୁଲ୍‌ର ୪୬ତମ ପ୍ରତିଷ୍ଠା ଦିବସ ଅବସରରେ ଆଜିଠାରୁ ଆରମ୍ଭ ହୋଇଛି ଉତ୍କଳ ସ୍ପୋର୍ଟ୍ସ ମିଟ୍। ୩ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଭୁବନେଶ୍ୱର, ପୁରୀ, କଟକ, ଖୋର୍ଦ୍ଧା ଓ କଟକ ଜିଲ୍ଲାରୁ ୨୨୦ ଜଣ କରାଟେକା ଅଂଶଗ୍ରହଣ କରିଛନ୍ତି। ୧୧ ବର୍ଷରୁ ଉର୍ଦ୍ଧ୍ୱରୁ ଆରମ୍ଭ କରି କ୍ୟାଡେଟ, ସବ୍‌ଜୁନିଅର, ଜୁନିଅର, ଓ ସିନିଅର ବିଭାଗରେ ପ୍ରତିଯୋଗିତା ଆୟୋଜିତ ହେବ। ପ୍ରଥମ ଦିନରେ ଆୟୋଜିତ ଏହି ପ୍ରତିଯୋଗିତାରେ ସିନିଅର ଆଡଭୋକେଟ କାଳିପ୍ରସାଦ ନନ୍ଦ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍

# ସେମିଫାଇନାଲ ଖେଳିବା ଲାଗି ଭାରତକୁ ସୁଯୋଗ

ଆମଷ୍ଟଲଭିନ୍,୨୨।୮ (ଏଜେନ୍ସି)




ଏଠାରେ ଚାଲିଥିବା ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କ୍ରସ୍ ଓଭର ମୁକାବିଲାରୁ ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହେବ। ପୁଲ-ଇ'ରେ ସ୍ଥାନ ପାଇଥିବା ଭାରତ ପ୍ରଥମ କ୍ରସ୍ ଓଭର ମୁକାବିଲାରେ ନେଦରଲ୍ୟାଣ୍ଡସଠାରୁ ୨-୦ ଗୋଲରେ ପରାଜିତ ହୋଇଛି। ସେହିପରି ଏହି ପୁଲ୍‌ର ଅନ୍ୟ ଏକ ମ୍ୟାଚ୍ ଚୀନ୍ ଓ ଅଷ୍ଟ୍ରେଲିଆ ମଧ୍ୟରେ ୧-୧ ଗୋଲରେ ଡ୍ର ରହିଛି। ଫଳରେ ଚୀନ୍‌ର ପଏଣ୍ଟ ସଂଖ୍ୟା ୨ରେ ପହଞ୍ଚିଛି। କିନ୍ତୁ ପୁଲ୍ ମୁକାବିଲାରେ ଚୀନ୍ ସହ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିଥିବା ଭାରତର ପଏଣ୍ଟ୧ ରହିଛି। କ୍ରସ୍ ଓଭରର ପ୍ରଥମ ରାଉଣ୍ଡ ପରେ ନେଦରଲ୍ୟାଣ୍ଡସ ୬ ପଏଣ୍ଟ ପାଇଛି ଓ ଶେଷ ରାଉଣ୍ଡରେ ଆସନ୍ତାକାଲି ଚୀନ୍ ସହ ଖେଳିବ। ହଟ୍ ଫର୍ମରେ ଥିବା ନେଦରଲ୍ୟାଣ୍ଡସ ଏହି ମୁକାବିଲାରେ ଜିତିବାର ଯଥେଷ୍ଟ ସମ୍ଭାବନା ରହିଛି। ଦ୍ୱିତୀୟ ରାଉଣ୍ଡରେ ଦ୍ୱିତୀୟ ପୁଲ୍ ମୁକାବିଲାରେ ଅଷ୍ଟ୍ରେଲିଆ ସହ ଭାରତର ମୁକାବିଲା ହେବ। ଅଷ୍ଟ୍ରେଲିଆ ମଧ୍ୟ ୧ ପଏଣ୍ଟ ପାଇଛି ଓ ଗୋଲ ବ୍ୟବଧାନରେ ଭାରତ ଉପରକୁ ତୃତୀୟ ସ୍ଥାନରେ ରହିଛି। ଆସନ୍ତାକାଲିର ମ୍ୟାଚ୍‌ରେ ଚୀନ୍ ବିପକ୍ଷରେ ନେଦରଲ୍ୟାଣ୍ଡସ ବିଜୟୀ ହେଲେ ଭାରତକୁ ସେମିଫାଇନାଲ ଖେଳିବା ଲାଗି ସୁବର୍ଣ୍ଣ ସୁଯୋଗ ମିଳିବ। କିନ୍ତୁ ଭାରତ ତାହାର ଦ୍ୱିତୀୟ କ୍ରସ୍ ଓଭର ମୁକାବିଲାରେ ଅଷ୍ଟ୍ରେଲିଆକୁ ହରାଇବାକୁ ହେବ। ଏହି ଗୋଟିଏ ମ୍ୟାଚ୍ ଜିତିପାରିଲେ ଭାରତ ମହିଳା ବିଶ୍ୱକପ୍‌ରେ ଇତିହାସ ସୃଷ୍ଟି କରି ଦୀର୍ଘ ୫୨ ବର୍ଷ ପରେ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଭାରତ ଏହି ସୁଯୋଗକୁ କିପରି ବ୍ୟବହାର କରିବ, ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳକୁ ହରାଇବା ଲାଗି କି ରଣନୀତି ନେବ ଏସବୁ ଆସନ୍ତାକାଲି ମୁକାବିଲା ପରେ ଜଣାପଡ଼ିବ। ଏହି ମ୍ୟାଚ୍‌ଟି ଭାରତୀୟ ସମୟ ରାତି ୧୦ଟା ୩୦ରୁ ଆରମ୍ଭ ହେବ। ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କରେ ଏହା ପ୍ରସାରିତ ହେବ।

ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ମହିଳା ଦଳ ବେଶ ପ୍ରଭାବଶାଳୀ ଖେଳ ପ୍ରଦର୍ଶନ କରିଛି। ପୁଲ-ଡି'ର ପ୍ରଥମ ମୁକାବିଲାରେ ଚୀନ୍ ଓ ଶେଷ ମୁକାବିଲାରେ ଇଂଲଣ୍ଡ ସହ ମ୍ୟାଚ ଡ୍ର ରଖି ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏକମାତ୍ର ମ୍ୟାଚ୍ ୬-୧ ଗୋଲ ବ୍ୟବଧାନରେ ଜିତିଛି। ଦଳ ଯେ ଖରାପ ଖେଳୁଛି ତାହା କହିହେବ ନାହିଁ, କିନ୍ତୁ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଓ ଦ୍ରୁତ ଗେମ୍ ଖେଳୁଥିବା ଦଳ ବିପକ୍ଷରେ ଭାରତକୁ ମ୍ୟାଚ୍ ଜିତିବାକୁ ହେବ। ଏହି ଗୋଟିଏ ମ୍ୟାଚ୍ ଜିତିପାରିଲେ ଭାରତ ଇତିହାସ ସୃଷ୍ଟି କରିବା ସହ ସେମିଫାଇନାଲରେ ପ୍ରବେଶ କରିବ।

### ନେଦରଲ୍ୟାଣ୍ଡସଠାରୁ ହାରିଲା ଭାରତ

ପୁରୁଷ ବିଭାଗ କ୍ରସ୍ ଓଭରରେ ଆଜି ଭାରତ ୧-୩ ଗୋଲରେ ନେଦରଲ୍ୟାଣ୍ଡସ ନିକଟରୁ ପରାଜିତ ହୋଇଛି। ଏହା ଫଳରେ ଭାରତର ସେମିଫାଇନାଲକୁ ଉନ୍ନୀତ ହେବା ଆଶାରେ ବଡ ବ୍ରେକ୍ ଲାଗିଛି। ଭାରତ ତାହାର ଶେଷ ଲିଗ୍ ମ୍ୟାଚ୍‌ରେ ଆର୍ଜେଣ୍ଟିନାକୁ ସୋମବାର ପରାସ୍ତ କଲେ ମଧ୍ୟ ସେମିଫାଇନାଲ ଖେଳିବା ଆଶା କମ୍ ବୋଲି ଆଜିର ମ୍ୟାଚ୍ ପରେ ଜଣାଯାଇଛି। ଭାରତର ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ତାହାର ଦୁଇଟି ମୁକାବିଲା ଆଜି ଆର୍ଜେଣ୍ଟିନା ଓ ପରେ ନେଦରଲ୍ୟାଣ୍ଡସ ନିକଟରୁ ପରାଜିତ ହେଲେ ମଧ୍ୟ ସେମିଫାଇନାଲ ଖେଳିବା ଆଶା ଖୁବ୍ କମ୍ ବୋଲି ଜଣାଯାଇଛି।

#### ଚାମ୍ପିଅନ ଜର୍ମାନୀକୁ ହରାଇଲା ସ୍ପେନ୍

ପୁଲ୍-ଏଫ୍ କ୍ରସ୍ ଓଭରରେ ଖେଳାଯାଇଥିବା ପ୍ରଥମ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀକୁ ୨-୧ ଗୋଲରେ ପରାସ୍ତ କରିଛି ସ୍ପେନ୍। ଏହି ବିଜୟ ଫଳରେ ସ୍ପେନ୍ ପୁଲ୍‌ରେ ଅଷ୍ଟ୍ରେଲିଆ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ଓ ବେଲଜିୟମ ସହ ଖେଳାଯାଇଥିବା ମୁକାବିଲା ୧-୧ ଗୋଲରେ ଡ୍ର ରହିଛି। ଆସନ୍ତାକାଲି ଖେଳାଯିବାକୁ ଥିବା ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଜର୍ମାନୀ ସହ ଅଷ୍ଟ୍ରେଲିଆ ଓ ବେଲଜିୟମ ସହ ସ୍ପେନ୍‌ର ମୁକାବିଲା ହେବ। ସେମିଫାଇନାଲରେ କେଉଁ ଦୁଇ ଦଳ ପ୍ରବେଶ କରିବେ ତାହା କହିବା ମୁସ୍କିଲ ହୋଇଛି।

ଆଜିଠୁ ଦୁଲୀପ ଟ୍ରଫି

# ଉତ୍ତରପୂର୍ବକୁ ଭେଟିବ ପୂର୍ବାଞ୍ଚଳ

ବେଙ୍ଗାଲୁରୁ, ୨୨।୮ (ଏଜେନ୍ସି): ଭାରତୀୟ ଘରୋଇ କ୍ରିକେଟ୍‌ର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଦୁଲୀପ ଟ୍ରଫିର ୬୩ତମ ସଂସ୍କରଣ ରବିବାରଠାରୁ ଆରମ୍ଭ ହେବାକୁଯାଉଛି। ଏହି ପ୍ରଥମଶ୍ରେଣୀ କ୍ରିକେଟ୍ ପ୍ରତିଯୋଗିତା ସହ ବିସିସିଆଇର ୨୦୨୬-୨୭ ସିଜନ ଆନୁଷ୍ଠାନିକ ଭାବେ ଆରମ୍ଭ ହେବ। ଏହି ଚାରିଦିବସୀୟ ପ୍ରତିଯୋଗିତାରେ ପ୍ରଥମେ କ୍ୱାର୍ଟର ଫାଇନାଲ ସଦୃଶ ଦୁଇଟି ମ୍ୟାଚ୍ ଖେଳାଯିବ। ଯେଉଁଥିରେ ଇଶାନ କିଶାନଙ୍କ ପୂର୍ବାଞ୍ଚଳ ଦଳ ସହ ଉତ୍ତର-ପୂର୍ବାଞ୍ଚଳ ଦଳର ମୁକାବିଲା ହେବ। ସେହିଭଳି ଅନ୍ୟ ଏକ ମ୍ୟାଚରେ ଉତ୍ତରାଞ୍ଚଳ ଓ ପଶ୍ଚିମାଞ୍ଚଳ ପରସ୍ପରକୁ ଭେଟିବେ। କନ୍ହେୟା ୱାଧୱାନ ଉତ୍ତରାଞ୍ଚଳ ଦଳର ଏବଂ ରୁତୁରାଜ ଗାଏକୱାଡ ପଶ୍ଚିମାଞ୍ଚଳ ଦଳର ନେତୃତ୍ୱ ନେଉଛନ୍ତି। ଏହି ଦୁଇ ମ୍ୟାଚର ବିଜେତା ସେମିଫାଇନାଲକୁ ଉନ୍ନିତ ହେବେ। ଯେଉଁଥିରେ ଗତ ସଂସ୍କରଣର ଦୁଇ ଫାଇନାଲିଷ୍ଟ କେନ୍ଦ୍ରାଞ୍ଚଳ ଓ ଦକ୍ଷିଣାଞ୍ଚଳ ସହ ମୁକାବିଲା ହେବ। ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ଶୁଭାଂଶୁ ସେନାପତି ସ୍ଥାନ ପାଇଛନ୍ତି।

ଆଜିଠାରୁ ଦ୍ୱିତୀୟ ଟେଷ୍ଟ

# ଭାରତର ଲକ୍ଷ୍ୟ କ୍ଲିନ୍ ସୁଇପ୍



ଖେଳ ଆରମ୍ଭ- ପୂର୍ବାହ୍ନ ୧୦ଟା
ଟିଭି ପ୍ରସାରଣ- ସୋନି ସ୍ପୋର୍ଟ୍ସ
ଲାଇଭ୍ ଷ୍ଟ୍ରିମିଂ- ସୋନି ଲିଭ୍

କଲମ୍ବୋ,୨୨।୮ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ତଥା ଶେଷ ଟେଷ୍ଟ ମ୍ୟାଚ୍ ସ୍ଥାନୀୟ ସିଂହଳୀଜ୍ ସ୍ପୋର୍ଟ୍ସ କ୍ଲବ୍ ଗ୍ରାଉଣ୍ଡରେ ରବିବାରଠାରୁ ଖେଳାଯିବ। ଗଲ୍‌ରେ ଖେଳାଯାଇଥିବା ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ୧୬୫ ରନ୍‌ରେ ବିଜୟୀ ହୋଇଛି। ଏଠାରେ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟ ଜିତି ଭାରତ ସିରିଜ୍ ସୁଇପ ଲକ୍ଷ୍ୟରେ ରହିଛି। ଏହି ବିଜୟ ହାସଲ କଲେ ଭାରତ ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍ ପଏଣ୍ଟ ଟେବୁଲର ପ୍ରଥମ ୩ଟି ଟେଷ୍ଟ ସ୍ଥାନ ଅଧିକାର କରିବ। ଏଣୁ ଏହି ବିଜୟ ଲାଗି ଭାରତ ସମସ୍ତ ପ୍ରକାର ଚେଷ୍ଟା କରିବ।

ଗଲ୍ ଟେଷ୍ଟ ଖେଳିଥିବା ଭାରତୀୟ ଦଳରେ ପରିବର୍ତ୍ତନ ହେବାର ଆଶା କମ୍। କେବଳ କୁଲଦୀପ ଯାଦବ ଗଲ୍‌ରେ ଫେଲ ମାରିଥିଲେ। ତାଙ୍କ ସ୍ଥାନରେ ଜଣେ ଅଫ୍ ସ୍ପିନର ବା ସାରାଂଶ ଜୈନ୍‌ଙ୍କୁ ସାମିଲ କରାଯିବାର ସାମାନ୍ୟ ସମ୍ଭାବନା ରହିଛି। ବ୍ୟାଟିଂ ଲାଇନ୍ ପୂର୍ବପରି ଅପରିବର୍ତ୍ତିତ ରହିବ। ସେହିପରି ଶ୍ରୀଲଙ୍କା ଦଳର ବୋଲିଂରେ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। କିନ୍ତୁ ଦଳର ବ୍ୟାଟିଂରେ ପରିବର୍ତ୍ତନ ହେବ ବୋଲି ଅଧିନାୟକ ଧନଞ୍ଜୟ ଡି ସିଲଭା ସୂଚନା ଦେଇଛନ୍ତି। ଗଲ୍ ଟେଷ୍ଟ ଖେଳିଥିବା ନିଶାନ ମଦୁସ୍କା ବାଦ୍ ପଡ଼ିଥିବାରୁ କାମିଲ ମିଶରା ଡେବ୍ୟୁ ସହ ଇନିଂସ ଓପନ କରିବେ। ଗତ ମ୍ୟାଚ୍‌ରେ କନକସନ ଖେଳାଳିଭାବେ ଡେବ୍ୟୁ କରିଥିବା ପାସିନ୍ଦୁ ସୁରିଆବାନ୍ଦରା କିମ୍ବା ସାହାନ ଆରାଚିଚିଗେଙ୍କ ମଧ୍ୟରୁ ଜଣେ ଖେଳିବେ।

ପ୍ରଥମ ଦିନରେ ୧୮ ୱିକେଟ୍; ଷ୍ଟାର୍କଙ୍କୁ ୬, ଶୋରିଫୁଲଙ୍କୁ ମଧ୍ୟ ୬

# ବାଂଲାଦେଶ ୬୪, ଅଷ୍ଟ୍ରେଲିଆ ୧୬୫/୮

ମାକୟ, ୨୨।୮ (ଏଜେନ୍ସି): ଘରୋଇ ଅଷ୍ଟ୍ରେଲିଆ ଓ ବାଂଲାଦେଶ ମଧ୍ୟରେ ଏଠାରେ ଶନିବାରଠାରୁ ଅନ୍ତିମ ତଥା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଅଷ୍ଟ୍ରେଲିଆର ଏହି ନବାଗତ ଟେଷ୍ଟ ଭେନ୍ୟୁରେ ପ୍ରଥମ ଦିବସରେ ବୋଲରଙ୍କ ରାଜୁତି ଦେଖିବାକୁ ମିଳିଥିଲା। ପ୍ରଥମ ଦିବସରେ ମୋଟ୍ ୧୮ଟି ୱିକେଟ୍‌ର ପତନ ଘଟିଥିଲା। ପ୍ରଥମ ଟେଷ୍ଟରେ ଐତିହାସିକ ବିଜୟ ହାସଲ କରିଥିବା ବାଂଲାଦେଶ ଏଠାରେ ଆଜି ମାତ୍ର ୬୪ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଘରୋଇ ଦଳ ଶନିବାର ଷ୍ଟମ୍ପ ସୁଦ୍ଧା ୪୦ ଓଭରରେ ୮ ୱିକେଟ ହରାଇ ୧୬୫ ରନ ସଂଗ୍ରହ କରିଛି। ଦୁଇ ୱିକେଟ୍ ବଳକା ଥାଇ ଅଷ୍ଟ୍ରେଲିଆ ୧୦୧ ରନରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ପ୍ରଥମ ଟେଷ୍ଟରେ ଲଜ୍ଜାଜନକ ଭାବରେ ୯ ୱିକେଟରେ ହାରିଥିବା ଅଷ୍ଟ୍ରେଲିଆ ଦଳ ଏଠାରେ ବିଜୟୀ ହୋଇ ସିରିଜକୁ ୧-୧'ରେ ଡ୍ର ରଖିବାକୁ ଲକ୍ଷ୍ୟ ରଖିଛି।

ଏହି ଦ୍ୱିତୀୟ ଟେଷ୍ଟରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ବାଂଲାଦେଶ ଭୟଙ୍କର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଇନିଂସର ପ୍ରଥମ ବଲରେ ଓପନର୍ ସାଦମନ ଇସଲାମ ଦୁର୍ଦ୍ଧର୍ଷ ମିଚେଲ ଷ୍ଟାର୍କଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇ ଫେରିଥିଲେ। ଏହାପରେ ଆହୁରି ସାଂଘାତିକ ବିପର୍ଯ୍ୟର ସମ୍ମୁଖୀନ ହୋଇ ବାଂଲାଦେଶ ୧୨ ରନରେ ଅଧା ଓ ୩୯ ରନରେ ୯ ଜଣ ବ୍ୟାଟରଙ୍କୁ ହରାଇଥିଲା। ଏପରିକି ବାଂଲାଦେଶ ଏହାର ସର୍ବନିମ୍ନ ଟେଷ୍ଟ ସ୍କୋର (୪୩ ରନ ବନାମ ୱେଷ୍ଟଇଣ୍ଡିଜ, ୨୦୧୮)କୁ ଟପିପାରିବା ନେଇ ଆଶଙ୍କା ଦେଖାଦେଇଥିଲା। ତେବେ ୧୦ମ ୱିକେଟରେ ତାଇଜୁଲ ଇସଲାମ (ଅପରାଜିତ ୧୧ ରନ) ଓ ଶୋରିଫୁଲ ଇସଲାମ (୧୪ ରନ) ୨୫ ରନର ଭାଗୀଦାରି ଗଢ଼ିବାରୁ ବାଂଲାଦେଶ ଅଲୋଡ଼ା କୀର୍ତ୍ତିମାନରୁ ବର୍ତ୍ତିଯାଇଥିଲା। ବାଂଲାଦେଶର ଏହା ଚତୁର୍ଥ ସର୍ବନିମ୍ନ ଟେଷ୍ଟ ସ୍କୋର ହୋଇଛି। ଶୋରିଫୁଲଙ୍କ ପରେ ତାଇଜୁଲ ଓ ମେହେଦୀ ହାସନ ମିରାଜ ଦ୍ୱିତୀୟ ସର୍ବାଧିକ ୧୧ ରନ ଲେଖାଏ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଷ୍ଟାର୍କ ୧୦ ଓଭରରେ ୬ ମେଡେନ ସହ ୧୨ ରନ ବ୍ୟୟରେ ସର୍ବାଧିକ ୬ଟି ୱିକେଟ ନେଇଥିଲେ। ଅଧିନାୟକ ପ୍ୟାଟ୍ କମିନ୍ସ ୩ ଓ ଜୋଶ ହାଜଲେଉଡ୍‌ଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ଶୋରିଫୁଲ (୧୧-୨-୩୫-୬)ଙ୍କ ବୋଲିଂକୁ ସାମ୍ନା କରି ନ ପାରି ୪୦ ଓଭରରେ ୮ ୱିକେଟ ହରାଇ ୧୬୫ ରନରେ ସଂଘର୍ଷ କରୁଛି। କାମେରନ ଗ୍ରୀନ ୫୧ ଓ ନାଥନ ଲିୟନ ୧୦ ରନରେ ଅପରାଜିତ ରହିଛନ୍ତି। ଷ୍ଟିଭ ସ୍ମିଥ (୪୨) ଓ ଟ୍ରାଭିସ ହେଡ୍ (୨୨) କେବଳ ଦୁଇଅଙ୍କ ଛୁଇଁପାରିଥିଲେ।

ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର ମିଟ୍

# କଳିଙ୍ଗରେ ଜାସନ, ରାଜରାଜନ୍ ଦ୍ରୁତତ୍ତମ

ଭୁବନେଶ୍ୱର, ୨୨।୮ (ତୁଷାର ସେନାପତି)




ଅଭିମନ୍ୟୁ ଆଚାର୍ଯ୍ୟ

ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଶନିବାର ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର ମିଟ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଦୌଡ଼କୁଦ ମହାସଂଘ ଓ ଭାରତୀୟ ଦୌଡ଼କୁଦ ମହାସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଏହି ଏକଦିବସୀୟ ପ୍ରତିଯୋଗିତାରେ ବିଶ୍ୱର ୨୫ଟି ଦେଶର ପାଖାପାଖି ୧୯୦ ଆଥଲେଟ୍ ଭାଗନେଇଥିଲେ। ଏଥିରେ ମୋଟ୍ ୧୮ ଟି ଇଭେଣ୍ଟରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଯେଉଁଥିରେ ପୁରୁଷ ଓ ମହିଳା ବିଭାଗରେ ୯ଟି ଲେଖାଏ ଇଭେଣ୍ଟ ରହିଥିଲା। କଳିଙ୍ଗରେ ଅନୁଷ୍ଠିତ ହୋଇଥିବା ଏହି ମେଗା ପ୍ରତିଯୋଗିତାରେ ଦକ୍ଷିଣ ଆଫ୍ରିକାର ସେପୋ ଜାସନ ୟାଣ୍ଟିନି ଓ ଭାରତର ଅବିନୟା ରାଜରାଜନ ଯଥାକ୍ରମେ ଦ୍ରୁତତ୍ତମ ଧାବକ ଓ ଧାବିକା ହୋଇଛନ୍ତି। ଏହି ଦୁଇ କ୍ରୀଡ଼ାବିତ ପ୍ରତିଯୋଗିତାର ସବୁଠୁ ଆକର୍ଷଣୀୟ ଇଭେଣ୍ଟ ପୁରୁଷ ଓ ମହିଳା ୧୦୦ ମିଟର ରେସରେ ଯଥାକ୍ରମେ ଚାମ୍ପିଅନ ହୋଇଥିଲେ।

ବିଶ୍ୱଆଥଲେଟିକ୍ସର ଏହି ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରୁଷ ସଟପୁଟ୍ ଇଭେଣ୍ଟର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପୂର୍ବରୁ ଅପରାହ୍ନରେ ରାଜ୍ୟକ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଥଲେଟିକ ଫେଡେରେସନ ଅଫ୍ ଇଣ୍ଡିଆର ସଭାପତି ବାହାଦୁର ସିଂହ ସାଗୋ, କ୍ରୀଡ଼ା ସଚିବ ଭୂପେନ୍ଦର ସିଂହ ପୁନିଆ, କ୍ରୀଡ଼ା ନିର୍ଦ୍ଦେଶକ ବିଜୟ ଯେଦୁଲ୍ଲା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ରହିଥିଲେ।

### ଅନିମେଶଙ୍କୁ ୬ଷ୍ଠ ସ୍ଥାନ

ଆଜିର ଏହି ପ୍ରତିଯୋଗିତାର ସବୁଠୁ ଆକର୍ଷଣୀୟ ଇଭେଣ୍ଟ ପୁରୁଷ ୧୦୦ ମିଟର ରେସ୍ ରହିଥିଲା। ଘରୋଇ ତାରକା ଅନିମେଶ କୁଜୁର ଓ ଜାତୀୟ ରେକର୍ଡ ଅଧିକାରୀ ଗୁରିନ୍ଦରବୀର ସିଂହଙ୍କ ଉପରେ ସମସ୍ତଙ୍କ ନଜର ରହିଥିଲା। କିନ୍ତୁ ଦକ୍ଷିଣ ଆଫ୍ରିକାର ସେପୋ ଜାସନ ୧୦.୧୧ ସେକେଣ୍ଡରେ ରେସ ଫିନିଶ କରି ଚାମ୍ପିଅନ ହୋଇଥିଲେ। ସେହିଭଳି ଓମାନର ଅଲି ବାଲୁସି (୧୦.୧୬) ଓ ଦୀନେଥ ୱିରାରତନା (୧୦.୨୭) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ୧୦.୩୨ ସେକେଣ୍ଡରେ ରେସ ଫିନିଶ କରି ଅନିମେଶ ୬ଷ୍ଠ ଓ ଗୁରିନ୍ଦର ୧୦.୩୯ ସେକେଣ୍ଡରେ ରେସ ଶେଷ କରି ନିରାଶ କରିଥିଲେ। ଏହି ଇଭେଣ୍ଟରେ ମୋଟ୍ ୧୮ ଜଣ ଧାବକ ଭାଗନେଇଥିଲେ। ଫାଇନାଲ-୧ ଓ ଫାଇନାଲ-୨ରେ ଶ୍ରେଷ୍ଠ ଟାଇମିଂକୁ ବିଚାର କରି ଫଳାଫଳ ନିର୍ଦ୍ଧାରଣ କରାଯାଇଥିଲା।

### ନିରାଶ କଲେ ଶ୍ରାବଣୀ, ୟାରାଜୀ

ଅନ୍ୟତମ ଆକର୍ଷଣୀୟ ଇଭେଣ୍ଟ ମହିଳା ୧୦୦ ମିଟରରେ ଭାରତ ପୋଡିୟମର ପ୍ରଥମ ୩ଟି ସ୍ଥାନରେ ରହି ପଦକ କ୍ଲିନସୁଇପ କରିଥିଲା। ତାମିଲନାଡୁର ଅବିନୟା ରାଜରାଜନ ୧୧.୩୪ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହାମଧ୍ୟ ୨୦ ବର୍ଷରୁ ବୟସବର୍ଗରେ ନୂଆ ଜାତୀୟ ରେକର୍ଡ ହୋଇଛି। ସେହିଭଳି ମହାରାଷ୍ଟ୍ରର ହରିତା ଭଦ୍ରା (୧୧.୪୬ ସେକେଣ୍ଡ) ଓ କର୍ଣ୍ଣାଟକର ସ୍ନେହା ସାନୁ (୧୧.୫୬) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ତେବେ ଦୁଇ ତାରକା ଧାବିକା ଜ୍ୟୋତି ୟାରାଜୀ ଓ ଘରୋଇ ଝିଅ ଶ୍ରାବଣୀ ନନ୍ଦ ନିରାଶ କରିଥିଲେ। ଶ୍ରାବଣୀ ୧୧.୮୫ ସେକେଣ୍ଡ ସମୟ ନେଇ ଓଭରଅଲ ୬ଷ୍ଠ ସ୍ଥାନରେ ରହିଥିଲେ।

# ଆମନ୍ତ୍ରଣୀୟ କ୍ରିକେଟରୁ ଓଡ଼ିଶାର ପ୍ରସ୍ତୁତି

ଭୁବନେଶ୍ୱର,୨୨।୮ (ସମିସ): ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳି ଓଡ଼ିଶା ଦଳ ଆସନ୍ତା କ୍ରିକେଟ ଋତୁ ଲାଗି ପ୍ରସ୍ତୁତି କରିବାକୁ ଅଣ୍ଟା ଭିଡିଛି। ଓଡ଼ିଶାର ଉଭୟ ସିନିଅର ଓ ୨୩ ବର୍ଷରୁ କମ୍ ଦଳ ପୁଡୁଚେରୀରେ ଆମନ୍ତ୍ରଣୀୟ କ୍ରିକେଟ ଖେଳିବାକୁ ଯାଇଛି। ସେଠାରେ ଏହି ପ୍ରତିଯୋଗିତା ଏହି ଟୁର୍ଣ୍ଣାମେଣ୍ଟ ଅଗଷ୍ଟ ୨୦ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୪ରେ ଶେଷ ହେବ। ଓଡ଼ିଶା ବ୍ୟତୀତ ୨୩ ବର୍ଷରୁ କମ୍ ଟୁର୍ଣ୍ଣାମେଣ୍ଟରେ ବରୋଦା, ପୁଡୁଚେରୀ, ଝାଡଖଣ୍ଡ, ହିମାଚଳ ପ୍ରଦେଶ ଓ ବେଙ୍ଗଲ ସହ ଖେଳିବ। ସେହିପରି ସିନିଅର ଦଳ ସିପି ସେକ୍ରେଟାରୀ ଏକାଦଶ, ମୁମ୍ବଇ, ହିମାଚଳ ପ୍ରଦେଶ ଓ ବେଙ୍ଗଲ ଟିମ୍ ସହ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏଥର ଓଡ଼ିଶା କ୍ରିକେଟ ଦଳର ସମସ୍ତ ପ୍ରଶିକ୍ଷକ ରାଜ୍ୟର ପୂର୍ବତନ ଖେଳାଳିଙ୍କୁ ନିଯୁକ୍ତ କରାଯାଇଛି। ଏହି ଦୁଇଟି ଟୁର୍ଣ୍ଣାମେଣ୍ଟରୁ ଓଡ଼ିଶା ତାହାର ସିଜନ ଲାଗି କିଭଳି ପ୍ରସ୍ତୁତି କରୁଛି ତାହା ଜଣାପଡ଼ିବ। ଉଭୟ ଦଳରେ ରାଜ୍ୟର ସମସ୍ତ ଶୀର୍ଷ ଖେଳାଳିଙ୍କୁ ସାମିଲ କରାଯାଇଛି।

# ଜାତୀୟ ଜଳକ୍ରୀଡ଼ାରେ କର୍ଣ୍ଣାଟକ ପଦକ ସଂଖ୍ୟା ୬୬

ଭୁବନେଶ୍ୱର,୨୨।୮ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୫୨ତମ ଜାତୀୟ ଜୁନିଅର ଜଳକ୍ରୀଡ଼ାର ୫ମ ଦିନରେ ମଧ୍ୟ ଓଡ଼ିଶା ପଦକ ଜିତିବାରେ ସମର୍ଥ ହୋଇପାରି ନାହିଁ। ପୂର୍ବପରି କର୍ଣ୍ଣାଟକ ଓ ମହାରାଷ୍ଟ୍ର ପଦକ ବିଜୟ ଅଭିଯାନ ଅବ୍ୟାହତ ରଖିଛନ୍ତି। ୫ମ ଦିନ ଶେଷ ସୁଦ୍ଧା କର୍ଣ୍ଣାଟକ ୬୬ଟି ପଦକ ଜିତି ତାଲିକାର ପ୍ରଥମ ସ୍ଥାନ ବଜାୟ ରଖିଛି। ଏଥିରେ ୩୩ ସ୍ୱର୍ଣ୍ଣ, ୨୦ ରୌପ୍ୟ, ୧୩ କାଂସ୍ୟ ରହିଛି। ମହାରାଷ୍ଟ୍ର ୧୪ ସ୍ୱର୍ଣ୍ଣ, ୧୮ ରୌପ୍ୟ ଓ ୨୨ କାଂସ୍ୟ ସହ ୫୨ଟି ପଦକ ଜିତି ଦ୍ୱିତୀୟ ସ୍ଥାନରେ ରହିଛି। ତାମିଲନାଡୁ ୪ ସ୍ୱର୍ଣ୍ଣ ସହ ୨୯ ପଦକ ଜିତି ତୃତୀୟ ଓ ସର୍ଭିସେସ୍ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ ୪ ସ୍ୱର୍ଣ୍ଣ ସହ ୧୦ ପଦକ ଜିତି ଚତୁର୍ଥ ସ୍ଥାନରେ ରହିଛି। ୫ମ ଦିନରେ ୧୪ଟି ଇଭେଣ୍ଟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହା ମଧ୍ୟରୁ କର୍ଣ୍ଣାଟକ ୮ଟି ଇଭେଣ୍ଟରେ ସ୍ୱର୍ଣ୍ଣପଦକ ଜିତି ପ୍ରାଧାନ୍ୟ ବିସ୍ତାର କରିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS